

ରଜନୀକାନ୍ତଙ୍କୁ ପଛରେ ପକାଇଲେ ରଣବୀର

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-01 ♦THURSDAY ♦25 JUNE 2026 ♦PAGE-12 ♦₹ 7.00 | JEYPORE | ♦ବର୍ଷ-୪୪ ♦ସଂଖ୍ୟା-୦୧ ♦ଗୁରୁବାର ♦୨୫ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ନୂଆ ବିଏସ୍-୬ ଗାଡ଼ି ପାଇଁ ୩ ବର୍ଷ ପିୟୁସିସି ଭ୍ୟାଲିଡିଟି

**ବଦଳିବ ପଲ୍ୟୁସନ୍ ସାର୍ଟିଫିକେଟ୍ ନିୟମ**

■ ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି): କେନ୍ଦ୍ର ସରକାର ୨୦୨୦ ରେ ବିଏସ୍-୫(ଭାରତ ଷ୍ଟେଜ୍-୫)କୁ ବାଦ୍ ଦେଇ ସିଧାସଳଖ ବିଏସ୍-୬ ନିୟମ ଲାଗୁ କରିଥିଲେ। କାରଣ ଏହି ଗାଡ଼ିଗୁଡ଼ିକ ବେଶ ପରିବେଶ ଅନୁକୂଳ ଥିଲା। ଏହାର ଅତ୍ୟାଧୁନିକ ଜ୍ଞାନକୌଶଳ ତଥା ପରିବେଶ ଅନୁକୂଳ ଇଞ୍ଜିନ୍ ଯୋଗୁଁ ନୂଆ ଗାଡ଼ିଗୁଡ଼ିକୁ ବାରମ୍ବାର ପଲ୍ୟୁସନ ଚେକ୍ କରିବାରୁ କୋହଳ କରିବାକୁ ସରକାର ପ୍ରସ୍ତୁତି ଚଳାଇଛନ୍ତି। ବର୍ତ୍ତମାନ କେନ୍ଦ୍ର ସରକାର ବିଏସ୍-୬ ଇଞ୍ଜିନ୍ ଥିବା ଗାଡ଼ିଗୁଡ଼ିକ ପାଇଁ 'ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ୍ ସାର୍ଟିଫିକେଟ୍'ର ବୈଧତା ୧ ବର୍ଷରୁ ବୃଦ୍ଧି କରି ୩ ବର୍ଷ କରିବା ନେଇ ବିଚାର କରୁଛନ୍ତି। ୨୦୨୦ ଏପ୍ରିଲ୍ ପହିଲା ପରେ କିଣାଯାଇଥିବା ଯାନବାହାନ ପାଇଁ ଏହି ନିୟମ ଲାଗୁ ହେବ, କିନ୍ତୁ ପୁରୁଣା ଗାଡ଼ିଗୁଡ଼ିକ ପାଇଁ ନିୟମ ଆହୁରି କଡ଼ାକଡ଼ି କରାଯିବ। ଏହି ଅନୁଯାୟୀ, ସରକାର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ସମ୍ପର୍କରେ ନୂତନ ନିୟମ ବିଚାର କରୁଛନ୍ତି। ବିଏସ୍-୬ ଯାନ ପାଇଁ ଏହାର ବୈଧତା ୩ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ।

ପିୟୁସିସି ସାର୍ଟିଫିକେଟ ନ ଥିଲେ ପ୍ରଥମ ଥର ପାଇଁ ଚାଳକଙ୍କର ୧,୦୦୦ରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଚାଲାଣ କଟିପାରେ। ସେହିପରି ବାରମ୍ବାର ଭୁଲ୍ କଲେ ପ୍ରତିଥର ଅତିରିକ୍ତ ୨,୦୦୦ ଟଙ୍କା ଫାଇନ୍ ଦେବାକୁ ପଡ଼ିବା ସହିତ ଡ୍ରାଇଭିଂ ଲାଇସେନ୍ସକୁ ୩ ମାସ ପର୍ଯ୍ୟନ୍ତ ବାତିଲ ମଧ୍ୟ କରାଯାଇପାରେ। ସୂତ୍ର ଅନୁଯାୟୀ, ବାଣିଜ୍ୟିକ ▶ପୃଷ୍ଠା-୧୦

## କୋଲକାତାରେ ନିର୍ମାଣାଧୀନ ଗୋଦାମ ଭୁଶୁଡ଼ି ୭ ମୃତ




**ଏବେ ବି ଫସି ରହିଛନ୍ତି ୧୫ ଶ୍ରମିକ**

■ କୋଲକାତା, ୨୪।୬ (ଏଜେନ୍ସି): ପଶ୍ଚିମବଙ୍ଗ ରାଜଧାନୀ କୋଲକାତାସ୍ଥିତ ତାରାତଲା ଅଞ୍ଚଳରେ ବୁଧବାର ଏକ ନିର୍ମାଣାଧୀନ ତିନି ମହଲା ଗୋଦାମ ଘର ହଠାତ୍ ଭୁଶୁଡ଼ି ପଡ଼ିଛି। ଫଳରେ ୭ ଜଣ ଶ୍ରମିକ ଏଥିରେ ଚାପି ହୋଇ ପ୍ରାଣ ହରାଇଛନ୍ତି ଏବଂ ଅନେକ ଆହତ ହୋଇଛନ୍ତି। ଅତି କମ୍‌ରେ ୧୫ ଶ୍ରମିକ ଭଗ୍ନସ୍ତୂପ ତଳେ ଚାପି ହୋଇ ରହିଥିବା ଅନୁମାନ କୁହାଯାଇଛି। ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଉଦ୍ଧାର କାର୍ଯ୍ୟରେ ଭାରତୀୟ ସେନାର ୪ଟି ଦଳ ସାମିଲ ହୋଇଛନ୍ତି। ଏହା ସହିତ ଏନ୍‌ଡିଆରଏଫ, ଏସଡିଆରଏଫ, କୋଲକାତା ପୁଲିସ ଏବଂ ଅଗ୍ନିଶମ ବାହିନୀ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଭଗ୍ନସ୍ତୂପ ତଳେ ଜୀବିତ ଥିବା ଲୋକଙ୍କୁ ଖୋଜିବା ପାଇଁ ସନ୍ଧାନୀ କୁକୁର ଏବଂ ଡ୍ରୋନ ସାହାଯ୍ୟ ▶ପୃଷ୍ଠା-୧୦

# ଇଂରାଜୀ ବହିକୁ ମାଡ଼ିଗଲା ଓଡ଼ିଆ ଅସ୍ମିତା

## ପଞ୍ଚମ ଶ୍ରେଣୀ ଇଂରାଜୀ ବହିରେ ଓଡ଼ିଆ ରଜଦୋଳି ଗୀତ

■ ଭୁବନେଶ୍ୱର, ୨୪।୬ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ମାଳମାଳ ତ୍ରୁଟି ପାଇଁ ସବୁ ମହଲରେ ସରକାର ଏବେ ବିଭିନ୍ନ ମହଲରେ କଡ଼ା ସମାଲୋଚନାର ଶିକାର ହୋଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଏହାକୁ ସାମାନ୍ୟ ଓ ସାଧାରଣ କଥା ବୋଲି ଉଲ୍ଲେଖ କରି ଢ଼ାଙ୍କିବାକୁ ଉଦ୍ୟମ କରିଥିଲେ ବି ଏହି ପ୍ରସଙ୍ଗ ଏବେ ଜାତୀୟ ଗଣମାଧ୍ୟମରେ ଶିରୋନାମା ପାଲଟିଛି। ପ୍ରତିଦିନ ଓଡ଼ିଆ ବହିରେ ରହିଥିବା ଭୁଲକୁ ନେଇ ସାମାଜିକ ଗଣମାଧ୍ୟମରେ ନୂଆନୂଆ କଥା ଶୁଣିବାକୁ ମିଳୁଛି। ଏହି କ୍ରମରେ






ପଞ୍ଚମ ଶ୍ରେଣୀ ଇଂରାଜୀ ବହିରେ ଓଡ଼ିଆ ରଜଦୋଳିଗୀତ ସ୍ଥାନ ପାଇଥିବା ଜଣା ପଡ଼ିବା ପରେ ଅଭିଭାବକ ଓ ସାଧାରଣ ଲୋକେ ସରକାରଙ୍କୁ ସିଧା ନିଶାଣ କରିଛନ୍ତି। ଓଡ଼ିଆ ଅସ୍ମିତା ଇଂରାଜୀ ଆଡ଼କୁ ମାଡ଼ିଗଲା ବୋଲି ବି ସମାଲୋଚନା କରିଛନ୍ତି। ଏପରିକି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଆ ଅସ୍ମିତା ଓ ଓଡ଼ିଆ ଭାଷାର ବସ୍ତ୍ରହରଣ କରିଥିବା ବି ଲୋକମାନେ କଟାକ୍ଷ କରିଛନ୍ତି।

ଗୁରୁବାର ଦିନ ତମାମ୍ ସାମାଜିକ ଗଣମାଧ୍ୟମରେ ଇଂରାଜୀ ବହିରେ ରଜଦୋଳି ଗୀତର ଭିଡିଓ ଭାଇରାଲ୍ ହୋଇଛି। ଜଣେ ଶିକ୍ଷୟତ୍ରୀ ଭିଡିଓକୁ ପ୍ରସ୍ତୁତ କରିଥିବା କୁହାଯାଉଛି। ଇଂରାଜୀ ପୁସ୍ତକରେ ଓଡ଼ିଆ ଭାଷାରେ ରଜଦୋଳି ଗୀତ ସେ କିପରି ପଢ଼ାଇବେ ବୋଲି ପ୍ରଶ୍ନ କରିଛନ୍ତି। ପଞ୍ଚମ ଶ୍ରେଣୀର ଇଂରାଜୀ ପୁସ୍ତକ 'ପଲ୍ଲଭୀ' ର ମଧ୍ୟ ଭାଗରେ ଓଡ଼ିଆ ଭାଷାରେ ରଜଦୋଳି ଗୀତ ଲେଖା ହୋଇଥିବା ଲୋକଲୋଚନକୁ ଆସିବା ପରେ ଅନେକ ଅସମାହିତ ପ୍ରଶ୍ନ ଛିଡ଼ା ହୋଇଛି। ଇଂରାଜୀରେ ଲେଖାଯାଇଥିବା ଏନ୍‌ସିଇଆର୍‌ଟି ପୁସ୍ତକକୁ ଏଆଇ ଉପଯୋଗ କରି ଓଡ଼ିଆରେ ଅନୁବାଦ କରାଯାଇଥିବାରୁ ମାଳମାଳ ବନାନ୍ ଓ ବାକ୍ୟ ଭୁଲ୍ ହୋଇଥିବା ▶ପୃଷ୍ଠା-୧୦

### ଯୁଦ୍ଧ ବନ୍ଦ ପାଇଁ ଆମେରିକା ସଂସଦର ନିର୍ଦ୍ଦେଶ

## ମୁଁ ମାନିବାକୁ ବାଧ୍ୟ ନୁହେଁ



■ ୱାଶିଂଟନ, ୨୪।୬ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ବଡ଼ ରାଜନୈତିକ ଝଟକା ଦେଇ ଦେଶର ସିନେଟ ଇରାନ ବିରୋଧରେ ଚାଲିଥିବା ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ଏକ ବିଲ୍ ପାରିତ କରିଛି। ମଙ୍ଗଳବାର ସିନେଟରେ ହୋଇଥିବା ଏହି ଭୋଟିଂରେ ରାଷ୍ଟ୍ରପତିଙ୍କ ନିଜ ରିପବ୍ଲିକାନ ପାର୍ଟିର କିଛି ସଦସ୍ୟ ମଧ୍ୟ ବିରୋଧୀଙ୍କ ସହ ହାତ ମିଳାଇଥିବା ଦେଖିବାକୁ ମିଳିଛି। ସିନେଟରେ ଏହି ଯୁଦ୍ଧ କ୍ଷମତା ସଂକ୍ରାନ୍ତୀୟ ପ୍ରସ୍ତାବ ୫୦-୪୮ ଭୋଟରେ ଗୃହୀତ ହୋଇଛି। ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର ୪ ଜଣ ସଦସ୍ୟ ଦଳୀୟ ଆଭିମୁଖ୍ୟ ବିରୋଧରେ ଯାଇ ଡେମୋକ୍ରାଟ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଛନ୍ତି। ଏହା ପୂର୍ବରୁ ଚଳିତ ମାସ ଆରମ୍ଭରେ ନିମ୍ନ ସଦନ ପ୍ରତିନିଧି ସଭା ମଧ୍ୟ ୨୧୫-୨୦୮ ଭୋଟରେ ଏହି ପ୍ରସ୍ତାବକୁ ଅନୁମୋଦନ କରିଥିଲା। ଫଳରେ ସଂସଦ ଏହି ପ୍ରସ୍ତାବ ପାସ୍ କରି ଟ୍ରମ୍ପଙ୍କ ଉପରେ ଯୁଦ୍ଧ ଅଙ୍କୁଶ ଲଗାଇଦେଇଛି।

ଯୁଦ୍ଧ ବନ୍ଦ କରିବା ଲାଗି ଇରାନ ସହିତ ଚୂଡ଼ାନ୍ତ ଚୁକ୍ତି ପାଇଁ କଥାବାର୍ତ୍ତା ଚାଲିଥିବା ବେଳେ ସଂସଦର ଏଭଳି ପ୍ରସ୍ତାବ ଟ୍ରମ୍ପଙ୍କ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। କଥାବାର୍ତ୍ତା ବେଳେ ଇରାନ ଟ୍ରମ୍ପ ପ୍ରଶାସନକୁ ବିଶେଷ ଗୁରୁତ୍ୱ ଦେଇନପାରେ ବୋଲି କୁହାଯାଉଛି। କାରଣ ଯୁଦ୍ଧ ପାଇଁ ଆମେରିକାର ସଂସଦ ଟ୍ରମ୍ପଙ୍କ ହାତ ବାନ୍ଧିଦେଇଥିବାରୁ ଏଥିରୁ ଫାଇଦା ନେବାକୁ ଉଦ୍ୟମ କରିପାରେ। ସେଥିପାଇଁ ଟ୍ରମ୍ପ ଏହି ପ୍ରସ୍ତାବର ସମାଲୋଚନା କରି କହିଛନ୍ତି ଯେ ଏଭଳି ସମୟରେ ଏହି ପ୍ରସ୍ତାବ ଆସିବାର ନଥିଲା।

୧୯୭୩ର 'ୱାର ପାୱାର୍ସ ଆକ୍ଟ' ଅନୁଯାୟୀ ଆମେରିକା ଇତିହାସରେ ଏହା ପ୍ରଥମ ଥର, ଯେଉଁଠାରେ ସଂସଦର ଉଭୟ ଗୃହ ଜଣେ ରାଷ୍ଟ୍ରପତିଙ୍କୁ ସାମରିକ ବଳ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଫେବୃଆରୀ ୨୮ରୁ ଇରାନ ସହ ଆରମ୍ଭ ହୋଇଥିବା ସଂଘର୍ଷକୁ ନେଇ କଂଗ୍ରେସ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିଲା। ଏପରିକି ଟ୍ରମ୍ପଙ୍କ ଦଳର କିଛି ସଦସ୍ୟ ମଧ୍ୟ ଏହି ଯୁଦ୍ଧକୁ ସମର୍ଥନ କରୁନଥିବା ଏହି ଭୋଟିଂରୁ ସ୍ପଷ୍ଟ ହୋଇଛି। ବର୍ତ୍ତମାନ ଟ୍ରମ୍ପ ପ୍ରଶାସନ ଇରାନ ସହିତ ଏକ ଶାନ୍ତି ଚୁକ୍ତି ▶ପୃଷ୍ଠା-୧୦

## ସାମୁଦ୍ରିକ ବାଣିଜ୍ୟ ପ୍ରଗତିର ପ୍ରବେଶ ପଥ: ମୁଖ୍ୟମନ୍ତ୍ରୀ




**ସଂଘୀୟ ବ୍ୟବସ୍ଥା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟ ପ୍ରତିଫଳିତ**

■ ଭୁବନେଶ୍ୱର, ୨୪।୬ (ସମିସ): ବୁଧବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଛି ଚତୁର୍ଦ୍ଦଶ ମଲ୍ଟି ଏଜେନ୍ସି ମାରିଟାଇମ୍ ସିକ୍ୟୁରିଟି ଗ୍ରୁପ୍ (ପଲିସି) ବୈଠକ। ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଆମର ସମୁଦ୍ର କେବଳ ଏକ ଭୌଗୋଳିକ ସୀମା ନୁହେଁ; ଏହା ବ୍ୟାପକ ସୁଯୋଗ, ସମୃଦ୍ଧି ଏବଂ ଆନ୍ତର୍ଜାତୀୟ ସହଭାଗିତାର ପ୍ରବେଶ ପଥ। ଭାରତ ଆଜି ବିଶ୍ୱରେ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ଭାବେ ଉଭା ହେଉଛି। ଓଡ଼ିଶାରେ ଏହି ଉଚ୍ଚସ୍ତରୀୟ ଜାତୀୟ ବୈଠକର ଆୟୋଜନ ହେବା ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ସମୁଦ୍ର, ବନ୍ଦର, ମତ୍ସ୍ୟ ସମ୍ପଦ ଏବଂ ନୀଳ ଅର୍ଥନୀତି ଆମର ମହତ୍ତ୍ୱପୂର୍ଣ୍ଣ ଜାତୀୟ ସମ୍ପତ୍ତି। ଏଗୁଡ଼ିକର ସୁରକ୍ଷା କେବଳ ଦେଶର ସୁରକ୍ଷା ପାଇଁ ଜରୁରୀ ନୁହେଁ, ବରଂ ଆର୍ଥିକ ବିକାଶ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଉପକୂଳବାସୀଙ୍କ ଜୀବିକାର କଲ୍ୟାଣ ପାଇଁ ଅତ୍ୟନ୍ତ ଜରୁରୀ। ଆଜିର ସମୟରେ ସାମୁଦ୍ରିକ ସୁରକ୍ଷା କେବଳ ପାରମ୍ପରିକ ଆଇନ-ଶୃଙ୍ଖଳା ମଧ୍ୟରେ ସୀମିତ ନାହିଁ, ବରଂ ଏଥିରେ ଭିତ୍ତିଭୂମିର ସୁରକ୍ଷା, ସାଇବର ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ପରିବେଶ ସୁରକ୍ଷା ଭଳି ଅନେକ ଆହ୍ୱାନ ରହିଛି। ବଙ୍ଗୋପସାଗର ତଟରେ ଓଡ଼ିଶାର ପ୍ରାୟ ୫୭୫ କିଲୋମିଟର ଦୀର୍ଘ ତଟରେଖା ରହିଛି। ବର୍ତ୍ତମାନ ଭାରତର ସାମୁଦ୍ରିକ ବିକାଶ ଗାଥାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରୁଛି। ରାଜ୍ୟର ସାମୁଦ୍ରିକ ରଣନୀତିକ ସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ ଗଞ୍ଜାମଠାରେ ଏକ ▶ପୃଷ୍ଠା-୧୦

## ବିକ୍ରି ହେବ ନବରତ୍ନ କମ୍ପାନୀ

**ଆଇଆର୍‌ଏଫ୍‌ସିର ୨% ଅଂଶଧନ ବିକିବେ ସରକାର**

■ ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି): କେନ୍ଦ୍ର ସରକାର ବିକ୍ରି କରିବାକୁ ଯାଉଛନ୍ତି ଦେଶର ଆଉ ଏକ ନବରତ୍ନ କମ୍ପାନୀ (ଇଣ୍ଡିଆନ୍ ରେଲୱେ ଫାଇନାନ୍ସ କର୍ପୋରେସନ୍)। ସରକାର ଆଇଆର୍‌ଏଫ୍‌ସିରେ ରହିଥିବା ପାଖାପାଖି ୨% ଅଂଶଧନ ବିକ୍ର ପ୍ରସ୍ତାବ ରଖିଛନ୍ତି। ଏଥିଯୋଗୁ ଆଜି ପୁଞ୍ଜି ବଜାର କାରବାରରେ କମ୍ପାନୀର ସେୟାର ମୂଲ୍ୟରେ ଏକ ବୃହତ୍ ହ୍ରାସ ପରିଲକ୍ଷିତ ହୋଇଛି। ତେବେ ସରକାର ଓପନ୍ ଫର ସେଲ୍ (ଓଏଫ୍‌ଏସ୍) ଅଧୀନରେ କମ୍ପାନୀର ୨% ଅଂଶଧନ ବିକ୍ରି କରିବାର ନିଷ୍ପତ୍ତି ନେଇଛନ୍ତି, ଯେଉଁଥିରେ ଅତିରିକ୍ତ ୧%ଅଂଶଧନ ପାଇଁ 'ଗ୍ରୀନସୁ ବିକଳ୍ପ' ଅନ୍ତର୍ଭୁକ୍ତ। ବିକ୍ରୟ ପାଇଁ ଏହି ଅଫର ୨୪ ଏବଂ ୨୫ଜୁନ୍ ପର୍ଯ୍ୟନ୍ତ ଖୋଲା ରହିବ। ସରକାର ଏହି ଓଏଫ୍‌ଏସ୍ ପାଇଁ ପ୍ରତି ଅଂଶଧନର ମୂଲ୍ୟ ୯୧ ଟଙ୍କା ସ୍ଥିର କରିଛନ୍ତି। ନିବେଶ ଏବଂ ସାର୍ବଜନୀନ ସମ୍ପତ୍ତି ପରିଚାଳନା ବିଭାଗ (ଦୀପମ୍) ସଚିବ କହିଛନ୍ତି ଯେ, ବୁଧବାର ଦିନ ଅଣ-ଖୁଚୁରା ନିବେଶକଙ୍କ ପାଇଁ ଓଏଫ୍‌ଏସ୍ ଖୋଲାଯିବ, ଯେତେବେଳେ କି ଖୁଚୁରା ନିବେଶକମାନେ ଗୁରୁବାର ଦିନ ବିଡ୍ କରିପାରିବେ। କମ୍ପାନୀର ଏହି ପ୍ରସ୍ତାବ ସରକାରଙ୍କ ବ୍ୟାପକ ବିନିଯୋଗ ରଣନୀତିର ଏକ ଅଂଶ, ଯେଉଁଥିରେ ତାଲିକାଭୁକ୍ତ ସାର୍ବଜନୀନ କ୍ଷେତ୍ର କମ୍ପାନୀଗୁଡ଼ିକରେ ବଜାର-ଆଧାରିତ ପ୍ରସ୍ତାବ ମାଧ୍ୟମରେ ସମ୍ବଳ ସଂଗ୍ରହ ଲକ୍ଷ୍ୟ ରଖିଛି।

## ଜେଲ୍ ଗଲେ କୋଟିପତି ନିର୍ବାହୀ ଯନ୍ତ୍ରୀ

**ଶ୍ରୀଲଙ୍କାରେ କରୁଥିଲେ ବେଟିଂ, ୧୧୯% ଆୟ ବହିର୍ଭୁତ ସମ୍ପତ୍ତି ଠାବ**



**୪ କୋଟି ୩୫ ଲକ୍ଷର ଆୟବହିର୍ଭୂତ ସମ୍ପତ୍ତି**

**୧୮ ଟି ପ୍ଲଟ, ୩ ମହଲା ଘର, ବହୁ ଯାନବାହନ**

**ବିଦେଶ ଗସ୍ତ ଓ ଗ୍ୟାମ୍ବ୍ଲିଂକୁ ନେଇ ତଦନ୍ତ ଜାରି**

■ ସମ୍ବଲପୁର, ୨୪।୬ (ସମିସ): ସମ୍ବଲପୁର ଭିଜିଲାନ୍ସ ଡିଭିଜନ ପକ୍ଷରୁ ଗତକାଲି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁର କମାଣ୍ଡ ଏରିଆ ଡେଭେଲପମେଣ୍ଟ ଅଥରିଟି (ସିଏଡିଏ) ସେଚାଞ୍ଚଳ ଉନ୍ନୟନ ବିଭାଜନ-୪ର ନିର୍ବାହୀ ଯନ୍ତ୍ରୀ (କୃଷି) ଇଂ. ପଦ୍ମଲୋଚନ ନାୟକଙ୍କ ସମ୍ବଲପୁର ସମେତ ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ତଦନ୍ତ ଓ ଯାଞ୍ଚ ପ୍ରକ୍ରିୟା ଜାରି ରହିଥିବାବେଳେ ତାଙ୍କ ପାଖରେ ଆୟଠାରୁ ୪ କୋଟି ୩୫ ଲକ୍ଷରୁ ଅଧିକ ଟଙ୍କାର ସମ୍ପତ୍ତି ରହିଥିବା ଜଣାପଡ଼ିଛି। ଏହି ସମ୍ପତ୍ତି ସମ୍ପର୍କରେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ସମ୍ବଲପୁର ଭିଜିଲାନ୍ସ ଡିଭିଜନ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଆଜି ତାଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀର ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ସୂଚନା ଦେଇଛନ୍ତି। ଏହାସହ ତଦନ୍ତ ସମୟରେ ତାଙ୍କ ପାଖରୁ ଏକ ପାସ୍‌ପୋର୍ଟ ଜବତ ହୋଇଛି। ଏଥିରୁ ଇଂ. ନାୟକ ଏକାଧିକ ବିଦେଶ ଗସ୍ତ କରିଥିବା ଜଣାପଡ଼ିଛି ଏବଂ ସେ ବିଶେଷକରି ଶ୍ରୀଲଙ୍କା ଗସ୍ତ କରିଛନ୍ତି। ତାଙ୍କ ମୋବାଇଲ୍ ଓ ଅନ୍ୟାନ୍ୟ ଗ୍ୟାଜେଟ୍ ଯାଞ୍ଚରୁ ମିଳିଥିବା ▶ପୃଷ୍ଠା-୧୦




## ୧୬୦ କୋଟିରେ ହେବ ମହାନଦୀ ରିଭର୍‌ଫ୍ରଣ୍ଟ ପ୍ରକଳ୍ପ





■ ସମ୍ବଲପୁର, ୨୪।୬ (ସମିସ): ସମ୍ବଲପୁରଠାରେ ମହାନଦୀରେ ହେବାକୁ ଥିବା ରିଭର୍‌ଫ୍ରଣ୍ଟ ପ୍ରକଳ୍ପର ରୂପରେଖ ଚୂଡ଼ାନ୍ତ ହୋଇଥିବା ସୂଚନା ମିଳିଛି। ଏଥିପାଇଁ ୧୬୦ କୋଟି ଟଙ୍କା ବ୍ୟୟଅଟକଳ ରହିଛି। ଆଧୁନିକତାର ସ୍ପର୍ଶସାଙ୍ଗକୁ ସମ୍ବଲପୁରୀ ସଂସ୍କୃତି ଓ ପରିଚୟ, ପରିବେଶ ତଥା ଆଧ୍ୟାତ୍ମିକତାକୁ ପ୍ରାଧାନ୍ୟ ଦେଇ ଏହି ଯୋଜନା ନିର୍ଦ୍ଧାରଣ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ମହାନଦୀର ଉଭୟ ପାଶ୍ୱର୍ ସମ୍ବଲପୁର ସହର ପାଶ୍ୱର୍ ତଥା ଅପରପାଶ୍ୱର୍ ଚାଉଁରପୁର ପଟେ ମଧ୍ୟ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ପାରମ୍ପରିକ ସମ୍ବଲପୁରୀ ବାଦ୍ୟ, ପଞ୍ଚବାଦ୍ୟ ବ୍ୟତିରେକ ଅନ୍ୟ ପାରମ୍ପରିକ ଆଦିବାସୀ ବାଦ୍ୟ, ସମ୍ବଲପୁରୀ ହସ୍ତତନ୍ତ ବସ୍ତ୍ରର ଡିଜାଇନ୍ ଦ୍ୱାରା ଘାଟ ଅଞ୍ଚଳର ସୁଶୋଭିତ ହେବ। ଏହାସହିତ ବୀର ସୁରେନ୍ଦ୍ର ସାଏ, ସ୍ୱଭାବକବି ଗଙ୍ଗାଧର ମେହେର ଏବଂ ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତି ରଖାଯାଇ ତିନି ମହାପୁରୁଷଙ୍କ ନାମରେ ସ୍ୱତନ୍ତ୍ର ପ୍ଲାଜା ରହିବ। ପ୍ରବେଶଦ୍ୱାର ସମ୍ମୁଖରେ ହୀରାଖଣ୍ଡ ପ୍ଲାଜା ଶୋଭା ପାଇବ। ସମଲେଶ୍ୱରୀ ମନ୍ଦିର ନିକଟରେ ଆଳତୀ ଘାଟ ପାଇଁ ସୁଦୃଶ୍ୟ ଗ୍ୟାଲେରୀ ରହିବ, ଯେଉଁଥିରେ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ବସିବା ସୁବିଧା ଉପଲବ୍ଧ କରାଯିବ। ଲାଇବ୍ରେରୀ, ଫୁଡ୍ ପ୍ଲାଜା, ଯୋଗ ଓ ପ୍ରାଣାୟାମ ପାଇଁ ସ୍ଥାନ, ପ୍ରାତଃଭ୍ରମଣ ଓ ସାନ୍ଧ୍ୟଭ୍ରମଣ ପାଇଁ ଚଲାପଥ ଆଦି ସୁବିଧା ରହିବ। ଏଠାରେ ଏକ ପ୍ରଜାପତି ▶ପୃଷ୍ଠା-୧୦

## ୪ରେ ଖାମେନେଇଙ୍କ ଅନ୍ତ୍ୟେଷ୍ଟି; ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିମନ୍ତ୍ରଣ

ତେହେରାନ, ୨୪।୬(ଏଜେନ୍ସି): ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ରାଷ୍ଟ୍ରୀୟ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେବା ପାଇଁ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିଛନ୍ତି। ଜୁଲାଇ ୪ରୁ ଏହି ଶୋକ ସଭା କାର୍ଯ୍ୟକ୍ରମ ଆରମ୍ଭ ହେବ। ଗତ ଫେବୃଆରୀ ୨୮ ରେ ଇସ୍ରାଏଲ ଏବଂ ଆମେରିକାର ମିଳିତ ବାୟୁସେନା ଆକ୍ରମଣରେ ଖାମେନେଇଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ମାର୍ଚ୍ଚ ୪ରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ହେବାର ଥିଲା। କିନ୍ତୁ ଯୁଦ୍ଧ ପରିସ୍ଥିତି ଏବଂ ପ୍ରବଳ ଜନସମାଗମ ଆଶଙ୍କାରେ ଏହାକୁ ସ୍ଥଗିତ ରଖାଯାଇଥିଲା। ତେବେ ପ୍ରଧାନମନ୍ତ୍ରୀ ମୋଦୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ କି ନାହିଁ ସେ ନେଇ କୌଣସି ଆଧିକାରିକ ଘୋଷଣା କରାଯାଇ ନାହିଁ।

## ସଂସଦରେ ଅଫିସ ହରାଇବ 'ସେନା'

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି)ର ୬ ଜଣ ଲୋକସଭା ସାଂସଦ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଗୋଷ୍ଠୀରେ ସାମିଲ ହୋଇଛନ୍ତି। ଏହାପରେ ଦଳ ସଂସଦ ଭବନ ପରିସରରେ ଥିବା ଦଳୀୟ କାର୍ଯ୍ୟାଳୟ ହରାଇବା ସ୍ଥିତିରେ ପହଞ୍ଚିଛି। ଉଦ୍ଧବଙ୍କ ଶିବସେନାର ସଦସ୍ୟ ସଂଖ୍ୟା ୩କୁ ଖସିଛି। ନିୟମ ଅନୁଯାୟୀ, ଦଳର ୫ କିମ୍ବା ଊର୍ଦ୍ଧ୍ୱ ସାଂସଦ ଥିଲେ ହିଁ ସଂସଦ ଭବନ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟାଳୟ ଆବଣ୍ଟନ କରାଯାଇଥାଏ। ବର୍ତ୍ତମାନ ଶିବସେନା (ୟୁବିଟି) ର ସଂସଦୀୟ କାର୍ଯ୍ୟାଳୟ ପୁରୁଣା ସଂସଦ ଭବନ ବା 'ସମ୍ବିଧାନ ସଦନ'ର ରୁମ୍ ନମ୍ବର ୧୨୮ଏରେ ପରିଚାଳିତ ହେଉଛି।







## ମୁମ୍ବଇ ବେହାଲ, ଅରୁଣାଚଳରେ ବର୍ଷାର ତାଣ୍ଡବ

■ ମୁମ୍ବଇ ଜଳବନ୍ଦୀ, ବସ-ଟ୍ରେନ ସେବାରେ ବାଧା
■ ଅରୁଣାଚଳରେ ବନ୍ୟା ଯୋଗୁଁ ଅନେକ ଗ୍ରାମ ଜଳମଗ୍ନ, ଭାସିଗଲା ଘର

ମୁମ୍ବଇ, ୨୪।୬ (ଏଜେନ୍ସି): ପ୍ରାୟ ୧୩ ଦିନ ବିଳମ୍ବରେ ମୁମ୍ବଇରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ପହଞ୍ଚିଛି। ମାତ୍ର ପ୍ରଥମ ଦିନରେ ହିଁ ସହରରେ ବିପର୍ଯ୍ୟୟ ସୃଷ୍ଟି କରିଛି। ଗତ ୨୪ ଘଣ୍ଟା ମଧ୍ୟରେ ମୁମ୍ବଇର କେତକ ଅଞ୍ଚଳରେ ୩୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ଫଳରେ ସମଗ୍ର ସହରରେ ଜଳବନ୍ଦୀ ସମସ୍ୟା ଉପୁଜିବା ସହ ରେଳ ଓ ସଡ଼କ ପରିବହନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ପ୍ରବଳ ବର୍ଷା ଯୋଗୁଁ ମୁମ୍ବାଇର ଜୀବନରେଖା କୁହାଯାଉଥିବା ଲୋକାଲ୍ ଟ୍ରେନ୍ ସେବା ବିଶେଷ ଭାବେ ପ୍ରଭାବିତ ହୋଇଛି। କେନ୍ଦ୍ରୀୟ ରେଳବାଇର କେତକ ଷ୍ଟେସନରେ ଅତ୍ୟଧିକ ଜଳ ପ୍ରବାହ ଯୋଗୁଁ ରେଳ ଧାରଣା ଧସିଯାଇଥିବା ସୂଚନା ମିଳିଛି। ଫଳରେ ଥାନେ-ୱାଶି ସେକ୍ସନରେ ଟ୍ରେନ୍ ଚଳାଚଳ ବହୁ ସମୟ ଧରି ବନ୍ଦ ରହିଥିଲା। ପଶ୍ଚିମ ରେଳବାଇ ସେବା ସ୍ୱାଭାବିକ ଥିଲେ ମଧ୍ୟ ଯାତ୍ରୀମାନେ ପ୍ରବଳ ଭିଡ଼ ଓ ବିଳମ୍ବର ସମ୍ମୁଖୀନ ହୋଇଛନ୍ତି। ସହରର ତଳିଆ ଅଞ୍ଚଳ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଛି। ଅନ୍ଧେରୀ ସବୱେକୁ ସୁରକ୍ଷା ଦୃଷ୍ଟିରୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ପାଣିପାଗ ବିଭାଗ ଅନୁଯାୟୀ, ମାଲଭାନୀ ଫାୟାର ଷ୍ଟେସନରେ ସର୍ବାଧିକ ୩୩୪ ମିଲିମିଟର ଏବଂ ଏଫ୍-ସାଉଥ ୱାର୍ଡରେ ୩୨୮ ମିଲିମିଟର ବର୍ଷା ହୋଇଛି। ବର୍ଷା ଯୋଗୁଁ ଭିଖ୍ରୋଲି ପଶ୍ଚିମରେ ଏକ ଆବାସିକ କୋଠାର କାନ୍ଥ ଭୁଶୁଡି ପଡ଼ିଛି। ସହରର ବିଭିନ୍ନ ସ୍ଥାନରେ ଗଛ ଉପୁଡି ଯାନବାହାନ ନଷ୍ଟ ହୋଇଥିବା ଖବର ମଧ୍ୟ ମିଳିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମୁମ୍ବଇ ଓ ପାଲଘର ପାଇଁ ପୂର୍ବରୁ ଜାରି କରାଯାଇଥିବା ରେଡ୍ ଆଲର୍ଟକୁ ପରେ ଅରେଞ୍ଜ ଆଲର୍ଟରେ ପରିବର୍ତ୍ତନ କରାଯାଇଛି। ସମୁଦ୍ରରେ ଜ୍ୱାର ଆସିବା ସମ୍ଭାବନା ଥିବାରୁ ବିଏମ୍‌ସି ଓ ବିପର୍ଯ୍ୟୟ ପରିଚାଳନା ଟିମ୍‌କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ଅରୁଣାଚଳ ପ୍ରଦେଶର କେତକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ଫଳରେ ସୃଷ୍ଟି ହୋଇଥିବା ଆକସ୍ମିକ ବନ୍ୟା ବ୍ୟାପକ ଧ୍ୱଂସଲୀଳା ରଚିଛି। ରାଜ୍ୟର ଲୋୟର ସୁବନସିରି ଏବଂ କେୟି ପାନ୍ୟୋର ଜିଲ୍ଲାରେ ମାତ୍ର କେଇ ଘଣ୍ଟାର ପ୍ରବଳ ବର୍ଷା ଯୋଗୁଁ ଅନେକ ଗ୍ରାମ ଜଳମଗ୍ନ ହୋଇଛି। ଏହାସହ ଘରଦ୍ୱାର, ଭିତ୍ତିଭୂମି ଓ ଚାଷଜମିର ବହୁଳ କ୍ଷୟକ୍ଷତି ଘଟିଛି। କେୟି ପାନ୍ୟୋର ଜିଲ୍ଲାର ୟାଜାଲି ସ୍ଥିତ ଏକ କଲୋନୀରେ ବନ୍ୟା ଜଳ ପ୍ରବେଶ କରି ୧୫ଟି ଆବାସିକ କ୍ୱାର୍ଟର୍ସ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଛି। ଏହା ସହିତ ଏକ ପ୍ରମୁଖ ହାଇୱେ ବ୍ରିଜ୍ ବନ୍ୟା ଜଳରେ ଭାସିଯାଇଛି। ତେଣୁ ସେହି ଅଞ୍ଚଳରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ଅନେକ ଗ୍ରାମଗୁଡିକରେ ମଧ୍ୟ ବନ୍ୟା ଯୋଗୁଁ ବହୁ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ଚାଷ କାର୍ଯ୍ୟ ମଧ୍ୟ ଗମ୍ଭୀର ଭାବେ ପ୍ରଭାବିତ ହୋଇଥିବା ବେଳେ ବ୍ୟାପକ ଫଳ ବଗିଚା ଗୁଡ଼ିକ ବନ୍ୟା ଜଳରେ ଧୋଇଯାଇଛି।

## ଫ୍ରାନ୍ସ ମହୋତ୍ସବରେ ଦୁଷ୍କର୍ମ, ସିରିଞ୍ଜ୍ ଆକ୍ରମଣ



ପ୍ୟାରିସ୍, ୨୪।୬ (ଏଜେନ୍ସି): ଫ୍ରାନ୍ସର ପାରମ୍ପରିକ ବାର୍ଷିକ ସଙ୍ଗୀତ ମହୋତ୍ସବ 'ଫେଟେ ଡି ଲା ମ୍ୟୁଜିକ୍' ପାଳନ ଅବସରରେ ବ୍ୟାପକ ହିଂସା, ଦୁଷ୍କର୍ମ, ଅସଦାଚରଣ ଏବଂ ମହିଳାମାନଙ୍କୁ ସିରିଞ୍ଜରେ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଗତ ରାତିରେ ପ୍ୟାରିସ୍ ସମେତ ଫ୍ରାନ୍ସର ବିଭିନ୍ନ ସହରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫ୍ରାନ୍ସ ତଥା ଅନ୍ୟ ଦେଶର ପର୍ଯ୍ୟଟକ ଯୋଗ ଦେଇଥିଲେ। ଏହି ସମୟରେ ପ୍ରାୟ ମହିଳାଙ୍କୁ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହାସହ ଅନେକ ମହିଳାଙ୍କୁ ସିରିଞ୍ଜ୍‌ରେ ଫୋଡ଼ି ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଅନେକ ମହିଳାଙ୍କ ସହ ଅସଦାଚରଣ, ଯୌନ ଉତ୍ପୀଡ଼ନ ଏବଂ ଛୁରାମାଡ ହୋଇଥିବା ମଧ୍ୟ ଅଭିଯୋଗ ରହିଛି। ଭିଡ଼ ଭିତରେ ହଠାତ୍ ଛୁଞ୍ଚି ଫୋଡ଼ି ହେବା ପରେ କିଛି ପୀଡ଼ିତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ୟାରିସର 'ଚାଟେଲେଟ୍' ପରି କେତେକ ଅଞ୍ଚଳରେ ପ୍ରବଳ ଭିଡ଼ ଓ ଗୋଷ୍ଠୀ ସଂଘର୍ଷ ଯୋଗୁଁ ଆତଙ୍କର ସୃଷ୍ଟି ହୋଇଥିଲା। ଏହି ଘଟଣା ପରେ ମୋଟ ୨୪୩ ଜଣଙ୍କୁ ବିଶୃଙ୍ଖଳା କରିବା ଅଭିଯୋଗରେ ଗିରଫ କରାଯାଇଛି।

## ଇରାନର 'ଜେଲିଫିସ୍' ଡ୍ରୋନ୍ ଆକ୍ରମଣ



ୱାସିଂଟନ/ତେହେରାନ, ୨୪।୬(ଏଜେନ୍ସି):ଇରାନ ସହିତ ସଂଘର୍ଷ ସମୟରେ ଗତ ଏପ୍ରିଲରେ ଆମେରିକାର ଶକ୍ତିଶାଳୀ ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ୍ ଯୁଦ୍ଧ ବିମାନ ଖସିଥିଲା। ଏଥିରୁ ଉଦ୍ଧାର ହୋଇଥିବା ଆମେରିକୀୟ ପାଇଲଟ ବିମାନ ଖସିବା ନେଇ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ତାଙ୍କ ଅନୁଯାୟୀ, ବିମାନଟି କୌଣସି ମିସାଇଲ୍ ଦ୍ୱାରା ନୁହେଁ, ବରଂ 'ଜେଲିଫିସ୍' ଭଳି ଦେଖାଯାଉଥିବା ଅତ୍ୟାଧୁନିକ ଡ୍ରୋନ୍ ସମୂହର ଆକ୍ରମଣ ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦାବି ସତ୍ୟ ପ୍ରମାଣିତ ହେଲେ ଏହା ଇରାନର ଯୁଦ୍ଧ କୌଶଳର ନୂତନ ଦିଗ ଉନ୍ମୋଚିତ କରିବ। ପାଇଲଟଙ୍କ ସୂଚନା ଅନୁସାରେ, ଆକାଶରେ ଅନେକ ଗୁଡ଼ିଏ ଡ୍ରୋନ୍ ଏକାଠି ଗତି କରୁଥିଲେ। ଏହା ଦୂରରୁ ସାମୁଦ୍ରିକ 'ଜେଲିଫିସ୍' ଭଳି ଦେଖାଯାଉଥିଲା। ଏଥିରେ ଏକ ବଡ଼ 'ମଦରଶିପ୍' ଡ୍ରୋନ୍ ଉପରେ ରହିଥିବା ବେଳେ ତା' ତଳେ ଅନେକ ଛୋଟ ଡ୍ରୋନ୍ ଗୋଡ଼ ଭଳି ଝୁଲି ରହିଥିଲେ। ପାଇଲଟ୍ ଏହାକୁ 'ପୁରା ଏଲିଅନ୍ସ (ଅନ୍ୟ ଗ୍ରହର ଜୀବ) ମାନଙ୍କ କାମ ଭଳି ବୋଲି ବର୍ଣ୍ଣନା କରିଛନ୍ତି। ଏହି ଡ୍ରୋନ୍ ସମୂହ ଆକାଶରେ ଏକ 'ମାଇନଫିଲ୍ଡ' ଭଳି କାମ କରନ୍ତି, ଯାହା ଶତ୍ରୁ ପକ୍ଷର ବିମାନକୁ ଘେରିଯାଇ ଆକ୍ରମଣ କରିଥାନ୍ତି। ଏଗୁଡ଼ିକ କମ୍ ଉଚ୍ଚତାରେ ଉଡ଼ିପାରୁଥିବାରୁ ରାଡାର ଏବଂ ଏୟାର୍ ଡିଫେନ୍ସ ସିଷ୍ଟମ୍ ପକ୍ଷରେ ଏହାକୁ ଚିହ୍ନଟ କରିବା ବଡ଼ ଆହ୍ୱାନ ହୋଇଥାଏ। ଏହାର ଅଦ୍ଭୁତ ଆକୃତି ଶତ୍ରୁ ପାଇଲଟଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ପାଇଁ ଯଥେଷ୍ଟ। ବିଶେଷଜ୍ଞଙ୍କ ମତରେ, ଏହି ସମୂହରୁ କିଛି ଡ୍ରୋନ୍ ନଷ୍ଟ ହେଲେ ମଧ୍ୟ ଅନ୍ୟ ଡ୍ରୋନ୍ ଗୁଡ଼ିକ ସଙ୍ଗେ ସଙ୍ଗେ ସେହି ସ୍ଥାନ ପୂରଣ କରି ଆକ୍ରମଣ ଜାରି ରଖିପାରନ୍ତି। ପୂର୍ବରୁ ଏହିଭଳି ଅତ୍ୟାଧୁନିକ ଟେକ୍ନୋଲୋଜି କେବଳ ଚୀନ୍ ଏବଂ ରୁଷିଆ ପାଖରେ ଥିବା ବିଶ୍ୱାସ କରାଯାଉଥିଲା।

## ଗ୍ରୀଷ୍ମ ତାଣ୍ଡବ; ପାଣିରେ ବୁଡ଼ି ୪୦ ମୃତ



ଲଣ୍ଡନ,୨୪।୬(ଏଜେନ୍ସି): ୟୁରୋପରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଫ୍ରାନ୍ସରେ ଅତ୍ୟଧିକ ଗରମ ଯୋଗୁଁ ୫୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସମଗ୍ର ୟୁରୋପରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଛି। ସ୍ପେନ, ଇଟାଲୀ, ବ୍ରିଟେନ, ଫ୍ରାନ୍ସ ସମେତ ୧୪ଟି ଦେଶରେ ରେଡ୍ ଆଲର୍ଟ ଜାରି କରାଯାଇଛି। ଫ୍ରାନ୍ସରେ ଗରମରୁ ରକ୍ଷା ପାଇବା ପାଇଁ ଲୋକମାନେ ନଦୀ, ହ୍ରଦ ଓ କେନାଲରେ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଗ୍ରୀଷ୍ମ ପ୍ରବାହ ଯୋଗୁଁ ୧୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପାଣିରେ ବୁଡ଼ି ୪୦ରୁ ଊର୍ଦ୍ଧ୍ୱ ମୃତ୍ୟୁବରଣ କରିଛନ୍ତି।। ପରିସ୍ଥିତି ଏତେ ଗମ୍ଭୀର ହୋଇଛି ଯେ ଫ୍ରାନ୍ସର ଗୋଲଫେଶ ପରମାଣୁ ବିଦ୍ୟୁତ କେନ୍ଦ୍ରକୁ ବନ୍ଦ କରିବାକୁ ପଡ଼ିଛି। ୧୩୫୦ରୁ ଅଧିକ ବିଦ୍ୟାଳୟ ବନ୍ଦ କରାଯାଇଛି। ପ୍ୟାରିସ ସମେତ ଦେଶର ଅନେକ ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ପହଞ୍ଚିଛି। ଚଳିତ ବର୍ଷର ଗ୍ରୀଷ୍ମ ପ୍ରବାହ ୨୦୦୩ ମସିହା ଗ୍ରୀଷ୍ମ ପ୍ରବାହ ସହ ସମାନ ହୋଇଛି। ତେବେ ୨୦୦୩ରେ ୧୬ ଦିନ ଧରି ଚାଲିଥିବା ଭୟଙ୍କର ଗରମରେ ପ୍ରାୟ ୧୫ ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା।

## ତେଜୁଛି ରାମ ମନ୍ଦିର ଚାନ୍ଦା ଚୋରି ବିବାଦ

■ ଏସ୍‌ଆଇଟି ରିପୋର୍ଟରେ ୧୭ ଜଣଙ୍କ ନାମ
■ ଏଫ୍‌ଆଇଆର୍ ଦାଖଲ ପାଇଁ ସୁପାରିସ
■ ସନ୍ଦେହ ଘେରରେ ଟ୍ରଷ୍ଟ ସମ୍ପାଦକ ଚମ୍ପତ ରାୟ



ଲକ୍ଷ୍ନୌ, ୨୪।୬ (ଏଜେନ୍ସି): ଅଯୋଧ୍ୟାର ରାମ ମନ୍ଦିରରେ ସାତ କୋଟି ଟଙ୍କାର ଦାନ ଓ ଦକ୍ଷିଣା ଚୋରି ମାମଲା ଦିନକୁ ଦିନ ବିସ୍ଫୋରକ ହେବାରେ ଲାଗିଛି। ପ୍ରଭୁ ରାମଙ୍କ ନାମରେ ଆସିଥିବା କୋଟି କୋଟି ଟଙ୍କା ଘୋଟାଲାରେ ମନ୍ଦିର ଟ୍ରଷ୍ଟର ଅନେକ ବଡ଼ ବଡ଼ କର୍ମକର୍ତ୍ତା ସାମିଲ ଅଛନ୍ତି। ଏହି ଘଟଣାର ତଦନ୍ତ ଲାଗି ରାଜ୍ୟ ସରକାର ଦ୍ୱାରା ଗଠିତ ଏସ୍‌ଆଇଟି ଇତିମଧ୍ୟରେ ଯେଉଁ ପ୍ରାଥମିକ ରିପୋର୍ଟ ଦେଇଛି, ତାହା ସମସ୍ତଙ୍କର ହୋସ୍ ଉଡ଼ାଇ ଦେଇଛି। ଏଥିରେ ୧୭ ଜଣଙ୍କୁ ଅଭିଯୁକ୍ତ କରାଯିବା ସହିତ ସେମାନଙ୍କ ବିରୋଧରେ ତୁରନ୍ତ ଏଫ୍‌ଆଇଆର ଦାଖଲ ପାଇଁ କୁହାଯାଇଛି। କିନ୍ତୁ ପ୍ରଶାସନ ଏପର୍ଯ୍ୟନ୍ତ ଏଫଆଇଆର ଦାଖଲ କରିନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରିପୋର୍ଟରେ ଯେଉଁ ୧୭ ଜଣଙ୍କୁ ଅଭିଯୁକ୍ତ କରାଯାଇଛି, ସେମାନଙ୍କ ମଧ୍ୟରେ ରାମ ଜନ୍ମଭୂମି ଟ୍ରଷ୍ଟର ଅନେକ ବରିଷ୍ଠ ଓ ପ୍ରଭାବଶାଳୀ କର୍ମକର୍ତ୍ତା ଥିବା କୁହାଯାଉଛି। ମନ୍ଦିର ଟ୍ରଷ୍ଟ ଭାଙ୍ଗି ନୂଆ ପ୍ରଶାସକ ନିଯୁକ୍ତ ଲାଗି ମଧ୍ୟ ଏସ୍‌ଆଇଟି ସୁପାରିସ କରିଥିବା ଜଣାପଡ଼ିଛି।

ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଅଯୋଧ୍ୟାରେ ପ୍ରାରମ୍ଭିକ ସରଜମିନ ଯାଞ୍ଚ ପରେ ଏସଆଇଟି ଯେଉଁ ରିପୋର୍ଟ ଦେଇଛି, ସେଥିରେ ଟ୍ରଷ୍ଟର ସାଧାରଣ ସଂପାଦକ ଚମ୍ପତ ରାୟ ଏବଂ ତାଙ୍କର ଅନେକ ସହଯୋଗୀଙ୍କ ନାମ ରହିଛି। ରିପୋର୍ଟରେ ୧୫୦ରୁ ଅଧିକ ସେବାଦାର ଏବଂ କର୍ମଚାରୀଙ୍କୁ ସନ୍ଦିଗ୍ଧ ତାଲିକାରେ ରଖିବା ସହିତ ସେମାନଙ୍କ ବିରୋଧରେ ମଧ୍ୟ ଏଫ୍‌ଆଇଆର ଦାଖଲ କରିବାକୁ କୁହାଯାଇଛି। ମନ୍ଦିର ଦାନ ବାକ୍ସର ଚାବି ରାମ ଶଙ୍କର ଯାଦବ ଓରଫ ଟିନ୍ନୁ ଯାଦବ ପାଖରୁ ମିଳିଛି। ଟିନ୍ନୁ ହେଉଛି ଚମ୍ପତ ରାୟଙ୍କ ଡ୍ରାଇଭର। ତାଙ୍କ ଘରୁ ମଧ୍ୟ ବିପୁଳ ପରିମାଣର ସଂପତ୍ତି ଜବତ ହୋଇଥିବାର ଖବର ମିଳିଛି। ଟିନ୍ନୁ ଜଣେ ଟେମ୍ପୋ ଡ୍ରାଇଭର ଥିଲେ। ରାମ ମନ୍ଦିର ନିର୍ମାଣ ଆରମ୍ଭ ବେଳେ ସେ ଚମ୍ପତ ରାୟଙ୍କ ଗାଡ଼ି ଡ୍ରାଇଭର ଭାବେ ଯୋଗ ଦେଇଥିଲେ। ଏହାପରେ ତାଙ୍କର ସଂପତ୍ତି ପରିମାଣ କୋଟି କୋଟି ଟଙ୍କାରେ ପହଞ୍ଚିଛି। ଜଣେ ଗାଡ଼ି ଡ୍ରାଇଭର ପାଖରେ ଦାନ ବାକ୍ସଗୁଡ଼ିକର ଚାବି କେମିତି ଆସିଲା ବୋଲି ଏସ୍‌ଆଇଟି ପ୍ରଶ୍ନ କରିଛି। କେବଳ ଟିନ୍ନୁ ନୁହେଁ, ଟ୍ରଷ୍ଟର ଅନେକ କର୍ମଚାରୀ ଓ କର୍ମକର୍ତ୍ତାଙ୍କ ଭାଗ୍ୟ ମଧ୍ୟ ବଦଳିଯାଇଛି। ରାତାରାତି ସେମାନେ କୋଟିପତି ହୋଇଯାଇଛନ୍ତି। ଚମ୍ପତ ରାୟଙ୍କର ଆଉ ଜଣେ ସହଯୋଗୀ ଫୁଲକାନ୍ତ ମିଶ୍ରଙ୍କ ସଂପତ୍ତି ମଧ୍ୟ ସନ୍ଦିଗ୍ଧ ଭାବେ ରାତାରାତି କୋଟି କୋଟି ଟଙ୍କା ହୋଇଯାଇଛି। ଏହି ସମସ୍ତ ଘୋଟାଲାର ମୁଖ୍ୟ କାର୍ପଟଦାର ଚମ୍ପତ ରାୟ ବୋଲି ବିରୋଧୀମାନେ ଅଭିଯୋଗ କରିବା ସହିତ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ଆହୁରି ଅଭିଯୋଗ ହୋଇଛି ଯେ ମନ୍ଦିର ନିର୍ମାଣ ଦିନ ଠାରୁ ଟ୍ରଷ୍ଟରେ ଏଭଳି ଘୋଟାଲା ଚାଲିଥିବା ନେଇ ଅନେକ ସେବାଦାର ଜାଣିଥିଲେ। କିନ୍ତୁ ଏଥିରେ ପ୍ରଭାବଶାଳୀ ଲୋକ ସଂପୃକ୍ତ ଥିବାରୁ ଏହା ବିରୋଧରେ ସେମାନେ ମୁହଁ ଖୋଲୁନଥିଲେ। ଆହୁରି ଅଭିଯୋଗ ହୋଇଛି ଯେ ମନ୍ଦିରରୁ ୧୨୫୦ଟି ସୁନା, ରୁପା ଓ ହିରା ଖଚିତ ଏବଂ ଅଷ୍ଟଧାତୁ ଇଟା ମଧ୍ୟ ଗାଏବ ହୋଇଯାଇଛି।

## ସୀମାରେ ପାକିସ୍ତାନର ସାମରିକ ପ୍ରସ୍ତୁତି

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ପାକିସ୍ତାନ ଭାରତ ବିରୋଧରେ ଯୁଦ୍ଧ ଧମକ ଦେଇଥିବା ବେଳେ ସୀମାରେ ସାମରିକ ପ୍ରସ୍ତୁତିକୁ ବ୍ୟାପକ କରିଛି। ପାକିସ୍ତାନ ସେନାର ୮ମ ବ୍ରିଗେଡ୍ ନିୟନ୍ତ୍ରଣ ରେଖା ନିକଟରେ ୩୫ଟି ଆଣ୍ଟି-ଡ୍ରୋନ୍ ୟୁନିଟ୍ ମୁତୟନ କରିଛି। ସୀମାରେ ନଜର ରଖିବା ଓ ଶତ୍ରୁପକ୍ଷକୁ ଟାର୍ଗେଟ୍ କରିବା ପାଇଁ ଏଆଇ କ୍ଷମତା ସମ୍ପନ୍ନ ଫେନସିଂ କରିଛି। ବାଲୋଚିସ୍ତାନ ଓ ଖାଇବର ପଖ୍ତୁନଖ୍ୱାରେ ଦୁଇଟି ନୂତନ ଏୟାରବେସ୍ ନିର୍ମାଣ ହେଉଛି। ଚୀନ ପାକିସ୍ତାନକୁ ୩୬ଟି ଜେ ସିରିଜ୍ ମଲ୍ଟିରୋଲ୍ ଯୁଦ୍ଧ ବିମାନ ଯୋଗାଇ ଦେଇଛି ଏବଂ ୫ମ ପିଢ଼ିର ଜେ-୩୫ ଷ୍ଟେଲଥ୍ ଫାଇଟର ଜେଟ୍ ମଧ୍ୟ ମିଳିବାର ସମ୍ଭାବନା ରହିଛି।

## ପାକିସ୍ତାନ ସୀମାରେ ଏୟାର ଇଣ୍ଡିଆ ବିମାନ

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ଦିଲ୍ଲୀରୁ ଅମୃତସର ଯାଉଥିବା ଏୟାର ଇଣ୍ଡିଆର ଯାତ୍ରୀବାହୀ ବିମାନ ଅଳ୍ପ ସମୟ ପାଇଁ ପାକିସ୍ତାନ ବାୟୁସୀମାରେ ପ୍ରବେଶ କରିଥିବା ଜଣାପଡ଼ିଛି। ଅମୃତସରରେ ଅବତରଣ କରିବା ପାଇଁ 'ଗୋ-ଆରାଉଣ୍ଡ' କରିବା ବେଳେ ଏପରି ଘଟିଥିବା ଏୟାରଲାଇନ୍ସ ବୁଧବାର ସ୍ପଷ୍ଟ କରିଛି। ଏୟାର ଇଣ୍ଡିଆର ବିମାନ ଏଆଇ୪୭୯ ଅଟ୍ଟାରୀ ନିକଟରେ ଥିବା ଅନ୍ତର୍ଜାତୀୟ ସୀମା ଅତିକ୍ରମ କରି ପାକିସ୍ତାନ ସୀମା ମଧ୍ୟରେ ପ୍ରାୟ ୨ମିନିଟ ଯାଏଁ ରହିଥିଲା। ତୁରନ୍ତ ପୁଣି ଭାରତୀୟ ସୀମାକୁ ଫେରି ଆସିଥିଲା।

## ଶୁଭେନ୍ଦୁଙ୍କ ପ୍ରଶଂସାରେ ଶତମୁଖ ମହୁଆ



କଲିକତା, ୨୪।୬(ଏଜେନ୍ସି): ପଶ୍ଚିମବଙ୍ଗ ରାଜନୀତିରେ ଟିଏମ୍‌ସିର ଶକ୍ତିଶାଳୀ ନେତ୍ରୀ ତଥା ସାଂସଦ ମହୁଆ ମୈତ୍ର, ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ଖୋଲାଖୋଲି ଭାବେ ପ୍ରଶଂସା କରିଛନ୍ତି। ମମତା ବାନାର୍ଜୀଙ୍କ ଅତ୍ୟନ୍ତ ବିଶ୍ୱସ୍ତ ଭାବେ ଜଣାଶୁଣା ମହୁଆ, ଶୁଭେନ୍ଦୁଙ୍କ ସହ ତାଙ୍କର ବେଶ୍ ଭାବପ୍ରବଣ ସମ୍ପର୍କ ଥିବା କଥା ବୁଧବାର କହିଛନ୍ତି। ବିବିସିକୁ ଦେଇଥିବା ଏକ ସାକ୍ଷାତକାରରେ ମହୁଆ କହିଛନ୍ତି ଯେ, ୨୦୧୪ରେ ତାଙ୍କୁ ଲୋକସଭା ଟିକେଟ ମିଳିନଥିଲା। ସେହି ସମୟରେ ସେ ଦୁଃଖରେ ଭାଙ୍ଗିପଡ଼ି ସାରା ରାତି କାନ୍ଦିଥିଲେ। ସେତେବେଳେ କେବଳ ଶୁଭେନ୍ଦୁ ହିଁ ତାଙ୍କୁ ସାନ୍ତ୍ୱନା ଦେବା ସହ ସାହାଯ୍ୟର ହାତ ବଢ଼ାଇଥିଲେ। ଏପରିକି ୨୦୧୬ରେ ମଧ୍ୟ ସେ କରିମପୁରରୁ ପ୍ରଥମ ଥର ବିଧାନସଭା ନିର୍ବାଚନ ଲଢୁଥିବା ବେଳେ ଦଳର କୌଣସି ବରିଷ୍ଠ ନେତା ତାଙ୍କ ପାଇଁ ପ୍ରଚାର କରିବାକୁ ଆସିନଥିଲେ। କିନ୍ତୁ କେବଳ ଶୁଭେନ୍ଦୁ ହିଁ ତାଙ୍କର ପ୍ରଥମ ନିର୍ବାଚନୀ ସଭା କରିଥିଲେ। ବର୍ତ୍ତମାନ ଟିଏମସି ମଧ୍ୟରେ ବଡ଼ ଧରଣର ବିଦ୍ରୋହ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ମହୁଆ ବିଜେପିର କାର୍ଯ୍ୟଶୈଳୀ ଓ ଶୃଙ୍ଖଳାକୁ ପ୍ରଶଂସା କରିବା ସହ ଟିଏମସିରୁ ଅଯୋଗ୍ୟ ନେତା ମାନଙ୍କୁ ବାହାର କରି ଦଳର ଶୁଦ୍ଧିକରଣ କରିଥିବାରୁ ଶୁଭେନ୍ଦୁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଯଦିଓ ମହୁଆ ଶୁଭେନ୍ଦୁଙ୍କୁ ପ୍ରଶଂସା କରିଛନ୍ତି, ତଥାପି ସେ ତୃଣମୂଳ କଂଗ୍ରେସ ଛାଡ଼ିବା କିମ୍ବା ଦଳ କଂଗ୍ରେସ ସହ ମିଶ୍ରଣ ହେବା ଖବରକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛନ୍ତି।

## ୟୁକ୍ରେନରେ ଭାରତୀୟ ସେନା ମୁତୟନ ପ୍ରସ୍ତାବକୁ ହସରେ ଉଡ଼ାଇଲେ ଟ୍ରମ୍ପ

ୱାସିଂଟନ, ୨୪।୬(ଏଜେନ୍ସି): ରୁଷ-ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ପାଇଁ ଶାନ୍ତି ରକ୍ଷାକାରୀ ମିଶନ ପାଇଁ ଭାରତୀୟ ସେନାଙ୍କୁ ମୁତୟନ କରିବାକୁ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ପ୍ରସ୍ତାବକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହସରେ ଉଡ଼ାଇ ଭାରତ ଏଥିପାଇଁ କେବେ ଅର୍ଥ ନଷ୍ଟ କରିବ ନାହିଁ ବୋଲି କହିଥିଲେ। ଦି ନ୍ୟୁୟର୍କ ଟାଇମ୍ସର ସାମ୍ବାଦିକ ମ୍ୟାଗି ହାବରମ୍ୟାନ ଏବଂ ଜୋନାଥନ ସ୍ୱାନଙ୍କ ଦ୍ୱାରା ଲିଖିତ 'ରେଜିମ ଚେଞ୍ଜ' (ସତ୍ତା ପରିବର୍ତ୍ତନ) ନାମକ ପୁସ୍ତକରେ ଏହି ଦାବି କରାଯାଇଛି। ୨୦୨୫ରେ ଓଭାଲ ଅଫିସରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ୟୁକ୍ରେନକୁ ଟ୍ରମ୍ପଙ୍କ ସ୍ୱତନ୍ତ୍ର ପ୍ରତିନିଧି କିଥ କେଲଗ ଫ୍ରାନ୍ସ, ବ୍ରିଟେନ ଏବଂ ନେଦରଲ୍ୟାଣ୍ଡ ପରି ୟୁରୋପୀୟ ଦେଶଗୁଡ଼ିକରୁ ଶାନ୍ତି ରକ୍ଷାକାରୀ ବାହିନୀ ପଠାଇବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଜେଡି ଭାନ୍ସ ଯୁକ୍ତି ବାଢିଥିଲେ ଯେ, ନାଟୋ ସଦସ୍ୟ ଦେଶଙ୍କ ସେନା ୟୁକ୍ରେନରେ ମୁତୟନ ହେଲେ ରୁଷ ଏହାକୁ ବିପଦ ଭାବେ ଗ୍ରହଣ କରିବ। ଏହାର ବିକଳ୍ପ ଭାବେ ଭାନ୍ସ ଭାରତ ଏବଂ ସାଉଦି ଆରବ ପରି ଅଣ-ୟୁରୋପୀୟ ଦେଶଗୁଡ଼ିକୁ ଏହି ଦାୟିତ୍ୱ ଦେବାକୁ କହିଥିଲେ। ପୁସ୍ତକ ଅନୁଯାୟୀ, ଟ୍ରମ୍ପ ଏହି ପ୍ରସ୍ତାବ ଶୁଣି ହସିଥିଲେ ଏବଂ କହିଥିଲେ, 'ଭାରତୀୟମାନେ ଏହା କରିବେ ନାହିଁ। ସେମାନେ ଏଭଳି କୌଣସି କାମ ପାଇଁ ଅର୍ଥ ଦେବେ ନାହିଁ। ତେବେ ଟ୍ରମ୍ପ ସ୍ୱୀକାର କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ରହିଛି।



## ନ୍ୟୁୟର୍କ ସିଟିରେ ଭାରତୀୟ କିଶୋରଙ୍କ ସ୍ମୃତିରେ 'ରୋମାଞ୍ଚ୍‌ସ ଲ'

ନ୍ୟୁୟର୍କ, ୨୪।୬(ଏଜେନ୍ସି): ଆମେରିକାର ନ୍ୟୁୟର୍କ ସିଟିର ସେଣ୍ଟ୍ରାଲ୍ ପାର୍କରେ ଘୋଡ଼ା ଗାଡ଼ି ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୮ ବର୍ଷୀୟ ଭାରତୀୟ କିଶୋର ରୋମାଞ୍ଚ ମହାଜନଙ୍କ ସମ୍ମାନାର୍ଥେ ସହରର ଘୋଡ଼ା ଗାଡ଼ି ନିଷେଧ ବିଲ୍‌ର ନାମ ପରିବର୍ତ୍ତନ କରାଯାଇଛି। ପୂର୍ବରୁ 'ରାଇଡର୍ସ ଲ' ନାମରେ ଜଣାଶୁଣା ଏହି ବିଲ୍ ଏବେ 'ରୋମାଞ୍ଚ୍‌ସ ଲ' ଭାବେ ନାମିତ ହୋଇଛି। ଗତ ସପ୍ତାହରେ ସେଣ୍ଟ୍ରାଲ୍ ପାର୍କରେ ରୋମାଞ୍ଚ ତାଙ୍କ ପରିବାର ସହ ଘୋଡ଼ା ଗାଡ଼ିରେ ଭ୍ରମଣ କରୁଥିଲେ। ଏହି ସମୟରେ ଘୋଡ଼ାଟି କୌଣସି କାରଣରୁ ଡରିଯାଇ ଦ୍ରୁତ ଗତିରେ ଦୌଡ଼ିବାକୁ ଲାଗିଥିଲା। ଫଳରେ ରୋମାଞ୍ଚଙ୍କ ମାଆ ଗାଡ଼ିରୁ ପଡ଼ିଯାଇଥିଲେ ଏବଂ ତାଙ୍କୁ ରକ୍ଷା କରିବା ପାଇଁ ରୋମାଞ୍ଚ ଗାଡ଼ିରୁ ଡେଇଁ ପଡ଼ିଥିଲେ। ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇ ସେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ନ୍ୟୁୟର୍କ ସିଟି କାଉନସିଲ୍ ସଦସ୍ୟ କ୍ରିଷ୍ଟୋଫର ମାର୍ଟେ ସୋମବାର ଆୟୋଜିତ ଏକ ଶୋକସଭାରେ ଏହି ନାମ ପରିବର୍ତ୍ତନ ବିଷୟରେ ଘୋଷଣା କରିଥିଲେ। ଏହି ପ୍ରସ୍ତାବିତ ନିୟମ ଅନୁଯାୟୀ, ସହରରେ ନୂତନ ଘୋଡ଼ା ଗାଡ଼ି ଲାଇସେନ୍ସ ପ୍ରଦାନ ବନ୍ଦ କରାଯିବ ଏବଂ ୨୦୨୮ ଜୁନ୍ ୧ ସୁଦ୍ଧା ଏହି ଶିଳ୍ପକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯିବ। ପୂର୍ବରୁ ଏହି ବିଲ୍ 'ରାଇଡର୍' ନାମକ ଏକ ୨୬ ବର୍ଷୀୟ ଘୋଡ଼ାର ନାମରେ ନାମିତ ଥିଲା। ୨୦୨୨ରେ କାର୍ଯ୍ୟରତ ଅବସ୍ଥାରେ ରାଇଡର୍ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲା। ସୂଚନାଯୋଗ୍ୟ, ବିଗତ ୧୩ ମାସ ମଧ୍ୟରେ ୮ଟି ଘୋଡ଼ା ଜନିତ ଦୁର୍ଘଟଣା ଘଟିସାରିଛି।

## ୧୨୨.୪ ଡେସିବଲ୍ ତୀବ୍ରତାରେ ଚିତ୍କାର କରି ବିଶ୍ୱ ରେକର୍ଡ



କାନ୍‌ବେରା, ୨୪।୬(ଏଜେନ୍ସି): ଜଣେ ଅଷ୍ଟ୍ରେଲୀୟ ବ୍ୟକ୍ତି ବିଶ୍ୱର ସବୁଠାରୁ ଉଚ୍ଚ ସ୍ୱରରେ ଚିତ୍କାର କରୁଥିବା ବ୍ୟକ୍ତି ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ଲେଖାଇଛନ୍ତି। ଅଷ୍ଟ୍ରେଲିଆର ରାଜଧାନୀ କାନ୍‌ବେରାର ବାସିନ୍ଦା ୫୮ ବର୍ଷୀୟ ଜୋସେଫ୍ ମ୍ୟାକଗ୍ରେଲ୍-ବ୍ୟାଟଅପ୍ ୧୨୨.୪ ଡେସିବଲ୍ ତୀବ୍ରତାରେ ନାଓ ଶବ୍ଦଟିକୁ ଚିତ୍କାର କରି ଏହି ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏହି ସଫଳତା ସହ ଜୋସେଫ୍ ପ୍ରାୟ ୩୦ ବର୍ଷର ପୁରୁଣା ରେକର୍ଡକୁ ଭାଙ୍ଗିଛନ୍ତି। ଏହା ପୂର୍ବରୁ ୧୯୯୪ରେ ଉତ୍ତର ଆୟର୍ଲାଣ୍ଡର ଜଣେ ଶିକ୍ଷୟିତ୍ରୀ ଆନାଲିସା ଫ୍ଲାନାଗାନ୍ ୧୨୧.୭ ଡେସିବଲ୍ ତୀବ୍ରତାରେ 'କ୍ୱାଏଟ୍' ଶବ୍ଦ ଚିତ୍କାର କରି ବିଶ୍ୱ ରେକର୍ଡ କରିଥିଲେ। ଗିନିଜ୍ ୱାର୍ଲ୍ଡ ରେକର୍ଡ ଅନୁଯାୟୀ, ଜୋସେଫ୍‌ଙ୍କ ଏହି ଚିତ୍କାରର ଶବ୍ଦ ଏକ ଚେନ୍-ସ (ମୋଟର କରତ), ନିକଟରେ ଯାଉଥିବା ଆମ୍ବୁଲାନ୍ସ ସାଇରନ୍ କିମ୍ବା ଏକ ଜେଟ୍ ବିମାନ ଉଡ଼ାଣ ସମୟରେ ସୃଷ୍ଟି ହେଉଥିବା ଶବ୍ଦ ସହ ସମାନ। ଜୋସେଫ୍ ପେଶାରେ ଜଣେ ଏୟାର କଣ୍ଡିସନର ମିସ୍ତ୍ରୀ ଭାବେ କାମ କରନ୍ତି। ଜୋସେଫ୍ କହିଛନ୍ତି ଯେ, ଏହି ରେକର୍ଡ ପାଇଁ ଅଭ୍ୟାସ କରିବା ସମ୍ଭବ ନୁହେଁ। ଏହି ରେକର୍ଡ ପାଇଁ ତାଙ୍କୁ ୭ ଥର ଚେଷ୍ଟା କରିବାକୁ ପଡ଼ିଥିଲା। ଏଥିପାଇଁ ପ୍ରାୟ ଦୁଇ ଦିନ ପର୍ଯ୍ୟନ୍ତ ତାଙ୍କ ସ୍ୱର ବସି ଯାଇଥିଲା। ତେବେ ଜୋସେଫ୍ ବର୍ତ୍ତମାନ ବିଶ୍ୱର ସବୁଠାରୁ ଉଚ୍ଚ ସ୍ୱରର ବ୍ୟକ୍ତି ଭାବେ ରେକର୍ଡ କରିଥିବା ବେଳେ ଫ୍ଲାନାଗାନ୍ ଏବେ ମଧ୍ୟ ବିଶ୍ୱର ସବୁଠାରୁ ଉଚ୍ଚ ସ୍ୱରର ମହିଳା ଭାବେ ନିଜର ରେକର୍ଡ ବଜାୟ ରଖିଛନ୍ତି।

## ତାମିଲନାଡୁ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ଆଉ ଜଣେ ମୃତ

କେନ୍ଦୁଝର, ୨୪।୬(ସମିସ): ତାମିଲନାଡୁ ଗ୍ୟାସ ଲିକ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ଆଉ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଏହି ମୃତ୍ୟୁ ସଂଖ୍ୟା ବର୍ତ୍ତମାନ ମୋଟ ୮ରେ ପହଞ୍ଚିଛି। ବୁଧବାର ପୁଣି ଚିକତ୍ସାଧୀନ ଅବସ୍ଥାରେ ହରିଚନ୍ଦନପୁର ବ୍ଲକ କନ୍ତଲା ବାଲିସାହିର ସୁବାଶୀ ଯୁଆଙ୍ଗଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଶ୍ରମିକମାନେ ତାମିଲନାଡୁ ରାଜ୍ୟର ତିରୁଭାଲୁର ଜିଲ୍ଲାରେ ଥିବା ସେଣ୍ଟ ପିଟର୍ସ ଆଣ୍ଡ ପଲ୍ ସି ଫୁଡ୍ ଏକ୍ସପୋର୍ଟସ ପ୍ରାଇଭେଟ ଲିମିଟେଡ କମ୍ପାନୀରେ କେନ୍ଦୁଝର ଜିଲ୍ଲାରୁ ଯାଇ କାମ କରୁଥିଲେ। କାରଖାନାର ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ସଦର ଥାନା ଅନ୍ତର୍ଗତ କୋଡିପଶା ଗ୍ରାମର ଫୁଲମଣୀ ଜୁଆଙ୍ଗ, କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ଦୁବନାଳୀଟାଙ୍ଗିରୀ ଗ୍ରାମର ଶିବାନୀ ଜୁଆଙ୍ଗ, ତେଲକୋଇ ଥାନା ଦୁବନାଳୀ ଟାଙ୍ଗିରୀ ଗ୍ରାମର ଗୀତା ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଗୁମନୀ ଜୁଆଙ୍ଗ ଓ ସଦର ଥାନା ଅନ୍ତର୍ଗତ ତଳଚମ୍ପେଇ ଗ୍ରାମର ଚମ୍ପାବତୀ ଜୁଆଙ୍ଗ ମୃତ୍ୟୁ ହୋଇଥିଲା। ଚିକତ୍ସାଧୀନ ଅବସ୍ଥାରେ ପୁଣି କେନ୍ଦୁଝର ଟାଉନ ଥାନା କୋଡିପଶା ଗ୍ରାମର ସୂଜନୀ ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଯାମିନୀ ଜୁଆଙ୍ଗଙ୍କ ମୃତ୍ୟୁ ସୂଚନା ମିଳିଥିଲା। ଏହି ଘଟଣାରେ ଆଉ ଜଣଙ୍କ ଅବସ୍ଥା ଏବେ ମଧ୍ୟ ଗୁରୁତର ରହିଥିବା ଜଣାପଡ଼ିଛି।

## ମହିଳାଙ୍କୁ କଚାଡ଼ି ମାରିଲା ଦନ୍ତା

ଅନୁଗୋଳ୨୪।୬(ସମିସ): ଜିଲ୍ଲାରେ ପୁଣି ଥରେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ବୁଧବାର ସକାଳେ ଅନୁଗୋଳ ସଦର ରେଞ୍ଜ ଶରଧାପୁର ଗାଁରେ ଏକ ଜଙ୍ଗଲୀ ଦନ୍ତା ହାତୀ ଆକ୍ରମଣରେ ଗୁଲ ସାହୁ (୫୦) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଗୁଲ ସାହୁ ତାଙ୍କ ଭାଉଜ ହେଲେନ ସାହୁଙ୍କ ସହ ଗାଁ ନିକଟସ୍ଥ ଭାଲୁଖାଇ ନାଳକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇ ସାରି ଘରକୁ ଫେରୁଥିବା ବେଳେ ଅଚାନକ ସେଠାରେ ଥିବା ଏକ ଦନ୍ତା ହାତୀ ସେମାନଙ୍କୁ ଆକ୍ରମଣ କରିଥିଲା। ହେଲେନ କୌଶଳକ୍ରମେ ବର୍ତ୍ତି ଯାଇଥିବାବେଳେ ହାତୀଟି ଗୁଲଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଗତ ସୋମବାର ଜଗନ୍ନାଥପୁରରେ ଜଣେ ହାତୀ ଜଗୁଆଳିଙ୍କ ମୃତ୍ୟୁର ଦୁଇ ଦିନ ପରେ ଏଭଳି ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ବାରମ୍ବାର ହାତୀ ଆକ୍ରମଣ ଓ ବନବିଭାଗର ଅବହେଳାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ବନବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

### ନ୍ୟାୟ ଦାବିରେ ଏସ୍‌ପି ଅଫିସ ଆଗରେ ଚାମେଲୀଙ୍କ ଧାରଣା

## ୭୨ ଘଣ୍ଟାର ଅଲ୍ଟିମେଟମ୍, ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ଚେତାବନୀ

କେନ୍ଦ୍ରାପଡା,୨୪।୬(ସମିସ): ତିଖିରୀ ପଞ୍ଚାୟତ ସରପଞ୍ଚ ଚାମେଲୀ ଓଝାଙ୍କ ସହ ହୋଇଥିବା ଦୁର୍ବ୍ୟବହାର ଘଟଣାରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି କେନ୍ଦ୍ରାପଡ଼ା ଏସ୍‌ପି ଅଫିସ ଆଗରେ ଗୁରୁବାର ଏକ ବିଶାଳ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚାମେଲି ଓଝା ନିଜ ସମର୍ଥକ, ବିଭିନ୍ନ ଜିଲ୍ଲାର ସରପଞ୍ଚ ସଂଘ ପ୍ରତିନିଧି ଓ ମହିଳା ସଂଗଠନ ସଦସ୍ୟଙ୍କ ସହ ଏହି ଆନ୍ଦୋଳନରେ ସାମିଲ ହୋଇ ନ୍ୟାୟ ଦାବି କରିଛନ୍ତି। ଚାମେଲୀ ୭୨ ଘଣ୍ଟାର ସମୟ ଦେଇଥିବାବେଳେ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

ଆନ୍ଦୋଳନ ପୂର୍ବରୁ ଗରାପୁର ଡାକବଙ୍ଗଳା ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଚାମେଲୀ ଓଝା ଖାଲି ପାଦରେ ପ୍ରାୟ ଦୁଇ କିଲୋମିଟର ପଦଯାତ୍ରା କରି ନିଜ ସମର୍ଥକଙ୍କ ସହ ଏସପି ଅଫିସ ନିକଟରେ ପହଞ୍ଚିଥିଲେ। ସେଠାରେ ପ୍ରାୟ ତିନି ଘଣ୍ଟା ଧରି ଧାରଣା ଚାଲିଥିଲା। ଧାରଣାରେ ଚାମେଲୀ ଓଝା ଦାବି କରିଥିଲେ ଯେ, ତାଙ୍କ ସହ ହୋଇଥିବା ଦୁର୍ବ୍ୟବହାର ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ। ସେହିପରି ମହାକାଳପଡ଼ା ବିଡିଓ ଓ ସମ୍ପୃକ୍ତ ଥାନା ଅଧିକାରୀଙ୍କୁ ନିଲମ୍ବନ କରିବାକୁ ସେ ଦାବି ଉଠାଇଥିଲେ। ପୁଲିସକୁ ଏ ନେଇ ୭୨ ଘଣ୍ଟାର ସମୟ ଦିଆଯାଇଥିବାବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ ତିଖିରୀରୁ ରାଜଭବନ ଓ ଦିଲ୍ଲୀ ପର୍ଯ୍ୟନ୍ତ ବିସ୍ତାର ହେବ ବୋଲି ଚେତାବନୀ ଦେଇଥିଲେ। ଘଟଣାରେ ଏ ପର୍ଯ୍ୟନ୍ତ ପୁଲିସ ୪ ଜଣଙ୍କୁ ଗିରଫ କରିଥିବାବେଳେ ବାକି ଅଭିଯୁକ୍ତଙ୍କୁ କାହିଁକି ଗିରଫ କରାଯାଉନାହିଁ



ବୋଲି ଚାମେଲୀଙ୍କ ଭାଇ ସୂର୍ଯ୍ୟକାନ୍ତ ଓଝା ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ, ନ୍ୟାୟ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଏହି ଧାରଣାକୁ ସମର୍ଥନ ଜଣାଇବା ପାଇଁ କଟକ ଜିଲ୍ଲା ସରପଞ୍ଚ ସଂଘର ପ୍ରତିନିଧି କେନ୍ଦ୍ରାପଡ଼ାରେ ପହଞ୍ଚିଥିଲେ। ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କ ଅଧିକାରକୁ ବ୍ଲକ ପ୍ରଶାସନ କ୍ଷୁର୍ଣ୍ଣ କରୁଥିବା ଅଭିଯୋଗ କରି ସରପଞ୍ଚ ସଂଘ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଥିଲା। ଅନ୍ୟପକ୍ଷରେ ବିଭିନ୍ନ ମହିଳା ସଂଗଠନ ମଧ୍ୟ ଚାମେଲୀଙ୍କ ଆନ୍ଦୋଳନରେ ସାମିଲ ହୋଇ ନ୍ୟାୟ ଦାବିକୁ ଆହୁରି ଜୋରଦାର କରିଥିଲେ। ଧାରଣା ସ୍ଥଳରେ ଅତିରିକ୍ତ ଏସ୍‌ପି ଓ ଏସଡିଓ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ଓ ଘଟଣାର ତଦନ୍ତ ନିରପେକ୍ଷ ଭାବେ ଚାଲିଛି ବୋଲି ପ୍ରଶାସନ ପକ୍ଷରୁ ଆଶ୍ୱାସନା ଦିଆଯାଇଥିଲା। ଏହାପରେ ଚାମେଲୀ ଓଝା ଓ ତାଙ୍କ ସମର୍ଥକ ଧାରଣା ପ୍ରତ୍ୟାହାର କରିଥିଲେ। ତେବେ ଚାମେଲୀ ଓଝାଙ୍କ ୭୨ ଘଣ୍ଟାର ସମୟ ଏବେ ପୁଲିସ ଓ ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ପୂରଣ ହେଉଛି କି ନାହିଁ ଓ ଏହି ବିବାଦ ଆଗକୁ କେଉଁ ମୋଡ଼ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଜନସ୍ୱାର୍ଥ ମାମଲା ହାଇକୋର୍ଟରୁ ପ୍ରତ୍ୟାହାର

କଟକ,୨୪।୬(ସମିସ): ବହୁଚର୍ଚ୍ଚିତ କେନ୍ଦ୍ରାପଡ଼ା ଜିଲ୍ଲା ତିଖିରୀ ସରପଞ୍ଚ ଚାମେଲି ଓଝାଙ୍କୁ ଆକ୍ରମଣ ଓ ବେଆଇନ ଗିରଫଦାରୀ ପ୍ରସଂଗକୁ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ଆବେଦନକାରୀ ଆଜି ପ୍ରତ୍ୟାହାର କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଭାରତୀୟ ବିକାଶ ପରିଷଦ ତରଫରୁ ଦାୟର ଏ ସଂପର୍କିତ ଜନସ୍ୱାର୍ଥ ଆବେଦନର ପ୍ରାରମ୍ଭିକ ଶୁଣାଣି କରିଥିବା ବେଳେ ଉକ୍ତ ଆବେଦନର ଗ୍ରହଣୀୟତାକୁ ନେଇ ପ୍ରଶ୍ନ ଉଠିଥିଲା। ଏହାପରେ ଆବେଦନ ପ୍ରତ୍ୟାହାର ପାଇଁ ଆବେଦନକାରୀଙ୍କ ତରଫରୁ ଅନୁମତି ଲୋଡା ଯାଇଥିଲା। ହାଇକୋର୍ଟ ଏଥିପାଇଁ ଅନୁମତି ଦେବା ସହିତ ମାମଲାର ଶୁଣାଣିରେ ଅନ୍ତ ଘଟାଇଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଚାମେଲିଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ସଂପର୍କିତ ରିପୋର୍ଟ ତଲବ ସହିତ ଘଟଣା ଦିନର ସିସିଟିଭି ଫୁଟେଜ ସଂରକ୍ଷିତ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା। ସମ୍ବେଦନଶୀଳ ସ୍ଥିତିରେ ସାଧାରଣ ଲୋକଙ୍କ ପ୍ରତି ପୁଲିସର ଉଚିତ ବ୍ୟବହାର ପ୍ରଦର୍ଶନ ନେଇ ଏକ ସ୍ୱତନ୍ତ୍ର ଗାଇଡଲାଇନ ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଦର୍ଶାଯାଇଥିଲା।

## ବରଗଡର ଯୁବଚାଷୀ ଇଚ୍ଛାମୃତ୍ୟୁ ମାଗିବା ଓଡ଼ିଶା ପାଇଁ ନିନ୍ଦନୀୟ: ବିଜେଡି

ଭୁବନେଶ୍ୱର,୨୪।୬(ସମିସ): ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାର ଚାଷୀ ଗୋପାଳକୃଷ୍ଣ ସାହୁ କଷ୍ଟଉପାର୍ଜିତ ଧାନକୁ ବିକ୍ରି କରିନପାରି ଶେଷରେ ବାଧହୋଇ ଇଚ୍ଛାମୃତ୍ୟୁ ମାଗିଛନ୍ତି । ଏହି ଘଟଣାକୁ ନେଇ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଚାଷୀଙ୍କ ଇଚ୍ଛାମୃତ୍ୟୁ ଆବେଦନକୁ ଗ୍ରହଣ କରି ସରକାର ନିଜର ଅସହାୟତାକୁ ପ୍ରକାଶ କରିଛନ୍ତି ବୋଲି କହିଛି ବିଜେଡି ।



- ଓଡ଼ିଶାର ଚାଷୀ ଏବେ ବ୍ୟବସ୍ଥାର ଚକ୍ରବ୍ୟୂହରେ ନିପୀଡ଼ିତ
- ସରକାରର ଅପାରଗତା ଲାଗି ଚାଷୀ ଇଚ୍ଛାମୃତ୍ୟୁ ଲୋଡ଼ୁଛି

ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରଗଡ଼ ବିଧାୟିକା ବର୍ଷା ସିଂ ବରିହା କହିଛନ୍ତି ଯେ ବରଗଡ଼ ଜିଲ୍ଲାର ଚାଷୀ ଗୋପାଳକୃଷ୍ଣ ସାହୁ ନିଜର କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିବା ପାଇଁ ବାରମ୍ବାର ଅଧିକାରୀଙ୍କ ନିକଟକୁ ଦୌଡ଼ି ଦୌଡ଼ି ନିରାଶ ହେବା ଶେଷରେ ବାଧ ହୋଇ ଚରମ ପଦକ୍ଷେପ ସ୍ୱରୂପ ରାଷ୍ଟ୍ରପତିଙ୍କୁ ଚିଠି ଲେଖି ଇଚ୍ଛାମୃତ୍ୟୁ ମାଗିଛନ୍ତି । ବିଡ଼ମ୍ବନା ହେଉଛି ସେହି ଇଚ୍ଛାମୃତ୍ୟୁକୁ ଜିଲ୍ଲା ପ୍ରଶାସନ ଗ୍ରହଣ ବି କରିଛନ୍ତି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ସରକାର ଚାହୁଁଛନ୍ତି ଚାଷୀ ଆତ୍ମହତ୍ୟା କରୁ। ଯେଉଁ ରାଜ୍ୟରେ ଚାଷୀ ଇଚ୍ଛାମୃତ୍ୟୁ ମାଗିବାକୁ ବାଧ ହୁଏ, ସେଠି ସରକାରଙ୍କ କୃଷକ କଲ୍ୟାଣ ନୀତି କେତେ ସଫଳ, ତାହା ସାଧାରଣ ଲୋକ ବିଚାର କରିପାରିବେ। ରାଜ୍ୟର ଅନେକ ମଣ୍ଡିରୁ ଧାନ ଉଠୁନଥିବାରୁ ଚାଷୀ ଚିନ୍ତାରେ ରହିଛି। ହଜାର ହଜାର କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିବାରୁ ମୌସୁମୀ ବର୍ଷାରେ ଭିଜି ଗଜା ହେଲାଣି। ସରକାର କହିଥିଲେ ଏମଏସପି ବୃଦ୍ଧି କରିବେ, କିନ୍ତୁ ବୃଦ୍ଧି କଲେ ନାହିଁ। ଅନ୍ୟପଟେ ବିହନ, ସାର, କୀଟନାଶକ ଓ ଅନ୍ୟାନ୍ୟ କୃଷି ସାମଗ୍ରୀର ଅହେତୁକ ଦରବୃଦ୍ଧି ଚାଷୀର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି ବୋଲି ସେ କହିଛନ୍ତି।

ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ଚାଷୀକୂଳକୁ ୩୧୦୦ ଟଙ୍କା ଦେଉଥିବାର ଡିଣ୍ଡିମ ପିଟୁଥିବା ଡବଲ ଇଞ୍ଜିନ ସରକାର ଅନ୍ୟପଟେ ୧୫ କିଲୋ କଟନୀ ଛଟନୀ କରି ସରକାର ଦୋମୁହାଁ ନୀତିର ପରିଚୟ ଦେଉଛନ୍ତି । ପ୍ରତିଥର ଧାନ ସଂଗ୍ରହ ପାଇଁ ଚାଷୀଙ୍କୁ ରାଜରାସ୍ତାକୁ ଓହ୍ଲାଇବାକୁ ପଡୁଛି । ମଣ୍ଡି ସମସ୍ୟା, ଟୋକନ ସମସ୍ୟା ଯୋଗୁଁ ଚାଷୀ ତାର ଧାନକୁ ବିକ୍ରି କରିନପାରି ଇଚ୍ଛାମୃତ୍ୟୁ ଭଳି ଚରମ ପଦକ୍ଷେପ ନେବାକୁ ବାଧ ହେଉଛି। ବରଗଡ଼ର ଚାଷୀ ଇଚ୍ଛାମୃତ୍ୟୁ ମାଗିବା ଓ ଜିଲ୍ଲା ପ୍ରଶାସନ ତାଙ୍କ ଆବେଦନକୁ ଗ୍ରହଣ କରିବା ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ଦୁଃଖ ଦେଇଛି। ସରକାର କେତେ ଅସହାୟ ଏଥିରୁ ସ୍ପଷ୍ଟ ବୋଲି ସେ କହିଛନ୍ତି ।

## ଷ୍ଟ୍ରିଟ୍ ଲାଇଟ୍ କାମରେ ଦୁର୍ନୀତି ଅଭିଯୋଗ

ଭୁବନେଶ୍ୱର ୨୪।୬ (ସମିସ): ଗ୍ରାମାଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ କରିଛି ଭିଜିଲାନ୍ସ। ବୁଧବାର ଭିଜିଲାନ୍ସ ଟିମ୍ କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାର ବିଭିନ୍ନ ଗ୍ରାମ ପଞ୍ଚାୟତକୁ ଯାଇ ତଦନ୍ତ କରିଛି। ଭିଜିଲାନ୍ସ ପକ୍ଷରୁ ୮୧ ଜଣ ଅଧିକାରୀଙ୍କୁ

### ୩ ଜିଲ୍ଲାରେ ଭିଜିଲାନ୍ସ ଯାଞ୍ଚ

ନେଇ ୨୪ଟି ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଜିଲ୍ଲାରେ ୨୭ ଜଣ ଅଧିକାରୀ ନିୟୋଜିତ ହୋଇ ତଦନ୍ତ କରୁଛନ୍ତି। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଓ ୫ମ ରାଜ୍ୟ ଅର୍ଥ କମିଶନ ଅନୁଦାନରେ କାର୍ଯ୍ୟକାରୀ ହୋଇଥିବା ଏହି ପ୍ରକଳ୍ପରେ ଦୁର୍ନୀତିର ଗନ୍ଧ ବାରିଛି ଭିଜିଲାନ୍ସ। ଟେଣ୍ଡର ନିୟମ ଉଲ୍ଲଂଘନ ସହ ଏନର୍ଜି ମିଟର, କେବୁଲ, ଏମସିସିବି, ଫଟୋ ସ୍ୱିଚ୍ ଟାଇମର ଆଦି ସ୍ଥାପନ ନକରି ମଧ୍ୟ ବିଲ୍ ଉଠାଯାଇଥିବା ଅଭିଯୋଗ ହୋଇଛି। ଆଜି ଭିଜିଲାନ୍ସର ଟିମ୍ ୩ଟି ଜିଲ୍ଲାର ୫୦ଟି ସ୍ଥାନରେ ପ୍ରାୟୋଗିକ ଯାଞ୍ଚ ଓ ସ୍ଥଳ ପରିଦର୍ଶନ କରିଛନ୍ତି। ଏଥିରେ କେତେ ଦୁର୍ନୀତି ହୋଇଛି ଓ ସରକାରୀ କର୍ମଚାରୀ, କାର୍ଯ୍ୟନିର୍ବାହୀ ସଂସ୍ଥାମାନଙ୍କର ଭୂମିକା କ'ଣ ରହିଛି, ତା'ର ତଦନ୍ତ ଆରମ୍ଭ ହୋଇଛି ।

■ ରଥଯାତ୍ରାରେ ଶୃଙ୍ଖଳିତ ପରିବହନ ଲକ୍ଷ୍ୟ

## ଅନ୍ୟ ରୁଟ୍ ବସଙ୍କୁ ମିଳିବ ପୁରୀ ପାଇଁ ଅସ୍ଥାୟୀ ପରମିଟ୍

ଭୁବନେଶ୍ୱର,୨୪।୬(ସମିସ): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସୁଗମ ପରିବହନ ପାଇଁ ବୁଧବାର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କ ଭୁବନେଶ୍ୱର-୧ କାର୍ଯ୍ୟାଳୟରେ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀଗୁଣ୍ଡିଚା, ବାହୁଡ଼ା ଓ ସୁନାବେଶରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ।

- ପରିବହନ ଆୟୁକ୍ତଙ୍କ ଅଧକ୍ଷତାରେ ସମନ୍ୱୟ ବୈଠକ
- ୪୫୦ଟି ଇ-ରିକ୍ସା ହେବ ନିୟୋଜିତ
- ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଭଡ଼ା ଆଦାୟ ରୋକିବା ଉପରେ ପଦକ୍ଷେପ

ଶ୍ରଦ୍ଧାଳୁମାନେ କିଭଳି ପୁରୀରେ ସୁବିଧାରେ ପହଞ୍ଚିବେ ଓ ଫେରିବେ, ସେ ବିଷୟରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯିବା ସହ କେତେକ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଯାତ୍ରୀଙ୍କ ଚାହିଦା ପୂରଣ ପାଇଁ ପୁରୀକୁ ବହୁ ସଂଖ୍ୟାରେ ଷ୍ଟେଜ୍ କ୍ୟାରେଜ୍ ବସ୍ ଚଳାଚଳ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ନିମନ୍ତେ ଅସ୍ଥାୟୀ ପରମିଟ୍ ପ୍ରଦାନ କରାଯିବ। ରଥଯାତ୍ରାର ପୂର୍ବଦିନ ପାଇଁ ମଧ୍ୟ ଏହି ଅସ୍ଥାୟୀ ପରମିଟ୍ ମିଳିପାରିବ। ପୁରୀ ବାହାର ରୁଟ୍‌ର କୌଣସି ବି ବସ୍ ମାଲିକ ଏଥିପାଇଁ ଆବେଦନ କରିପାରିବେ। ଏବେ ପୁରୀକୁ ପ୍ରତିଦିନ ପ୍ରାୟ ୨୦୦ ଘରୋଇ ବସ୍ ଚଳାଚଳ କରୁଥିବା ବେଳେ ରଥଯାତ୍ରା ସମୟରେ ଏହି ସଂଖ୍ୟାକୁ ଦୁଇଗୁଣା କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ପୁରୀକୁ ଓଏସଆରଟିସି ଏବଂ କ୍ରୁଟ୍ ସରକାରୀ ବସ୍ ସଂଖ୍ୟା ମଧ୍ୟ ଏହି ସମୟରେ ବୃଦ୍ଧି କରାଯିବ। ରଥଯାତ୍ରା ସମୟରେ ପୁରୀଠାରେ ଏକ ସୂଚନା କେନ୍ଦ୍ର ତଥା ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟା ଖୋଲା ରହିବ। ଏଥିପାଇଁ ସ୍ୱତନ୍ତ୍ର ନମ୍ବର ଜାରି ହେବ। ତାଳବଣିଆରେ ମଧ୍ୟ ଏକ ହେଲ୍ପଡେସ୍କ କାର୍ଯ୍ୟ କରିବ। ଏହା ସହ ଏସଟିଏର ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ମଧ୍ୟ ସୂଚନା ପ୍ରଦାନ ପାଇଁ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଛି। ସେହିଭଳି ତାଳବଣିଆ ଓ ଅନ୍ୟ ପ୍ରମୁଖ ପାର୍କିଂ ସ୍ଥାନରୁ ନିଃଶୁଳ୍କ ଇ-ରିକ୍ସା ସୁବିଧା ପରିବହନ ବିଭାଗ ଦ୍ୱାରା କରାଯିବ। ଏଥିପାଇଁ ୪୫୦ଟି ଇ-ରିକ୍ସା ନିୟୋଜିତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତି ବସରେ ଭଡ଼ା ଚାର୍ଟ ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି। କୌଣସି ବସ୍ ଯେପରି ନିର୍ଦ୍ଧାରିତ ଭଡ଼ାଠାରୁ ଅଧିକ ଟଙ୍କା ? ଆଦାୟ ନ କରନ୍ତି, ସେଥିପାଇଁ ପରିବହନ ବିଭାଗ ସହ ବସ୍ ମାଲିକ ସଂଘ ମଧ୍ୟ କଡ଼ା ଦୃଷ୍ଟି ଦେବେ।

ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଭୁବନେଶ୍ୱରରୁ ପୁରୀ ରାସ୍ତାରେ ପର୍ଯ୍ୟାପ୍ତ ସଂଖ୍ୟକ କ୍ରେନ୍ ଏବଂ ଆମ୍ବୁଲାନ୍ସ ମୁତୟନ କରାଯିବ। ଉଭୟ ସରକାରୀ ଓ ଘରୋଇ ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ତ୍ୱରିତ ଚିକିତ୍ସା ସୁନିଶ୍ଚିତ କରାଯିବ। ରଥଯାତ୍ରା ସମୟରେ ଭୁବନେଶ୍ୱର-ପୁରୀ ଏବଂ ପୁରୀ-କୋଣାର୍କ ରାଜପଥରେ ଯଦି କୌଣସି ଗାଡ଼ି ଖରାପ ହୁଏ, ତେବେ ତୁରନ୍ତ ମରାମତି ସେବା ଯୋଗାଇଦେବା ପାଇଁ ଗାଡ଼ି ନିର୍ମାତା ଓ ଡିଲରମାନଙ୍କୁ କୁହାଯାଇଛି। ବୈଠକରେ ଭୁବନେଶ୍ୱର ଓ କଟକ ଡିସିପି, ଟ୍ରାଫିକ ଡିସିପି, ପୁରୀର ଅତିରିକ୍ତ ଏସପି, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ବସ୍ ମାଲିକ ସଂଘର କର୍ମକର୍ତ୍ତା, ଓଏସଆରଟିସି ଏବଂ କ୍ରୁଟ୍ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଭର୍ଚ୍ଚୁଆଲ ମାଧ୍ୟମରେ ପୁରୀ ଜିଲ୍ଲାପାଳ ଯୋଗ ଦେଇଥିଲେ।

## ବ୍ରହ୍ମପୁରରୁ ଆଇପିଏଲ ବୁକିକୁ ଉଠାଇ ନେଲା ପୁରୀ ପୁଲିସ

ବ୍ରହ୍ମପୁର,୨୪।୬(ସମିସ): ବ୍ରହ୍ମପୁର ପୁଲିସ ଯେଉଁ ଆଇପିଏଲ ବୁକିକୁ ଧରିବାରେ ବିଫଳ ରହିଥିଲା ସେହି ବୁକିକୁ ପୁରୀ ସାଇବର ଥାନା ପୁଲିସ ଗତକାଲି ବ୍ରହ୍ମପୁରରୁ ଉଠାଇବାରେ ନେବାରେ ସଫଳ ହୋଇଛି। ବୁକି ଜଣକ ହେଲେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ରାମନଗରର କ୍ରିଷ୍ଣା ପ୍ରସାଦ ତ୍ରିପାଠୀ ଓରଫ ଶୀତୁ। ଶୀତୁ ବ୍ରହ୍ମପୁରରେ ରହି ପୁରୀରେ ଚଳାଇଥିଲେ ଆଇପିଏଲ୍ ବେଟିଂର ବଡ଼ ସିଣ୍ଡିକେଟ୍। ପୁରୀ ସାଇବର ଥାନା ପୁଲିସ ଗତ ଏପ୍ରିଲ ୨୯ ତାରିଖରେ ପୁରୀ ମାର୍କେଣ୍ଡେଶ୍ୱର ସାହିର ପ୍ରସନ୍ନ ପୃଷ୍ଟି, କୁମ୍ଭରପଦା ବଡ଼ ଶଙ୍ଖ ସାହିର ବି ନାଗେଶ୍ୱର ରାଓ, ବାସେଲିସାହିର ବିଶ୍ୱଜିତ ଲେଙ୍କା ଓ ଚନ୍ଦନପୁର ରମାକାନ୍ତ ସାହୁଙ୍କୁ ଗିରଫ କରିଥିଲା । ଗିରଫ ବେଳେ ପୁଲିସ ଅଭିଯୁକ୍ତ ଶୀତୁଙ୍କ ସମ୍ପୃକ୍ତି ରହିଥିବା ଜାଣିବାକୁ ପାଇଥିଲା। ପୁଲିସ ଅଧିକ ଖୋଳତାଡ଼ କରିବା ପରେ ବ୍ରହ୍ମପୁରରୁ ନମସ୍ତେ ଗ୍ରୁପ୍‌ର ମୁଖ୍ୟ କ୍ରିଷ୍ଣା ପ୍ରସାଦ ତ୍ରିପାଠୀ ଓରଫ ଶୀତୁ ଉଠାଇବା ପାଇଁ ତାଙ୍କ ମୋବାଇଲ ନମ୍ବରକୁ ଟ୍ରାକିଂ କରିଥିଲା। ନିକଟରେ ଶୀତୁ ବାହାରକୁ ଚାଲିଯାଇଥିବା ବେଳେ ଏବେ କିଛିଦିନ ହେବ ବ୍ରହ୍ମପୁର ଆସିଥିବା ଖବର ପୁରୀ ପୁଲିସ ଟ୍ରାକିଂ କରି ଜାଣିବାକୁ ପାଇଥିଲା। ଶୀତୁଙ୍କ ଠାରୁ ନଗଦ ୧୦ଲକ୍ଷ ୨୫ ହଜାର ଟଙ୍କା, ଦୁଇଟି ମୋବାଇଲ୍ ଫୋନ୍ ଜବତ କରିବା ସହ ବ୍ୟାଙ୍କ୍ ଆକାଉଣ୍ଟ ଫ୍ରିଜ୍ କରିଥିବା ଜଣାପଡ଼ିଛି । ସେହି ଆକାଉଣ୍ଟରେ ପ୍ରାୟ ୯ ଲକ୍ଷ ଥିବା ଜଣାପଡ଼ିଛି। ପୁରୀ ସାଇବର ଥାନା ଆଇଆଇସି ଗୀତାଞ୍ଜଳି ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗତକାଲି ବ୍ରହ୍ମପୁରରେ ପହଞ୍ଚି ରାତି ୧୦ଟା ବେଳେ ଲାଞ୍ଜିପଲ୍ଲୀ ରାମନଗରରେ ରହୁଥିବା ବୁକି ଶୀତୁଙ୍କ ଘରେ ଚଢ଼ଉ କରିଥିଲେ। ପୁଲିସ ଶୀତୁ ଓ ଜଣେ ସହଯୋଗୀଙ୍କୁ ଉଠାଇ ନେଇ ବୈଦ୍ୟନାଥପୁର ଥାନାରେ ପହଞ୍ଚିଥିଲା। ଅଭିଯୁକ୍ତ ଶୀତୁଙ୍କ ଠାରୁ କିଛି ସୁନା ଅଳଙ୍କାର, ମୋବାଇଲ୍ ଫୋନ୍ ଓ ନଗଦ ୧୦ ଲକ୍ଷ ଟଙ୍କା ଜବତ କରିଥିଲା । ରାତି ୨ଟାରେ ଅଭିଯୁକ୍ତ ଶୀତୁକୁ ସାଙ୍ଗରେ ନେଇ ପୁରୀ ଫେରିଥିଲା ପୁଲିସ। ସୂଚନାଯୋଗ୍ୟ ଯେ,ଗତ ଏପ୍ରିଲ୍ ୨୮ ତାରିଖ ରାତିରେ ପୁରୀରେ ଧରାପଡିଥିଲା ଆଇପିଏଲ୍ ବେଟିଂ ଏକ ବଡ଼ ରାକେଟ। ବାସେଲି ସାହି ଥାନା ମଶାଣି ଚଣ୍ଡି ଛକରେ ଏକ ଘରେ ବେଟିଂ ଚାଲିଥିବାବେଳେ ପୁଲିସ ଚଢ଼ଉ କରି ବେଟିଂ ବୁକି ପ୍ରସନ୍ନ ପୃଷ୍ଟି ସହ କୁମ୍ଭରପଦା ବଡ଼ ଶଙ୍ଖ ସାହିର ବି ନାଗେଶ୍ୱର ରାଓ, ବାସେଲିସାହିର ବିଶ୍ୱଜିତ ଲେଙ୍କା ଓ ଚନ୍ଦନପୁର ରମାକାନ୍ତ ସାହୁ ଆଦି ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ପୁଲିସ ସମସ୍ତ ଅଭିଯୁକ୍ତକୁ ଜେରା କରି ବହୁ ତଥ୍ୟ ହାସଲ କରିବା ପରେ କୋର୍ଟ ଚାଲାଣ କରିଥିଲା। ସେତେବେଳେ ପୁଲିସ ସେମାନଙ୍କ ଠାରୁ ଜବତ ୨୫ଲକ୍ଷ ୩୫ ହଜାର ଟଙ୍କା ଜବତ କରିଥିଲା। ସ୍କାଏଏକ୍ସଚେଞ୍ଜ୍ ମୋବାଇଲ୍ ଆପ୍ଲିକେସନ୍‌ରେ ବେଟିଂ ଗ୍ୟାକେଟ୍ ଚାଲିଥୁବା ଜଣାପଡିଥିଲା। ଅଭିଯୁକ୍ତଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଓ ମୋବାଇଲ୍ କଲ୍ ରେକର୍ଡ ଯାଞ୍ଚ କରିବା ପରେ ଅଭିଯୁକ୍ତ ଶୀତୁର ଲିଙ୍କ୍ ଥୁବା ଜାଣିବାକୁ ପାଇଥୁଲା ପୁଲିସ। ସିତୁର ବ୍ୟାଙ୍କ୍ ଆକାଉଣ୍ଟରେ କୋଟି କୋଟି ଟଙ୍କା ନେଣଦେଣ ହୋଇଥୁବା ପୁଲିସ ଅନୁସନ୍ଧାନରେ ଜଣାପଡିବା ପରେ ଅଭିଯୁକ୍ତକୁ ଧରିବାକୁ ଯୋଜନା କରିଥିଲା। ଅଭିଯୁକ୍ତ ସିତୁ ବ୍ରହ୍ମପୁରରୁ ପୁରୀ ପର୍ଯ୍ୟନ୍ତ ଆଇପିଏଲ୍ ଗ୍ୟାକେଟ୍ ବେଟିଂ ଜାଲ ବିଛାଇଛି। ସେ ଅନେକ ସମୟରେ ବ୍ରହ୍ମପୁରରେ ମଧ୍ୟ ରହୁ ନଥିଲା। ବାହାର ରାଜ୍ୟରେ ସେ ଆତ୍ମଗୋପନ କରି ରହୁଥିବାବେଳେ ପୁଲିସ ତାକୁ ଟ୍ରାକିଂ କରି ଅପେକ୍ଷା କରିଥୁଲା ଓ ବ୍ରହ୍ମପୁରରୁ ଶୀତୁଙ୍କୁ ପୁଲିସ ଉଠାଇ ନେବା ପରେ ବ୍ରହ୍ମପୁରର ବୁକି ମହଲରେ ଭୟର ବାତାବରଣ ଦେଖିବାକୁ ମିଳିଛି। ଏହାସହ କିଛି ବୁକି ସହର ଛାଡ଼ି ବାହାରକୁ ପଳେଇଯାଇଥିବା ଚା ଖଟିରେ ଚର୍ଚ୍ଚା ଜୋର ଧରି। ପୁଲିସ ବର୍ତ୍ତମାନ ଶୀତୁ ଠାରୁ ମିଳିଥିବା ତଥ୍ୟକୁ ଆଧାର କରି ତଦନ୍ତ ଜାରି ରଖିଛି।




ନମସ୍ତେ ଗ୍ରୁପର ମୁଖ୍ୟ ଥିଲା ଶୀତୁ

### ବାଣ ଭିଡ଼ିବା ବେଳେ ବିସ୍ଫୋରଣ

## ପୁଅ ମୃତ; ବାପା, ମାଆ ଗୁରୁତର

ସାନଖେମୁଣ୍ଡି ୨୪।୬ (ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ସିଙ୍ଗିପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଘରେ ବାଣ ଭିଡୁଥିବା ବେଳେ ବିସ୍ଫୋରଣ ଘଟି ପୁଅର ମୃତ ହୋଇଥିବା ବେଳେ ବାପା



ମାଆ ଗୁରୁତର ହୋଇଥିବା ନିଜର ଘର ସମ୍ପୂର୍ଣ ଭାଙ୍ଗିଯିବା ସହ ପଡ଼ିଶା ଘର କାନ୍ଥ ମଧ୍ୟ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ମୃତକ ପୁଅ ଜଣଙ୍କ ହେଲେ ସିଙ୍ଗିପୁର ଗ୍ରାମର ଆକାଶ ଦାସ (୨୧), ଗୁରୁତର ବାପା ଜଣଙ୍କ ହେଲେ ସନ୍ତୋଷ ଦାସ ଓ ମାଆ ବିଷ୍ଣୁ ପ୍ରିୟା ଦାସ। ସୂଚନା ମୁତାବକ ବୁଧବାର ସନ୍ଧ୍ୟାରେ ସନ୍ତୋଷ ଦାସଙ୍କ ପରିବାର ଘରେ ଥିବା ବେଳେ ହଠାତ୍ ଘରେ ଥିବା ବାଣ ଗୁଡିକ ଫୁଟି ଯାଇଥିଲା ଫଳରେ ଘରେ ଥିବା ଆକାଶ ଦାସଙ୍କ ମୃତ ହୋଇଥିବା ବେଳେ ତାଙ୍କ ବାପା ସନ୍ତୋଷ ଦାସ ଓ ମାଆ ବିଷ୍ଣୁ ପ୍ରିୟା ଦାସ ଗୁରୁତର ଆହତ ହୋଇଥିଲେ ଏବଂ ଘରର

### ଉଡ଼ିଗଲା ଘର, ଭାଙ୍ଗିଲା ପଡ଼ିଶା କାନ୍ଥ

ଚାଳ ଛପର ସମ୍ପୂର୍ଣ ଉଡ଼ି ଯାଇଥିବା ବେଳେ ପଡ଼ିଶା ଘର କାନ୍ଥ ମଧ୍ୟ ଭାଙ୍ଗି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଖବର ପାଇ ପାଟପୁର ପୋଲିସ ଆହତ ଓ ମୃତକକୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ। ଘଟଣା ସ୍ଥଳରେ ପାଟପୁର ପୋଲିସ ପହଞ୍ଚି ତଦନ୍ତ କରୁଥିବା ଦେଖିବାକୁ ମିଳିଛି। ସନ୍ତୋଷ ଦାସ ଘରେ ବାଣ ତିଆରି କରି ବିକ୍ରି କରୁଥିବା ବେଳେ ବାଣ ଭିଡୁଥିବା ସମୟରେ ଏଭଳି ଘଟଣା ଘଟିଥିବା ଗ୍ରାମରେ ଆଲୋଚନା ହେଉଛି।

### ତଦନ୍ତରେ ସୀମିତ କାର୍ଯ୍ୟାନୁଷ୍ଠାନ

## ଜେଲ୍‌ବାବୁଙ୍କୁ ବାନ୍ଧିବ କିଏ ?

ଭୁବନେଶ୍ୱର ୨୪।୬ (ସମିସ): ରାଜ୍ୟର ଜେଲ୍ ବିଭାଗକୁ ଶନି ଦଶା ପଡ଼ିଛି। କେତେବେଳେ ପାଚେରି ଡେଇଁ କଏଦୀ ଫେରାର ହୋଇ ଯାଉଛନ୍ତି ତ ଆଉ କେତେବେଳେ ଗ୍ୟାଙ୍ଗଷ୍ଟରର ଗାଡ଼ି ଜେଲ୍ ଭିତରକୁ ପଶୁଛି। ପୁଣି କେତେବେଳେ ନିଶା ବଟିକା ଓ କଫସିରପ୍ ଖାଇ ଅଧ ଡଜନ ଅନ୍ତେବାସୀ ଅସୁସ୍ଥ ହୋଇ ଯାଉଛନ୍ତି। ଏଇଭଳି ଅଘଟଣ ଜେଲ୍ ସୁରକ୍ଷାରେ ତ୍ରୁଟି ପରିଲକ୍ଷିତ ହେଉଥିବା ସ୍ପଷ୍ଟ ହୋଇଛି। ବାରମ୍ବାର ତ୍ରୁଟି ସାମ୍ନାକୁ ଆସୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ କେବଳ 'ତଦନ୍ତ' ମଧ୍ୟରେ ସୀମିତ ରହିଯାଉଛି। ଆଉ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ତଦନ୍ତ ରିପୋର୍ଟ ପାଇ ମଧ୍ୟ ମୁଖିଆ ଚୁପ୍ ବସିଛନ୍ତି। କେବଳ ଘଟଣା ଉପରୁ ନଜର ହଟାଇବା ଲାଗି ସମୟ ସମୟରେ ତଳିଆ କର୍ମଚାରୀଙ୍କୁ ବଳି ପକାଇ ଦିଆଯାଉଥିବା ବେଳେ ବଡ଼ବଡ଼ିଆଙ୍କ ଦେହରେ କେହି ଟିପ ମାରୁନାହାନ୍ତି ।

ଖୋର୍ଦ୍ଧା ଜେଲରେ ନିଶା କାରବାର ଖବରପାଇ ଗତମାସ ୨୭ ତାରିଖ ଦିନ ଜେଲ୍ ବିଭାଗର ବରିଷ୍ଠ ଅଧିକାରୀମାନେ ଚଢ଼ଉ କରିଥିଲେ। ଅନ୍ତେବାସୀ ରହୁଥିବା ବିଭିନ୍ନ ୱାର୍ଡରୁ ବିପୁଳ ପରିମାଣର ବ୍ରାଉନସୁଗର ଓ ମୋବାଇଲ ଫୋନ୍ ଜବତ କରିଥିଲେ। ବେଆଇନ ବ୍ରାଉନସୁଗର ଜବତ ହୋଇଥିଲେ ମଧ୍ୟ ଜେଲ୍ ପକ୍ଷରୁ ସ୍ଥାନୀୟ ଥାନାରେ ଏତଲା

- ସବୁ ଦେଖି ନିରବ ରହୁଛନ୍ତି ବିଭାଗୀୟ ମୁଖିଆ
- ବଡ଼ବଡ଼ିଆଙ୍କୁ ସୁରକ୍ଷା ପାଇଁ ତଳିଆ କର୍ମଚାରୀଙ୍କୁ ବଳି

ଦିଆଯାଇନଥିଲା। କେବଳ ଘଟଣାରୁ ନଜର ହଟାଇବାକୁ ୨ ଜଣ ତଳିଆ ଅଧିକାରୀଙ୍କୁ ଅନ୍ୟ ଜେଲକୁ ବଦଳି କରି ଦିଆଯାଇଥିଲା। ପାଣିକୋଇଲି ଅଳଙ୍କାର ଦୋକାନ ଲୁଟ୍ ଓ ହତ୍ୟା ଘଟଣାର ଅଭିଯୁକ୍ତ ମଧୁକାନ୍ତ ରଣା ଓ ରାଜା ସାହାଣୀ ଗତବର୍ଷ ଅକ୍ଟୋବର ୩ ତାରିଖ ରାତିରେ ଚୌଦ୍ୱାର ଜେଲ୍ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ବିଭାଗର ନିର୍ଦ୍ଦେଶ କ୍ରମେ ଜେଲ୍ ଡିଆଇଜି ବିଭାଗୀୟ ତଦନ୍ତ କରି ଦାଖଲ କରିଥିବା ରିପୋର୍ଟରେ ସାଙ୍ଘାତିକ କଥା ଉଲ୍ଲେଖ କରିଥିଲେ। ପୂର୍ବରୁ ମଧୁକାନ୍ତ ଓ ରାଜା ପୂର୍ବରୁ ମଧ୍ୟ ଜେଲରୁ ଖସିଯିବା ପାଇଁ ଉଦ୍ୟମ କରିଥିବା ଚୌଦ୍ୱାର ଜେଲ୍ କର୍ତ୍ତୃପକ୍ଷ ଜାଣିଥିଲେ। ଖାଲି ଜାଣି ନ ଥିଲେ, ସେମାନେ ରହୁଥିବା ହାଇ ସିକ୍ୟୁରିଟି ସେଲ୍ କାନ୍ଥରେ ୮/୯ ଇଞ୍ଚର ଗାତ ଠାବ କରିଥିବା ବେଳେ ୨ଟି ନୂଆ ଆରି, ଗୋଟିଏ ନୂଆ ବ୍ଲେଡ୍, ହାତ ତିଆରି ଛୁରି ଜବତ କରିଥିଲେ। ଘଟଣାର ପୂର୍ବଦିନ ଅର୍ଥାତ୍ ୨ ତାରିଖ ଦିନ ସକାଳେ ଜେଲର ବରିଷ୍ଠ ଅଧୀକ୍ଷକ ସୁଜିତ ରାଉଳ ମାତ୍ର ଘଣ୍ଟାକ ପାଇଁ ଅଫିସ୍ ଆସି ପୁଣି ଫେରି ଯାଇଥିଲେ। ସିସିଟିଭି କ୍ୟାମେରା ଫୁଟେଜ ଓ ଇନ୍ ଆଉଟ୍ ରେଜିଷ୍ଟରରେ ଶ୍ରୀ ରାଉଳ କରିଥିବା ଦସ୍ତଖତର ସମୟ ମେଳ ଖାଉ ନାହିଁ ବୋଲି ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଥିଲା। କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ଶ୍ରୀ ରାଉଳ ରେଜିଷ୍ଟରରେ ଦସ୍ତଖତ ଜାଲିଆତି ଭଳି ସାଙ୍ଘାତିକ ଭୁଲ୍ କରିଥିଲେ ବୋଲି ସ୍ପଷ୍ଟ ହୋଇଥିଲା। ଘଟଣାରେ ମୁଖ୍ୟ ୱାର୍ଡର ଓ ଜଣେ ୱାର୍ଡରଙ୍କୁ ନିଲମ୍ବନ କରାଯାଇଥିଲେ ମଧ୍ୟ ବରିଷ୍ଠ ଅଧୀକ୍ଷକଙ୍କ ଦେହରେ ଧୂଳି ଲାଗିନଥିଲା।

ଇଏ କେବଳ ଦୁଇଟି ଘଟଣା ନୁହେଁ, ଏପରି ଅନେକ ଉଦାହରଣ ମଧ୍ୟ ରହିଛି। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ରାଜ୍ୟ ପୁଲିସ ଅପବାଦ ମୁଣ୍ଡାଇଥିବା ବେଳେ ଅପାରଗ ଅଧିକାରୀଙ୍କ ଲାଗି ସୁରକ୍ଷା ତ୍ରୁଟି ଜେଲ୍ ବିଭାଗ ମଧ୍ୟ ବଦନାମ ହେଉଛି। ରାଜ୍ୟର ଗୋଟିଏ ପରେ ଗୋଟିଏ ଜେଲରେ ସୁରକ୍ଷା ଜନିତ ତ୍ରୁଟି ଠାରୁ ଆରମ୍ଭ କରି ବିଭିନ୍ନ ବିଶୃଙ୍ଖଳା ଲାଗି ରହିଛି। ତଳତଳିଆ କର୍ମଚାରୀଙ୍କୁ ବଳି ପକାଇ ବଡ଼ବଡ଼ିଆଙ୍କୁ ସୁରକ୍ଷା ଦିଆଯାଉଥିବାରୁ ଏହି ଧାରା ବଢ଼ିବାରେ ଲାଗିଛି।

# ‘ବିକାଶର ଧାରା, ଓଡ଼ିଶା ସାରା’ କାର୍ଯ୍ୟକ୍ରମ



ନବରଙ୍ଗପୁର,୨୪।୬ (ସମିସ): ‘ବିକାଶର ଧାର. ଓଡିଶା ସାରା’ କାର୍ଯ୍ୟକ୍ରମ ପୌରପରିଷଦ ନବରଙ୍ଗପୁର ତରଫରୁ ନବରଙ୍ଗପୁର ପୌରାଞ୍ଚଳର ତିନୋଟି ସ୍ଥାନରେ ଯଥା ପୌର ପରିଷଦ କାର୍ଯ୍ୟାଳୟ, ଅମଲା ଭବନ ଏବଂ ନୂଆ ବସଷ୍ଟାଣ୍ଡ ପାଖ ଏସ୍ୟୁଏଚ୍ ଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ପୁରୀରୁ ଆୟୋଜିତ କାର୍ଯ୍ୟକ୍ରମ ସିଧା ପ୍ରସାରଣ କରାଯାଇ ଲୋକାଭିମୁଖୀ ପ୍ରଶାସନ, ସହରାଞ୍ଚଳରେ ଉନ୍ନୟନ, ସହରାଞ୍ଚଳ ଜୀବନଧାରର ରୂପାନ୍ତରୀକରଣ କରି ବିକଶିତ ଓଡିଶା ଗଠନ କରିବା ଦିଗରେ ସହରାଞ୍ଚଳରେ ଲାଗୁ ହୋଇଥିବା ବିଭିନ୍ନ ଯୋଜନା ଗୁଡିକ ବିଷୟରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ନଗରପାଳ କୁନୁ ନାୟକ, ନିର୍ବାହୀ ଅଧିକାରୀ ଡ. ଅଶୋକ କୁମାର କର୍ଣ୍ଣ, ପାର୍ଷଦ ନଗେନ୍ଦ୍ର ପ୍ରସାଦ ପଟ୍ଟନାୟକ, ଏ. ସତୀଶ, ଶର୍ମିଷ୍ଠା ଦେଓ, ଆଇ. ମୁରୁଲି କ୍ରିଷ୍ଣା , ମମତା ମହାରଣା ଏବଂ ପୁନମ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମଟିକୁ ପୌରପାଳିକାର ମୁଖ୍ୟ ସହାୟକ ଅଜୟ କୁମାର ନନ୍ଦ,ମନୋଜ କୁମାର ପ୍ରଧାନ, ସନ୍ଦିପ୍ତ କୁମାର ସାମଲ, ସାଗରିକା ମହାକୁଡ ଏବଂ ପୌରପାଳିକାର ସ୍ବଚ୍ଛ ସାଥି, ସଙ୍ଗ ସହାୟକ ଗୋଷ୍ଠୀର ସଭ୍ୟା ଏବଂ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ଅଜିତ ନାୟକ ଏବଂ ଜ୍ୟୋତି ପରିଚ୍ଛା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ, ସମସ୍ତ କାଉନ୍‌ସିଲର, ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଗରିମା ଯୋଜନାରେ ପୌରପାଳିକାର ୩୩ ଜଣ ସଫେଇ କର୍ମଚାରୀଙ୍କୁ ପିପିଟି କିଟ୍, ବଟ୍, ହାତ ଗ୍ଲୋଭ୍ ଓ ୧୧ ଜଣଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇଥିଲା।

## ୯୯ ପ୍ରତିଶତ ଗଣନା ଫର୍ମ ଡିଜିଟାଇଜେସନ୍ ଶେଷ

# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳ ପ୍ରତିନିଧିଙ୍କ ବୈଠକ



କୋରାପୁଟ,୨୪।୬(ସମିସ): ଏସଆଇଆର କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାରେ ଆଜି ସୁଦ୍ଧା ୯୯ ପ୍ରତିଶତ ଗଣନା ଫର୍ମର ଡିଜିଟାଇଜେସନ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଜିଲ୍ଲାରେ ମୋଟ ୯,୬୬,୪୨୪ ଜଣ ଭୋଟର ଅଛନ୍ତି ଏବଂ ଅବଶିଷ୍ଟ ୧ ପ୍ରତିଶତ କାର୍ଯ୍ୟ ଗୋଟିଏ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ। ଏହି ପରିପ୍ରେକ୍ଷୀରେ ବୁଧବାର ଦିନ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୂଚନା ଦିଆଯାଇଛି ଯେ ମୋଟ ଫର୍ମ ମଧ୍ୟରୁ ୬.୨୪ ପ୍ରତିଶତ ଫର୍ମ ଅସଂଗୃହୀତ ରହିଛି। ଏଥିରେ ଅନୁପସ୍ଥିତ, ସ୍ଥାୟୀ ଭାବେ ସ୍ଥାନାନ୍ତର, ମୃତ ଏବଂ ଡୁପ୍ଲିକେଟ୍ ଭୋଟରଙ୍କ ନାମ ସାମିଲ ରହିଛି। ଏହି ଅସଂଗୃହୀତ ଫର୍ମଗୁଡିକର ସତ୍ୟାସତ୍ୟ ଯାଞ୍ଚ ପାଇଁ ୨୬ ଜୁନ୍ ପୂର୍ବରୁ ସମସ୍ତ ବୁଥରେ ବିଏଲଓ ଏବଂ ବିଏଲଏ ବୈଠକ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳଙ୍କୁ ସକ୍ରିୟ ଅଂଶଗ୍ରହଣ କରି ନିର୍ବାଚନ ତାଲିକାକୁ ତ୍ରୁଟିଶୂନ୍ୟ କରିବାରେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ଏହା ସହ ୫ ଜୁଲାଇ ଠାରୁ ୪ ଅଗଷ୍ଟ ପର୍ଯ୍ୟନ୍ତ ନୂତନ ଭୋଟରମାନେ ଫର୍ମ ୬ ପୂରଣ କରି ନିଜକୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିପାରିବେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ ଏବଂ ଡେପୁଟି କଲେକ୍ଟର ମଙ୍ଗଳ ବାସ୍କେ , ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧା ରାଣୀ ସରକାର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାବଲମ୍ବୀ ଯୁବା, ସମୃଦ୍ଧ ଓଡ଼ିଶା ସମାବେଶ



ନବରଙ୍ଗପୁର,୨୪।୬(ସମିସ): ‘ବିକାଶର ଧାରା, ଓଡ଼ିଶା ସାରା’ କାର୍ଯ୍ୟକ୍ରମର ଚତୁର୍ଥ ଦିବସ ଅବସରରେ ନବରଙ୍ଗପୁର ପୁଲିସ ପଡ଼ିଆଠାରେ ବ୍ଲକସ୍ତରୀୟ ‘ସ୍ୱାବଲମ୍ବୀ ଯୁବା, ସମୃଦ୍ଧ ଓଡ଼ିଶା ସମାବେଶ’ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ଯୋଗ ଦେଇଥିଲେ। ତାଙ୍କ ସହିତ ଜିଲ୍ଲା ସଂଯୋଜକ (ସ୍ୱାବଲମ୍ବୀ ଯୁବା) ଶତାବ୍ଦିକା ପାଲୋ, ବ୍ଲକ୍ ସଂଯୋଜକ ଦୁଲାର ନାୟକ, ନବରଙ୍ଗପୁର ବିଡିଓ ସୁନୀଲ ଖରା, ଜିଲ୍ଲା ନିଯୁକ୍ତି ଅଧିକାରୀ, ସହକାରୀ ଶିଳ୍ପ ଅଧିକାରୀ, ଶିଳ୍ପ ପ୍ରୋତ୍ସାହନ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଅତିଥିମାନେ ଉପସ୍ଥିତ ଥିଲେ। ଜିଲ୍ଲା ନିଯୁକ୍ତି ଅଧିକାରୀ ସମାବେଶର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଯୁବପିଢ଼ୀଙ୍କ ପାଇଁ ଚାଲୁଥିବା ବିଭିନ୍ନ ସରକାରୀ ଯୋଜନା ଓ ନିଯୁକ୍ତି ସୁଯୋଗ ବିଷୟରେ ସୂଚନା ପ୍ରଦାନ କରିଥିଲେ। ସହକାରୀ ଶିଳ୍ପ ଅଧିକାରୀ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ରହିଥିବା ଉଦ୍ୟୋଗ ସ୍ଥାପନ, ରୋଜଗାର ଓ ସ୍ୱରୋଜଗାରର ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି “ବିକଶିତ ଗାଁ, ବିକଶିତ ଓଡ଼ିଶା’ ବିଜିବିଓ ୨୦୨୪-୨୫ ଓ ୨୦୨୫-୨୬ ସହ ଗ୍ରାମୀଣ ଗୃହ ଯୋଜନା ୨୦୨୫-୨୬ରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ବ୍ଲକ୍‌ମାନଙ୍କୁ ପୁରସ୍କୃତ କରିଥିଲେ। ବିଜିବିଓ ୨୦୨୪-୨୫ରେ ଉମରକୋଟ ବ୍ଲକ୍ ପ୍ରଥମ ସ୍ଥାନ ଅଧିକାର ଏବଂ ୨୦୨୫-୨୬ରେ ନବରଙ୍ଗପୁର ବ୍ଲକ୍ ପ୍ରଥମ ସ୍ଥାନ ହାସଲ କରିଛି। ଗ୍ରାମୀଣ ଗୃହ ଯୋଜନା ୨୦୨୫-୨୬ରେ କୋଷାଗୁମୁଡ଼ା ବ୍ଲକ୍ ପ୍ରଥମ ସ୍ଥାନ ଅଧିକାର କରିଛି। ସେଭଳି ଜିଲ୍ଲା ପରିଷଦର ଶ୍ରେଷ୍ଠ କାର୍ଯ୍ୟଦକ୍ଷ ଅଧିକାରୀ ଭାବେ ଗ୍ରାମୀଣ ଗୃହ ଯୋଜନାର ପ୍ରୋଗ୍ରାମ ମ୍ୟାନେଜର ଦେବସ୍ମିତାଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ନବରଙ୍ଗପୁର ବିଡିଓ ସୁନୀଲ ଖରା ଧନ୍ୟବାଦ ଅର୍ପଣ କରିଥିଲେ।

# ବୈପାରୀଗୁଡ଼ା ଅଞ୍ଚଳରୁ ୧୪ ଶିଶୁ ଶ୍ରମିକ ଉଦ୍ଧାର



ବୈପାରୀଗଡ଼ା,୨୪।୬(ସମିସ): ବୈପାରୀଗୁଡା ଅଞ୍ଚଳରୁ ୧୪ ଶିଶୁ ଶ୍ରମିକ ଉଦ୍ଧାର ହୋଇଛି। ଆଜି ବୈପାରୀଗୁଡାର ବିଭିନ୍ନ ସ୍ଥାନରେ ଶିଶୁ ମଙ୍ଗଳ ସମତି, ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ପୁଲିସ ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା। ଉକ୍ତ ଅଞ୍ଚଳରେ ଗ୍ୟାରେଜ, ହୋଟେଲ, ସିମେଣ୍ଟ ଇଟା ଫେକ୍ଟ୍ରି, ରାଇସ ମିଲ, ଏବଂ ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନରେ ଚଢ଼ଉ କରି ୧୮ ବର୍ଷରୁ କମ୍ ବୟସର ମୋଟ ୧୪ ଜଣକୁ ଉଦ୍ଧାର କରାଯାଇଛି । ସେଥିମଧ୍ୟରୁ ୧୩ ଝିଅ ଓ ଜଣେ ପୁଅ ଥିବା ବେଳେ ସେମାନଙ୍କୁ କୋରାପୁଟ ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନା କରାଯାଇଛି । ଶିଶୁ ମଙ୍ଗଳ ସମିତି ନିର୍ଦ୍ଦେଶ କ୍ରମେ ଶିଶୁ ଯତ୍ନ କେନ୍ଦ୍ରରେ ଥଇଥାନ କରାଯାଇଛି। ଏହି ଚଢ଼ଉରେ ଶିଶୁ ମଙ୍ଗଳ ସମତି ସୁରେଶ କୁମାର ହୋତା, ସହକାରୀ ଶ୍ରମ ଅଧିକାରୀ ରାଜେଶ୍ୱରୀ ହିକକା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସଂଯୋଜକ ତପସ୍ୱିନୀ ପାଢ଼ୀ, ବୈପାରୀଗୁଡା ପୋଲିସ ଅଧିକାରୀ, ଶୋଭା ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ବଳରାମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିପଦସଂକୁଳ ସ୍ଥିତିରେ ଯଦି କୌଣସି ଶିଶୁ ଶ୍ରମିକ କାମ କରୁଛନ୍ତି, ତେବେ ତୁରନ୍ତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ସୂଚନା ଦେବାପାଇଁ ଅନୁରୋଧ କରାଯାଇଛି।

# ଜେସିବି ପଛକୁ ପିଟିଲା ବାଇକ୍, ଜଣେ ମୃତ

ବିଷମ କଟକ, ୨୪।୬(ସମିସ): ରାୟଗଡ଼ ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ହାଟମୁନିଗୁଡା ସଦର ପଞ୍ଚାୟତ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ବାଇକ୍ ଚାଳକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛି। ସୂଚନା ଅନୁଯାୟୀ, ହାଟମୁନିଗୁଡା ଠାରେ ମେଗା ପ୍ରକଳ୍ପ ପାଣି ପାଇପ୍ ବିଛା କାର୍ଯ୍ୟ ଚାଲୁ ରହିଥିବାରୁ ଗାଁ ନିକଟରେ କାର୍ଯ୍ୟରେ ନିୟୋଜିତ ଏକ ଜେସିବି ମେସିନ୍ ରାସ୍ତାକଡାରେ ଠିଆ ହୋଇଥିଲା। ଅମ୍ବାଦଳା ଥାନା ଯୁଗାପଦର ଗ୍ରାମର ଜାଗତ ଟାକ୍ରି ଏବଂ ରୋହିତ କୁଶଲିଆ ଆଜି ଅପରାହ୍ନରେ ବିଷମ କଟକକୁ କୌଣସି କାର୍ଯ୍ୟରେ ଆସିଥିଲେ ଏବଂ କାର୍ଯ୍ୟ ସାରି ନିଜ ଘର ଅଭିମୁଖେ ଫେରିବା ସମୟରେ ବାଇକ୍‌ଟି ଭାରସାମ୍ୟ ହରାଇ ହାଟମୁନିଗୁଡା ସବ୍‌ଷ୍ଟେସନ ନିକଟ ରାସ୍ତା କଡରେ ଠିଆ ହୋଇଥିବା ଏକ ଜେସିବି ମେସିନକୁ ପଛ ପଟୁ ପିଟି ହୋଇ ରାସ୍ତାକଡ଼କୁ ଛିଟିକି ପଡିଥିଲେ। ତେବେ ଘଟଣା ସ୍ଥଳରେ ଗାଡି ଚାଳକ ଜଗତ ଟାକ୍ରି (୧୮)ଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ରୋହିତ କୁଶୁଲିଆ (୧୬)ଙ୍କୁ ଗୁରୁତର ଆହତ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସରେ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଖବର ପାଇ ମୁନିଗୁଡା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ମୃତକଙ୍କ ପରିବାର ଲୋକଙ୍କୁ ସୂଚନା ଦେଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ମୁନିଗୁଡା ଥାନା ଅଧିକାରୀ କେଶବ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

# ଲକ୍ଷ୍ମୀପୁରରେ ଶୁଣ୍ଢି ସମାଜ ସମ୍ମିଳନୀ



ଲକ୍ଷ୍ମୀପୁର,୨୪।୬(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମାର ମିନି ଷ୍ଟାଡିୟମ୍‌ଠାରେ ଶୁଣ୍ଢୀ ସମାଜର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲକ୍ଷ୍ମୀପୁର ବ୍ଲକର ଶୁଣ୍ଢୀ ସମାଜର ସଭାପତି ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ ସମ୍ପ୍ରଦାୟର ହଜାର ହଜାର ଲୋକ ଏହି ସମ୍ମିଳନୀରେ ଯୋଗ ଦେଇ କାର୍ଯ୍ୟକ୍ରମର ମହତ ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରି ଏହା କିପରି ଆଗକୁ ସୁଦୃଢ଼ ହୋଇ ପରିଚାଳିତ ହେବ ସେ ନେଇ ବ୍ୟକ୍ତିଗତ ଭାବେ ମତ ପ୍ରଦାନ କରିବା ସହ ନିଜ ସମାଜର ଏକତା, ଶିକ୍ଷା, ସାଂସ୍କୃତିକ ଓ ଉନ୍ନତି ଦିଗରେ କାର୍ଯ୍ୟ କରିବା ପାଇଁ ବକ୍ତା ମାନେ ବକ୍ତବ୍ୟ ରଖିବା ସହ ସମାଗମ ଦେଖି ଖୁସି ବ୍ୟକ୍ତ କରିଥିଲେ। ଦଶମନ୍ତପୁର, ଲକ୍ଷ୍ମୀପୁର, ନାରାୟଣପାଟଣା, ବନ୍ଧୁଗାଁ ଓ ଅନ୍ୟାନ୍ୟ ସ୍ଥାନରୁ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇ ଭାଇଚାରାର ସମ୍ମିଳନୀକୁ ଆକର୍ଷଣୀୟ କରିଥିଲେ। ବହୁତ ଦୂରଦୂରାନ୍ତରୁ ଆସି ଏହି ସମ୍ମିଳନୀରେ ଯୋଗ ଦେବା ଦେଖି ଆୟୋଜକ ମାନେ ସେମାନଙ୍କ ପ୍ରତି ନିଜର ଶ୍ରଦ୍ଧା ବ୍ୟକ୍ତ କରିଥିଲେ। ଏହି ସମାଜ ୧୯୮୯ ମସିହାରୁ ଗଠିତ ହୋଇଛି। ପୂର୍ବ ବର୍ଷ ମାନଙ୍କ ଅପେକ୍ଷା ଚଳିତ ବର୍ଷ ଏହି ସମ୍ମିଳନୀରେ ଅଧିକ ସଂଖ୍ୟକ ଲୋକ ସାମିଲ ହୋଇଥିବା ସଭାପତି କହିଛନ୍ତି। ଶୁଣ୍ଢୀ ସମାଜ ପୂର୍ବେ କିପରି ଥିଲା, ତାର ଇତିହାସ କଣ , ସେସବୁ ବିଷୟରେ ଅତିଥି ମାନେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ ରକ୍ତଦାନ ଶିବିର ଓ ନିଜ ନିଜ ବାଡିରେ ଗଛ ଲଗାଇବାକୁ ଚାରା ମଧ୍ୟ ବଣ୍ଟନ କରାଯାଇ ଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଶୁଣ୍ଢୀ ସମାଜ କୋରାପୁଟ ଜିଲ୍ଲା ସଭାପତି ନାରାୟଣ ବିଷୋୟୀ, ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ବିକ୍ରମ କିଶୋର ସାହୁ, ସ୍ୱତନ୍ତ୍ର ଅତିଥି ଭାବେ ଜାତୀୟ ସଭାପତି ଶିବରତନ ପ୍ରସାଦ ଗୁପ୍ତା, ରାଜ୍ୟ ମୁଖ୍ୟ ଉପଦେଷ୍ଟା କଦଣ୍ଡଧର ଚୌଧୁରୀ, ଆନ୍ଧ୍ରପ୍ରଦେଶ ସଭାପତି, ବ୍ଲକ ସଭାନେତ୍ରୀ ଭବାନୀ ସାହୁ, ଜିଲ୍ଲା ମହିଳା ସଭାନେତ୍ରୀ ମମତା ଚୌଧୁରୀ ଉପସ୍ଥିତ ରହି ଥିଲେ। ଏହାକୁ ଆୟୋଜନ ପରମେଶ୍ୱର ସାହୁ, ବଳିଆ ବିଷୋୟୀ, ପ୍ରଫୁଲ୍ଲ ସାହୁ, ତ୍ରିନାଥ ସହୁ ଓ ଅନ୍ୟମାନେ। ଏହି ସଭାକୁ ପରିଚାଳନା କରିଥିଲେ ପ୍ରିୟମ୍ବଦା ସାହୁ ପ୍ରତିମା ସାହୁ । ସମ୍ମିଳନୀରେ ପାଖାପାଖି ୩ହଜାର ଲୋକଙ୍କ ସମାଗମ ହୋଇଥିଲା।

# ୨୨ ମଇଁଷି ପରିବହନ; ଟ୍ରକ୍ ଜବତ, ଜଣେ ଗିରଫ



ମୁନିଗୁଡା, ୨୪।୬ (ସମିସ): ରାୟଗଡ଼ ଜିଲ୍ଲା ମୁନିଗୁଡା ଅଞ୍ଚଳରେ ବେଆଇନ ଭାବେ ମଇଁଷି ପରିବହନ ବେଳେ ପୁଲିସ ଏକ ଆଇଚର ଟ୍ରକ୍‌କୁ ଜବତ କରିବା ସହ ୨୨ଟି ମଇଁଷି ଉଦ୍ଧାର କରିଛି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପୁଲିସ ସୂଚନା ଅନୁଯାୟୀ, ବୁଧବାର ଏକ ଆଇଚର ଟ୍ରକ୍ (ନଂ. ସିଜି ୧୪ଏମ୍‌ଏସ୍୯୭୨୫ କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଟ୍ରକ୍‌ରେ ୨୨ଟି ମଇଁଷିକୁ ବେଆଇନ ଭାବେ ପରିବହନ କରାଯାଉଥିବା ଜଣାପଡ଼ିଥିଲା। ଏହାପରେ ପୁଲିସ ଗାଡ଼ି ସହ ୨୨ଟି ମଇଁଷିକୁ ଜବତ କରିଥିଲେ। ଏହି ଘଟଣାରେ ମୁନିଗୁଡା ଥାନା କେସ୍ ନଂ. ୧୮୬/୨୦୨୬ ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଘଟଣାରେ ସମ୍ପୃକ୍ତ ଉତ୍ତର ପ୍ରଦେଶର ବାସିନ୍ଦା ଜିତେନ୍ଦ୍ର କୁମାରଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାର ଅଧିକ ତଦନ୍ତ ମୁନିଗୁଡା ପୁଲିସ ପକ୍ଷରୁ ଜାରି ରହିଥିବା ସୂଚନା ମିଳିଛି।

# ‘ବିକାଶର ଧାରା, ଓଡ଼ିଶା ସାରା’ କାର୍ଯ୍ୟକ୍ରମ



ସୁନାବେଡ଼ା,୨୪।୬(ସମିସ); ସୁନାବେଡ଼ା ପୌରପରିଷଦ ସଭା ଗୃହରେ ରାଜ୍ୟ ସରକାର ଙ୍କ ଗତ ଦୁଇ ବର୍ଷରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସୁନାବେଡା ପୌର ଉପାଧ୍ୟକ୍ଷ ରତ୍ନୁ କଣ୍ଡା, ସାଂସଦ ପ୍ରତିନିଧି ପ୍ରଶାନ୍ତ କର, ପୌରପାଳିକା ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ, ସିଡ଼ିପିଓ ନଳିନୀ ବେହେରା , ପୌର ପରିଷଦର କାଉନ୍‌ସିଲର ବୃନ୍ଦ, ଅଙ୍ଗନବାଡି କର୍ମୀ, ସ୍ୱଚ୍ଛ ସାଥୀ, ସ୍ଥାନୀୟ ବିଜେପି କର୍ମୀ ପ୍ରମୁଖ ଯୋଗ ଦେଇ ଓଡ଼ିଶାରେ ଦୁଇ ବର୍ଷରେ ହୋଇଥିବା ବିଭିନ୍ନ ବିକାଶ ସମ୍ପର୍କରେ ଏବଂ ସରକାରଙ୍କ ଯୋଜନା ଗୁଡିକୁ ପ୍ରସାର ଓ ପ୍ରଚାର କରି ଲୋକଲୋଚନକୁ ଆଣିବା ପାଇଁ ମତବ୍ୟକ୍ତ କରିଥିଲେ। ପୌର ପରିଷଦର ବରିଷ୍ଠ କର୍ମଚାରୀ ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।

# ଡବଲ ଇଞ୍ଜିନ ସରକାରର ଇଞ୍ଜିନ ଅଭାବ : ପ୍ରଦୀପ ମାଝୀ




ନବରଙ୍ଗପୁର,୨୪।୬(ସମିସ): ଡବଲ ଇଞ୍ଜିନ ସରକାରର ଅପାରଗତାରେ ଆଉ ଏକ ସମ୍ବେଦନଶୀଳ ପ୍ରସଙ୍ଗ ଭତ୍ତା ବିତରଣ ବନ୍ଦ ଘଟଣା ଯୋଡ଼ି ହୋଇ ଯାଇଛି। ଡବଲ ଇଞ୍ଜିନ ସରକାରର ଇଞ୍ଜିନ ଅଭାବ ହେଇଛି ବୋଲି କଟାକ୍ଷ କରିଛନ୍ତି ପୂର୍ବତନ ସାଂସଦ ପ୍ରଦୀପ ମାଝୀ। ସାମ୍ବାଦିକ ସମ୍ମିଳନୀରେ ପ୍ରଦୀପ ଅଭିଯୋଗ କରିଛନ୍ତି ଯେ, ନବରଙ୍ଗପୁର ଜିଲ୍ଲା ଜିରୋ ଡିଷ୍ଟ୍ରିକ୍ଟ ରୂପେ ପରିଗଣିତ ହେଲାଣି। ବେକାର ସମସ୍ୟା ବୃଦ୍ଧି ସହ ଗତ ଦୁଇ ବର୍ଷ ଧରି ଏନ୍‌ଆର୍‌ଜିଏସ ଯୋଜନାକୁ ବନ୍ଦ କରାଯାଇ ଦାଦନକୁ ପ୍ରୋତ୍ସାହିତ କରାଯାଇଛି। ଏଭଳି ସ୍ଥଳେ ଏନ୍‌ଏସଏପି ଯୋଜନାର ହିତାଧିକାରୀଙ୍କୁ ଗତ ୩ ମାସ ଧରି ପେନ୍‌ସନ ବନ୍ଦ କରାଯାଇଛି। ଏହି ଯୋଜନାରେ ଜିଲ୍ଲାରେ ୧୬୫୬ ଜଣ ଦିବ୍ୟାଙ୍ଗ, ୧୭୧୩୦ ଜଣ ବିଧବା ଓ ୫୦୮୪୬ ଜଣ ବାର୍ଦ୍ଧକ୍ୟ ଭତ୍ତା ପାଉଥିଲେ। ତେବେ ଗତ ୩ ମାସ ଧରି ଏହି ଭତ୍ତା ଟଙ୍କା ଦିଆଯାଇ ନାହିଁ। ବିଡ଼ମ୍ବନାର ବିଷୟ ପୂର୍ବ ସରକାରଙ୍କ ସମୟରେ ସରକାର କର୍ମଚାରୀ ମାନଙ୍କୁ ଟାର୍ଗେଟ ଦେଉଥିଲେ। କର୍ମଚାରୀ ମାନେ ପ୍ରତି ମାସ ଭତ୍ତା ପାଇବାକୁ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଚିହ୍ନଟ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରୁଥିଲେ। ବର୍ତ୍ତମାନ ୬୦୦୦ ଜଣ ପେନସନ ପାଇଁ ପୋର୍ଟାଲରେ ଆବେଦନ କରି ଅପେକ୍ଷା

### ଭତ୍ତା ଟଙ୍କା ଦେବାକୁ ଅକ୍ଷମ

କରୁଛନ୍ତି। ସେଥି ମଧ୍ୟରୁ କେବଳ ୩୦୦ ଜଣ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜଣେ ହିତାଧିକାରୀଙ୍କ ମୃତ୍ୟୁ ଘଟିଲେ ହିଁ ତାଙ୍କ ସ୍ଥାନରେ ଅନ୍ୟ ହିତାଧିକାରୀ ପେନସନ ପାଇବେ। ଏଭଳି ଅଜବ ନିୟମକୁ ତୁରନ୍ତ ବନ୍ଦ କରିବା ସହ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ପେନସନ ବିତରଣ କରିବା ପାଇଁ ସେ ଦାବି କରିଛନ୍ତି। ପେନସନ ନ ପାଇ ଭୋକ ଉପାସରେ ହଇରାଣ ହେଉଥିବା ଜଣେ ବୃଦ୍ଧା ମହିଳାଙ୍କୁ ସମ୍ମିଳନୀରେ ଯୋଗ ଦେଇ ନିଜ ସମସ୍ୟା ସମ୍ପର୍କରେ ଗଣମାଧ୍ୟମ ସାମ୍ନାରେ ଉପସ୍ଥାପନ କରିଥିଲେ। ବବିତାଙ୍କ ଅଭିଯୋଗ ଅନୁଯାୟୀ ପାପଡ଼ାହାଣ୍ଡି ବ୍ଲକ ବେତଝରନ ଗ୍ରାମର ବବିତା ବିଷୋୟୀ ଜଣେ ସରକାରୀ କର୍ମଚାରୀଙ୍କ ବିଧବା ପତ୍ନୀ। ୧୦ ବର୍ଷ ପୂର୍ବେ ତାଙ୍କ ସ୍ୱାମୀ ପଦ୍ମନ ବିଷୋୟୀ ଭିଏଲଡବ୍ଲ୍ୟୁ ରୂପେ କାର୍ଯ୍ୟରତ ରହିଥିବା ବେଳେ ମୃତ୍ୟୁବରଣ କରିଥିଲେ। ତେବେ ଏ ପର୍ଯ୍ୟନ୍ତ ତାଙ୍କ ସ୍ତ୍ରୀ ବବିତାଙ୍କୁ ସରକାରଙ୍କ ପକ୍ଷରୁ ନା ପେନସନ ନା ପୁନର୍ବାସ ଥଇଥାନ ସ୍କିମ୍‌ରେ କୌଣସି ଚାକିରି ପ୍ରଦାନ କରାଯାଇନାହିଁ। ଝିଅକୁ ବାହା ଦେବା ପରେ ଭତ୍ତା ୧୦୦୦ ଟଙ୍କା ଚଳିବା ପାଇଁ ସାହା ଥିଲା। ବର୍ତ୍ତମାନ ୩ ମାସ ଧରି ଟଙ୍କା ନପାଇ ଭୋକ ଉପାସରେ ହଇରାଣ ହେଉଛନ୍ତି। ଆଗାମୀ ୭ଦିନ ମଧ୍ୟରେ ତାଙ୍କ ପେନସନ ସମେତ ସ୍ୱାମୀଙ୍କ ମୃତ୍ୟୁ ଉପରାନ୍ତେ ମିଳିବାକୁ ଥିବା ଚାକିରି ନହେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ସ୍ପଷ୍ଟ କରିଛନ୍ତି। ଏହି ଆନ୍ଦୋଳନକୁ ବିଜେଡ଼ି ପୂର୍ଣ୍ଣ ସମର୍ଥନ କରିବ ବୋଲି ପ୍ରଦୀପ ମାଝୀ ଘୋଷଣା କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରଧାନୀ, ମହିଳା ସଭାନେତ୍ରୀ ମଞ୍ଜୁଳା ମାଝୀ, ନଗର ସଭାପତି ପ୍ରମୋଦ ରଥ, ୧୪ ନମ୍ବର କାଉନ୍‌ସିଲର ନଗେନ୍ଦ୍ର ପଟ୍ଟନାୟକ, କୁନା ପାଢ଼ୀ, ଭୀମ ହରିଜନ ଓ ଉତ୍ତମ ତ୍ରିପାଠୀ ପ୍ରମୁଖ ନେତୃମଣ୍ଡଳୀ ମାନେ ଉପସ୍ଥିତ ରହିଥିଲେ।

# ଏସ୍‌ଆଇଆର୍ କାର୍ଯ୍ୟର ଅନୁଧ୍ୟାନ କଲେ ଉପଜିଲ୍ଲାପାଳ



ଗୁଣୁପୁର,୨୪।୬(ସମିସ): ଗୁଣୁପୁର ପୌରପରିଷଦର ୧୯ଟି ୱାର୍ଡରେ ଚାଲିଥିବା ଏସ୍‌ଆଇଆର୍ କାର୍ଯ୍ୟର ଅଗ୍ରଗତିକୁ ନେଇ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପ୍ ବିଭିନ୍ନ ୱାର୍ଡ ପରିଦର୍ଶନ କରି ଅନୁଧ୍ୟାନ କରିଛନ୍ତି। ପରିଦର୍ଶନ ସମୟରେ ସେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନଙ୍କ ସହ ଆଲୋଚନା କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ବିଏଲ୍‌ଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅନୁଧ୍ୟାନ କାର୍ଯ୍ୟକ୍ରମରେ ଗୁଣୁପୁର ପୌରପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ଏବଂ ବିଭିନ୍ନ ୱାର୍ଡର କାଉନ୍ସିଲରମାନେ ଉପସ୍ଥିତ ଥିଲେ।

## ନବାଗତଙ୍କୁ ସହଯୋଗ ପାଇଁ ଛାତ୍ର ଓ ଯୁବ ବିଜେଡିର ପଦକ୍ଷେପ

# ସରକାରୀ ମହାବିଦ୍ୟାଳୟରେ ହେଲ୍ପ ଡେସ୍କ ଆରମ୍ଭ

କୋରାପୁଟ,୨୪।୬(ସମିସ):




ନବାଗତ ଛାତ୍ରଛାତ୍ରୀ ମାନଙ୍କୁ ସହାୟତା ଯୋଗାଇ ଦେବା ନିମନ୍ତେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ସରକାରୀ ଡିଏଭି ମହାବିଦ୍ୟାଳୟ ସମ୍ମୁଖରେ ହେଲ୍ପ ଡେସ୍କ ଆରମ୍ଭ କରାଯାଇଛି। ଛାତ୍ର ବିଜେଡି ଜିଲ୍ଲା ସଭାପତି ଫିରୋଜ ପଡ଼ାଲଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହେଲ୍ପ ଡେସ୍କ ଶୁଭାରମ୍ଭ କରିଥିଲେ। ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା, କୋରାପୁଟ ପୌର ଅଧକ୍ଷ ଲଲାଟ ରଞ୍ଜନ ସେଠୀ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପ୍ରତି କଲେଜ ସମ୍ମୁଖରେ ଏଭଳି ହେଲ୍ପ ଡେସ୍କ ଖୋଲା ଯାଇ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଗ୍ରହଣ ସମ୍ପର୍କରେ ସଚେତନ କରାଇବେ ବୋଲି ଛାତ୍ର ବିଜେଡି ସଭାପତି କହିଛନ୍ତି। ଛାତ୍ରଛାତ୍ରୀ ଯେଭଳି ଠିକ୍ ପାଠ୍ୟକ୍ରମ ଚୟନ କରି ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଢି ପାରିବେ, ସେ ଦିଗରେ ଯୁବ ବିଜେଡ଼ି ସଭାପତି ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନ୍ସିଲର କାଦମ୍ବିନୀ ସେଠୀ, ଦୀପଶିଖା କୁଲୁ, ଲେହା ପ୍ରଧାନ, ସୁଭଦ୍ରା ମୁଦୁଲି, ପଦ୍ମା ମୁଦୁଲି, ତୁଳା ସୁନା, ପ୍ରଫୁଲ୍ଲ ମହାପାତ୍ର, ବିଜେଡି ବ୍ଲକ ସଭାପତି ମଣ୍ଟୁ ବେନିଆ, ବିଜେଡି ନେତ୍ରୀ ଦେବୀଶ୍ରୀ ପ୍ରଧାନ, ରୀତା ପାଣିଗ୍ରାହୀ, ଯୁବ ନେତା ଅମିତ ଖୋସଲା ପ୍ରମୁଖ ଯୋଗ ଦେଇଥିଲେ।

# ପାଇରୋଲାଇଜର ପ୍ଲାଣ୍ଟ ଦେଖି ଅସନ୍ତୋଷ ପ୍ରକାଶ କଲେ ସାଂସଦ



ଉମରକୋଟ,୨୪।୬(ସମିସ): ଶିଳ୍ପ ପ୍ରୋତ୍ସାହନ ଅଭାବରୁ ଖତ ଖାଉଛି ପାଇରୋଲାଇଜର ପ୍ଲାଣ୍ଟ । ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ପରିଦର୍ଶନରେ ଆସି ପ୍ଲାଣ୍ଟର ଅବସ୍ଥା ଦେଖି ବିରକ୍ତି ପ୍ରକାଶ କରିଛନ୍ତି । ଅବହେଳା ଯୋଗୁଁ ଅଚଳ ହୋଇପଡିଛି ପାଇରୋଲାଇଜର ପ୍ଲାଣ୍ଟ। ଶିଳ୍ପ ବିହୀନ ଅଞ୍ଚଳରେ କ୍ଷୁଦ୍ର ଶିଳ୍ପର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁଁ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଲା ଉମରକୋଟ ଠାରେ ଥିବା ପାଇରୋଲାଇଜର ପ୍ଲାଣ୍ଟ। ୨୦୨୧-୨୨ ମସିହାରୁ ୫୦ଲକ୍ଷ ଟଙ୍କା ବିନିମୟରେ ଭାରତ ବର୍ଷର ପ୍ରଥମ ଭ୍ରମ୍ୟମାଣ ପାଇରୋଲାଇଜର ପ୍ଲାଣ୍ଟ ନିର୍ମାଣ କରାଯାଇଥିଲା। ଏହା ଦ୍ୱାରା ଏଣେ ତେଣେ ପଡି ରହୁଥିବା କାଠି, କୁଟା, ପାଳ ଏବଂ ମକା ନାଡ଼ରୁ ରନ୍ଧନ ଗ୍ୟାସ, ଜୈବିକ ସାର, ପିଚୁ ଭଳି ବହୁ ସାମଗ୍ରୀ ବାହାରି ପାରିଥାନ୍ତା । ଏହି କ୍ଷୁଦ୍ର ଶିଳ୍ପରୁ କିଛି ଲୋକଙ୍କୁ ରୋଜଗାର ମଧ୍ୟ ମିଳିପାରନ୍ତା । ହେଲେ ପ୍ରଶାସନର ଅବହେଳା ଯୋଗୁଁ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଏବେ ଖତ ଖାଇଗଲାଣି। ହଠାତ୍ ନବରଙ୍ଗପୁର ସାଂସଦ ପ୍ଲାଣ୍ଟ ପରିଦର୍ଶନ କରି ସ୍ଥିତି ଦେଖି ବିରକ୍ତି ପ୍ରକାଶ କରିଥିଲେ। ଶୀଘ୍ର ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରିବା ସହ ସ୍ଥାନୀୟ ଯୁବକ-ଯୁବତୀଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଦେଖିବାକୁ ମିଳିଛି। ସାଂସଦଙ୍କ ଏହି ପରିଦର୍ଶନ ସମୟରେ ଉମରକୋଟ ଅତିରିକ୍ତ କୃଷି ଯନ୍ତ୍ରୀ ସୌରଭ ଗାଇନ, ଉମରକୋଟ ଜିଲ୍ଲା କୃଷି ଅଧିକାରୀ ନିହାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ମନ୍ତ୍ରୀ ରବି ସିଂଙ୍କ ଶ୍ରାଦ୍ଧ ଦିବସ



ଉମରକୋଟ,୨୪।୬(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରବି ସିଂ ମାଝୀଙ୍କ ପୁଣ୍ୟ ତିଥି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ୍‌ର ଚିତ୍ରକୋଟ ଠାରେ ସ୍ୱର୍ଗତ ରବି ସିଂ ଫୋଟଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇ ତାଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଛି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗଣ୍ଡ ସ୍ୱର୍ଗତ ମାଝୀଙ୍କ ଦେଶପ୍ରେମ, ସମାଜସେବା ଏବଂ ଓଡ଼ିଶାର ବିକାଶ ପ୍ରତି ତାଙ୍କର ଅତୁଳନୀୟ ଅବଦାନକୁ ମନେ ପକାଇଛନ୍ତି। ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ସ୍ୱର୍ଗତ ମାଝୀଙ୍କ ଆଦର୍ଶ, ତ୍ୟାଗ ଏବଂ ଜନକଲ୍ୟାଣକାରୀ କାର୍ଯ୍ୟ ସଦାସର୍ବଦା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଏହାସହ ଉମରକୋଟରେ ଥିବା ରବିସିଂ ମାଝୀଙ୍କ ଝରୀଗାଁ ରୋଡ଼ ସ୍ଥିତ ପ୍ରତିମୂର୍ତ୍ତିକୁ ସାଂସଦ ବଳଭଦ୍ର ମାଝୀ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବରିଷ୍ଠ ବିଜେପି ନେତ୍ରୀ ପ୍ରୀତିସ୍ନିଗ୍ଧା ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

● ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ଜିଲ୍ଲାପାଳଙ୍କ ସମୀକ୍ଷା

# ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍

ମାଲକାନଗିରି, ୨୪।୬(ସମିସ):



ଜିଲ୍ଲାରେ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ଓ ସ୍ୱଚ୍ଛ କରିବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ପ୍ରଶଂସନୀୟ ତଥା ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି। କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି-୮୮ ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ ସର୍ଦ୍ଦାରଙ୍କ ବିରୋଧରେ କର୍ତ୍ତବ୍ୟରେ ଅବହେଳା ଏବଂ ବିଦ୍ୟାଳୟ ପରିଚାଳନାରେ ଅନିୟମିତତା ଅଭିଯୋଗରେ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଛାତ୍ରଛାତ୍ରୀଙ୍କ ଉତ୍ତମ ଶିକ୍ଷାଦାନ ଏବଂ ସରକାରୀ ନିୟମର ସଠିକ୍ ଅନୁପାଳନ ତଦାରଖ କରିବା ପାଇଁ ଗତ ୨୨ ଜୁନ୍ ୨୦୨୬ ରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଏବଂ କାଲିମେଳା ବ୍ଲକ ଶିକ୍ଷା ଅଧିକାରୀ ମିଳିତ ଭାବେ ଏହି ବିଦ୍ୟାଳୟ ପରିଦର୍ଶନ କରି ସମୀକ୍ଷା କରିଥିଲେ। ସରକାରୀ ପାଣ୍ଠିର ସଠିକ୍ ବିନିଯୋଗ ଏବଂ ମଧ୍ୟାହ୍ନ ଭୋଜନର ସ୍ୱଚ୍ଛତା ଉପରେ ପ୍ରଶାସନ ସର୍ବଦା ଗୁରୁତ୍ୱ ଦେଇଆସୁଥିବା ବେଳେ ଏହି ସମୀକ୍ଷା ସମୟରେ ବିଦ୍ୟାଳୟର କ୍ୟାସବୁକ୍ ଏବଂ ରେଜିଷ୍ଟର ଉପଯୁକ୍ତ ଭାବେ ରକ୍ଷଣାବେକ୍ଷଣ କରାଯାଇ ନଥିବା ପ୍ରଶାସନିକ ଅଧିକାରୀମାନେ ଚିହ୍ନଟ କରିଛନ୍ତି। ଏହାସହ ଏସ୍‌ଏମ୍‌ସି ରେଜିଷ୍ଟରରେ ରହିଥିବା କିଛି ତ୍ରୁଟି ଏବଂ ନୂତନ ଶିକ୍ଷାବର୍ଷ ପାଇଁ ସମୟ ନିର୍ଘଣ୍ଟ ପ୍ରସ୍ତୁତିରେ ବିଳମ୍ବକୁ ଜିଲ୍ଲା ପ୍ରଶାସନ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛନ୍ତି। ବିଦ୍ୟାଳୟ ପରିବେଶକୁ ସୁନ୍ଦର ଓ ସୁରକ୍ଷିତ ରଖିବା ପାଇଁ ରହିଥିବା ନିର୍ଦ୍ଦେଶକୁ ଅବହେଳା କରି କ୍ୟାମ୍ପସରେ ଆବର୍ଜନା ଓ କାଠଗଣ୍ଡି ରଖାଯାଇଥିବାରୁ ପ୍ରଶାସନ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ଅନୁଯାୟୀ, କାଲିମେଳା ବ୍ଲକ ଶିକ୍ଷା ଅଧିକାରୀ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ୩ ଦିନ ମଧ୍ୟରେ ଲିଖିତ ସ୍ପଷ୍ଟୀକରଣ ଦେବାକୁ ଆଦେଶ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି ଯେ, ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ସନ୍ତୋଷଜନକ ଉତ୍ତର ନ ମିଳେ, ତେବେ ଓଡ଼ିଶା ସିଭିଲ୍ ସର୍ଭିସେସ୍ ରୁଲ୍ ୧୯୬୨ ଅନୁଯାୟୀ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରଶାସନର ଏହି ତ୍ୱରିତ ଓ କଠୋର ଆଭିମୁଖ୍ୟ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ସଂସ୍କାର ଆଣିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି।

## 'ବିକାଶ ଧାରା, ଓଡିଶା ସାରା' କାର୍ଯ୍ୟକ୍ରମ

ଗୁଡାରୀ,୨୪।୬ (ସମିସ): ଗୁଡାରୀ ନୂଆ ବସଷ୍ଟାଣ୍ଡ ପରିସରରେ ଗୁଡାରୀ ଏନଏସି ତରଫରୁ ସରକାରଙ୍କ "ବିକାଶ ଧାରା ଓଡିଶା ସାରା' କାର୍ଯ୍ୟକ୍ରମ ବୁଧବାର ଦିନ ଇଓ ପ୍ରଶନ୍ନ କୁମାର ପାଢିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଗୁଡାରୀ ଜିଲ୍ଲା କାର୍ଯ୍ୟକାରିଣ ସଭାପତି ରଞ୍ଜନ କୁମାର ରଥ, ଉପାଧ୍ୟକ୍ଷ ବି.ୱଗେଷା ଉପସ୍ଥିତ ରହି ପରିଷଦର ୧୦ ଜଣ ହିତାଧିକାରୀ ମୁଖ୍ୟମନ୍ତ୍ରୀ ଅର୍ଣ୍ଣପୂର୍ଣ୍ଣା ଯୋଜନା କାର୍ଡ ଏବଂ ଅଙ୍ଗନବାଡି କର୍ମୀଙ୍କୁ ୩ଟି ପୋଷଣା ଅଭିଯାନ ମୋବାଇଲ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ, ଏସ୍‌ଏଚ୍‌ଜି ଗ୍ରୁପର ମହିଳା ତଥା ବିଦ୍ୟାଳୟର ଛାତ୍ରଛାତୀ ଯୋଗ ଦେଇଥିଲେ।

# ଡ. ସବିତା ଶତପଥୀଙ୍କୁ ଗଳ୍ପ ପ୍ରତିଭା ସମ୍ମାନ



କୁନ୍ଦୁରା,୨୪।୬(ସମିସ): କୁନ୍ଦୁରା ବ୍ଲକ ସଦରର ଗାଳ୍ପିକ ଡ. ସବିତା ଶତପଥୀଙ୍କୁ ଗଳ୍ପ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ଗଞ୍ଜାମର କବିତା ଘର ଲିଟେରାରୀ ଟ୍ରଷ୍ଟ, ବ୍ରହ୍ମପୁର ତରଫରୁ ୨୦୨୬ ବର୍ଷର "ସପ୍ତମ ଗଳ୍ପ ଗଞ୍ଜାମ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି । ରେଭେନ୍ୟୁ ଡାକ ବଙ୍ଗଳା ସଭାଗୃହଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ସବରେ ବିଶିଷ୍ଟ ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ମୁଖ୍ୟବକ୍ତା ଡ. କବିତା ବାରିକ, ନିମନ୍ତ୍ରିତ ବକ୍ତା ଡ. ସ୍ମୃତି ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ଦାମୋଦର ପାତ୍ର ଓ ଦେବେନ୍ଦ୍ର କୁମାର ବାଉରୀ, ବିଦେଶୀ ନାୟକ, ରବି ରଥ, ସୁଧାଂଶୁ ଶେଖର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଡ. ରାଜେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱ ଏବଂ ଭାଗିରଥି ବେହେରାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ସୁପ୍ରତିଷ୍ଠିତ ସୁସାହିତ୍ୟିକ,କବି ଓ ଗାଳ୍ପିକଙ୍କ ଉପସ୍ଥିତିରେ ଶ୍ରୀମତୀ ଶତପଥୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

# ପେଟ୍ରୋଲ ପମ୍ପରେ ଚାଷୀଙ୍କୁ ତେଲ ଯୋଗାଇବା ପାଇଁ ଦାବି

ବୈପାରୀଗୁଡ଼ା,୨୪।୬(ସମିସ): ଚାଷୀଙ୍କ ଚିନ୍ତା ବଢ଼ାଇଲା ବ୍ୟାରେଲ୍‌ରେ ତେଲ କଟକଣା। କୋରାପୁଟ ବୈପାରୀଗୁଡା ଅଞ୍ଚଳରେ ପେଟ୍ରୋଲ ଓ ଡିଜେଲ ପାଇଁ ଚାଷୀ ହେଉଛନ୍ତି ହନ୍ତସନ୍ତ। ମୌସୁମୀ ଆସିବା ପରେ ଆରମ୍ଭ ହୋଇଛି ଚାଷ କାମ। ଏପଟେ ପେଟ୍ରୋଲ ପମ୍ପରେ ବ୍ୟାରେଲ୍‌ରେ ତେଲ ଦେବାକୁ ସମ୍ପୂର୍ଣ୍ଣ ମନା। ସେପଟେ ଚାଷୀ ଚାଷ କାମକୁ ନେଇ ଚିନ୍ତାରେ। ଏଣୁ ବାଧ ହୋଇ ଆଜି ବିଜେଡି ସଭାପତି ମୋନଜ ମହାପାତ୍ରଙ୍କ ନେତୃତ୍ୱରେ ଚାଷୀଙ୍କୁ ନେଇ ଦଳ ତରଫରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ସୁବ୍ରତ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପରେ କୋରାପୁଟ ଜିଲ୍ଲାପାଳଙ୍କ ପକ୍ଷରୁ ଜାରି ହୋଇଛି ତେଲ କଟକଣା। ବୈପାରୀଗୁଡା ବ୍ଲକରେ ୩ଟି ପେଟ୍ରୋଲ ପମ୍ପ ରହିଥିଲେ ସୁଦ୍ଧା କୌଣସି ଚାଷୀଙ୍କୁ ବ୍ୟାରେଲ୍‌ରେ ତେଲ ଦିଆଯାଉନାହିଁ । କିନ୍ତୁ କ୍ରସର ଓ ମାଇନ୍ସ କମ୍ପାନୀକୁ ତେଲ ଦିଆଯାଉଛି ବୋଲି ଅଭିଯୋଗ ହୋଇଛି । ଏବେ ଚାଷ କାମ ଆରମ୍ଭ ହୋଇଛି । ଜମିରେ ହଳ କରିବା ପାଇଁ ଚାଷୀଙ୍କୁ ଟ୍ରାକ୍ଟର କିମ୍ବା ପାୱାରଟ୍ରେଲର ପାଇଁ ତେଲ ମିଳୁନି । ଜାରକିନ ଧରି ତେଲ ଟାଙ୍କି ଆଗରେ ଘଣ୍ଟା ଘଣ୍ଟା ଠିଆ ହେଲେ ବି ଚାଷୀଙ୍କୁ ମିଳୁନି ଡିଜେଲ୍ କି ପେଟ୍ରୋଲ୍। ସେପଟେ ପମ୍ପ ପରିଚାଳକଙ୍କୁ ପଚାରିବାରୁ ସେ କହିଛନ୍ତି, ବ୍ୟାରେଲ୍‌ରେ ତେଲ ଦେଲେ ପମ୍ପ ସିଜ ହୋଇଯିବ। ଏହି ଭୟରେ ଚାଷୀଙ୍କୁ ବ୍ୟାରେଲ୍‌ରେ ତେଲ ଦେଇପାରୁନୁ। ଯାହାକୁ ନେଇ ବୈପାରୀଗୁଡାର ଚାଷୀ ମାନେ ଏକତ୍ରିତ ହୋଇଛନ୍ତି। ବ୍ୟାରେଲ୍‌ରେ ତେଲ କଟକଣାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ତତଃ ଚାଷ କାମପାଇଁ ଚାଷୀଙ୍କୁ ଦୁଇ ମାସ ପର୍ଯ୍ୟନ୍ତ ବ୍ୟାରେଲ୍‌ରେ ତେଲ ଦେବା ପାଇଁ ଦାବି କରାଯାଇଛି। ଦାବିପତ୍ର ଦେବା ସମୟରେ ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ଜିଲ୍ଲାପରିଷଦ ରାଜେଶ ମହୁରୀଆ, ଜନ ପ୍ରତିନିଧି ଓ ଦଳର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତି ଥିଲେ।



# ସେମିଳିଗୁଡାରେ 'ବିକାଶର ଧାରା, ଓଡିଶା ସାରା' କାର୍ଯ୍ୟକ୍ରମ



ସେମିଳିଗୁଡ଼ା,୨୪।୬ (ସମିସ): ଓଡିଶାର ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ସେମିଳିଗୁଡା ବସଷ୍ଟାଣ୍ଡରେ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ବିଜେପି କର୍ମୀ, ସଚେତନ ଜନସାଧାରଣ, ସାମ୍ବାଦିକ ଯୋଗ ଦେଇଥିଲେ। ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ଏଲଇଡି ପରଦାରେ ସରକାରଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମକୁ ସମସ୍ତେ ଦେଖିଥିଲେ। ଦୁଇ ବର୍ଷରେ ସରକାରଙ୍କ ଉପଲବ୍ଧ ବିଷୟରେ ବିସ୍ତୃତ ବିବରଣୀ ପ୍ରଦର୍ଶନ କରାଯାଇଥିଲା। ଏଥିରେ ସହରାଞ୍ଚଳର ରୂପାନ୍ତିକରଣ, ଜୀବନଧାରାର ବିକାଶ, ପ୍ରତ୍ୟେକ ନାଗରିକଙ୍କ ନିକଟରେ ମୌଳିକ ସେବା, ପିଏମ୍ ସ୍ୱନିଧି ଯୋଜନା, ସୁରକ୍ଷିତ ପାନୀୟଜଳ ଓ ଗୋଷ୍ଠୀ ସହଭାଗିତା,ସୃଜଳ, ମିଶନ ଶକ୍ତି ପ୍ରଭୃତି ବିଷୟରେ ବିସ୍ତୃତ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର, ସେମିଳିଗୁଡା କଲେଜ ଅଧ୍ୟକ୍ଷା ଡକ୍ଟର ଝାନସୀ ସିଂ, ବିଶିଷ୍ଟ ଶିକ୍ଷାବିତ ପ୍ରାଧ୍ୟାପକ ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ର, ମଣ୍ଡଳ ସଭାପତି ଟୁନା ଖରା, ବିଜେପି ନେତା ଓ କର୍ମୀ ପ୍ରମୁଖ ବିଭିନ୍ନ ହିତାଧିକାରୀଙ୍କୁ ଯୋଜନାର ପ୍ରମାଣପତ୍ର ପ୍ରଦାନ କରିଥିଲେ।

# 'ମା' କେ ନାମ ଏକ୍ ପେଡ୍' କାର୍ଯ୍ୟକ୍ରମ

ଉମରକୋଟ/ରାଇଘର,୨୪।୬ (ସମିସ): ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ମା' କେ ନାମ ଏକ ପେଡ୍' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରକୃତିର ସୁରକ୍ଷା ସହିତ ନିଜ ମାଆଙ୍କ ପ୍ରତି ସମ୍ମାନ ଓ ଭାବପ୍ରବଣତାକୁ ଯୋଡ଼ିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ନିଜ ମାଆଙ୍କ ସ୍ମୃତିରେ ବା ତାଙ୍କ ସମ୍ମାନରେ ସମସ୍ତେ ଗୋଟିଏ ଗଛ ଲଗାଇବା ପାଇଁ ଏଥିରେ ଆହ୍ୱାନ କରାଯାଇଛି। ଆମ ଜୀବନରେ ମାଆ ଏବଂ ପ୍ରକୃତି (ଧରିତ୍ରୀ ମାତା) ଉଭୟଙ୍କର ସ୍ଥାନ ସବୁଠୁ ଉପରେ। ତେଣୁ ମାଆଙ୍କ ନାମରେ ଗଛଟିଏ ଲଗାଇଲେ, ଲୋକମାନେ ସେହି ଗଛର ଯତ୍ନ ନିଜ ମାଆଙ୍କ ଭଳି ହିଁ ନେବେ। ଏହି ଅଭିଯାନ ମାଧ୍ୟମରେ ସାରା ଦେଶରେ କୋଟି କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି, ଯେଉଁଥିରେ ସାଧାରଣ ଜନତା, ସେଲିବ୍ରିଟି ଏବଂ ସରକାରୀ ସଂସ୍ଥାମାନେ ସାମିଲ ହେଉଛନ୍ତି। ଆଜି ମନ୍ତ୍ରୀ ଶ୍ରୀ ଗଣ୍ଡ ରାଇଘର ବ୍ଲକ୍ ଠାରେ 'ମା'କେ ନାମ ଏକ ପେଡ୍' କାର୍ଯ୍ୟକ୍ରମରେ ଯୋଗ ଦେଇ ଚାରାରୋପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସାଂସଦ ବଳଭଦ୍ର ମାଝୀ ଯୋଗ ଦେଇ ଚାରାରୋପଣ କରିଥିଲେ।




# ମା' ଲଡ଼କାନି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



କୁନ୍ଦୁରା,୨୪।୬(ସମିସ): କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତ ଶିରାଗୁଡ଼ାଠାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଜୁ ଜନତା ଦଳ ବ୍ଲକ ସଭାପତି ବୃନ୍ଦାବନ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା କନକ ଲତା ପେଣ୍ଟିଆ, ରାଜ୍ୟ ନିଖିଳ ଉକ୍ରଳ ପ୍ରାଥମିକ ଶିକ୍ଷକ ସଂଘ ଆଞ୍ଚଳିକ ସମ୍ପାଦକ ତ୍ରିନାଥ ହରିଜନ, ନାଏବ ସରପଞ୍ଚ ରାମସିଂ ଗୌଡ଼, ପୂର୍ବତନ ସରପଞ୍ଚ ସୁରେଶ ମାଝୀ, କୁନ୍ଦୁରା ସରପଞ୍ଚ ଲବ ପରଜା,ଜିଜେଡି ଯୁବ ସଭାପତି ବିକ୍ରମ କୁମାର ବେହେରା, ମିଡିଆ ସେଲ ସଭାପତି ଧନୁର୍ଯ୍ୟ ଗଣ୍ଡା,ମହିଳା ସଭାନେତ୍ରୀ ଦମୟନ୍ତୀ ମଲ୍ଲିକ, ବୁଦ୍ଧିଜୀବୀ ମତିରାମ ନାୟକ, ମନୋହର ଦୁରୁଆ ଏବଂ ସମାଜ ସେବୀ ସୁରେନ୍ଦ୍ର ସଗରିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଗତ ୩ ତାରିଖରୁ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ଆଜି ଫାଇନାଲ ମ୍ୟାଚରେ କେରମେଟି ଓ ଶିରାଗୁଡ଼ା ଦଳ ଖେଳିଥିଲେ। କେରମେଟି ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭର ଖେଳ ମଧ୍ୟରୁ ୧୦ ଓଭରରେ ସମସ୍ତ ୱିକେଟ ହରାଇ ୧୦୫ ରନ୍ ସଂଗ୍ରହ କରିଥିଲେ। ଶିରାଗୁଡ଼ ଦଳ ମଧ୍ୟ ୧୨ ଓଭର ଖେଳ ସମାପ୍ତ କରି ପାରି ନ ଥିଲେ। ୧୦ ଓଭରରେ ୫୬ ରନ୍ ସଂଗ୍ରହ କରି ସମସ୍ତ ୱିକେଟ ହରାଇଥିଲେ ଓ ଅତିଥି ମାନଙ୍କ ଦ୍?ାରା ଚାମ୍ପିଅନ୍ କେରମେଟି ଦଳକୁ ଟ୍ରଫି ସହ ୯ ହାଜର ଓ ରନର୍ସ ଶିରାଗୁଡ଼ା ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମକୁ ଯୁବ ଖେଳାଳୀ ଅଭି ସାନ୍ତା ପରିଚାଳନା କରିଥିଲେ। କମଲୁ ଦୁରୁଆ, ମୁନୁ ହରିଜନ, ସୁବାଷ ଦୁରୁଆ, ପିଣ୍ଟୁ ହରିଜନ, ରାମଧର ଦୁରୁଆ ଏବଂ ଲଚ୍ଛିମ ଦୁରୁଆ ଟୁର୍ଣ୍ଣାମେଣ୍ଟ ଆୟୋଜନ ଓ ପରିଚାଳନା କରିଥିଲେ।

# ଗ୍ୟାଙ୍ଗ ଅଫ୍ ଶାନ୍ତିଛକ ଚାମ୍ପିଅନ୍; ଅନାଯୋଡି ରନର୍ସ

ମୁନିଗୁଡ଼ା, ୨୪।୬ (ସମିସ):






ମୁନିଗୁଡ଼ା ବ୍ଲକ ଅମ୍ବାଦଳା ଅନ୍ତର୍ଗତ ଶାନ୍ତିଛକ ଓ ଅନଯୋଡି ଗ୍ରାମରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଆଖପାଖ ଅଞ୍ଚଳର ବହୁ ଦଳ ଅଂଶଗ୍ରହଣ କରି ନିଜ ଖେଳ କୌଶଳ ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୁବ ନେତା ଧୀରେନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ପ୍ରସାଦ, ଦେବି ପ୍ରସାଦ ମୁଖାର୍ଜୀ, ସୁବାସ ସେନାପତି ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଗ୍ୟାଙ୍ଗ ଅଫ୍ ଶାନ୍ତିଛକ ଚାମ୍ପିଅନ୍; ଅନାଯୋଡି ରନର୍ସ ହୋଇଥିଲା। ଖେଳାଳିମାନଙ୍କ ଆକର୍ଷଣୀୟ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ଦର୍ଶକମାନଙ୍କୁ ବେଶ ମନୋରଞ୍ଜନ ଯୋଗାଇଥିଲା। ବିଜେତା ଓ ରନର୍ସଅପ୍ ଦଳକୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି, ନଗଦ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ସ୍ଥାନୀୟ ଜନପ୍ରତିନିଧି, ସମାଜସେବୀ, କ୍ରୀଡ଼ାପ୍ରେମୀ ଏବଂ ବହୁ ସଂଖ୍ୟକ ଦର୍ଶକ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ଓ ଯୁବପିଢ଼ିଙ୍କୁ ନିଶାମୁକ୍ତ ରଖିବା ଉଦ୍ଦେଶ୍ୟରେ ଏଭଳି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଥିବା ବୋଲି ଆୟୋଜକମାନେ ପ୍ରକାଶ କରିଥିଲେ। ଶେଷରେ ଆୟୋଜକ କମିଟି ପକ୍ଷରୁ ସମସ୍ତ ଅତିଥି, ଖେଳାଳି ଓ ସହଯୋଗୀମାନଙ୍କୁ କୃତଜ୍ଞତା ଜଣାଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଦେଶବାସୀ ଦୁର୍ନୀତି ବିରୋଧୀ ସଂଗ୍ରାମରେ ହତୋତ୍ସାହିତ ହେବା ଅନୁଚିତ।
- ଆନ୍ନା ହଜାରେ

## ଅସ୍ମିତା-ଷଡ଼୍‌ଯନ୍ତ୍ର

ଓଡ଼ିଆ ଅସ୍ମିତାର ନାରା ଦେଇ ଓଡ଼ିଶାରେ ଶାସନ କ୍ଷମତାକୁ ଆସିଥିବା ଡବଲ୍ ଇଞ୍ଜିନ ସରକାରକୁ ଦୁଇବର୍ଷ ପୂରିଛି। ବର୍ଷପୂର୍ତ୍ତି ଉତ୍ସବରେ ସରକାର ନିଜ ପିଠି ନିଜେ ଥାପୁଡ଼ାଇବାରେ ଅବହେଳା କରିନାହାନ୍ତି। କିନ୍ତୁ ଇତିମଧ୍ୟରେ ଓଡ଼ିଶାର ବାସ୍ତବଚିତ୍ର ହାଟରେ ପଡ଼ି ଦାଣ୍ଡରେ ଗଡ଼ୁଛି ଏବଂ ଓଡ଼ିଆ ଅସ୍ମିତା କେତେ ଉପରକୁ ଉଠିଛି କି ଭୂଲୁଣ୍ଠିତ ହୋଇଛି ତାହାର ରିପୋର୍ଟ କାର୍ଡ ଜନସାଧାରଣଙ୍କ ଆଗରେ ଝଲସୁଛି। ଓଡ଼ିଆ ଅସ୍ମିତାର ପ୍ରାଣକେନ୍ଦ୍ର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ମାନ୍ୟତା ଉଦ୍ୟମ କେନ୍ଦ୍ର ସଂଗୀତ ନାଟକ ଏକାଡେମିର ଇନଭେଣ୍ଟରି ଅର୍ଗଳି ଡେଇଁଲାଣି କି ନାହିଁ ତାହା ଅଜଣା। ଓଡ଼ିଶୀ ସଂଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରସଙ୍ଗ ଡବଲ୍ ଇଞ୍ଜିନ ସରକାରର ଓଡ଼ିଆ ଅସ୍ମିତା ତାଲିକାରେ ବୋଧହୁଏ ନାହିଁ। ନୂଆ ବିଷୟକୁ ମାନ୍ୟତା ବା ତାଲିକାଭୁକ୍ତ କରିବା ଦୂରେ ଥାଉ ତାଲିକାଭୁକ୍ତ ବିଷୟକୁ ବାଦ୍ ଦେବାରେ କିନ୍ତୁ ଡବଲ୍ ଇଞ୍ଜିନ ସରକାରଙ୍କ ତୁଳନା ନାହିଁ। ଡବଲ୍ ଇଞ୍ଜିନ୍ ସରକାର ଆସୁଆସୁ ରାଜନୈତିକ ଅସୂୟାଗ୍ରସ୍ତ ହୋଇପଡ଼ି ପ୍ରଥମ ଦଫାରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରୁ ପ୍ରବାଦ ପୁରୁଷ ବିଶ୍ୱବନ୍ଦ୍ୟ ବିଜୁ ବାବୁଙ୍କ ନାମକୁ ବାଦ୍ ଦେବାର ଉଦ୍ୟମ ଆରମ୍ଭ କରିଥିଲେ। ଏବେ ସେ ସବୁକୁ ବଳିଯାଇଛି ସରକାରୀ ପାଠ୍ୟପୁସ୍ତକରେ ଓଡ଼ିଶାର ସାହିତ୍ୟିକ, ସଂଗୀତଜ୍ଞଙ୍କୁ ବାଦ୍ ଦେବାର ଅକ୍ଷମଣୀୟ ତ୍ରୁଟି।

ଏବେ ଯେଉଁ ତ୍ରୁଟି(ବରଂ ଉଦ୍ଦେଶ୍ୟମୂଳକ ଷଡ଼୍‌ଯନ୍ତ୍ର କହିଲେ ଠିକ୍ ହେବ)ଟି ସାମ୍ନାକୁ ଆସିଛି ତାହା ଓଡ଼ିଆ ଜାତି, ଓଡ଼ିଆ ଭାଷା ସାହିତ୍ୟ ଓ ଓଡ଼ିଶା ସ୍ୱାଭିମାନ ପ୍ରତି କୁଠାରରଘାତ ଭଳି। ଅଷ୍ଟମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ 'କୃତି' ପୁସ୍ତକର ପୃଷ୍ଠା ୯୨ରେ 'ଦେଶଭକ୍ତି ସଂଗୀତ' ଶୀର୍ଷକ ବିଷୟବସ୍ତୁରେ ୫ଟି ଦେଶାତ୍ମବୋଧକ ସଂଗୀତ ସ୍ଥାନ ପାଇଛି। ସେଥିମଧ୍ୟରୁ ଗୋଟିଏ ବଙ୍ଗୀୟ କବି ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ରଚିତ 'ମନସା ସତତଂ ସ୍ମରଣୀୟମ୍' ଥିବା ବେଳେ ଅନ୍ୟ ଚାରୋଟି ଓଡ଼ିଆ କବିତା ରହିଛି। କିନ୍ତୁ ବିଡ଼ମ୍ବନା ହେଲା କେବଳ ବଙ୍କିମଚନ୍ଦ୍ରଙ୍କ ବ୍ୟତୀତ ଅନ୍ୟ ଚାରୋଟି କବିତାର କବି କିଏ ତାହା ଉଲ୍ଲେଖ ନାହିଁ। ପ୍ରାତଃସ୍ମରଣୀୟ ଗୋଦାବରୀଶ ମିଶ୍ରଙ୍କ ରଚିତ କବିତାରେ ଏତେ ବନାନ ଅଶୁଦ୍ଧି ରହିଛି ଯେ ତାହା ଓଡ଼ିଶାର ବରପୁତ୍ରଙ୍କ ପ୍ରତି ଅପମାନ ଭଳି। ସେହିପରି ପୃଷ୍ଠା ୯୪ରେ 'ପ୍ରେରଣା ଓ କଳ୍ପନା' ଶୀର୍ଷକ ବିଷୟରେ ସଙ୍ଗୀତକାର ଭାବରେ କେବଳ ରବୀନ୍ଦ୍ର ଜୈନଙ୍କ ବିଷୟରେ ଗୋଟିଏ ଅନୁଚ୍ଛେଦ ରହିଛି। ଓଡ଼ିଆ ସଙ୍ଗୀତକାରଙ୍କ ବିଷୟରେ ଜାଣିବା ଓଡ଼ିଆ ଛାତ୍ରଛାତ୍ରୀଙ୍କ ଅଧିକାର ବହିର୍ଭୂତ ନା ତାହା ସ୍ଥାନିତ କରିବା ଅପରାଧ ବୋଲି ପୁସ୍ତକ ପ୍ରଣେତାମାନେ ବିଚାର କଲେ? ଏହା ଉଦ୍ଦେଶ୍ୟମୂଳକ ମାନବୀକୃତ ଷଡ଼୍‌ଯନ୍ତ୍ର କି ନୁହେଁ ସୁଧୀ ପାଠକବୃନ୍ଦ ବିଚାର କରିବେ।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ବିଷୟର ପାଠ୍ୟପୁସ୍ତକରେ ପ୍ରତିଦିନ ନୂଆ ନୂଆ ତ୍ରୁଟି ସାର୍ବଜନିନ ହେଉଛି। ଏଭଳି ରାଶିରାଶି ତ୍ରୁଟିସମ୍ବଳିତ ପାଠ୍ୟପୁସ୍ତକରୁ ଓଡ଼ିଆ ପିଲାମାନେ କେତେ ଜ୍ଞାନ ଅର୍ଜନ କରିବେ, ଜାତୀୟସ୍ତରରେ କେତେ ପ୍ରତିଯୋଗୀକ୍ଷମ ହୋଇପାରିବେ ତାହା ଏକ ଗୁରୁତର ପ୍ରସଙ୍ଗ। କିନ୍ତୁ ସବୁଠାରୁ ଉଦ୍‌ବେଗଜନକ ଓ ସ୍ୱର୍ଶକାତର ପ୍ରସଙ୍ଗଟି ହେଉଛି ପାଠ୍ୟପୁସ୍ତକ ମାଧ୍ୟମରେ ଓଡ଼ିଆ ଭାଷା ସଂସ୍କୃତିର ଭିତ୍ତିକୁ ଦୋହଲାଇ ଦେବାର ଷଡ଼୍‌ଯନ୍ତ୍ର ଆରମ୍ଭ ହୋଇଛି ଏହି ଅପ୍ରିୟ ସତ୍ୟକୁ ସ୍ୱୀକାର କରିବାକୁ ପଡ଼ିବ। ପାଠ୍ୟପୁସ୍ତକରେ ଓଡ଼ିଆ ଇତିହାସ ଓ ସଂସ୍କୃତିକୁ ବିକୃତ କରିବା କିମ୍ବା ଗୌଣ କରିବାର ଷଡ଼୍‌ଯନ୍ତ୍ର ଆଜିର ନୁହେଁ। ଏହାପୂର୍ବରୁ କେନ୍ଦ୍ର ସରକାରଙ୍କ ଅଧୀନ ଏନ୍‌ସିଇଆରଟି ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକର ପ୍ରଥମ ଭାଗରୁ ଓଡ଼ିଶାର ପାଇକ ବିଦ୍ରୋହ ବିଷୟକୁ ବାଦ୍ ଦିଆଯାଇଛି, ଅଥଚ ପଶ୍ଚିମବଙ୍ଗର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋଲ୍ ବିଦ୍ରୋହ ଆଦି ସ୍ଥାନିତ ହୋଇଛି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ପ୍ରାୟ ସବୁ ମହଲରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ଏବଂ ପ୍ରତିବାଦର ସ୍ୱର ତୀବ୍ର ହେବା ପରେ ତାହା ଦ୍ୱିତୀୟ ଭାଗରେ ସ୍ଥାନ ପାଇଛି, ଯେଉଁଠାରେ ଦେଶର ବିଭିନ୍ନ ଆଞ୍ଚଳିକ ବିଦ୍ରୋହ ବିଷୟ ସ୍ଥାନିତ ହୋଇଛି। ଅର୍ଥାତ୍ ଯେଉଁ ପାଇକ ବିଦ୍ରୋହ ଦେଶର ପ୍ରଥମ ସଶସ୍ତ୍ର ସଂଗ୍ରାମର ଜାତୀୟ ମାନ୍ୟତା ପାଇବା କଥା ତାହାକୁ 'ଆଞ୍ଚଳିକ' ବର୍ଗରେ ସୀମିତ କରି ଜାତୀୟ ମାନ୍ୟତା ପ୍ରସଙ୍ଗକୁ ସମାଧି ଦିଆଯାଇଛି।

ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ ଏବଂ ଓଡ଼ିଆ ପ୍ରାଣକୁ କ୍ଷତାକ୍ତ କରିବାର ଆଉ ଦୁଇ/ତିନିଟି ଉଦାହରଣ ନିଆଯାଉ। ୧୮୯୯ ମସିହାରେ ମା'ରମାଦେବୀ, ସହିଦ ଲକ୍ଷ୍ମଣ ନାୟକଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜନ୍ମ। ଗତବର୍ଷ ରାଜ୍ୟ ଓ କେନ୍ଦ୍ର ସରକାର ଇନ୍ଦୋରର ପୂର୍ବତନ ମହାରାଣୀ ଅହଲ୍ୟାବାଇ ହୋଲ୍‌କରଙ୍କର ୩୦୦ତମ ଜନ୍ମବାର୍ଷିକୀ ପାଳନ କଲେ। ଅଥଚ ଓଡ଼ିଶାରେ ମହିଳା ସଶକ୍ତୀକରଣର ବାର୍ତ୍ତାବହ, ସ୍ୱାଧୀନତା ସଂଗ୍ରାମୀ, ସର୍ବୋଦୟ ନେତ୍ରୀ ମା'ରମାଦେବୀ ଏବଂ ଦେଶମାତୃତା ପାଇଁ ହସିହସି ଫାଶୀଖୁଣ୍ଟରେ ଝୁଲିଥିବା ଆଦିବାସୀ ନେତା ଲକ୍ଷ୍ମଣ ନାୟକଙ୍କ ୧୨୫ତମ ଜନ୍ମବାର୍ଷିକୀ ଉତ୍ସବ ପାଳନ ହେଲା ନାହିଁ। ସେହିପରି ନିକଟରେ ବଙ୍ଗୀୟ ନେତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସକୁ ବଳିଦାନ ଦିବସ ରୂପେ ଓଡ଼ିଶା ସରକାର ପାଳନ କଲେ। ଏଥିରେ ଆପତ୍ତି ନାହିଁ। କିନ୍ତୁ ପ୍ରଶ୍ନ ଉଠୁଛି ବ୍ରିଟିଶରଙ୍କ ବିରୋଧରେ ବିପ୍ଳବର ମୂଳଦୁଆ ପକାଇଥିବା ଦେଶର ପ୍ରଥମ ସହିଦ ଓଡ଼ିଶାର ଜୟୀ ରାଜଗୁରୁଙ୍କ ସହିଦ ଦିବସ ପଶ୍ଚିମବଙ୍ଗବାସୀ ପାଳନ କରିବେ ତ? ଜୟୀ ରାଜଗୁରୁଙ୍କୁ ଯେଉଁ ବରଗଛରେ ଦୁଇଗୋଡ଼ ବାନ୍ଧି ଅମାନୁଷିକ ଭାବେ ହତ୍ୟା କରାଯାଇଥିଲା ତାହା ଆଜି ପର୍ଯ୍ୟନ୍ତ ସେହି ରାଜ୍ୟର ମେଦିନୀପୁରର ବାଘତୋଟାରେ ଅଛି। ଅହଲ୍ୟାବାଇଙ୍କ ଜନ୍ମଜୟନ୍ତୀ ପାଳନ ବେଳେ ଓଡ଼ିଶାର ବୀରାରମଣୀ ରାଣୀ ଶୁକଦେଈଙ୍କ ଜନ୍ମ ଓ ପୁଣ୍ୟତିଥି ଜାତୀୟସ୍ତରରେ ପାଳନ ହେବ କି? ବିର୍ସାମୁଣ୍ଡାଙ୍କ ଭଳି ବୀର ସୁରେନ୍ଦ୍ର ସାଏ ଓ ଲକ୍ଷ୍ମଣ ନାୟକ କେବେ ଜାତୀୟ ଗୌରବ ଲାଭ କରିବେ?

ଓଡ଼ିଆ ଅସ୍ମିତା ହନନର ତାଲିକା ପ୍ରସ୍ତୁତ କଲେ ଏବଂ ତ୍ରୁଟି ଖୋଜିଲେ କମଳର ଲୋମ ଗଣନା କରିବା ଭଳି ହେବ। ଏହାକୁ ତ୍ରୁଟି ବଦଳରେ ବରଂ ଓଡ଼ିଆ ସଂସ୍କୃତି ବିରୋଧରେ ଜଘନ୍ୟ ଷଡ଼୍‌ଯନ୍ତ୍ର କହିଲେ ଠିକ୍ ହେବ। ଓଡ଼ିଆପ୍ରାଣ ନାଗରିକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଙ୍କ ମତରେ 'ଜଣେ ବଙ୍ଗାଳୀ କହିଥିଲେ 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ।' ଏବେ ବୋଧହୁଏ ସେହି ଉକ୍ତିକୁ ଚରିତାର୍ଥ କରିବା ସହିତ ଆଉ ଦୁଇପାଦ ଆଗକୁ ଯାଇ 'ଓଡ଼ିଆ ଏକ ସ୍ୱତନ୍ତ୍ର ସଂସ୍କୃତି ସ୍ୱତନ୍ତ୍ର ନୁହେଁ' ବୋଲି ପ୍ରମାଣ କରିବାର ଷଡ଼୍‌ଯନ୍ତ୍ର ଆରମ୍ଭ ହୋଇଯାଇଛି।' ଓଡ଼ିଆ ପ୍ରାଣର ଏହି ଅବ୍ୟକ୍ତ ବେଦନା ରାଜ୍ୟ ସରକାର ଶୀଘ୍ର ଅନୁଭବ କଲେ ଓଡ଼ିଆ ଅସ୍ମିତା ଆହୁରି ଅପମାନିତ ହେବାରୁ ରକ୍ଷା ପାଇବ।

## ସାବଧାନ! ଦୁଃଶାସନ ବଞ୍ଚିଛି

**ଡକ୍ଟର ଅବଶ ପରିଡ଼ା**

ରାୟଗଡ଼ାରେ ଜଣୈକା ମହିଳା ଏନଜିଓ କର୍ମୀଙ୍କୁ ବିବସ୍ତ୍ର କରିବାର ଗଣଉଦ୍ୟମ ଭିଡ଼ହିଂସାର ଅନ୍ୟ ଏକ ଭୟଙ୍କର ରୂପ। ଏଥିରେ ଭିଡ଼ ମନସ୍ତତ୍ତ୍ୱ, ଗୁଜବ, ଭୁଲ ତଥ୍ୟ, ନୈତିକତା, ଚେତନା ଓ ପାଗଳାମି ଭଳି ଅନେକ ସାମାଜିକ ଓ ବ୍ୟକ୍ତିଗତ ଉପାଦାନଗୁଡ଼ିକ ଅଛି। କିନ୍ତୁ ଏହି ଲଜ୍ଜାକର ଘଟଣାରେ ଦୁଇଟି ବିଚଳିତକାରୀ ବାସ୍ତବତା ମଧ୍ୟ ଅଛି, ଯାହା ଆମ ସଭ୍ୟସମାଜର ମୂଳଦୁଆକୁ ଦୋହଲାଇ ଦେଇଛି। ପ୍ରଥମଟି ହେଉଛି ଭିଡ଼ହିଂସା ବ୍ୟତୀତ ଏହା ଏକ ସାର୍ବଜନୀନ ସ୍ଥାନରେ ଯୌନ ହିଂସାର କାର୍ଯ୍ୟ। ଯେତେବେଳେ ଜଣେ ମହିଳାଙ୍କୁ ଜନଗହଳିପୂର୍ଣ୍ଣ ସ୍ଥାନରେ ବିବସ୍ତ୍ର, ଅପମାନିତ ଓ ଆକ୍ରମଣ କରାଯାଏ, ସେତେବେଳେ ହିଂସା କେବଳ ଶରୀର ବିରୁଦ୍ଧରେ ନୁହେଁ, ବରଂ ମହିଳାଙ୍କ ମର୍ଯ୍ୟାଦା, ପରିଚୟ ଓ ମୌଳିକ ମାନବାଧିକାର ବିରୁଦ୍ଧରେ ମଧ୍ୟ ହୋଇଥାଏ। ଦ୍ୱିତୀୟଟି ଆହୁରି ଚିନ୍ତାଜନକ। ପୁଲିସର କହିବା ଅନୁଯାୟୀ ଏହି ଘଟଣାରେ ଅନେକ ନାବାଳକଙ୍କ ସମ୍ପୃକ୍ତି ଅଛି। ଏତେ ଛୋଟ ପିଲାମାନେ ଘୃଣା, ନିଷ୍ଠୁରତା କିମ୍ବା ସାର୍ବଜନୀନ ସ୍ଥାନରେ ଅନ୍ୟମାନଙ୍କୁ ଅପମାନିତ କରିବା କଥା ଶିଖିଲେ କେମିତି? ପରିବାର, ଶିକ୍ଷା, ସାମାଜିକ ଗଣମାଧ୍ୟମ ଓ ବୃହତ ସାମାଜିକ ପରିବେଶରୁ ସେମାନେ କ'ଣ ଏସବୁ ଶିଖୁଛନ୍ତି? ଏଠି ଜାଣି ରଖିବାକୁ ହେବ ଯେ ଯେଉଁଠି ନାବାଳକମାନେ ସାମୂହିକ ହିଂସାର ଅଂଶ ହୋଇଛନ୍ତି, ସେଠାରେ ଦୁଇଟି ବିଫଳତା ଆସେ। ପ୍ରଥମଟି ହେଉଛି ଆଇନ ଶୃଙ୍ଖଳା ନିୟନ୍ତ୍ରଣହୀନ ହୁଏ। ଦ୍ୱିତୀୟ ବିଫଳତା ହେଉଛି ନୈତିକ ଅଧୋପତନ ସହ ସାମାଜିକ ସଙ୍କଟ ମାଡ଼ି ଆସେ।

କିଛିଦିନ ତଳେ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ଏକ ତଥ୍ୟ ଅନୁଯାୟୀ ଓଡ଼ିଶାର ସାର୍ବଜନୀନ ସ୍ଥାନ ଏବଂ ରାସ୍ତାରେ ହୋଇଥିବା ଯୌନ ନିର୍ଯାତନା ମାମଲା ସଂଖ୍ୟା ଭାରତରେ ସର୍ବାଧିକ। ଆହୁରି ଚିନ୍ତାଜନକ କଥା ହେଉଛି ଯେ ମହିଳାମାନଙ୍କ ପୋଷାକ ଟାଣିବା, ଚିରିବା, ବିବସ୍ତ୍ର କରିବାରେ ଆମ ରାଜ୍ୟ ଦେଶର ଶୀର୍ଷରେ ରହିଛି। ସେହିପରି ମହିଳାଙ୍କ ମର୍ଯ୍ୟାଦାକୁ ଆଘାତ ଦେବା ମାମଲାରେ ମଧ୍ୟ ଓଡ଼ିଶା ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନରେ ଅଛି। ଏହି ସବୁ ତଥ୍ୟ ଦେଖିଲା ପରେ ସାର୍ବଜନୀନ ସ୍ଥାନରେ ଯୌନ ହିଂସା ଘଟଣାଗୁଡ଼ିକୁ କିଛି ବ୍ୟକ୍ତିଙ୍କ ଦ୍ୱାରା ବା ନିର୍ଦ୍ଦିଷ୍ଟ ଶ୍ରେଣୀ ଦ୍ୱାରା କରାଯାଇଥିବା ପୃଥକ ଅପରାଧ ଭାବରେ ବିବେଚନା କରିବା ଉଚିତ୍ ନୁହେଁ। ଏଗୁଡ଼ିକ ଶ୍ରେଣୀ, ଜାତି ଓ ଶିକ୍ଷାଗତ ଯୋଗ୍ୟତାରେ ଆଉ ସୀମିତ ନାହିଁ। ବରଂ ସମାଜ ମଧ୍ୟରେ ଥିବା ଗଭୀର ସାମାଜିକ ଓ ମାନସିକ ସମସ୍ୟାର ଲକ୍ଷଣ ହୋଇସାରିଛି। ସମ୍ଭବତଃ, ଦୁଃଶାସନର ମାନସିକତା ଓ କୁରୁସଭାର ନିରବତା ଏବେ ବି ଆମ ଚାରିପାଖରେ ବଞ୍ଚିରହିଛି।

ସାର୍ବଜନୀନ ଯୌନ ହିଂସା ଅଧିକାଂଶ କ୍ଷେତ୍ରରେ ଯୌନ ଇଚ୍ଛା ବିଷୟରେ ହୋଇ ନ ଥାଏ। ସାର୍ବଜନୀନ ବିବସ୍ତ୍ରୀକରଣ କିମ୍ବା ଯୌନ ନିର୍ଯାତନା ପ୍ରାୟତଃ ମହିଳାମାନଙ୍କ ଉପରେ ଶକ୍ତି ପ୍ରଦର୍ଶନ କରିବା ପାଇଁ ଏକ ଅସ୍ତ୍ର ଭାବରେ ବ୍ୟବହୃତ ହୁଏ। ଆମ ସମାଜରେ ମହିଳାଙ୍କ ଗରିମା ସହିତ ଶାଳୀନତା ଦୃଢ଼ ଭାବରେ ଜଡ଼ିତ। ତେଣୁ ଆକ୍ରମଣକାରୀମାନେ ଜାଣନ୍ତି ଯେ ସାର୍ବଜନୀନ ଅପମାନ ହିଁ ମହିଳାଙ୍କୁ ଗଭୀର ଭାବପ୍ରବଣ ଆଘାତ ସୃଷ୍ଟି କରିପାରିବ। ବିବାଦ ସମାଧାନ କରିବା, କ୍ରୋଧ ପ୍ରକାଶ କରିବା, ଦଣ୍ଡ ଦେବା କିମ୍ବା ନିୟନ୍ତ୍ରଣ ଜାହିର କରିବା ପାଇଁ ଅନେକ ମହିଳାଙ୍କ ଶରୀର ଏକ ପ୍ରତୀକାତ୍ମକ ଯୁଦ୍ଧକ୍ଷେତ୍ର ହୋଇସାରିଛି। ମହିଳାଙ୍କ ସାର୍ବଜନୀନ ବିବସ୍ତ୍ରୀକରଣ ହେଉଛି ଦଣ୍ଡର ଏକ ଅଂଶ, ଯେଉଁଠି ସେମାନଙ୍କୁ ଅପମାନିତ କରାଯାଇପାରିବ ଏବଂ ତାହା ସହିତ ପୁରୁଷ ନିଜ ପ୍ରାଧାନ୍ୟ ମଧ୍ୟ ପ୍ରଦର୍ଶିତ କରିପାରିବେ। ଠିକ୍ ଯେମିତି କୁରୁସଭାରେ ଦ୍ରୌପଦୀଙ୍କୁ ବସ୍ତ୍ରହରଣ କରି ଏକପ୍ରକାର ଦଣ୍ଡ ଦିଆଯାଇଥିଲା।

ଆଉ ଏକ ଅସହଜ କଥା ହେଉଛି ଯେ ଡାହାଣୀ ଓ ଗୁଣିଗାରେଡ଼ି ସନ୍ଦେହରେ ଅଭିଯୁକ୍ତ ମହିଳାମାନଙ୍କୁ ନିବସ୍ତ୍ର କରିବା ବା ଉଲଗ୍ନ କରି ଚଲେଇବା ହେଉଛି ଓଡ଼ିଶାରେ ଏକ ସାଧାରଣ ଘଟଣା। ଅନେକ ଆଦିବାସୀ ଅଞ୍ଚଳ ଓ ଗ୍ରାମାଞ୍ଚଳରେ ଏପରି କାର୍ଯ୍ୟଗୁଡ଼ିକୁ ଲିଙ୍ଗଗତ ହିଂସାର ନିଷ୍ଠୁର ରୂପ ଭାବରେ ସ୍ୱୀକୃତି ଦିଆ ଯାଏନାହିଁ; ବରଂ ଆମେ ଏହାକୁ ସାଂସ୍କୃତିକ ପ୍ରଥା, ଅନ୍ଧବିଶ୍ୱାସ କିମ୍ବା ଉପସାଂସ୍କୃତିକ ପରମ୍ପରା ଭାବରେ ଯୁକ୍ତିଯୁକ୍ତ କରିଦେଉ। ସମାଜଶାସ୍ତ୍ର ଅନୁସାରେ, ଯେତେବେଳେ ଏକ ସମାଜ ଏପରି ପ୍ରଥା ବିରୁଦ୍ଧରେ ଦୃଢ଼ ନୈତିକ ପ୍ରତିବନ୍ଧକ, ସାମୂହିକ ନିନ୍ଦା ଏବଂ କଠୋର ଦଣ୍ଡ ଲାଗୁ କରିବାରେ ବିଫଳ ହୁଏ, ସେତେବେଳେ ଅଜାଣତରେ ମହିଳାଙ୍କ ସାର୍ବଜନୀନ ଅପମାନକୁ ଦଣ୍ଡର ଏକପ୍ରକାର ବୈଧ କରିଥାଏ। ଏହାର ପରିଣାମ ଆଜି ଦୃଶ୍ୟମାନ। ଡକ୍ଟର ଫିଓନା ଭେରା-ଗ୍ରେଙ୍କ ଅଧ୍ୟୟନରୁ ଜଣାପଡ଼ିଛି ଯେ ସାର୍ବଜନୀନ ଯୌନ ଉତ୍ପୀଡ଼ନ ପୃଥକ ଘଟଣାଗୁଡ଼ିକର ଏକ ସଂଗ୍ରହ ନୁହେଁ; ବରଂ ଦୈନନ୍ଦିନ ସାମାଜିକ ଜୀବନରେ ସନ୍ନିହିତ ଗଭୀର ସଂରଚନିକ ଅସମାନତାର ପ୍ରତିଫଳନ।

ରାୟଗଡ଼ା ଭିଡ଼ ଆକ୍ରମଣରେ ନାବାଳକମାନଙ୍କ ସମ୍ପୃକ୍ତି ସୂଚାଇ ଦେଉଛି ଯେ ହିଂସା ଆଉ ବୟସ୍କମାନଙ୍କ ମଧ୍ୟରେ ସୀମିତ ନାହିଁ। ଏନ୍‌ସିଆରବି ରିପୋର୍ଟ ଅନୁଯାୟୀ, ଭାରତରେ ନାବାଳକ ଅପରାଧ ପ୍ରାୟ ୧୨ ପ୍ରତିଶତ ବୃଦ୍ଧି ପାଇଛି। ୧ ହଜାରରୁ ଅଧିକ ବଳାତ୍କାର ମାମଲାରେ ନାବାଳକମାନଙ୍କୁ ଗିରଫ କରାଯାଇଥିଲା। ଗିରଫ ସମସ୍ତ ନାବାଳକଙ୍କ ମଧ୍ୟରୁ ପ୍ରାୟ ୭୮ ପ୍ରତିଶତ ୧୬ ରୁ ୧୮ ବୟସ ବର୍ଗର। ଏଥିରେ ଅନ୍ୟ ବର୍ଗଟି ଥିଲା ୧୨ ରୁ ୧୬ ବର୍ଷ ମଧ୍ୟରେ। ସମାଜବିଜ୍ଞାନ ଦୃଷ୍ଟିରୁ ଏହି ସଂଖ୍ୟାଗୁଡ଼ିକ ଆମ ବିଶ୍ୱାସକୁ ଏକପ୍ରକାର ଭାଙ୍ଗି ଦେଉନି କି? ସାମାଜିକ ଶିକ୍ଷା ତତ୍ତ୍ୱ କୁହେ ଯେ ଯୁବପିଢ଼ି ପ୍ରାୟତଃ ପ୍ରଭାବଶାଳୀ ବୟସ୍କଙ୍କୁ ନିରୀକ୍ଷଣ ଏବଂ ଅନୁକରଣ କରି ଆଚରଣ ଶିଖନ୍ତି। କିନ୍ତୁ ଏବେ ନାବାଳକମାନେ କେବଳ ନିର୍ଦ୍ଦୋଷ ଦର୍ଶକ ହୋଇ ରହିନାହାନ୍ତି; ସେମାନେ ଅଭିଯୁକ୍ତ, ଅପରାଧୀ। ଏହାର ଅର୍ଥ ଆମର ସାମାଜିକୀକରଣ, ଲାଳନପାଳନ ଓ ପାରିବାରିକ ପରିବେଶ ଏକ ଭଲ ଚରିତ୍ର ଗଠନ ପାଇଁ ଯଥେଷ୍ଟ ଅନୁକୂଳ ହେଉନି। ଅନେକ ଗବେଷଣା ଅନୁଯାୟୀ ଦାରିଦ୍ର୍ୟ ବ୍ୟତୀତ ପିତାମାତାଙ୍କ ନିଶାଦ୍ରବ୍ୟ ସେବନ, ପିତାମାତାଙ୍କ ଦୁଃବ୍ୟବହାର ଏବଂ ତଦାରଖର ଅଭାବ ଦ୍ୱାରା ନାବାଳକମାନେ ଭୁଲ ବାଟକୁ ଯାଉଛନ୍ତି।

ଆମେ ଜାଣୁ ଯେ ଭିଡ଼ ହିଂସା ସମୟରେ ବ୍ୟକ୍ତିଗତ ନୈତିକ ଦାୟିତ୍ୱ ଦୁର୍ବଳ ହୋଇଯାଏ। ଯାହାକୁ ମନସ୍ତତ୍ତ୍ୱବିତ୍‌ମାନେ 'ଦାୟିତ୍ୱର ପ୍ରସାରଣ' ବୋଲି କୁହନ୍ତି। ଜଣେ କିଶୋର ଯିଏ କେବେବି ଏକାକୀ ହିଂସା କରିପାରିବ ନାହିଁ, ଯଦି ସେ ଆକ୍ରମଣାତ୍ମକ ଭିଡ଼ ମଧ୍ୟରେ ରହେ ତେବେ ସେ ଜଣେ ସକ୍ରିୟ ଅଂଶଗ୍ରହଣକାରୀ ହୋଇଯାଏ। ଆଉ ଗୋଟିଏ ତତ୍ତ୍ୱ କୁହେ ଯେ ଯୌନଗତ ଆଚରଣ ଓ ଦଳଗତ ଆଚରଣ ସମୟରେ ପୁରୁଷଙ୍କ ମଧ୍ୟରେ ସମ୍ପର୍କ ଅଧିକ ଦୃଢ଼ ହୋଇଥାଏ। ଆମେ ରହୁଥିବା ସମାଜ ପୁରୁଷଙ୍କଠାରୁ ଯେଉଁ ଗୁଣ ଏବଂ ଆଚରଣ ଆଶା କରେ ତାହା ହେଉଛି ପୁରୁଷତ୍ୱ। ପରିବାର, ସମ୍ପ୍ରଦାୟ, ଗଣମାଧ୍ୟମ ଓ ଶିକ୍ଷା ମାଧ୍ୟମରେ ଯୁବାବସ୍ଥାରୁ ପୁରୁଷତ୍ୱର ଶିକ୍ଷା ଦିଆଯାଏ। ଆଜିକାଲି ସାମାଜିକ ଗଣମାଧ୍ୟମରେ ଅଧିକ ସମୟ କାଟୁଥିବା ଆମ କିଶୋର ପୁଅମାନେ ପୁରୁଷତ୍ୱ ବିଷୟରେ କ'ଣ ଶିଖୁଛନ୍ତି? ଏହାକୁ ନେଇ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଡିଜିଟାଲ ପ୍ଲାଟଫର୍ମ ଓ ସାମାଜିକ ଗଣମାଧ୍ୟମରେ ପାରମ୍ପରିକ ପୁରୁଷତ୍ୱର ପ୍ରଚାର ଅଧିକ। ଶାରୀରିକ ଶକ୍ତି, ଧନୀ, ଆବେଗହୀନ ଓ ନିଜ ଭାବନା ଉପରେ ନିୟନ୍ତ୍ରଣକୁ ପ୍ରକୃତ ପୁରୁଷ ଗୁଣ ଭାବରେ ଉପସ୍ଥାପନ କରାଯାଉଛି। ଏପରିକି ମହିଳାଙ୍କୁ ନିୟନ୍ତ୍ରଣରେ ରଖିବା ହେଉଛି ଜଣେ ଶକ୍ତ ପୁରୁଷର ଗୁଣ ବୋଲି ଅନେକ ସାମାଜିକ ଗଣମାଧ୍ୟମ ବିଷୟବସ୍ତୁର ପ୍ରକାଶ ପାଉଛି।

ନିର୍ଭୟା ପରି ଏକ ହାଇ-ପ୍ରୋଫାଇଲ୍ ଅପରାଧ ଓ ଦଣ୍ଡ ପରେ ଆଶା କରାଯାଉଥିଲା ଯେ ସାର୍ବଜନୀନ ଯୌନ ହିଂସା କମିଯିବ। କିନ୍ତୁ ବିଡ଼ମ୍ବନା ଯେ ଏହା କୌଣସି ପ୍ରକାରର ଆଇନଗତ ସଚେତନତା କିମ୍ବା ଆଚରଣଗତ ପରିବର୍ତ୍ତନ ଆଣିଲାନାହିଁ। ତେଣୁ ଏବେ ରାୟଗଡ଼ା ଘଟଣା ଆମ ପାଖେ ସେହି ଜଟିଳ ପ୍ରଶ୍ନ ଛାଡ଼ି ଯାଇଛି। ଆଇନର ଦଣ୍ଡ, ସଚେତନତା କ'ଣ ସତରେ ଆମ ଆଚରଣ ଓ ମାନସିକତାକୁ ପରିବର୍ତ୍ତନ କରିପାରିବ? ଯେତେବେଳେ ନାବାଳକମାନେ ସାର୍ବଜନୀନ ଯୌନ ହିଂସାରେ ଅଧିକ ଅଂଶଗ୍ରହଣ କରୁଛନ୍ତି, ଏହା ପରିବାର, ବିଦ୍ୟାଳୟ, ସମ୍ପ୍ରଦାୟ ଓ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକର ବିଫଳତାକୁ ପ୍ରକାଶ କରୁନାହିଁ କି? ସମ୍ଭବତଃ ଏଥିରେ ମହିଳାମାନଙ୍କ ପ୍ରତି ମର୍ଯ୍ୟାଦା, ସହାନୁଭୂତି ଓ ସମ୍ମାନର ମୂଲ୍ୟାଙ୍କନ କମ୍ କରାଯାଉଛି ଏବଂ ଦୁଃଶାସନର ମାନସିକତା ଲୁଚି ରହିଛି।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ବଦଳୁଛି ବଜାର କୌଶଳ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଭାରତରେ ଉତ୍ପାଦଗୁଡ଼ିକର ଅନଲାଇନ୍ ବିକ୍ରି ଦୀର୍ଘ ଦିନରୁ ଚାଲିଆସୁଛି। କିନ୍ତୁ କୋଭିଡ୍ ମହାମାରୀ ସମୟରେ ଏଥିରେ ପ୍ରବଳ ଅଭିବୃଦ୍ଧି ଦେଖାଦେଲା। ସେତିକିବେଳେ ଲୋକମାନେ ବୁଝିପାରିଲେ ଯେ ଯୋଗାଣ ଶୃଙ୍ଖଳା ପରିଚାଳନା(ସପ୍ଲାଇଚେନ୍ ମ୍ୟାନେଜମେଣ୍ଟ) କିପରି ଯାଦୁ କରିପାରେ। ଆଜି ଦେଶର ଯେକୌଣସି କୋଣରୁ ଯେକୌଣସି ସାମଗ୍ରୀ କିଣାବିକା କରାଯାଇପାରୁଛି ଏବଂ ଇ-କମର୍ସ କମ୍ପାନୀଗୁଡ଼ିକ ଏହି ଚମତ୍କାର କରୁଛନ୍ତି। ସେମାନେ ସାରା ବିଶ୍ୱରେ ବ୍ୟାପାର କରିବାର ଶୈଳୀକୁ ବଦଳାଇ ଦେଇଛନ୍ତି।

ଏହା ଏଭଳି ଏକ ବ୍ୟବସାୟ, ଯେଉଁଠାରେ ଗ୍ରାହକ ବିକ୍ରେତାଙ୍କ ବିଷୟରେ ଜାଣି ନ ଥା'ନ୍ତି। କିନ୍ତୁ ତାଙ୍କର ବିଶ୍ୱାସ ଥାଏ ଯେ ତାଙ୍କୁ ସଠିକ୍ ଜିନିଷ ସଠିକ୍ ମୂଲ୍ୟରେ ଉପଲବ୍ଧ ହେଉଛି। ଯଦି ପସନ୍ଦ ନ ହେଲା ତେବେ ସାମଗ୍ରୀ ଫେରସ୍ତର ସୁବିଧା ମଧ୍ୟ ଅଛି। ଏହାବ୍ୟତୀତ ଗ୍ରାହକ ଜାଣନ୍ତି ଯେ ସାମଗ୍ରୀ ବାବଦକୁ ସେ ଦେଉଥିବା ଟଙ୍କା ସୁରକ୍ଷିତ। ଏମାନଙ୍କର ଡେଲିଭରି ବା ଯୋଗାଣ ମଧ୍ୟ ଅତ୍ୟନ୍ତ ଦ୍ରୁତ ଓ ସମୟାନୁବର୍ତ୍ତୀ। ଏହା ଏମିତି ଏକ ଦୁନିଆ, ଯେଉଁଠି ଗ୍ରାହକ ହିଁ ରାଜା। କାରଣ ତାଙ୍କୁ ଗୋଟିଏ ଜିନିଷ ପାଇଁ ଶହ ଶହ ବିକଳ୍ପ ମିଳିଥାଏ। ଏହି କାରଣରୁ ୨୦୨୪ରେ ଭାରତର ଇ-କମର୍ସ ବଜାର ୧୪୭.୩ ବିଲିୟନ ଡଲାରରେ ପହଞ୍ଚିଛି ଏବଂ ଏଥିରେ ୧୮.୭ ପ୍ରତିଶତ ବୃଦ୍ଧି ଘଟିଛି। ଆମାଜନ, ଫ୍ଲିପକାର୍ଟ, ମାୟନ୍ତ୍ରା, ଜିଓ ମାର୍ଟ, ଟାଟା କ୍ଲିକ୍ ଭଳି କମ୍ପାନୀଗୁଡ଼ିକ ଏକ୍ଷେତ୍ରରେ କୋଟି କୋଟି ଟଙ୍କାର ସାମଗ୍ରୀ ବିକ୍ରି କରୁଛନ୍ତି ଏବଂ ସେମାନଙ୍କ ଗ୍ରାହକ ସଂଖ୍ୟା କ୍ରମାଗତ ଭାବେ ବଢ଼ୁଛି।

ଭାରତରେ ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ଶସ୍ତା ହେବା ଯୋଗୁଁ ଲୋକଙ୍କ ଚିନ୍ତାଧାରା ଓ କିଣାବିକା କରିବାର ଶୈଳୀ ବଦଳିଛି, ଯାହା ଫଳରେ ଏହି ବଜାର ଦ୍ରୁତଗତିରେ ବଢ଼ୁଛି। ଏହି କମ୍ପାନୀଗୁଡ଼ିକ ଛୁଞ୍ଚିଠାରୁ ଆରମ୍ଭ କରି ମୋଟର କାର୍ ପର୍ଯ୍ୟନ୍ତ ସବୁକିଛି ଅନଲାଇନ୍‌ରେ ବିକ୍ରି କରୁଛନ୍ତି। ଏବେ ଏହି ବଜାର ଛୋଟ ସହର, ଗାଁ ଗହଳି ପର୍ଯ୍ୟନ୍ତ ପହଞ୍ଚି ଗଲାଣି। ଆଶା କରାଯାଉଛି ଯେ ୨୦୨୭ ସୁଦ୍ଧା ଭାରତରେ ଇ-କମର୍ସର ୪୦ କୋଟି ଗ୍ରାହକ ହେବେ। ୨୦୩୦ ସୁଦ୍ଧା ଏମାନଙ୍କର ମୋଟ ବିକ୍ରି ୨୫୦ରୁ ୩୦୦ ବିଲିୟନ ଡଲାରରେ ପହଞ୍ଚିବ। ଏହାର ସକାରାତ୍ମକ ପ୍ରଭାବ ଆମ ଅର୍ଥନୀତି ଉପରେ ପଡ଼ିଛି।

ସ୍ୱଦେଶୀ ଇ-କମର୍ସ କମ୍ପାନୀ ଫ୍ଲିପକାର୍ଟ ଏକ ବହି ଦୋକାନ ଭାବେ ଆରମ୍ଭ ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ଏକ ବ୍ୟାପକ ଅନଲାଇନ୍ ବଜାର ଭାବେ ବିକଶିତ ହେଲା। ଏହା 'କ୍ୟାଶ୍ ଅନ୍ ଡେଲିଭରି' ଭଳି କ୍ରାନ୍ତିକାରୀ ସୁବିଧା ଆରମ୍ଭ କରିଥିଲା, ଯାହା ଅନଲାଇନ୍ ସପିଂକୁ ଲୋକପ୍ରିୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କଲା। ବ୍ୟାପାରର ଏହି ଖେଳରେ ଏବେ କ୍ୱିକ୍-କମର୍ସ କମ୍ପାନୀଗୁଡ଼ିକ ମଧ୍ୟ ଦ୍ରୁତଗତିରେ ଆଗକୁ ବଢ଼ୁଛନ୍ତି। ବ୍ଲିଙ୍କିଟ୍, ଇନଷ୍ଟାମାର୍ଟ, ଜେପ୍ଟୋ ଭଳି କମ୍ପାନୀଗୁଡ଼ିକ ମିନିଟ୍ ମଧ୍ୟରେ ଗ୍ରାହକଙ୍କ ଘରେ ଜରୁରୀ ସାମଗ୍ରୀ ପହଞ୍ଚାଇ ଦେଉଛନ୍ତି। ଫଳସ୍ୱରୂପ, ସେମାନେ ଏବେ ଇ-କମର୍ସ କମ୍ପାନୀଗୁଡ଼ିକୁ କଡ଼ା ଟକ୍କର ଦେଉଛନ୍ତି। ସେମାନଙ୍କ କାରବାର ବାର୍ଷିକ ୪୦ ପ୍ରତିଶତ ହାରରେ ବୃଦ୍ଧି ପାଉଛି ଏବଂ ମୋଟାମୋଟି ଆକଳନ ଅନୁଯାୟୀ, ଚଳିତ ବର୍ଷ ସେମାନଙ୍କର ମୋଟ କାରବାର ପ୍ରାୟ ୭ ବିଲିୟନ ଡଲାରରେ ପହଞ୍ଚିଯିବ।

କର୍ଣ୍ଣେଲ ଏସସି ଜନସନଙ୍କ ରିପୋର୍ଟ ଅନୁଯାୟୀ, ଭାରତରେ କ୍ୱିକ୍-କମର୍ସ କାରବାର ଚଳିତ ବର୍ଷ (୨୦୨୬) ବଢ଼ି ୬୫, ୬୪୫.୪୦ କୋଟି ଟଙ୍କା ହୋଇଯାଇଛି। ୨୦୨୨ ତୁଳନାରେ ଏହି ଅଭିବୃଦ୍ଧି ୨୪ ଗୁଣ ଅଧିକ। ବେନ୍ ଆଣ୍ଡ କମ୍ପାନୀର ଏକ ରିପୋର୍ଟ ଦର୍ଶାଉଛି ଯେ ୨୦୨୪ରେ କ୍ୱିକ୍ କମର୍ସ କମ୍ପାନୀଗୁଡ଼ିକର ଅର୍ଡର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଦେଶର ମୋଟ ଅନଲାଇନ୍ ଗ୍ରୋସରୀ ଅର୍ଡରର ଦୁଇ-ତୃତୀୟାଂଶ କ୍ୱିକ୍-କମର୍ସ ପ୍ଲାଟଫର୍ମରୁ ହୋଇଥିଲା। ଇ-କମର୍ସ ବଜାରରେ କ୍ୱିକ୍-କମର୍ସ କମ୍ପାନୀଗୁଡ଼ିକ ନିଜର ପ୍ରଭାବ ଦୃଢ଼ କରିଚାଲିଛନ୍ତି। ଆମର ଇ-କମର୍ସ ଦେଶର ଦୃଢ଼ତା, ନବସୃଜନ ଓ ଉଦ୍ୟମଶୀଳତାର ଏକ ପ୍ରମାଣ। ଆମାଜନ ଓ ଫ୍ଲିପକାର୍ଟ ଭଳି ବିଶ୍ୱସ୍ତରୀୟ କମ୍ପାନୀଠାରୁ ଆରମ୍ଭ କରି ଅନ୍ୟାନ୍ୟ ପ୍ଲାଟଫର୍ମ ବଜାର ପରିସର ବୃଦ୍ଧି କରିବାରେ ନିଜର ଅନନ୍ୟ ଅବଦାନ ଦେଇଛନ୍ତି।

ସବୁଠାରୁ ବଡ଼ କଥା ହେଉଛି ଏହି କମ୍ପାନୀଗୁଡ଼ିକ ବ୍ୟାପକ ସ୍ତରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛନ୍ତି। ପିଆଇଏଫ୍ ଫାଉଣ୍ଡେସନର ଏକ ରିପୋର୍ଟ ଅନୁଯାୟୀ, ଏହି କମ୍ପାନୀଗୁଡ଼ିକ ଗତ ବର୍ଷ ୧.୫୮ କୋଟି ଲୋକଙ୍କୁ ରୋଜଗାର ଦେଇଛନ୍ତି। ସେଥିମଧ୍ୟରେ ୩୫ ଲକ୍ଷ ମହିଳା ଅଛନ୍ତି। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଇ-କମର୍ସ କମ୍ପାନୀଗୁଡ଼ିକ ସାଧାରଣ ବ୍ୟବସାୟୀ ତୁଳନାରେ ୫୪ ପ୍ରତିଶତ ଅଧିକ ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି। ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ସହରଗୁଡ଼ିକରେ ଗ୍ରାହକ ହାରାହାରି ୫, ୦୦୦ ଟଙ୍କାରୁ ଅଧିକ ଅନଲାଇନ୍ କିଣାବିକା କରୁଛନ୍ତି, ଯାହା ବଡ଼ ସହର ଅପେକ୍ଷା ଅଧିକ। ଇ-କମର୍ସ କମ୍ପାନୀଗୁଡ଼ିକ ଡେଲିଭରି ବୟ ସହିତ ଦକ୍ଷ ବ୍ୟକ୍ତିମାନଙ୍କୁ ମଧ୍ୟ ନିଯୁକ୍ତି ଦେଉଛନ୍ତି। ଏହି କମ୍ପାନୀଗୁଡ଼ିକ ୱେୟାର ହାଉସିଂ, ଲଜିଷ୍ଟିକ୍ସ, ଡିଜିଟାଲ୍ ଓ ଟେକ୍ନୋଲୋଜି ମ୍ୟାନେଜମେଣ୍ଟ, ଫାଇନାନ୍ସ ଇତ୍ୟାଦି କ୍ଷେତ୍ରରେ ବହୁଳ ପରିମାଣରେ ରୋଜଗାର ପ୍ରଦାନ କରୁଛନ୍ତି। ଆଗାମୀ ସମୟରେ ଏହି କ୍ଷେତ୍ରରେ କାରବାର ବୃଦ୍ଧି ସହିତ ନିଯୁକ୍ତି ସୁଯୋଗ ଆହୁରି ବଢ଼ିବ। ଇ-କମର୍ସ କମ୍ପାନୀଗୁଡ଼ିକ ଅତ୍ୟନ୍ତ ସୁନିୟୋଜିତ ଭାବେ କାର୍ଯ୍ୟ କରୁଛନ୍ତି।

ଆଜି ଇ-କମର୍ସ ଓ କ୍ୱିକ୍-କମର୍ସ କେବଳ ସାମଗ୍ରୀ କିଣାବିକାର ମାଧ୍ୟମ ହୋଇ ରହିନାହିଁ, ବରଂ ଏହା ଭାରତୀୟ ଅର୍ଥନୀତିର ଏକ ଶକ୍ତିଶାଳୀ ସ୍ତମ୍ଭ ଭାବେ ଉଭା ହୋଇଛି। ଗ୍ରାହକଙ୍କୁ ରାଜାର ସମ୍ମାନ ଦେବା ସହିତ ଏହି ବ୍ୟବସ୍ଥା ଲକ୍ଷ ଲକ୍ଷ ଲୋକଙ୍କୁ, ବିଶେଷ କରି ମହିଳାମାନଙ୍କୁ, ନିଯୁକ୍ତି ସୁଯୋଗ ଯୋଗାଇ ଦେଇ ସ୍ୱାବଲମ୍ବୀ କରିପାରିଛି। ବୈଷୟିକ ଜ୍ଞାନକୌଶଳର ଅଭିବୃଦ୍ଧି ଏବଂ ଯୋଗାଣ ଶୃଙ୍ଖଳାର ସଠିକ୍ ପରିଚାଳନା ଆଗାମୀ ଦିନରେ ଭାରତକୁ ବିଶ୍ୱର ଏକ ପ୍ରମୁଖ ଡିଜିଟାଲ୍ ବଜାରରେ ପରିଣତ କରିବାର ସାମର୍ଥ୍ୟ ରଖେ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## କଲ୍ୟାଣମୁଖୀ ଅର୍ଥନୀତିର ବ୍ୟାଖ୍ୟାକର: ବୈଦ୍ୟନାଥ ମିଶ୍ର

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ଜଣେ ଅର୍ଥନୀତିର ତତ୍ତ୍ୱ ଜାଣିଲେ ଅର୍ଥନୀତିଜ୍ଞ ହୋଇପାରନ୍ତି। ମାତ୍ର ସେହି ତତ୍ତ୍ୱ ଲୋକମଙ୍ଗଳ ସକାଶେ ଅଭିପ୍ରେତ ବୋଲି ଯେଉଁମାନେ ହୃଦୟଙ୍ଗମ କରିପାରିବାର ସହାନୁଭୂତିରେ ଆପ୍ଲୁତ ସେମାନେ ହିଁ ସର୍ଜନା କରିପାରନ୍ତି ହୃଦୟସ୍ପର୍ଶୀ ସାହିତ୍ୟ। ପୁଣି ଯାହାର ମୂଳଲକ୍ଷ୍ୟ ଲୋକହିତ ସାଧନ, ତାହାକୁ ବୋଧଗମ୍ୟ ଭାଷାରେ ପ୍ରକାଶ କରିବା ହିଁ ପ୍ରକୃତ ବିଦ୍ୱାନବ୍ୟକ୍ତିଙ୍କ ପ୍ରତିଭାର ପରିଚାୟକ। ଏ ପରିପ୍ରେକ୍ଷୀରେ ପ୍ରଫେସର ବୈଦ୍ୟନାଥ ମିଶ୍ରଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ ନିଶ୍ଚୟ। ଅର୍ଥନୀତିର ଜଟିଳ ତତ୍ତ୍ୱକୁ ଆଧାର କରି ଯେ ଆକର୍ଷଣୀୟ ସାହିତ୍ୟ ସର୍ଜନା ସମ୍ଭବ - ଏହା ସେ ପ୍ରମାଣିତ କରିଦେଲେ ଆନ୍ତରିକ ସାଧନା ଦ୍ୱାରା। ଅର୍ଥନୈତିକ ବିଚାରଧାରାକୁ କେନ୍ଦ୍ର କରି ସରଳ ଭାଷାରେ ସେ ଯେଉଁ ପ୍ରବନ୍ଧ ରଚନା କଲେ ତାହା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ସୁଖପାଠ୍ୟ ହେବା ସହିତ ପାଠକୀୟ ଚେତନାକୁ ସାମାଜିକ କଲ୍ୟାଣ ଅଭିମୁଖୀ କରିଦେଲା। ପୁଞ୍ଜିବାଦ କହିଲେ କ'ଣ, ସାମ୍ୟବାଦର ବିଶେଷତ୍ୱ ଓ ମହାତ୍ମା ଗାନ୍ଧୀଙ୍କ ଅର୍ଥନୀତିର ନୈତିକ ଦିଗଗୁଡ଼ିକର କି ମାର୍ମିକ ଉପସ୍ଥାପନ କରିଦେଲେ ସେ!

ଅଧିକରୁ ଅଧିକ ଅର୍ଥ ଉପାର୍ଜନ ଯେକୌଣସି ବ୍ୟକ୍ତିର ଅଧିକାରଭୁକ୍ତ। କିନ୍ତୁ ସ୍ୱଅର୍ଜିତ ବିପୁଳ ସମ୍ପଦକୁ ସମ୍ପୂର୍ଣ୍ଣ ଭାବରେ ନିଜର ଭୋଗବିଳାସ ପାଇଁ କେହି ବିନିଯୋଗ କରିପାରିବ ସ୍ୱାଧୀନ ଭାବରେ - ଏ ଅଧିକାର ତା'ର ରହିବା ଉଚିତ ନୁହେଁ। ଏ କଥା ମହାତ୍ମା ଗାନ୍ଧୀ ଯେଭଳି ସୁସ୍ପଷ୍ଟ ଭାବରେ ଅବତାରଣା କଲେ ସମଗ୍ର ପୃଥିବୀରେ ତା'ର ତୁଳନା ନାହିଁ। ସ୍ୱଚ୍ଛନ୍ଦ ସାଂସାରିକ ଜୀବନ ଅତିବାହିତ କରିବା ସକାଶେ ଆବଶ୍ୟକ ଅର୍ଥରାଶିକୁ କେବଳ ନିଜ ନିକଟରେ ରଖି ବଳକା ଅର୍ଥ ସମାଜର ଅନଗ୍ରସର ଲୋକଙ୍କ ପାଇଁ ସ୍ୱଇଚ୍ଛାରେ ଦାନ କରିବେ। ଫଳରେ ଏହି ଶ୍ରେଣୀର ବ୍ୟକ୍ତିବୃନ୍ଦ ହେବେ ସମାଜର ଟ୍ରଷ୍ଟି। କଥାଟି ଶୁଣିବା ପାଇଁ ଅତ୍ୟନ୍ତ ସୁଖକର। ମାତ୍ର ବାସ୍ତବ କ୍ଷେତ୍ରରେ ଏହାର ପ୍ରୟୋଗ ଯେ ଅସମ୍ଭବ - ଏହି ବିଷୟକୁ ନେଇ ଗାନ୍ଧିଜୀ ସମାଲୋଚନାର ଶରବ୍ୟ ହୋଇଛନ୍ତି। କିଏ କାହିଁକି ସ୍ୱଇଚ୍ଛାରେ କଷ୍ଟାର୍ଜିତ ଧନ ଦାନ କରିବେ? କିନ୍ତୁ ଗାନ୍ଧିଜୀଙ୍କ ପରିକଳ୍ପିତ ଅର୍ଥନୀତିକୁ ବିସ୍ତୃତ ଭାବରେ ବୈଦ୍ୟନାଥ ମିଶ୍ର ବ୍ୟାଖ୍ୟା କରିଦେଇଛନ୍ତି। ବାସ୍ତବିକ ଧନିକ ସମ୍ପ୍ରଦାୟକୁ ସମ୍ବେଦନଶୀଳ ହେବାର ଏହା ଏକ ସୁବର୍ଣ୍ଣ ସୁଯୋଗ। ସ୍ୱଇଚ୍ଛାରେ ଟ୍ରଷ୍ଟି ହେବାକୁ ଅନିଚ୍ଛୁକଙ୍କ ପ୍ରତି ପ୍ରଯୁଜ୍ୟ ହେବ ଗାନ୍ଧିଜୀଙ୍କ ଅମୋଘ ଅହିଂସ ଅସ୍ତ୍ର 'ଅସହଯୋଗ'। ସମାଜର ସହଯୋଗରେ ହିଁ ଜଣେ ଧନ ଉପାର୍ଜନ କରିଥାଏ। ଯଦି ସେଥିରୁ ଉଦବୃତ୍ତ ଅର୍ଥ ସେ ସାମାଜିକ ବିକାଶ ପାଇଁ ବିନିଯୋଗ କରିବାରେ କୁଣ୍ଠିତ, ସମାଜ ତା'କୁ କାହିଁକି ସମର୍ଥନ କରିବ? ଯେଉଁ ଅପରାଜେୟ ବ୍ରିଟିଶ ଶାସକକୁ ଅସହଯୋଗ ବଳରେ ହିଁ ଦୁର୍ବଳ କରିଦେଇଥିଲେ ଗାନ୍ଧିଜୀ, ସେହି ଶକ୍ତିଶାଳୀ ନୀତି ସମାଜରେ କାର୍ଯ୍ୟକ୍ଷମ ହେବ ନାହିଁ କାହିଁକି? ଅସହଯୋଗର ପ୍ରଭାବ ଅନ୍ୟ କୌଣସି ମତବାଦଠାରୁ କେତେ ବାସ୍ତବଧର୍ମୀ ତାହା ବୈଦ୍ୟନାଥ ମିଶ୍ର ବଳିଷ୍ଠ ଭାବରେ ପ୍ରତିପାଦନ କରିଦେଲେ।

ପ୍ରଫେସର ମିଶ୍ର ସମାଜର ତଳସ୍ତରରୁ ଆସିଥିବାରୁ ଦେଶର ଦାରିଦ୍ର୍ୟ ଦୂରୀକରଣ କେଉଁ ଅର୍ଥନୀତିର ଆଦର୍ଶ ବଳରେ ସମ୍ଭବ, ତାହା ଗଭୀର ଭାବରେ ଚିନ୍ତା କରିଛନ୍ତି। ତାଙ୍କ ରଚିତ ପୁସ୍ତକଗୁଡ଼ିକରେ ପ୍ରସଙ୍ଗଗୁଡ଼ିକର ଚିତ୍ତାକର୍ଷକ ବର୍ଣ୍ଣନା ସାଧାରଣ ପାଠକବର୍ଗ ମଧ୍ୟରେ ବି ସକାରାତ୍ମକ ଚିନ୍ତନକୁ ପ୍ରଶସ୍ତ କରି ଦେଇପାରେ। ତା' ମଧ୍ୟରେ ଅନ୍ତର୍ଭୁକ୍ତ 'ପୁଞ୍ଜିବାଦ, ସମାଜବାଦ ଓ ଗାନ୍ଧୀବାଦ', 'ଭାରତର ଆର୍ଥନୀତିକ ସମସ୍ୟା', 'ଆର୍ଥନୀତିକ ଯୋଜନା', 'ଶାସନ ଓ ସଂସ୍କାର', 'ସମାଜବାଦ ଓ ଗଣତନ୍ତ୍ର', 'ସାମାଜିକ ମୂଲ୍ୟବୋଧ', 'ରାଜନୀତିର ସୁଖ ଓ ଦୁଃଖ', 'ଚନ୍ଦ୍ରଲୋକରେ ଚହଲ' ଆଦି ଅନେକ ପୁସ୍ତକ। ଜୀବନରେ ଶିକ୍ଷା, ସମାଜ, ରାଜନୀତି କ୍ଷେତ୍ରରେ ଯେଉଁଠି ସେ ଲକ୍ଷ୍ୟ କରିଛନ୍ତି ଦରିଦ୍ରମାନଙ୍କ ପ୍ରତି ପ୍ରକାଶିତ ସହାନୁଭୂତି ମଧ୍ୟରେ ଲୁକ୍କାୟିତ ହୋଇ ରହିଛି ଛଦ୍ମତାର ଆବିଳତା, ସେଥିରେ ସେ ପୀଡ଼ାଗ୍ରସ୍ତ ହୋଇଛନ୍ତି। ରାଜନୈତିକ ଜୀବନରେ ଯେଉଁସବୁ ତିକ୍ତ ଅନୁଭୂତିର ସମ୍ମୁଖୀନ ହୋଇଛନ୍ତି, ତାହାକୁ ନିଷ୍କପଟ ଭାବରେ ଖବରକାଗଜରେ ବ୍ୟକ୍ତ କରିଛନ୍ତି। ସମାଜରେ ଅର୍ଥନୈତିକ ସମାନତା ପ୍ରତିଷ୍ଠା କରିବାର ବିଶିଷ୍ଟ ବ୍ୟକ୍ତିଙ୍କ ଅନାନ୍ତରିକତା ତାଙ୍କୁ ଆହତ କରିଛି ଗଭୀର ଭାବରେ। ଦାରିଦ୍ର୍ୟ ନିପୀଡ଼ିତ ସମାଜ ପ୍ରତି ସହାନୁଭୂତି ବ୍ୟକ୍ତ ଲକ୍ଷ୍ୟରେ ବିଶିଷ୍ଟ ବ୍ୟକ୍ତିଙ୍କ ଉଦବେଗ ସୃଷ୍ଟିକାରୀ ଉଦବୋଧନ କେତେ ଶଠତାପୂର୍ଣ୍ଣ, ତାହା ନିର୍ଭୀକ ଭାବରେ ବର୍ଣ୍ଣନା କରିଦେଇଛନ୍ତି।

ଯେଉଁ ଯୁବସମାଜ ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ଅସମ୍ଭବ ନୁହେଁ ବୋଲି ଅନୁଭବ କରିପାରନ୍ତି ଏବଂ ସ୍ୱଦେଶର ଯଥାର୍ଥ ପ୍ରଗତି ପାଇଁ କାର୍ଯ୍ୟ କରିବାକୁ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି ସେମାନଙ୍କ ପାଇଁ ପ୍ରଫେସର ବୈଦ୍ୟନାଥ ମିଶ୍ରଙ୍କ ପୁସ୍ତକାବଳୀ ଶ୍ରେଷ୍ଠ ପ୍ରେରଣା-ପ୍ରଦାନ -କ୍ଷମ ଏକ ଏକ ଆଲୋକବର୍ତ୍ତିକା ଭାବେ ବିଦ୍ୟମାନ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# WALK IN INTERVIEW

Wanted Teaching Guest Faculties for **Logic, Sanskrit, Odia, Education, Commerce, I.T.** subjects and Library Attendant (one in each) will be held in the office of the undersigned at **09:00 a.m. on 30/06/2026.** Interested candidates having minimum **55% of marks** in concerned subjects (Teaching) in **Master Degree level** & **+2 Passed** qualification for Library Attendant should attend the interview with their **Resume, original photo** copies testimonials.

**Principal**
**RAGHUNATHJEW H.S SCHOOL**
**DEULASAHI, CUTTACK-753008.**

# GOVERNMENT OF ODISHA
## TOURISM DEVELOPMENT OFFICE, PURI

**No. Acct. TDOP-39/26-1403/TDO, Puri, Date: 24.06.2026**
**Email: oritourpuri@gmail.com, Tel No.: 06752-222664**

## SHORT TENDER CALL NOTICE

Tourism Development Office, Puri on behalf of Department of Tourism, Government of Odisha, Bhubaneswar invites tender in sealed covers from intending Agencies/Firms/Event Managers for installation of Temporary Tourism Information Stalls at different places of Puri in connection with Car Festival, 2026. Detailed information is available on the Puri District website: **https://puri.odisha.gov.in.**

OIPR-24001/24409/1/26-27/0001 **Sd/- Asst. Director, Tourism**

GOVERNMENT OF ODISHA **25001/504/2627**
### OFFICE OF THE EXECUTIVE ENGINEER
### RURAL WORKS DIVISION-II, SUNDARGARH

**Lt. No. 4502 / Dt. 22.06.2026**

**1st Corrigendum to Bid Identification No. Online – EERKL-15/2026-27**

Due to some unavoidable circumstances in respect of the tender for Building Works invited in Tender Call Notice Bid Identification No. Online – EERKL-15/2026-27 by the Executive Engineer, Rural Works Division-II, Sundargarh, the date of online bidding and opening, which was scheduled from 19.06.2026 to 30.06.2026, is hereby extended as follows:

| Availability of Tender Online (From) | | Last Date & Time of Seeking Tender Clarification | Date & time of Opening of Tender (Technical Bid) |
|---|---|---|---|
| FROM | TO | | Online-EERKL-15/2026-27 |
| 24.06.2026 at 10.00 AM | 02.07.2026 up to 5.00 P.M. | 01.07.2026 up to 5.00 P.M. | 03.07.2026 at 11.00 A.M. |

**Executive Engineer**
**R.W. Division-II, Sundargarh**
**OIPR-25001/25193/1/26-27/0023**

GOVERNMENT OF ODISHA **34001/389/2627**
### OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE

**e-Procurement Notice**

**Bid Identification No. S.E (R&B)-07/2026-27/JYP(K)**
**No. 3844 Date: 18.06.2026**

Bid Documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. **Name of the Work** : Road & Building Work as mentioned in DTCN.
2. **No. of Works** : 4 Nos.
3. **Estimated Cost** : Rs. 18.45 Lakhs to Rs. 27.82 Lakhs
4. **Period of Completion** : 1 (One) to 3 (Three) Months
5. **Date & Time of Bidding** : From 11.00 Hours of 25.06.2026 up to 17.00 Hours of 04.07.2026
6. **Last Date & Time for Receipt of Bids in Portal** : 17.00 Hours of 04.07.2026
7. **Bids Received Online Shall Be Opened On** : 11.00 Hours of 06.07.2026
8. **Name and Address of the Officer Inviting Bid** : Superintending Engineer, Jeypore (R&B) Division, Jeypore.

Further details can be seen from www.tendersodisha.gov.in.

**Superintending Engineer**
**Jeypore (R&B) Division, Jeypore**
OIPR-34001/34027/1/26-27/0007

OFFICE OF THE PRINCIPAL
### NATIONAL COLLEGE, NUAPADA
AT/PO/DIST-NUAPADA (ODISHA) – 766105
e-Mail: principalncn@gmail.com

**Notice No.: 13/NCN** **Date: 23/06/2026**

**Quotation Call Notice**

Sealed quotations are invited from the interested firms/suppliers having valid GSTIN & PAN to supply the following items prescribed by the Government of Odisha, Department of Higher Education, Odisha, Bhubaneswar vide Letter No. 16578 Dtd. 23.03.2026 following all norms and specification of the items as specified in this letter. The sealed quotations along with the copies of GSTIN & PAN etc. should be reached to the undersigned by **5.00 PM on or before 07.07.2026** by Registered/Speed Post/Courier Services. For further details please visit the college website www.nationalcollegenpd.com. The quotation should be inclusive of spot delivery, installation charges and taxes. The undersigned reserves the right to cancel or withdraw the Quotation Call.

| Sl. No. | Item | Specification | Company |
|---|---|---|---|
| 1 | Desktop Set | i10, 12th Gen, 8GB RAM, 512 GB, 23.8 inch above | HP / Dell / Lenovo |
| 2 | UPS | 650VA / 360W | Microtek / Luminous / Vguard |
| 3 | MFM Printer | Laser Jet, Colour Inkjet | HP / Canon / Samsung |

**Sd/- Principal**
**National College, Nuapada**

### EOI FOR EMPANELMENT OF SUPPLIER FOR DAIRY ANIMALS
6001/57/2627

**EOI No. 10474, Date: 22.06.2026**

**EOI for Empanelment of "Supplier for Dairy Animals"**

Suppliers for supply of milch cow/buffalo from outside the State for sub-schemes under **Mukhyamantri Kamdhenu Yojana (MKY) / Mukhyamantri Krushi Udyoga Yojana (MKUY)**

The Fisheries & ARD Department has launched the **Mukhyamantri Kamdhenu Yojana (MKY)** to accelerate the growth of the dairy sector in the State through the induction of high-genetic-potential dairy cows/buffaloes from outside Odisha, with the objective of enhancing the quality and productivity of the State's dairy animal population.

The Director of Animal Husbandry and Veterinary Services, Odisha, Cuttack invites **Expression of Interest (EOI)** from intending Firms/Organizations/Agencies/Individuals for empanelment towards supply of high milk yielding cows/buffaloes from outside the state for animal induction by farmers under State Plan Scheme "Mukhyamantri Kamdhenu Yojana" and "Mukhyamantri Krushi Udyoga Yojana (MKUY)".

The details of the Expression of Interest (Non-transferable) as well as terms and conditions and information docket are available on the DAH & VS, Odisha website: https://odishaahvs.nic.in. Interested parties are requested to download the required documents and submit their response to the undersigned at the above-mentioned address along with the cost of the EOI document of **Rs. 2360/- (Rs. 2000/- + 18% GST)** in shape of Bank Draft drawn in favour of the **Director, AH & VS**, payable at Cuttack.

The cost of EOI documents is compulsory and the bank draft should be enclosed in original along with the EOI documents. The cost paid for EOI documents is non-refundable.

**Time Line**

| | |
|---|---|
| Date & Time of release of EOI | 25.06.2026 |
| Submission of queries on EOI & Pre-bid meeting | At DAH&VS, Mangalabag, Cuttack, Odisha on 02.07.2026 at 11:30 AM |
| Start Date & Time of submission of EOI documents | 27.06.2026 (10:00 AM) |
| Last Date & Time of submission of EOI | 17.07.2026 (05:00 PM) |
| Date & Time of opening of Bid | 20.07.2026 (11:30 AM) |

**DIRECTOR**
Animal Husbandry and Veterinary Services,
Odisha, Mangalabag, Cuttack
**OIPR-6001/6014/1/26-27/0006**

## AFFIDAVIT

By virtue of an affidavit no.172 before the Notary Public, Bhubaneswar, dtd.24.06.2026, I, Hapi Swain, At-Baghuapalli, PS-Fategarh, Dist.-Nayagarh, Odisha–752077, hereby declare that I have changed my name from Hapi Swain to Soumya Ranjan Swain. Henceforth, I shall be known as **Soumya Ranjan Swain** for all purposes.

## AFFIDAVIT

By Virtue of an affidavit sworn before in the Court of Executive Magistrate, Basta, Balasore. I, Harihar Dandapat,S/o- Muralidhar Dandapat of permanent Resident At -Tigiria, Po-Pandarungi, Ps-Basta, Dist-Balasore, Odisha, 756029. Declared by Affidavit Sl No: - 1552, Dtd-17/04/2026. That, I, Have changed my name from SANAYASI KHATUA to HARIHAR DANDAPAT. Hence forth, I shall be Known as **HARIHAR DANDAPAT** for all future purpose.

**Harihar Dandapat**

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 977, dated 20.06.2026, I, MANISA NAYAK, Daughter of - Pradeep Kumar Nayak & Wife of - Sudhakar Kachhap permanent resident of Village - Bhurbhusi, PO - Betal, PS - Kodinga, Dist - Nabarangpur, Odisha, Pin - 764075, declare that I have changed my name from MONISHARANI KACHHAP to MANISA NAYAK. Henceforth, I shall be known as **MANISA NAYAK** for all purposes.

**Sd/- Manisa Nayak**

## AFFIDAVIT

By virtue of an affidavit sworn before the Executive Magistrate, Bargarh dated 16.06.2026, I, Alestar Minz, Address- Vill.-Khaliapali, Po.- Bardol, Ps./Dist.- Bargarh, Odisha declare that, my daughter's actual name is **Sonia Minz** and date of birth is **12.11.2012** but in her Aadhar card her name has been wrongly mentioned as Dania Minch. That, **Sonia Minz** and **Dania Minch** is one and same person.

## ବିକ୍ରି କବଲା ହଜିଛି

ଆମ୍ଭେ ଶ୍ରୀ ନାରାୟଣ ପ୍ରସାଦ ସାହୁ, ପିତା- ସ୍ୱର୍ଗତ ଦାଶରଥି ସାହୁ, ସା/ପୋ- ପାଟପୁର, ଥାନା- ଉଦଳା, ଜି- ମୟୂରଭଞ୍ଜ ପ୍ରକାଶ କରୁଅଛି ଯେ ତା. ୦୮.୦୬.୨୦୨୬ ରିଖ ସୋମବାର ଦିନ ଉଦଳା କଚେରୀରୁ ପାଟପୁର ସ୍ଥିତ ମୋ ଘରକୁ ଫେରିବା ବାଟ ରେ ମୋର ଅରିଜିନାଲ ରେଜେଷ୍ଟ୍ରି ବିକ୍ରି କବଲା ନ. ୧୮୨୯, ତା. ୨୨.୧୦.୧୯୮୮ କେଉଁଠାରେ ହଜିଯାଇଛି । ବହୁ ଖୋଜା ଖୋଜି କରିବା ସତ୍ତ୍ୱେ ମୁଁ ପାଇପାରିନାହିଁ ଯଦି କେହି ସହୃଦୟ ବ୍ୟକ୍ତି ଉକ୍ତ କବଲାଟି ପାଇଥାନ୍ତି, ଦୟାକରି ମୋବାଇଲ ନଂ. ୯୧୭୮୨୭୮୯୦୭ରେ ଜଣାଇବାକୁ ଅନୁରୋଧ କରୁଛି ।

ନାରାୟଣ ପ୍ରସାଦ ସାହୁ

## ପଶ୍ଚିମ ରେଳବାଇ ରତଲାମ ମଣ୍ଡଳ

### ଇ-ଟେଣ୍ଡର ବିଜ୍ଞପ୍ତି

ପଶ୍ଚିମ ରେଳବାଇ, ରତଲାମ ମଣ୍ଡଳ ପକ୍ଷରୁ ଏକ ଇ-ଟେଣ୍ଡର ବିଜ୍ଞପ୍ତି ଜାରି କରାଯାଇଛି । ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା M247GLRSRP262715, ତାରିଖ 23.06.2026 । ଏହି ଟେଣ୍ଡର 80ଟି ବିଦ୍ୟୁତ ଲୋକୋମୋଟିଭ୍‌ର ରିପାଇଫି କାର୍ଯ୍ୟ ପାଇଁ ଆହ୍ୱାନ କରାଯାଇଛି । କାର୍ଯ୍ୟଟି ପଶ୍ଚିମ ରେଳବାଇର ଦାହୋଦସ୍ଥିତ CVWM କାର୍ଯ୍ୟାଳୟରେ ସମ୍ପାଦିତ ହେବ । ଏହାର ଆନୁମାନିକ ମୂଲ୍ୟ ଟ.8,80,39,200/- ଧାର୍ଯ୍ୟ କରାଯାଇଥିବା ବେଳେ ଅମାନତ ଜମା ଡିପୋଜିଟ୍ ( E M D ) ରାଶି ଟ.17,60,800/- ନିର୍ଦ୍ଧାରଣ କରାଯାଇଛି । ଇ-ଟେଣ୍ଡର ଦାଖଲ କରିବାର ଶେଷ ସମୟ 15.07.2026 ତାରିଖ ଦିନ ଅପରାହ୍ନ 2.30 ଘଣ୍ଟା ପର୍ଯ୍ୟନ୍ତ ରହିଛି ଏବଂ ସେହି ଦିନ ଅପରାହ୍ନ 3.00 ଘଣ୍ଟାରେ ଟେଣ୍ଡର ଖୋଲାଯିବ । ଟେଣ୍ଡର ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ଏବଂ ଦଲିଲପତ୍ର www.ireps.gov.in ୱେବସାଇଟର E-Tenders/Works/IRElectrical ରୁ ପ୍ରାପ୍ତ କରିପାରିବେ ।

Apex/109

Like us on: facebook.com/WesternRly

## ପଶ୍ଚିମ ରେଳବାଇ ରତଲାମ ମଣ୍ଡଳ

### ଇ-ଟେଣ୍ଡର ବିଜ୍ଞପ୍ତି

ପଶ୍ଚିମ ରେଳବାଇ, ରତଲାମ ମଣ୍ଡଳର DRM (S&T), ୱର୍କସ୍ ରତଲାମ ପକ୍ଷରୁ ଟେଣ୍ଡର ନଂ SnT-RTM-26-Tele-14, ତାରିଖ 23.06.2026 ଅନୁସାରେ ଏକ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଇଛି । ଏହି କାର୍ଯ୍ୟ ଅନ୍ତର୍ଗତ ରତଲାମ ମଣ୍ଡଳର ବ୍ଲକ୍ ସେକ୍ସନରେ ଥିବା ବର୍ତ୍ତମାନର ଭୂଗର୍ଭସ୍ଥ ସିଗ୍ନାଲ ଏବଂ ଟେଲିକମ୍ କେବୁଲଗୁଡ଼ିକର ଡ୍ରୋନ୍ ଓ D G P S ସର୍ଭେ କରାଯାଇ କେବୁଲ ରୁଟ୍ ପ୍ଲାନ୍ ପ୍ରସ୍ତୁତ କରାଯିବ । ଏହି ଟେଣ୍ଡରର ଆନୁମାନିକ ମୂଲ୍ୟ 7,71,13,920.00 ଟଙ୍କା ହୋଇଥିବାବେଳେ ବିଡ୍ ସିକ୍ୟୁରିଟି / ଅମାନତ ଜମା ଭାବେ 15,42,300.00 ଟଙ୍କା ଜମା କରିବାକୁ ପଡ଼ିବ । ବିଡ୍ ଦାଖଲ କରିବାର ଶେଷ ତାରିଖ ଓ ସମୟ : 20.07.2026 , ଅପରାହ୍ନ 3.00 ଘଣ୍ଟା ରହିଛି ଏବଂ ବିଡ୍‌ଗୁଡ଼ିକ ସେହି ଦିନ ଅପରାହ୍ନ 3.30 ଘଣ୍ଟା ପରେ ଖୋଲାଯିବ । କାର୍ଯ୍ୟ ସମାପ୍ତି ପାଇଁ 12 ମାସର ଅବଧି ନିର୍ଦ୍ଧାରିତ ହୋଇଛି । ବିଡ୍ ଖୋଲିବା କାର୍ଯ୍ୟ Sr. DSTE, DRM କାର୍ଯ୍ୟାଳୟ, ରତଲାମ, ମଧ୍ୟପ୍ରଦେଶରେ ସମ୍ପନ୍ନ ହେବ । ଆଗ୍ରହୀ ଟେଣ୍ଡରଦାତାମାନେ ଇ-ଟେଣ୍ଡର ପୋର୍ଟାଲ www.ireps.gov.in ରେ ଟେଣ୍ଡର ସମ୍ବନ୍ଧୀୟ ସମସ୍ତ ବିବରଣୀ ଦେଖିପାରିବେ ଏବଂ ସେହି ପୋର୍ଟାଲ ମାଧ୍ୟମରେ ନିଜର ପ୍ରସ୍ତାବ ଦାଖଲ କରିବାକୁ ପଡ଼ିବ ।

Apex/107

Like us on: facebook.com/WesternRly

## ସାର୍ବଜନୀନ ସୂଚନା

ଏହି ସୂଚନା ମାଧ୍ୟମରେ ମୋର ମହକିଲ ଶ୍ରୀମତୀ କଳ୍ପନା କବାଟ, ପିତା- ପରମାନନ୍ଦ କବାଟ ବନଜା ବେହେରାଙ୍କ ସପକ୍ଷରେ ମୂଳ ବିକ୍ରୟ ପତ୍ର ପଞ୍ଜିକୃତ ନଂ- ୧୧୧୨୧୮୦୧୩୪୮ (୩୧.୦୩.୨୦୧୮) ବନଜା ବେହେରାଙ୍କ ସପକ୍ଷରେ ଏବଂ ୧୧୧୨୨୪୦୦୮୭୩ (୧୬.୦୨.୨୦୨୬) କଳ୍ପନା କବାଟ ସପକ୍ଷରେ ସଂଶୋଧନ ପତ୍ର ପଞ୍ଜିକୃତ ନଂ- ୧୧୧୨୨୨୦୩୯୧୬(୦୨.୦୭.୨୦୨୨) ସହିତ ବନଜା ବେହେରାଙ୍କ ସପକ୍ଷରେ RoR ଖାତା ନଂ- ୩୧୧/୨୭୦୬ ଏବଂ ୩୧୧/୩୧୧୧ କଳ୍ପନା କବାଟ ସପକ୍ଷରେ ମୌଜା-କଣ୍ଡିଲୋ, ତହସିଲ-ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ରାଜ୍ୟ-ଓଡ଼ିଶାଙ୍କ ସପକ୍ଷରେ ଥିବା ସମ୍ପୃକ୍ତ ROR ହଜାଇଛନ୍ତି । ଏଥିପାଇଁ ଘଟଗାଁ ଥାନାରେ ଏକ FIR (ଅଭିଯୋଗ ନଂ- ୨୪୪୯୭୦୧୫୦୭୨୬୦୦୦୧୦) ୨୨.୦୬.୨୦୨୬ରେ ଦାୟର କରାଯାଇଛି । ସମସ୍ତ ବ୍ୟକ୍ତିଙ୍କୁ ଏହି ନୋଟିସ୍ ପ୍ରକାଶ ପାଇବାର ପର୍ଯ୍ୟାପ୍ତ ପ୍ରମାଣ ସହିତ ୧୫ ଦିନ ମଧ୍ୟରେ ଉକ୍ତ ସମ୍ପତ୍ତି କିମ୍ବା ଏହାର ଯେକୌଣସି ଅଂଶ ବିଷୟରେ ସେମାନଙ୍କର ଦାବି କିମ୍ବା ଆପତ୍ତି ଦାଖଲ କରିବାକୁ ଏତଦ୍ୱାରା ସୂଚିତ କରାଯାଉଛି । ଯଦି ଉପରୋକ୍ତ ଡକ୍ୟୁମେଣ୍ଟଗୁଡ଼ିକ ୧୫ ଦିନ ମଧ୍ୟରେ ନ ମିଳେ, ତେବେ ରେଜିଷ୍ଟ୍ରି ଅଫିସରୁ ପ୍ରାପ୍ତ ଡକ୍ୟୁମେଣ୍ଟଗୁଡ଼ିକର ପ୍ରମାଣିତ କପିକୁ ମୂଳ ଡକ୍ୟୁମେଣ୍ଟ ଭାବରେ ବିବେଚନା କରାଯିବ ।

ସମୀର କୁମାର ପାଇକରାୟ (ଆଡ୍‌ଭୋକେଟ୍)
ଭୁବନେଶ୍ୱର କୋର୍ଟ,
ଫୋନ୍: ୭୦୦୮୦୦୫୪୧୯

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 980, dated 22.06.2026, I, MUNA NAYAK, Son of - Sunadhar Harijan, permanent resident of Village - Jatabal, PO - Jatabal, PS - Dabugam, Dist - Nabarangpur, Odisha, Pin - 764071, declare that I have changed my name from MUNA HARIJAN to MUNA NAYAK. Henceforth, I shall be known as **MUNA NAYAK** for all purposes.

**Sd/- Muna Nayak**

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 987, dated 23.06.2026 I, NALINI PUJARI, Daughter of - Madhu Pujari & Wife of - Jhadeswar Patro, permanent resident of Village - Sirisi, PO - Sirisi, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from NALINI RAJGOND to NALINI PUJARI. Henceforth, I shall be known as **NALINI PUJARI** for all purposes.

**Sd/- Nalilin Pujari**

## AFFIDAVIT

By virtue of an affidavit before the Notary Public, Sukinda, Jajpur, dtd.23.06.2026, I, Satyajit Behura, Village /PO/PS-Sukinda, Dist.-Jajpur do hereby declare that I have changed my minor son's name from Saipriti Behura to Saiprit Behura. Henceforth, he shall be known as **Saiprit Behura** for all purposes.

**Sd/- Satyajit Behura**

## AFFIDAVIT

I Sk Akhlak Hosain holding indian Passport No-M7901874 residing At- Sayedpur, Noor Mohalla, Po/Ps-Binjharpur, Dist-Jajpur, Odisha, Pin-755004 declare by Court Affidavit vide no 2966 Dt-22/06/2026 have change the of my mother Khursida Bibi (Old Name) to Khursida Jahanara Begum (New Name) and my father Sofean Shaikh (Old Name) to Sk Sufiyan (New Name) . And have changed my Date of Birth from 10.09.1990. to 10.09.1993 For all Future Purposes.

**Sk Akhlak Hosain**

## AFFIDAVIT

I, Bismaya Kumar Swain, aged about 60 years, S/o- Late Manmohan Swain, resident of At: Plot No- RP/119, Pandav Nagar, Tankapani road, Po/Ps-Badagada, Bhubaneswar, Dist- Khordha, Pin- 751018, State: Odisha declared by this affidavit No. 45, dtd- 24/06/2026 that now onwards I shall be known as **BISMAY KUMAR SWAIN** for all future purposes.

## AFFIDAVIT

By virtue of an affidavit (SL No. 1580, dtd- 23/06/2026) sworn before The Executive Magistrate, Bhubana, Dhenkanal. I, **Tirthabasi Swain,** S/o- Jogi Swain, permanent resident of Vill/PO: Balibo(L), PS: Bhubana, Dist: Dhenkanal, PIN- 759017, State: Odisha. Correctly record in all relevant documents including in his birth certificate bearing Regd No- 4736/2015, on dt-03.08.2015 Issued by the registered birth Dhenkanal Municipality. declare that I have changed my minor son's name from **Saswat Sekhar Swain** (old name) to **Sai Sritam Swain** (new name). Henceforth, he shall be known as **Sai Sritam Swain** (new name) for all purposes.

**Tirthabasi Swain**

## AFFIDAVIT

I, Paresh Agrawal, aged about 43 years, S/O- Pawan Kumar Agrawal, resident of Kansari Pada, Balangir, Po- Balangir, Ps-Town Bolangir, Dist- Balangir, Odisha, Pin- 767001 do hereby declare by this affidavit No. 1296, dtd- 24/06/2026, that now onwards I shall be known as **PARESH KUMAR AGRAWAL** for all future purposes.

## AFFIDAVIT

By virtue of an affidavit (Sl No.235, dtd- 22/06/2026) sworn before the Executive Magistrate, Khariar, Nuapada. I, **Kunal Tandi** (applicant name), S/o Narayan Tandi, resident of Village: Khariar, Ward No.4, PO/PS: Khariar, Dist: Nuapada, Odisha declare that I have changed my minor son's name from **Prince Tandi** (old name) to **Prinsu Tandi** (new name). Henceforth, he shall be known as **Prinsu Tandi** (new name) for all purpose.

**Kunal Tandi**

24001/233/2627

# ଓଡ଼ିଶା ସରକାର
## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

ନଥି ସଂ - IX(A)-11/2026-324 ତାରିଖ: ୦୯.୦୬.୨୦୨୬

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ବାଲକାଟି, ଥାନା- ଆନନ୍ଦପୁର, ତହସିଲ- ଆନନ୍ଦପୁର, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୨, ୯୩୦ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government ) ଏତଦଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧୁକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧-ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ।
୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ଅଧିକ୍ଷଣ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକ ।
୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ।
୪-ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫-ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-ଉପ ଜିଲ୍ଲାପାଳ, ଆନନ୍ଦପୁର ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧ ସୂଚିତ ଜମିର ରକବା | ରସ୍ତର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଆନନ୍ଦପୁର | ବାଲକାଟି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୧୫.୩୭୦ | ୨.୯୩୦ | ସଂଲଗ୍ନ |

ଉକ୍ତ ଅଧୁସୂଚିତ ଜମି ରକବା ମଧ୍ୟରୁ ଏ୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧୁସୂଚନା ଅନ୍ତର୍ଭୂକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ବିଶାଲ ସିଂ
ଜିଲ୍ଲାପାଳ, କେନ୍ଦୁଝର

### ଭୂମି ଅନୁସୂଚୀ

ପ୍ରକଳ୍ପର ନାମ –ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ,
ମୌଜା- ବାଲକାଟି, ଥାନା –ଆନନ୍ଦପୁର, ତହସିଲ-ଆନନ୍ଦପୁର, ଜିଲ୍ଲା- କେନ୍ଦୁଝର

| କ୍ରମିକ ନଂ. | ଖତିୟାନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ୍ ନଂ. | କିସମ | ମୋଟ ରକବା (ଏକର) | ଅର୍ଜନ ରକବା (ଏକର) |
|---|---|---|---|---|---|---|
| ୧ | ୧୧ | ଆର୍ତ ସାହୁ ପି- ଅଇଁଠୁ ସାହୁ, ଜା- ତେଲି ବା- ନିଜଗାଁ | ୩୪ | ଶାରଦ ଏକ | ୦.୨୩୦ | ୦.୨୩୦ |
| ୨ | ୧୨ | ଇନ୍ଦ୍ରମଣି ଜେନା ପି-ଜନ୍ଧା ଜେନା, କନ୍ଦ ଜେନା, ବୈସିମ ଜେନା, ପି- ମଦନ ଜେନା, ଜା- ପାଣ, ବା- ଦଧିବାମନପୁର | ୧୭୨ | ଶାରଦ ଦୋଫସଲି ଏକ | ୦.୧୯୦ | ୦.୦୨୦ |
| | | | ୧୭୪ | ବିଆଳି ଦୋଫସଲି ଏକ | ୦.୬୪୦ | ୦.୦୩୦ |
| | | | ୧୭୮ | ଶାରଦ ଦୋଫସଲି ଏକ | ୦.୨୦୦ | ୦.୦୨୦ |
| ୩ | ୨୭୫/୨୩ | ଶ୍ରୀମତୀ ସାରୁଅ ସାହାଣୀ ସା-ଚକ୍ରଧର ସହାଣୀ , ଜା- ଖଣ୍ଡାୟତ ବା- ଦୁଡୁଗାଁ | ୧୯୪ | ବାଜେଫସଲ ଏକ | ୧.୨୨୦ | ୦.୦୩୦ |
| ୪ | ୩୧ | କେଳା ବାରିକ ପି- କପିଳ ବାରିକ, ଲକ୍ଷ୍ମୀଧର , ବାରିକ, ନାରାୟଣ ବାରିକ, ଚହଳିଆ ବାରିକ , ପି- ଧଡି ବାରିକ, ନାଣ୍ଡୁ ବାରିକ , ପି- ସପନ ବାରିକ , ଜା- ନିଆରି , ବା- ଫକିରପୁର | ୧୭୧ | ଶାରଦ ଦୋଫସଲି ଏକ | ୦.୩୪୮ | ୦.୨୨୦ |
| ୫ | ୫୦ | ଗୁମାନ ଜେନା, ଗୋପାଳ ଜେନା, ଗଙ୍ଗା ଜେନା ସିରିଆ ଜେନା, ରଙ୍ଗା ଜେନା, ପି- ରତନ ଜେନା, ଗଇ ଜେନା ସା- ରତନ ଜେନା, ମାନ ଜେନା, ବିଭୁତି ଜେନା, ପୋଇନ ଜେନା ପି- ପତନ ଜେନା ଜଲା ଜେନା - ପତନ ଜେନା, ଗୋପି ଜେନା, ମାଧବ ଜେନା, ଲେଖନ ଜେନା ପି- ଗାଣ୍ଡୁ ଜେନା, ବେଙ୍ଗ ଜେନା ସା- ଗାଣ୍ଡୁ ଜେନା, ବଇ ଜେନା, ମଠୁ ଜେନା, କାର୍ତିକ ଜେନା ପି-ମେନା ଜେନା ଜା-ପାଣ ବା-ଦଧିବାମନପୁର | ୧୯୩ | ବିଆଳି ଦୋଫସଲି | ୦.୫୦୦ | ୦.୦୪୦ |
| | | | ୧୯୩/ ୧୨୦୯ | ବିଆଳି ଦୋଫସଲି | ୦.୫୦୦ | ୦.୦୫୦ |
| ୬ | ୯୦ | ଦୈତାରୀ ଦାସ, ଆରତ ଦାସ, ସାରତ ଦାସ ପି- ରାମଚନ୍ଦ୍ର ଦାସ ଜା- ବ୍ରାହ୍ମଣ ବା-ଫକିରପୁର ଭାଗସୂତ୍ରେ ଦଖଲ - ନ ଜେନା, ପି- ବଇ ଜେନା, ଗୌରଙ୍ଗ ଜେନା ପି- ଶୁକୁରୀ ଜେନା ବିଦା ଜେନା ପି- ଲୋକେଇ ଜେନା, ଋଷି ଜେନା ପି-କ୍ଷେ ଜେନା ଜା- ପାଣ ବା- ଦଧିବାମନପୁର ସ୍ଥ ୧୯୫୦ ଠାରୁ | ୧୩୨ | ପତିତ | ୩.୫୦୦ | ୦.୦୬୦ |
| | | | ୧୩୫ | ବିଆଳି | ୧.୯୦ | ୦.୧୫୦ |
| | | | ୧୫୭ | ଶାରଦ ଦୋଫସଲି ଏକ | ୦.୪୭୦ | ୦.୧୨୦ |
| ୭ | ୧୧୭ | ନାଣ୍ଡୁ ବାରିକ ପି- ସପନ ବାରିକ ଜା- ନିଆରି ବା- ଫକିରପୁର | ୩୩ | ଶାରଦ ଏକ | ୦.୩୫୦ | ୦.୦୪୦ |
| ୮ | ୧୩୪ | ପଦୁ ଜେନା, ବିପିନ ଜେନା, ଉପ ଜେନା ପି- ବେନୁ ଜେନା, କ୍ରୁଣ ଜେନା ସା-ବେନୁ ଜେନା, ଛଚି ଜେନା ପି- କାଙ୍ଗାଳି ଜେନା, ବିଲେଇ ଜେନା, ଝୁଲ ଜେନା, ପି- କରୁଣୀ ଜେନା, ଗୋଲେଖ ଜେନା, ରମ୍ଭା ଜେନା, ରମା ଜେନା, ପି- ଅନୁ ଜେନା, ସଖୀ ଜେନା ସା-ଅନୁ ଜେନା, ହାର ଜେନା ସା-ଦାମ ଜେନା, ସଜୀ ଜେନା ସା-କପିଳ ଜେନା ଜା-ପାଣ ବା- ଦଧିବାମନପୁର | ୧୫୯ | ଶାରଦ ଦୋଫସଲି ଏକ | ୦.୩୦୦ | ୦.୦୨୦ |
| | | | ୧୬୫ | ଶାରଦ ଦୋଫସଲି ଏକ | ୦.୨୧୦ | ୦.୦୨୦ |
| | | | ୧୬୪/ ୧୧୭୧ | ଶାରଦ ଦୋଫସଲି ଏକ | ୦.୧୧୦ | ୦.୦୭୦ |
| ୯ | ୧୩୬ | ପଦ୍ମଲାଭ କର ପି- ନିଧୁ କର ଜା- ବ୍ରାହ୍ମଣ ବା- ତରତରା | ୧୦ | ଶାରଦ ଏକ | ୦.୦୮୦ | ୦.୦୮୦ |
| ୧୦ | ୧୪୨ | ପୁନି ଖଟୁଆ, ଧନୀ ଖଟୁଆ , ପି- ଅପର୍ତ୍ତି ଖଟୁଆ. ରାଜନ ମହାନ୍ତି, ବାବାଜି ମହାନ୍ତି, ପି-ଶୁକୁଟା ମହାନ୍ତି, ପଠାଣି ମହାନ୍ତି ପି-ସଦେଇ ମହାନ୍ତି ଜା- ଗୋଲା ବା- ଅକରୁଆ ଜବର ଦଖଲ ଚକ୍ରଧର ଦାସ ପି- ପୁରୁଷୋତମ ଦାସ, ଜା-ବ୍ରାହ୍ମଣ, ବା- ଫକିର ପୁର ସ୍ଥ ୧୯୬୫ ଠାରୁ | ୨୪ | ବାଜେଫସଲ ଏକ | ୦.୧୦୦ | ୦.୧୦୦ |
| ୧୧ | ୧୭୯ | ବିଷ୍ଣୁ ଦାସ ପି- ସଦା ଦାସ ଜା- ପାଣ ବା- ଆମ୍ବଗଡିଆ | ୧୬୬ | ଶାରଦ ଦୋଫସଲି ଏକ | ୦.୩୭୦ | ୦.୦୫ |
| ୧୨ | ୨୦୦ | ଭିକାରି ସାହାଣି, ବାବାଜି ସାହାଣି, ସଙ୍ଖାଳି ସାହାଣି, ପି-ସାହାଣି, ରଙ୍ଗାଧର ସାହାଣି, ଘନ ସାହାଣି, ଯମୁନା ସାହାଣି, ବାଇଧର ସାହାଣି ପି- କାହ୍ନୁ ସାହାଣି, ବଇଁଶି ସାହାଣି, ସା- କାହ୍ନୁ ସାହାଣି, ସାରି ସାହାଣି, ସା- ନିଧୁଆ ସାହାଣି, ଦୁଃଖୁ ସାହାଣି, ସା-ପଦିଆ ସାହାଣି, ମଙ୍ଗଳି ସାହାଣି, ପି- ଶଙ୍କର ସାହାଣି, ମଡି ସାହାଣି, ପି- ଭାଲୁ ସାହାଣି, ପାତିଆ ସାହାଣି ପି-ମଗୁରା ସାହାଣି, ବେନୁଆ ସାହାଣି, ଧନିଆ ସାହାଣି, ପି-ରାମ ସାହାଣି, ଜା-ଖଣ୍ଡାୟତ ବା- ଫକିରପୁର | ୧୬୮ | ଶାରଦ ଦୋଫସଲି ଏକ | ୦.୨୯୦ | ୦.୦୫୦ |
| | | | ୧୬୯ | ଶାରଦ ଦୋଫସଲି ଏକ | ୦.୧୫୦ | ୦.୦୮୦ |
| | | | ୧୬୯/ ୧୦୧୬ | ଶାରଦ ଦୋଫସଲି ଏକ | ୦.୧୭୦ | ୦.୦୮୦ |
| | | | ୧୬୯/ ୧୧୯୮ | ଶାରଦ ଦୋଫସଲି ଏକ | ୦.୧୦୦ | ୦.୦୫୦ |
| ୧୩ | ୨୨୧ | ମୁରଲୀଧର ସାହୁ, ପି- ମିନ୍ଧୁ ସାହୁ, ଜା- ବଣିଆ - ଫକିରପୁର | ୬୭ | ଶାରଦ ଏକ | ୦.୧୫୦ | ୦.୦୩୦ |
| ୧୪ | ୨୩୩ | ରଘୁନାଥ ଜେନା ପି- ହରି ଜେନା ଜା-ଖଣ୍ଡାୟତ ବା- ତରତରା | ୬ | ଶାରଦ ଏକ | ୦.୧୭୦ | ୦.୦୩୦ |
| | | | ୧୯/୧୦୩୬ | ଶାରଦ ଦୁଇ | ୦.୩୦୦ | ୦.୨୦୦ |
| ୧୫ | ୨୬୫/୬ | ଆରତ ସାହୁ ପି- ଅଇଁଠୁ ସାହୁ ଜା-ତେଲି ବା- ଦୁଡୁଗାଁ | ୨୯ | ଶାରଦ ଦୋଫସଲି ଏକ | ୦.୧୧୦ | ୦.୦୭୦ |
| | | | ୩୦ | ଶାରଦ ଦୋଫସଲି ଏକ | ୦.୧୬୦ | ୦.୧୨୦ |
| | | | ୨୬ | ଶାରଦ ଦୋଫସଲି ଏକ | ୦.୨୫୦ | ୦.୦୮୦ |
| | | | ୨୭ | ଶାରଦ ଦୋଫସଲି ଏକ | ୦.୧୫୦ | ୦.୧୧୦ |
| | | | ୨୮ | ଶାରଦ ଦୋଫସଲି ଏକ | ୦.୧୯୦ | ୦.୧୪୦ |
| ୧୬ | ୨୭୫/ ୯୪ | ପ୍ରଭାତ କୁମାର ପଣ୍ଡା, ପ୍ରଦୀପ କୁମାର ପଣ୍ଡା ପି- ଯୋଗେନ୍ଦ୍ର ୧୦୨୩ ପଣ୍ଡା ଜା- ବ୍ରାହ୍ମଣ ବା-ଫକିରପୁର | ୪୦/ ୧୦୨୩ | ଶାରଦ ଦୋଫସଲି ଏକ | ୦.୧୫୦ | ୦.୦୫୦ |
| ୧୭ | ୨୭୫/ ୧୧୩ | ମାନଗୋବିନ୍ଦ ନାହାକ, ପି-ପୋକ ନାହାକ, ଜା- ଖଣ୍ଡୁଆଳ ବା-ବାଲକାଟି | ୩୮/ ୧୦୨୧ | ଶାରଦ ଦୋଫସଲି ଏକ | ୧.୪୨୦ | ୦.୧୮୦ |
| ୧୮ | ୨୭୫/ ୧୩୨ | ରଘୁନାଥ ସେଠୀ, ପି- ଗିରିଧାରୀ ସେଠୀ, ଜା-ଧୋବା ବା- ଡୁଡୁଗାଁ | ୧୮୦/ ୧୪୦୭ | ଶାରଦ ଦୋଫସଲି ଏକ | ୦.୨୬୩ | ୦.୦୭୦ |
| ୧୯ | ୨୭୫/ ୧୩୬ | ଆନନ୍ଦ କୁମାର ସାହୁ ପି-ଆରତ ସାହୁ, ନିତ୍ୟାନନ୍ଦ ସାହୁ ପି- ରାମ ସାହୁ ଜା- କୁବେର ବା- ଡୁଡୁଗାଁ | ୧୮ | ଶାରଦ ଦୁଇ | ୦.୪୬୩ | ୦.୧୨୦ |
| ୨୦ | ୨୭୫/ ୧୩୯ | ଆରତ ସାହୁ ପି- ଅଇଁଠୁ ସାହୁ ଜା-ତେଲି ବା- ଡୁଡୁଗାଁ | ୩୧ | ଶାରଦ ଏକ | ୦.୧୨୩ | ୦.୧୨୦ |
| | | | | ମୋଟ | ୧୫.୩୭୦ | ୨.୯୩୦ |

AMIN
L.A. (Gen.) Section
Collectorate, Keonjhar

Land Acquisition Inspector
L.A. (Gen.) Section
Collectorate, Keonjhar

ଭୂ-ଅର୍ଜନ ଅଧିକାରୀ କେନ୍ଦୁଝର
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କେନ୍ଦୁଝର

OIPR-24001/24045/3/26-27/0006

# ଡାକ୍ତରୀ ଯାଞ୍ଚ ବେଳେ ୱାରେଣ୍ଟି ଫେରାର

ମାଲକାନଗିରି, ୨୪।୬(ସମିସ): ମାଲକାନଗିରି ଆଦର୍ଶ ଥାନା ପୁଲିସ ହାତରୁ ଜଣେ ୱାରେଣ୍ଟି ଫେରାର ହୋଇଯାଇଛି। ଫେରାର ଅଭିଯୁକ୍ତର ନାମ ବିଶ୍ୱନାଥ ମାଡକାମୀ ଓ ତାଙ୍କ ଘର ମାଲକାନଗିରି ବ୍ଲକ ଅନ୍ତର୍ଗତ ଶିନ୍ଧିମାଳ ଗ୍ରାମରେ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ,




୨୦୨୦ ମସିହାରେ ମାଲକାନଗିରି ଅବକାରୀ ବିଭାଗ ଏକ ଗଞ୍ଜେଇ ଚାଲାଣ ମାମଲାରେ ବିଶ୍ୱନାଥଙ୍କୁ ଗିରଫ କରିଥିଲା। ପରେ ସେ ଜାମିନରେ ମୁକ୍ତି ପାଇଥିଲେ ମଧ୍ୟ ନିୟମିତ ଭାବେ ଅଦାଲତରେ ହାଜର ହେଉନଥିଲେ। ବାରମ୍ବାର ନୋଟିସ ଜାରି ସତ୍ତ୍ୱେ ସେ କୋର୍ଟରେ ଉପସ୍ଥିତ ହେଉନଥିବା ବେଳେ କୋର୍ଟଙ୍କ ଆଦେଶ ଅବମାନନା ହେତୁ ତାଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଥିଲା। ୱାରେଣ୍ଟ ବଳରେ ପୁଲିସ ତାଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ ପୂର୍ବରୁ ଡାକ୍ତରୀ ପରୀକ୍ଷା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ତେବେ ସେଠାରେ ଯାଞ୍ଚ ପ୍ରକ୍ରିୟା ଚାଲିଥିବା ବେଳେ ଅଭିଯୁକ୍ତ ଜଣକ ସୁଯୋଗ ନେଇ ପୁଲିସ ହେପାଜତରୁ ଖସି ପଳାଇବାରେ ସଫଳ ହୋଇଥିବା ଜଣାପଡ଼ିଛି। ଘଟଣା ପରେ ପୁଲିସ ପକ୍ଷରୁ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ତଲାସି ଅଭିଯାନ ଜୋରଦାର କରାଯାଇଛି। ଏହି ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

■ ମାପ ଓ ଓଜନ ବିଭାଗର ଚଢ଼ଉ

# ୧୦ ହଜାର ଟଙ୍କା ଜରିମାନା ଆଦାୟ

ଗୁଣୁପୁର,୨୪।୬ (ସମିସ): ଗ୍ରାହକଙ୍କ ସ୍ୱାର୍ଥ ସୁରକ୍ଷା ଏବଂ ବୈଧ ମାପ ଓ ଓଜନ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ମାପ ଓ ଓଜନ ବିଭାଗ ପକ୍ଷରୁ ଗୁଣୁପୁର ସହରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ଉ କରାଯାଇଛି। ଯାଞ୍ଚ ବେଳେ ନିୟମ ଉଲ୍ଲଂଘନ କରିଥିବା କିଛି ପ୍ରତିଷ୍ଠାନ ବିରୋଧରେ ମାମଲା ରୁଜୁ କରାଯିବା ସହ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବିଭାଗୀୟ



ସୂଚନା ଅନୁଯାୟୀ, ବ୍ୟବସାୟୀମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ମାପ ଓ ଓଜନ ଯନ୍ତ୍ରର ଯାଞ୍ଚ ଓ ନବୀକରଣ କରିବା ପାଇଁ ପୂର୍ବରୁ ସୂଚନା ଦିଆଯାଇଥିଲା। ତେବେ ସମୟସୀମା ଅତିକ୍ରମ ହେବା ପରେ ମଧ୍ୟ କିଛି ପ୍ରତିଷ୍ଠାନ କୌଣସି ପଦକ୍ଷେପ ନେଇନଥିବାରୁ ବିଭାଗ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହାପୂର୍ବରୁ ରାୟଗଡ଼ା ସହରରେ ମଧ୍ୟ ଚଢ଼ାଉ କରାଯାଇ ମୋଟ ୬ଟି ମାମଲା ରୁଜୁ କରାଯିବା ସହ ୨୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିଲା। ଗୁଣୁପୁର ମାପ ଓ ଓଜନ ନିରୀକ୍ଷକ ଅପୂର୍ବ ରଞ୍ଜନ ସାହୁ କହିଛନ୍ତି ଯେ, ଆଗାମୀ ଦିନରେ ମଧ୍ୟ ଏଭଳି ଯାଞ୍ଚ ଓ ଚଢ଼ାଉ ଜାରି ରହିବ। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯିବ ବୋଲି ସେ ସତର୍କ କରିଛନ୍ତି।

# ଜିଲ୍ଲାସ୍ତରୀୟ ମାସିକ ଶିକ୍ଷା ସମୀକ୍ଷା ବୈଠକ



ମାଲକାନଗିରି, ୨୪।୬(ସମିସ): ଆଜି ଜିଲ୍ଲା ପରିଷଦ ସଭାଗୃହ ଠାରେ ଜୁନ ମାସ ନିମନ୍ତେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ମାଲକାନଗିରି ତରଫରୁ ଜିଲ୍ଲାସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ବିଭାଗରେ ଚାଲୁଥିବା ସମଗ୍ର ଧାରଣା ଦେଲାବେଳେ ନାମଲେଖା ଅଭିଯାନ, ଡ୍ରପଆଉଟ୍ ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବା, ପାଠ୍ୟପୁସ୍ତକ ଓ ୟୁନିଫର୍ମ ବଣ୍ଟନ, ଶିକ୍ଷକ ଉପସ୍ଥାନ ଓ ପଦବୀ ପୂରଣ, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ସ୍କୁଲ ଭିତ୍ତିଭୂମି ଶ୍ରେଣୀଗୃହ, ଶୌଚାଳୟ, ପାନୀୟ ଜଳ, ବିଜୁଳି , ବୋର୍ଡ ପରୀକ୍ଷାରେ ଭଲ ଫଳାଫଳ, ବ୍ୟୟ ଅଟକଳ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ପିଏମ୍ ଶ୍ରୀ ସ୍କୁଲ, ଛାତ୍ରାବାସ ଆଦି ମୁଖ୍ୟ ବିଷୟ ଆଲୋଚନା ହୋଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗୀରଥି ବେହେରା ଆଗାମୀ ଦଶମ ବୋର୍ଡ ପରୀକ୍ଷା ନିମନ୍ତେ ସ୍ୱତନ୍ତ୍ର ଯୋଜନା 'ଆଶ୍ୱାୟର' ସମ୍ବନ୍ଧରେ ବିସ୍ତୃତ ବିବରଣୀ ରଖିଥିଲେ। ବୈଠକରେ ଜିଲ୍ଲା ମଙ୍ଗଳ ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରିନ୍ସିପାଲ, ସମଗ୍ର ଶିକ୍ଷାର ସମସ୍ତ ବିଭାଗୀୟ ମୁଖ୍ୟ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ ଆଦି ଯୋଗ ଦେବା ସହ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ସମସ୍ତ ବିଭାଗୀୟ କର୍ମଚାରୀ ମାନଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିବା ସହ ପିଲାଙ୍କ ସୁରକ୍ଷା ଓ ସୁବିଧାକୁ ଧ୍ୟାନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

୧୧କେଭି ବିଦ୍ୟୁତ୍ ଟାୱାର ଭୁଶୁଡ଼ି ପଡ଼ିଲା

# ୪୦ଟି ଗ୍ରାମରେ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ

ସେମିଳିଗୁଡା, ୨୪।୬ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ନିକଟରେ ବେହାରାଗୁଡ଼ା ୧୧କେଭି ବିଦ୍ୟୁତ୍ ଟାୱାର ଭୁଶୁଡ଼ି ପଡ଼ିଲା। ଫଳରେ ବିଦ୍ୟୁତ୍ ତାର ଛିଣ୍ଡି ଯାଇ ୪୦ଟି ଗ୍ରାମରେ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ବେହାରାଗୁଡ଼ା ଗ୍ରାମ ନିକଟରେ ଭାରତ ମାଳା ରାସ୍ତା କାମ ଚାଲିଛି। ଭାରତ ମାଳା ଅଧିକାରୀମାନେ ଅନୁଭବ କଲେ ଯେ ରାସ୍ତା ପାଖରେ ଥିବା ୧୧ କେଭି ବିଦ୍ୟୁତ୍ ଟାୱାର ବାଧା ସୃଷ୍ଟି କରୁଛି। ଅନ୍ୟ ସ୍ଥାନରୁ ଟାୱାରକୁ ହଟାଇବାକୁ ଚାହୁଁଥିଲେ। ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ଠାରୁ ଅନୁମତି ପାଇବା ପରେ ସେମାନେ ଟାୱାରକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଚେଷ୍ଟା କରୁଥିବା ସମୟରେ ଟାୱାରଟି ହଠାତ୍ ପଡ଼ିଗଲା। ବିଦ୍ୟୁତ୍ ତାରଗୁଡ଼ିକ ଛିଣ୍ଡିଗଲା।



ଫଳସ୍ୱରୂପ, ମଙ୍ଗଳବାର ସନ୍ଧ୍ୟାରୁ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ପ୍ରାୟ ୪୦ଟି ଗ୍ରାମରେ ବିଦ୍ୟୁତ୍ ଯୋଗାଣ ବନ୍ଦ ହୋଇଗଲା। ଲୋକମାନେ ଅନ୍ଧାରରେ ଅଛନ୍ତି। ବିଦ୍ୟୁତ୍ ବିଭାଗ ଅଧିକାରୀମାନେ କହିବା ଅନୁଯାଇ ଭାରତ ମାଳା କର୍ମଚାରୀ ଦଳ ଟାୱାରକୁ ଘୁଞ୍ଚାଇବା ସମୟରେ ଟାୱାରଟି ପଡ଼ିଗଲା ଏବଂ ତାରଗୁଡ଼ିକ ଛିଣ୍ଡିଗଲା। ଟାୱାର ମରାମତି ହେଲା ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ଦିଆଯିବ ନାହିଁ। ଟାୱାର ସ୍ଥାପନ ସ୍ଥାନାନ୍ତରଣ ଭଲ ଭାବରେ ଚାଲିଛି ବୋଲି ଅଧିକାରୀ କହିଛନ୍ତି। ଟାୱାର ପଡ଼ିବା ଏବଂ ତାରଗୁଡ଼ିକ ଛିଣ୍ଡି ପଡ଼ିବା ସମୟରେ କେହି ସେଠାରେ ନଥିବାରୁ ଏକ ବଡ଼ ଦୁର୍ଘଟଣା ଏଡାଇ ଦିଆଯାଇଛି ବୋଲି ଲୋକ କହିଥିଲେ। ତୁରନ୍ତ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗିରଫ ହେଲେ ଲାଞ୍ଚୁଆ ନିର୍ବାହୀ ଅଧିକାରୀ

> ୨ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ
> ଚଢ଼ଉରେ ୫.୩୯ ଲକ୍ଷ ନଗଦ ସହ ବହୁ ସମ୍ପତ୍ତି ଠାବ

ରାୟଗଡ଼,୨୪।୬(ସମିସ): ରାୟଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ (ଆରଡବ୍ଲୁଡି-୧)ର ନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ କୁମାର ପଟ୍ଟନାୟକଙ୍କୁ ୨ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ବୁଧବାର ତାଙ୍କୁ ଜୟପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଛି। ଏହି ଘଟଣାରେ କୋରାପୁଟ ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ର ଧାରା୭ ଅନୁଯାୟୀ ମାମଲା ରୁଜୁ ହୋଇଛି। ଭିଜିଲାନ୍ସ ସୂଚନା ଅନୁସାରେ, ଜଣେ ଠିକାଦାରଙ୍କ କାର୍ଯ୍ୟ ବିଲ୍ ପାସ୍ କରିବା ସହ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବା ପାଇଁ କାର୍ଯ୍ୟ ଅଭିଜ୍ଞତା ପ୍ରମାଣପତ୍ର ପ୍ରଦାନ କରିବା ବଦଳରେ ପ୍ରସନ୍ନ କୁମାର ପଟ୍ଟନାୟକ ୨ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ଅଭିଯୋଗ ଆଧାରରେ ମଙ୍ଗଳବାର ରାତିରେ ଭିଜିଲାନ୍ସ ପକ୍ଷରୁ ଫାନ୍ଦ ପତାଯାଇଥିଲା। ସେ ନିଜ



କାର୍ଯ୍ୟାଳୟ କକ୍ଷରେ ଠିକାଦାରଙ୍କଠାରୁ ୨ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ତାଙ୍କ ନିକଟରୁ ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ହାତ ଧୋଇବା ପରୀକ୍ଷାରେ ମଧ୍ୟ ରାସାୟନିକ ପ୍ରତିକ୍ରିୟା ଆସିଥିଲା। ଗିରଫ ପରେ ରାୟଗଡ଼ ସ୍ଥିତ ସରକାରୀ ବାସଭବନ, ଭୁବନେଶ୍ୱରର ନନ୍ଦନ ବିହାର ବସୁନ୍ଧରା କଲୋନୀସ୍ଥିତ ବାସଭବନ, ନୟାଗଡ଼ର ପୈତୃକ ଘର ଏବଂ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ ରାୟଗଡ଼ ସରକାରୀ ବାସଭବନରୁ ୩ ଲକ୍ଷ ୩୯ ହଜାର ଟଙ୍କା ନଗଦ ଜବତ ହୋଇଥିଲା। ଲାଞ୍ଚ ବାବଦରେ ଜବତ ୨ ଲକ୍ଷ ଟଙ୍କାକୁ ମିଶାଇ ମୋଟ ୫ ଲକ୍ଷ ୩୯ ହଜାର ଟଙ୍କା ନଗଦ ଜବତ କରାଯାଇଛି। ଏହାବ୍ୟତୀତ ଭୁବନେଶ୍ୱରର ନନ୍ଦନ ବିହାରରେ ଏକ ତିନି ମହଲା ବିଶିଷ୍ଟ ଅଟ୍ଟାଳିକା, ଭୁବନେଶ୍ୱର ଓ ନୟାଗଡ଼ରେ ୧୧ଟି ଉଚ୍ଚ ମୂଲ୍ୟର ପ୍ଲଟ୍, ସ୍କୋଡା ସ୍ଲାଭିଆ ଓ ମହିନ୍ଦ୍ରା ଏକ୍ସୟୁଭି ୭୦୦ ସମେତ ଦୁଇଟି ଚାରିଚକିଆ ଗାଡ଼ି ଏବଂ ତାଙ୍କ ପତ୍ନୀଙ୍କ ନାମରେ ଥିବା "ଇନ୍‌ଫିନିଟି ଡେଭେଲପର୍ସ' ନାମକ ଏକ ରିଅଲ୍ ଇଷ୍ଟେଟ୍/ନିର୍ମାଣ ସଂସ୍ଥାର ସନ୍ଧାନ ମିଳିଛି। ଅଭିଯୁକ୍ତଙ୍କ ଆୟବହିର୍ଭୂତ ସମ୍ପତ୍ତି (ଡିଏ) ସମ୍ପର୍କରେ ତଦନ୍ତ ଜାରି ରହିଥିବାବେଳେ ମାମଲାର ଅଧିକ ତଦନ୍ତ ଚାଲିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

■ ଏମ୍‌ଭି-୬୬ ସ୍କୁଲରେ ନିମ୍ନମାନର ମଧ୍ୟାହ୍ନଭୋଜନ

# ପିଲାଙ୍କୁ ଦିଆଯାଉଛି ପୋକ ଭର୍ତ୍ତି ଖାଦ୍ୟ

କାଲିମେଳା,୨୪।୬(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଏମଭି -୬୬ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନକୁ ନେଇ ଏକ ସଂଘାତିକ ଚିତ୍ର ସାମ୍ନାକୁ ଆସିଛି। ସ୍କୁଲରେ କୋମଳମତି ଶିଶୁମାନଙ୍କୁ ଗତ ୪ ଦିନ ଧରି ପୋକ ଯୁକ୍ତ ଅଖାଦ୍ୟ ପରସା ଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ଗତ ଚାରି ଦିନ ହେବ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଯେଉଁ ମଧ୍ୟାହ୍ନଭୋଜନ ଦିଆଯାଉଥିଲା, ସେଥିରେ ପ୍ରଚୁର ପରିମାଣରେ ପୋକଥିବା ଦେଖିବାକୁ ମିଳିଥିଲା। ଏହି ଅଖାଦ୍ୟ ଖାଇବା ଦ୍ୱାରା ପିଲାମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାର ଆଶଙ୍କା ଦେଖାଦେଇଛି।



ପିଲାମାନଙ୍କ ମୁହଁରୁ ଏକଥା ଶୁଣିବା ପରେ ଉତ୍ତ୍ୟକ୍ତ ଅଭିଭାବକମାନେ ସ୍କୁଲରେ ପହଞ୍ଚି ହଙ୍ଗାମା କରିଥିଲେ। ଏହି ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସେ ନିଜ ଦୋଷ ଲୁଚାଇବାକୁ ଚେଷ୍ଟା କରିଛନ୍ତି। ଖରା ଛୁଟି ପାଇଁ ଦୀର୍ଘ ଦିନ ଧରି ସ୍କୁଲ ବନ୍ଦ ଥିବାରୁ ଚାଉଳରେ ପୋକ ଲାଗିଯାଇଛି ବୋଲି ସେ ସଫେଇ ଦେଇଛନ୍ତି। ଏଥିସହ ଏହି ପୋକରା ଚାଉଳକୁ ପୁଣିଥରେ ପରିଷ୍କାର କରିବା ପାଇଁ ପଠାଯିବ ବୋଲି ସେ ପ୍ରକାଶ କରିଛନ୍ତି। ସରକାର ପିଲାଙ୍କ ପୁଷ୍ଟିହୀନତା ଦୂର କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ, ସ୍କୁଲରେ ଏଭଳି ପୋକରା ଖାଦ୍ୟ ଦେବା ପିଲାଙ୍କ ଜୀବନ ସହ ଖେଳ ସଦୃଶ ବୋଲି ଅଭିଭାବକମାନେ କହିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ପ୍ରଧାନ ଶିକ୍ଷକ ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

# ଭାଗବତ ଟୁଙ୍ଗିରେ ନୂତନ ସିଂହାସନ ପ୍ରତିଷ୍ଠା ଉତ୍ସବ

ପଦ୍ମପୁର,୨୪।୬(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ଜଗମଣ୍ଡା ପାହାଡ଼ ଉପରେ ଅବସ୍ଥିତ ଭାଗବତ ଟୁଙ୍ଗିରେ ୨୦ବର୍ଷରୁ ଅଧିକ ସମୟ ହେଲା ଠାକୁର ମାନଙ୍କୁ ଅସ୍ଥାୟୀ ସିଂହାସନରେ ରଖି ନିତ୍ୟ ଭାଗବତ ପଠନ ଓ ସେବାପୂଜା ଆଦି କରାଯାଉଥିଲା। ଆଜି ଶ୍ରୀଚତୁର୍ଦ୍ଧାମୂର୍ତ୍ତୀଙ୍କ ସହ ରାଧାକୃଷ୍ଣ ଓ ଶ୍ରୀଗୌରାଙ୍ଗଙ୍କ ବିଗ୍ରହକୁ ମଧ୍ୟ ଖୁବ୍ ଆଡମ୍ବର ସହକାରେ ନୂତନ ସିଂହାସନରେ ପ୍ରତିଷ୍ଠା କରାଯାଇଛି। ଏଥି ନିମନ୍ତେ ସକାଳୁ ଆରତୀ ସହ ଗଙ୍ଗା ଆବାହନ, ଗୋ-ପୂଜନ, କଳସ ସ୍ଥାପନ, ସୂର୍ଯ୍ୟ ପୂଜା,



ପାର୍ଶ୍ୱ ଦେବଦେବୀଙ୍କର ପୂଜା ପରେ ହୋମଯଜ୍ଞ ଆଦି କାର୍ଯ୍ୟ କରାଯାଇଥିଲା। ପରେ ନାମଯଜ୍ଞ ମଧ୍ୟମରେ ଶହଶହ ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳୀରେ ଠାକୁର ମାନଙ୍କୁ ପଞ୍ଚାମୃତ ଓ ଅଭିଷେକ କରାଯାଇ ନୂତନ ସିଂହାସନରେ ପ୍ରତିଷ୍ଠା କରାଯାଇଥିଲା। ପରେ ସାମୁହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମକୁ ଭାଗବତ ଟୁଙ୍ଗି ର ସମସ୍ତ ସଦସ୍ୟଙ୍କ ସହ ପଦ୍ମପୁର, ଜଗମଣ୍ଡା, ଖମାପଦର, ଜୁମୁରୁଗୁଡା ଓ ଆଖପାଖ ଗ୍ରାମର ବହୁ ବ୍ୟକ୍ତି ସହଯୋଗ କରିଥିଲେ।

● ସ୍ୱତନ୍ତ୍ର ସଘନ ସଂଶୋଧନରେ ରାୟଗଡ଼ ଜିଲ୍ଲାର ସଫଳତା

# ଶତପ୍ରତିଶତ ଡିଜିଟାଇଜେସନ୍ ସମ୍ପନ୍ନ



ରାୟଗଡ,୨୪।୬(ସମିସ): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର ) କାର୍ଯ୍ୟକ୍ରମରେ ରାୟଗଡ ଜିଲ୍ଲା ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଜିଲ୍ଲାରେ ସଂଗୃହୀତ ସମସ୍ତ ମତଦାତା ସମ୍ବନ୍ଧୀୟ ତଥ୍ୟର ଶତପ୍ରତିଶତ ଡିଜିଟାଇଜେସନ ସଫଳତାର ସହ ସମ୍ପନ୍ନ ହୋଇଥିବା ବେଳେ ସମଗ୍ର ଓଡ଼ିଶାରେ ଏହି ଲକ୍ଷ୍ୟ ହାସଲ କରିବାରେ ରାୟଗଡ ଦ୍ୱିତୀୟ ଜିଲ୍ଲା ଭାବେ ସ୍ଥାନ ଅଧିକାର କରିଛି। ଏସଆଇଆର କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାରେ ୩୦ ମଇରୁ ଘରକୁ ଘର ପରିଦର୍ଶନ ଏବଂ ଏନ୍ୟୁମେରେସନ୍ ଫର୍ମ ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଥିଲା। ବୁଥ ସ୍ତରୀୟ ଅଧିକାରୀ (ବିଏଲଓ )ମାନେ ମତଦାତାଙ୍କ ଘରକୁ ଯାଇ ତଥ୍ୟ ସଂଗ୍ରହ, ଯାଞ୍ଚ ଏବଂ ଫର୍ମ ବଣ୍ଟନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଫର୍ମ ସଂଗ୍ରହ, ଡିଜିଟାଇଜେସନ ଓ ଭେରିଫିକେସନ କାର୍ଯ୍ୟ ଦ୍ରୁତ ଗତିରେ ସମ୍ପାଦନ କରାଯାଇଥିଲା। ଜିଲ୍ଲାର ତିନୋଟି ବିଧାନସଭା କ୍ଷେତ୍ରରେ ମୋଟ ୮୯୫ ଜଣ ବିଏଲଓ ନିୟୋଜିତ ହୋଇଥିବା ବେଳେ ୭,୧୪,୫୦୦ଟି ଏନ୍ୟୁମେରେସନ୍ ଫର୍ମ ବଣ୍ଟନ କରାଯାଇଥିଲା। ସଂଗୃହୀତ ସମସ୍ତ ଫର୍ମର ଶତପ୍ରତିଶତ ଡିଜିଟାଇଜେସନ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଭେରିଫିକେସନ କାର୍ଯ୍ୟ ମଧ୍ୟ ସଫଳତାର ସହ ଅଗ୍ରସର ହେଉଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିରନ୍ତର ତଦାରଖ ଓ ମାର୍ଗଦର୍ଶନ, ନିର୍ବାଚନ ଶାଖାର ସୁଚାରୁ ପରିଚାଳନା ଏବଂ ବିଏଲଓ , ସୁପରଭାଇଜର, ଇଆରଓ , ଏଇଆରଓ ତଥା ଅନ୍ୟାନ୍ୟ ନିର୍ବାଚନ କର୍ମଚାରୀଙ୍କ ସମନ୍ୱିତ ପ୍ରୟାସ ଫଳରେ ଏହି ସଫଳତା ସମ୍ଭବ ହୋଇପାରିଛି। ବର୍ତ୍ତମାନ ଡିଜିଟାଇଜେସନ ପର୍ଯ୍ୟାୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୫ ଜୁଲାଇରୁ ୪ ଅଗଷ୍ଟ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କାର୍ଯ୍ୟ ଚାଲିବ। ଏହାପରେ ୨ ସେପ୍ଟେମ୍ବର ସୁଦ୍ଧା ଦାବି ଓ ଆପତ୍ତିଗୁଡ଼ିକର ନିଷ୍ପତ୍ତି ଗ୍ରହଣ କରାଯିବ ଏବଂ ୬ ସେପ୍ଟେମ୍ବର ୨୦୨୬ ରେ ଚୂଡ଼ାନ୍ତ ମତଦାତା ତାଲିକା ପ୍ରକାଶ କରାଯିବ। ଏହି ସଫଳତା ମତଦାତା ତାଲିକାର ସଠିକତା, ସ୍ୱଚ୍ଛତା ଓ ବିଶ୍ୱସନୀୟତାକୁ ଆହୁରି ସୁଦୃଢ଼ କରିବା ସହିତ ଆଗାମୀ ନିର୍ବାଚନ ପରିଚାଳନାକୁ ଅଧିକ କାର୍ଯ୍ୟକ୍ଷମ ଓ ନିର୍ଭୁଲ କରିବାରେ ସହାୟକ ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶ କରାଯାଇଛି।

# ବିଏଲଓ, ରାଜନୈତିକ ଦଳର ଏଜେଣ୍ଟଙ୍କୁ ନେଇ ବୈଠକ



ମାଲକାନଗିରି,୨୪।୬(ସମିସ): ମାଲକାନଗିରି ଜିଲ୍ଲାର ବିଭିନ୍ନ ମତଦାନ କେନ୍ଦ୍ରରେ ଆଜି ବୁଥସ୍ତରୀୟ ଅଧିକାରୀ ଏବଂ ରାଜନୈତିକ ଦଳର ବୁଥ ସ୍ତରୀୟ ଏଜେଣ୍ଟମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଖଇରପୁଟ ବ୍ଲକ ଅନ୍ତର୍ଗତ ୭୬ ନମ୍ବର ଆଣ୍ଡ୍ରାହାଲ ବୁଥ୍‌ରେ ମଧ୍ୟ ଏହି ମିଟିଂ ଆୟୋଜନ କରାଯାଇଥିଲା। ବୈଠକରେ ବିଶେଷ କରି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଉପରେ ବ୍ୟାପକ ଆଲୋଚନା କରାଯାଇଛି। ଏହା ସହିତ ସେଠାରେ ଉପସ୍ଥିତ ସମସ୍ତ ଏଜେଣ୍ଟମାନଙ୍କୁ ପରିଗଣନା ଫର୍ମ ବଣ୍ଟନ କରାଯାଇଥିଲା। ଭୋଟର ତାଲିକାକୁ ସ୍ୱଚ୍ଛ ଓ ସଠିକ୍ କରିବା ପାଇଁ ସମ୍ପୃକ୍ତ ବୁଥ୍‌ର ମୃତ, ଅନୁପସ୍ଥିତ ଏବଂ ଡୁପ୍ଲିକେଟ ମତଦାତାଙ୍କ ନାମ ପାଠ କରାଯାଇଥିଲା। ଏହା ପରେ ଏହି ମୃତ ଓ ନକଲି ଭୋଟରଙ୍କ ଏକ ସ୍ୱତନ୍ତ୍ର ତାଲିକା ପ୍ରସ୍ତୁତ କରାଯାଇ ସମସ୍ତ ରାଜନୈତିକ ଦଳର ବୁଥ୍ ସ୍ତରୀୟ ଏଜେଣ୍ଟମାନଙ୍କୁ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଏକ ସୁରୁଖୁରୁ ଓ ସ୍ୱଚ୍ଛ ମତଦାନ ପ୍ରକ୍ରିୟା ପାଇଁ ଏହି ବୈଠକ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି।

ପାଣି ପାଇଁ ଥାନାରେ ଏତଲା ଘଟଣା

# ଜାତି ପ୍ରଥା ଆକ୍ଷେପ ନେଇ ଥାନାରେ ପାଲଟା ଅଭିଯୋଗ

ନନ୍ଦପୁର,୨୪।୬(ସମିସ): ପାଣି ପାଇଁ ଥାନାରେ ଅଭିଯୋଗ ଘଟଣା ଏବେ ନୂଆ ମୋଡ଼ ନେଇଛି। ଘର କୋଳି ଦାଣ୍ଡରେ ଗଡୁଛି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ରାଇଶିଂ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ପେଟାଲ ଗ୍ରାମରେ। ଗତ ମାଙ୍ଗଳବାର ପେଟାଲ ଗ୍ରାମର ମୁଦୁଲି ସାହିରେ ନଳ କୂଅରୁ ପାନୀୟ ଜଳ ବ୍ୟବହାର ନେଇ ବିବାଦ ପରେ ରାଇସିଂ ସରପଞ୍ଚଙ୍କ ବିରୋଧରେ ଏତଲା ଦିଆଯାଇଥିଲା। ବୁଧବାର ପାଲଟା ଅଭିଯୋଗ ଥାନାରେ ଦିଆଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁସାରେ, ପେଟାଲ ଗ୍ରାମରେ ପାନୀୟ ଜଳ ସମସ୍ୟାକୁ ଆଖି ଆଗରେ ରଖି ପେଟାଲ



ଗ୍ରାମ ମୁଦୁଲି ସାହିରେ ଗତ ଦୁଇ ମାସ ତଳେ ନୂତନ ନଳକୂପ ଖନନ କରାଯାଇଥିବା ବେଳେ ଉକ୍ତ ସାହିର ୫ ପରିବାର ନଳକୂପରୁ ପାନୀୟ ଜଳ ବ୍ୟବହାର କରି ଆସୁଥିଲେ। ତେବେ ୫ ପରିବାର ମଧ୍ୟରେ ଆଲୋଚନା କରି ଉକ୍ତ ନଳକୂପ ପାଣି ମଟର ସଂଯୋଗ କରି ପାନୀୟ ଜଳ ବ୍ୟବହାର କରି ଆସୁଥିଲେ। ହେଲେ ଏମିତି ସୁରୁଖୁରୁରେ ଚାଲିଥିବା ବେଳେ ଗତ ଦୁଇ ଦିନ ହେବ ପାନୀୟ ଜଳ ବ୍ୟବହାରକୁ ନେଇ ବିବାଦ ଦେଖା ଦେଇଥିଲା। ମୁଦୁଲି ପରିବାରରେ ଅନୁସୂଚିତ ଜାତିର ମହିଳା ବୋହୂ ଥିବାରୁ ଅନ୍ୟ ଚାରି ପରିବାର ପାନୀୟ ଜଳ ବ୍ୟବହାର ଉପରେ ବିବାଦ ଘନୀଭୂତ ହେବା ପରେ ସରପଞ୍ଚ ଶ୍ରୀ ଚେଟି ହସ୍ତକ୍ଷେପ କରି ଗ୍ରାମରେ ଥିବା ଦୁଇ ନଳକୂପର ଯନ୍ତ୍ରାଂଶ କାଢ଼ି ଦେଇଥିଲେ। ଏହି ଘଟଣା ନେଇ ସରପଞ୍ଚଙ୍କ ବିରୋଧରେ ଏତଲା ଦିଆଯାଇଛି ଥିବା ବେଳେ ବୁଧବାର ପାଲଟା ପାଡୁଆ ଥାନାରେ ଏତଲା ଦେଇଛନ୍ତି ରତନି ମୁଦୁଲି। ରତନିଙ୍କ ଅଭିଯୋଗ ପ୍ରକାରେ ନଳକୂପରେ ପାଣି ମୋଟର ସଂଯୋଗ କରି ପାନୀୟ ଜଳ ବ୍ୟବହାର କରିଥିବା ବେଳେ ପାଣି ମୋଟର ଲଗାଇ ଥିବା ଟଙ୍କା ମାଗିବାରୁ ତାଙ୍କୁ ଛୋଟ ଜାତି ବୋଲି ଆକ୍ଷେପ କରି ପାଟି ତୁଣ୍ଡ କରି ଗଣ୍ଡଗୋଳ କରୁଥିଲେ। ସରପଞ୍ଚ ଏହି କଥା ଶୁଣିବା ପରେ ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ନଳକୂପ ବନ୍ଦ ରହିବ ବୋଲି ଯନ୍ତ୍ରାଂଶ କାଢ଼ି ନେଇଥିଲେ। ଦେଢ଼ଶୁର ଓ ଶାଶୂ ମାନଙ୍କ ବିରୋଧରେ ଥାନାରେ ଅଭିଯୋଗ ଆଣିଛନ୍ତି ରତନି ମୁଦୁଲି। ତେବେ ବର୍ତ୍ତମାନ ଗୋଟିଏ ପରିବାର ମଧ୍ୟରେ ନଳକୂପରୁ ପାନୀୟ ଜଳ ବ୍ୟବହାରକୁ ଗଣ୍ଡଗୋଳ ଚର୍ଚ୍ଚାର ବିଷୟ ହୋଇଛି।

# ମା' ସୁନାଦେଇଙ୍କ ବାର୍ଷିକ ଉତ୍ସବ

ନବରଙ୍ଗପୁର,୨୪।୬(ସମିସ): ନବରଙ୍ଗପୁର ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ମିରଗାନିଗୁଡାରେ ସଂଗଠକ ଗାୟକ ବାବୁ ପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମା' ସୁନାଦେଇଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମିରଗାନିଗୁଡା ପୂଜା କମିଟି ପକ୍ଷରୁ ତିନି ଦିନ ଧରି ଆୟୋଜିତ ଏହି ଉତ୍ସବରେ ମଣ୍ଡେଇ ସାଂସ୍କୃତିକ ଅନୁଷ୍ଠାନ, ମା ଶକ୍ତି ମେଲଡି ଏବଂ ମା' ଡଙ୍ଗର ଦେବୀ ମ୍ୟୁଜିକାଲ ବ୍ୟାଣ୍ଡ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ନବରଙ୍ଗପୁର ବିଧାୟକ ଗୌରି ଶଙ୍କର ମାଝୀ ଯୋଗ ଦେଇ ମନ୍ଦିରରେ ପୂଜା ଅର୍ଚ୍ଚନା ପୂର୍ବକ ପୂଜା କମିଟିର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ



କରିଥିଲେ। ସେହିପରି ଅନ୍ୟତମ ଅତିଥି ଭାବରେ ଓଡ଼ିଶା ସଙ୍ଗୀତ ଏକାଡେମୀ ସଦସ୍ୟ ଦେବଦାସ ମହାଙ୍କୁଡ, ଟେଲିଫିଲ୍ମ ନିର୍ଦ୍ଦେଶକ ମନୋଜ କୁମାର ପଟନାୟକ ଏବଂ ଜିଲ୍ଲା କିନ୍ନର ସଂଘର ସମ୍ପାଦକ ଚୁମୁକି କିନ୍ନର ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଦର୍ଶକ ଏବଂ କମିଟି ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପ୍ରଥମ ଥର ପାଇଁ ଜୟପୁର ସହରର ସୁକମାନ ସାଗରିଆ(ଆଲୁ)ଙ୍କ ଦ୍ୱାରା ଗଠିତ ମାଁ ଡଙ୍ଗର ଦେବୀ ମ୍ୟୁଜିକାଲ ବ୍ୟାଣ୍ଡକୁ ଅତିଥି ମାନେ ଉଦ୍‌ଘାଟନ କରିଥିଲେ। ମାଁ ଡଙ୍ଗର ଦେବୀ ମ୍ୟୁଜିକାଲ ବ୍ୟାଣ୍ଡର କଳାକାର ମାନେ ଆଦିବାସୀ, ଓଡିଆ , ହିନ୍ଦୀ ସମ୍ବଲପୁରୀ ଗୀତ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

### ପ୍ରେସ୍ କ୍ଲବ କୋଠା ନିର୍ମାଣ ପାଇଁ ସାଂସଦ ଓ ବିଧାୟକଙ୍କ ଅନୁଦାନ ଘୋଷଣା

# ସାମ୍ବାଦିକଙ୍କ ସମସ୍ୟାର ସମାଧାନ ପାଇଁ ବିଚାର କରୁଛନ୍ତି ସରକାର : ମନ୍ତ୍ରୀ

ପୋଲସରା,୨୪।୬(ସମିସ)



ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ସମସ୍ୟା ସମ୍ପର୍କରେ ସରକାର ବିଚାର କରୁଛନ୍ତି ଏବଂ ଖୁବଶୀଘ୍ର ଏନେଇ ନିଷ୍ପତ୍ତି ନିଆଯିବ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ପୋଲସରା ସହରର ପାଟିଗଡ ରୋଡସ୍ଥିତ ମଧୁବଶ୍ୟ ସମାଜ କଲ୍ୟାଣ ମଣ୍ଡପ ଠାରେ ଗଞ୍ଜାମ ଜିଲ୍ଲା ସାମ୍ବାଦିକ ୟୁନିୟନର ସାଧାରଣ ପରିଷଦ ବୈଠକ ଓ ପୋଲସରା ପ୍ରେସ କ୍ଲବର ୧୯ ତମ ବାର୍ଷିକ ଉତ୍ସବ ମିଳିତ ଭାବେ ଆୟୋଜିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ ସାମ୍ବାଦିକ ମାନେ ଖାଲି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ନୁହନ୍ତି ବରଂ ସମାଜର ଦର୍ପଣ ସଦୃଶ୍ୟ ଅଟନ୍ତି। ଏଣୁ ସେମାନେ ଗଣତନ୍ତ୍ରର ସୁରକ୍ଷା ସହିତ ସମାଜର ସମସ୍ୟାକୁ ଦର୍ପଣ ଭଳି ଦେଖାଇଥାନ୍ତି। ସାମ୍ବାଦିକମାନଙ୍କ ପ୍ରତି ବର୍ତ୍ତମାନ ସରକାରଙ୍କର ସହାନୁଭୂତି ରହିଛି ବୋଲି କହିଥିଲେ। ଉତ୍ସବରେ ବରେଣ୍ୟ ଅତିଥି ଭାବେ ଆସିକା ସାଂସଦ ଅନୀତା ଶୁଭଦର୍ଶନୀ ପଟ୍ଟନାୟକ ସାମ୍ବାଦିକ କେବଳ ନିଜ ପାଇଁ ବଞ୍ଚନ୍ତି ନାହିଁ ସେମାନେ ମଧ ଗଣତନ୍ତ୍ର ପାଇଁ ବଞ୍ଚନ୍ତି। ଏଣୁ ସାମ୍ବାଦିକ ମାନଙ୍କ ସମସ୍ୟା ସମ୍ପର୍କରେ ସେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତି ଅନ୍ୟତମ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଦେଶର ୧୯ଟି ରାଜ୍ୟ ସରକାର ସାମ୍ବାଦିକମାନଙ୍କ ପାଇଁ ପେନସନ ବ୍ୟବସ୍ଥା କରିଥିବା ବେଳେ ୨ ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରି ସାରିଲେଣି। ଏଣୁ ରାଜ୍ୟ ସରକାର ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି କହିଥିଲେ।

ଓୟୁଜେ ଗଞ୍ଜାମ ଜିଲ୍ଲା ସଭାପତି ସଦାଶିବ ପଣ୍ଡା ଓ ପୋଲସରା ପ୍ରେସ କ୍ଲବର ସଭାପତି କେ ସୁମିତା ପାତ୍ରଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆଚାର୍ଯ୍ୟ ବିଶ୍ୱ ରଞ୍ଜନ, ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ପ୍ରଧାନ, ଅଶୋକ କୁମାର ମହାଙ୍କୁଡ, ଶକ୍ତିଧର ରାଜଗୁରୁ, ରାଜୀବ ଲୋଚନ ମିଶ୍ର, ରବିନ୍ଦ୍ରନାଥ ମିଶ୍ର , ରବିନ୍ଦ୍ର କୁମାର ପଣ୍ଡା , ରାଜ ଗୋପାଳ ପାଢ଼ୀ , ମେଘନାଦ ଦାସ ଏବଂ ଶକ୍ତି ଧର ରାଜଗୁରୁ ପ୍ରମୁଖ ନିଜ ନିଜର ମନ୍ତବ୍ୟ ରଖିଥିଲେ। ବୈଠକ ପ୍ରାରମ୍ଭରେ ଯୁବ ସଂଗଠକ ସିମାଞ୍ଚଳ ସାହୁ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସନ୍ତୋଷ କୁମାର ମିଶ୍ର ଓ ସନ୍ତୋଷ କୁମାର ପଣ୍ଡା ବିବରଣୀ ପାଠ କରିଥିଲେ। ସର୍ବ ନାରାୟଣ ସାହୁ, ଅକ୍ଷାନ୍ତ ମିଶ୍ର, କେ ସନ୍ତୋଷ କୁମାର ପାତ୍ର, ସୁଶାନ୍ତ ମହାରଣା, ଟି ଶରତ କୁମାର ସୁବୁଦ୍ଧି, ନୃସିଂହ ସ୍ୱାଇଁ, କାର୍ତ୍ତିକ ପାତ୍ର, ରବିନ୍ଦ୍ର ପ୍ରଧାନ, ପ୍ରଗତିବନ୍ଧୁ ଦାସ, ରୋହିତ ପ୍ରଧାନ, ପିଣ୍ଟୁ ବିଶୋୟୀ ଓ ହୃଷୀକେଶ ନାୟକ ଉତ୍ସବ ଆୟୋଜନ ଓ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ବନ୍ଦେ ମାତରଂ ଗାନ କରିଥିବା ବେଳେ ହରିହର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୋଲସରା ପ୍ରେସ କ୍ଲବ କୋଠା ନିର୍ମାଣ ପାଇଁ ସାଂସଦ ପାଣ୍ଠିରୁ ୫ ଲକ୍ଷ୍ୟ ଓ ବିଧାୟକ ପାଣ୍ଠିରୁ ୫ ଲକ୍ଷ୍ୟ ଟଙ୍କା ଦେବା ପାଇଁ ଘୋଷଣା କରିଥିଲେ।

## ଶ୍ରୀରାମ ମନ୍ଦିର ହୁଣ୍ଡି ତାଡ଼ି ଲକ୍ଷାଧିକ ଟଙ୍କା ଚୋରି

ଛତ୍ରପୁର, ୨୪।୬ (ସମିସ): ଚୋରଙ୍କ ଟାର୍ଗେଟ ଏବେ ମନ୍ଦିର। କିଛି ଦିନ ତଳେ ହନୁମାନ ମନ୍ଦିରରୁ ୫୦ ଲକ୍ଷ ଟଙ୍କା ଅଧିକ ଟଙ୍କାର ସୁନା, ରୁପା ଏବଂ ଟଙ୍କା ଚୋରି ହୋଇଥିବା ବେଳେ ଏବଂ ଶ୍ରୀରାମଙ୍କ ମନ୍ଦିରରୁ ଚୋରି କରିବାରେ ସଫଳ ହୋଇଛନ୍ତି ଦୁର୍ବୃତ୍ତ। ଛତ୍ରପୁର ଷ୍ଟେସନ ନିକଟ ଶ୍ରୀରାମ ମନ୍ଦିର ହୁଣ୍ଡିରୁ ଲକ୍ଷାଧିକ ଟଙ୍କା ବୁଧବାର ସକାଳେ ଚୋରି ହୋଇଥିବା ଜଣାପଡିଛି। ତେବେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିର ପରିସରରେ ଥିବା ହୁଣ୍ଡି ଭାଙ୍ଗି ଚୋରି କରିଥିବା ମନ୍ଦିର ପୂଜକ ଅଭିଯୋଗ କରିଛନ୍ତି। ସିସିଟିଭି କ୍ୟାମେରା ଥାଇ ମଧ ଅଚଳାବସ୍ଥାରେ ପଡ଼ିଥିବା ବେଳେ ଏହି ଘଟଣା କେତେ ବେଳେ ଘଟିଛି ତାହା ଅନୁମାନ କରାଯାଇ ପାରୁନାହିଁ।



ପୂଜକ ସଦାଶିବ ମିଶ୍ରଙ୍କ କହିବା ଅନୁଯାୟୀ ମନ୍ଦିର ହୁଣ୍ଡି ପ୍ରାୟ ୧୧ ମାସ ହେବ ଖୋଲା ଯାଇନଥିଲା। ନିକଟ ଅତୀତରେ ଶ୍ରୀରାମ ନବମୀ ପାଳନ କରାଯାଇଥିଲା ଯେଉଁଥିରେ ଅନେକ ଶ୍ରଦ୍ଧାଳୁ ଦାନ କରିଥିବା ବେଳେ ଏକ ଲକ୍ଷରୁ ଅଧିକ ଟଙ୍କା ହୁଣ୍ଡିରେ ଥିବା ପୂଜକ ଆଶଙ୍କା କରିଛନ୍ତି। ସୂଚନା ପାଇ ପୋଲିସ ଆସି ତଦନ୍ତ ଆରମ୍ଭ କରିଛି। ଅନ୍ୟ ପକ୍ଷରେ ଏହି ମନ୍ଦିର ରେଳବାଇ ପୋଲିସ ଅଧୀନରେ ଆସୁଛି। ରେଳବାଇ ପୋଲିସ ତାହାର ତଦନ୍ତ ଆରମ୍ଭ କରିଦେଇଛନ୍ତି। ସୂଚନା ଥାଉ କି ଗତ ମେ ୬ରେ କୁମାରବେଗପଲ୍ଲୀ ସ୍ଥିତ ହନୁମାନ ମନ୍ଦିରରୁ କିଛି ଦୁର୍ବୃତ୍ତ ୫୦ ଲକ୍ଷରୁ ଅଧିକ ସୁନା, ରୁପା ଗହଣା ଏବଂ ଟଙ୍କା ଚୋରି କରିଥିଲେ। ଏହା ସହିତ ସାଇ ମନ୍ଦିର, ବିରେଶ୍ୱର ମନ୍ଦିର ହୋଇଛି ଚୋରି। ଚୋରି ଘଟଣା ରେ ପୋଲିସକୁ ମିଳିନି ସଫଳତା। ଆଉ ଆଜି ଶ୍ରୀରାମ ମନ୍ଦିର ଯାହା ଜନଗହଳିପୂର୍ଣ୍ଣ ଷ୍ଟେସନର ଅତି ନିକଟରୁ ଚୋରି ହୋଇଥିବା ପୋଲିସ ପାଇଁ ଏକ ବଡ଼ ଧରଣର ଚ୍ୟାଲେଞ୍ଜ ପଲଟିଛି।

## ବଜ୍ରପାତରେ ଜଣେ ମୃତ

ଶେରଗଡ଼,୨୪।୬(ସମିସ): ଶେରଗଡ ଥାନା ଧନନ୍ତର ପଞ୍ଚାୟତ ସୁବୁଳୟାପଲ୍ଲୀ ଗ୍ରାମରେ ବଜ୍ରପାତ ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ହେଲେଡି.କୋରା ପାତ୍ର (୫୫)। ଖବର ନେବାରୁ ଜଣାପଡ଼ିଛି ଯେ ସପରିବାର ଖରିଫ ଧାନ ଚାଷ ଲାଗି କୋରା ନିଜ ପତ୍ନୀ ଙ୍କ ସହିତ ନିଜ ବିଲକୁ ତଳି ପକାଇବା ଲାଗି ଯାଇଥିଲେ। ବିଲରେ ତଳି ପକାଉଥିବା ବେଳେ ହଠାତ ବଜ୍ରପାତ ଘଟିଥିଲା। ଏହି ବଜ୍ରପାତରେ କୋରା ବିଲ ମଧ୍ୟରେ ଅଚେତ ହୋଇ ପଡିଥିବା ଦେଖି କିଛି ଦୂରରେ ଥିବା ପତ୍ନୀ କୋରାଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ଗ୍ରାମର କିଛି ଲୋକଙ୍କ ସହାୟତା ରେ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କୋରା ପହଞ୍ଚିବା ପରେ କାର୍ଯ୍ୟରତ ଡାକ୍ତର କୋରା ଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ଶୁଣି ସମାଜସେବୀ ନିରଞ୍ଜନ ଜେନା (କାଳିଆ) ଏବଂ ସରପଞ୍ଚଙ୍କ ପ୍ରତିନିଧି ମକରମ ସ୍ୱାଇଁ ପରିବାରକୁ ସମବେଦନା ଜଣାଇଥିଲେ।

## ଡିମିରିଆ ପ୍ରାଥମିକ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ

ଖଲ୍ଲିକୋଟ,୨୪।୬(ସମିସ): ଖଲ୍ଲିକୋଟ୍ର ପୁରାତନ ନିଶା ନିବାରଣ ଅନୁଷ୍ଠାନ ଦ୍ୱାରା ରାଜ୍ୟ ସରକାରଙ୍କ ତରଫରୁ ନିଶା ମୁକ୍ତ ଭାରତ ଅଭିଯାନ ଆରମ୍ଭ ହୋଇଛି। ଖଲ୍ଲିକୋଟ୍ ବ୍ଲକ୍ ଅନ୍ତର୍ଗତ ଡିମିରିଆ ପଞ୍ଚାୟତ ରେ ଥିବା ଉନ୍ନତ ପ୍ରାଥମିକ ବିଦ୍ୟାଳୟ ଠାରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ମାନଙ୍କୁ ନେଇ ନିଶାକୁ ନେଇ ଏକ ସଚେତନ ଶୋଭାଯାତ୍ରା ବାହାରି ଗାଁ ସାରା ଭ୍ରମଣ କରି ବିଦ୍ୟାଳୟ ରେ ପହଁଞ୍ଚିବା ପରେ ନିଶା ନିବାରଣ ପ୍ରକଳ୍ପ ସଂଯୋଜକ ପ୍ରିୟବ୍ରତ ରାଉତରାୟଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ନିଶା ନିବାରଣ ବିଷୟବସ୍ତୁକୁ ନେଇ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତିଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

କୋଦଳା, ୨୪।୬(ସମିସ): ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ ପରିସରରେ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଭାରତ ସରକାରଙ୍କ ତରଫରୁ ଜୀବନ ଜ୍ୟୋତି ନିଶା ମୁକ୍ତ କେନ୍ଦ୍ର, ଭୈରବୀ କ୍ଲବ, ଖୋର୍ଦ୍ଧା ମାଧ୍ୟମରେ ନିଶା ନିବାରଣ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତହୋଇଯାଇଛି। କାର୍ଯ୍ୟକ୍ରମରେ ଜୀବନ ଜ୍ୟୋତି ନିଶାମୁକ୍ତ କେନ୍ଦ୍ର ଭୈରବୀ କ୍ଲବ ଖଲିକୋଟର ପ୍ରକଳ୍ପ ସଂଯୋଜକ ପ୍ରିୟବ୍ରତ ରାଉତରାୟ ଯୋଗ ଦେଇଥିଲେ। ସାମାଜିକ କର୍ମୀ କରୁଣାକର ପାହାଡ଼ସିଂ ଓ ସୁମନ ବଡତ୍ୟା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଯୁବ ରେଡ଼କ୍ରସ ସଂଯୋଜକ ରତ୍ନାକର ପ୍ରଧାନ ଓ ଜାତୀୟ ସେବା ଯୋଜନା ଅଧିକାରୀ ସାଗରିକା ଦାଶ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ତପସ୍ୱିନୀ କରଣ ଧନ୍ୟବାଦ ଅର୍ପଣ କରିଥିଲେ। ନିଶାମୁକ୍ତ ସମାଜ ଗଠନରେ ଯୁବଶକ୍ତିର ଭୂମିକା ଶୀର୍ଷକ ଏକ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗ ନେଇଥିବା ଲିପ୍ସା ମୁଦୁଲି, ଜ୍ୟୋତିପ୍ରଭା ସେଠି ଓ ଗୌତମୀ ପରିଡ଼ାଙ୍କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଅଧିକାର କରିଥିବାରୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ନିଶା ନିବାରଣ ସମ୍ପର୍କେ ଏକ ରାଲି ସ୍ଥାନୀୟ କାକୁଡିଆପଡା ଗ୍ରାମରେ ହୋଇଥିଲା। ଫିଟ ଓଡିଶା କଲେଜ ପ୍ରୋଗ୍ରାମ, ଯୁବ ରେଡ଼କ୍ରସ, ଜାତୀୟ ସେବା ଯୋଜନା ଏବଂ ଜୀବନ ଜ୍ୟୋତି ନିଶା ମୁକ୍ତ କେନ୍ଦ୍ର, ଖଲ୍ଲିକୋଟଙ୍କ ସହଯୋଗରେ ଆଜିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜୀବନକୁ ହଁ ଓ ନିଶାକୁ ନା ର ନୋଡାଲ ଅଧିକାରୀ ଅଧ୍ୟାପକ ସପନ କୁମାର ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପୌରାଣିକ ନାଟକ ମହାଭାରତ ମଞ୍ଚସ୍ଥ



ଧରାକୋଟ,୨୪।୬(ସମିସ): ଧରାକୋଟ ଗଡ଼ର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଳନ ଅବସରରେ ଆସିକା ଜୟପୁର ଗ୍ରାମର ଲକ୍ଷ୍ମୀ ନୃସିଂହ ଯୁବକଳା ପରିଷଦ ଦ୍ୱାରା ପୌରାଣିକ ନାଟକ ମହାଭାରତ ବା ବିଜୟୀ ପାଣ୍ଡବ ଧରାକୋଟ ରଥପଦାରେ ମଞ୍ଚସ୍ଥ ହୋଇଯାଇଛି। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଏହି ନାଟକକୁ ଉଦ୍ଘାଟନ କରିଥିବା ବେଳେ ଅତିଥି ଭାବରେ ସମାଜସେବୀ ସୁରେନ୍ଦ୍ରନାଥ ଗୌଡ଼, ସମିତି ସଭ୍ୟା ମାନିନୀ ପାତ୍ର, ବିଜେଡି ଉପ ସଭାପତି ରବୀନ୍ଦ୍ର ଘୋଷ, ସାନ୍ତିଝର ଉନ୍ନୟନ କମିଟି ସଭାପତି ସୁନିଲ କୁମାର ଚୌଧୁରୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ସ୍ୱାଇଁ, ସମାଜ ସେବୀ ଶତ୍ରୁଘନ ଗୌଡ, ହିନେନ୍ଦ୍ର ନାୟକ, ଅକ୍ଷୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଗତ ଗୁରୁବାର ଠାରୁ ଆରମ୍ଭ ହୋଇଥିବା ଏହି ଶୀତଳଷଷ୍ଠୀ ଯାତ୍ରା ମହାଭାରତ ନାଟକ ପରିବେଷଣ ପରେ ମଙ୍ଗଳବାର ଉଦଯାପିତ ହୋଇଥିଲା। ଯାତ୍ରା କମିଟି ସଭାପତି ଜ୍ୟୋତି ରଞ୍ଜନ ସ୍ୱାଇଁ, ଉପ-ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ପାଣିଗ୍ରାହୀ, ଶରତ ରାଜ, ସୁଶାନ୍ତ ବେହେରା, ରାଜା ସେଠୀଙ୍କ ସମେତ ଧରାକୋଟ ଗ୍ରାମବାସୀ ଏଥିରେ ସହଯୋଗ ପ୍ରଦାନ କରିଥିବା ବେଳେ ହିମାଂଶୁ ଶେଖର ସ୍ୱାଇଁ ଓ ବିକାଶ ରଞ୍ଜନ ମହାନ୍ତି ନାଟକକୁ ପରିଚାଳନା କରିଥିଲେ। ଚିତ୍ରସେନ ବାଡତ୍ୟା ଏଥିରେ ସଂଯୋଜନା କରିଥିଲେ।

## ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରଥମ ମୁଖ୍ୟ ପ୍ରଶାସିକାଙ୍କ ଅବ୍ୟକ୍ତ ସ୍ମୃତି ଦିବସ




ଆସିକା,୨୪।୬(ସମିସ): ଆସିକା ବସଷ୍ଟାଣ୍ଡ ସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନରେ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ର ପ୍ରଥମ ମୁଖ୍ୟ ପ୍ରଶାସିକା ମାତେଶ୍ୱରୀ ଜଗଦମ୍ବା ସରସ୍ୱତୀଙ୍କ ୬୧ ତମ ଅବ୍ୟକ୍ତ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଶାନ୍ତି ଶକ୍ତି ଭବନର ସଭାଗୃହରେ ଏହି ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା। ଉକ୍ତ ସଭାକୁ ସମ୍ବୋଧିତ କରିବା ଅବସରରେ ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ପ୍ରକାଶ କରିଥିଲେ ଯେ ମାତେଶ୍ୱରୀଜୀ ଥିଲେ ଜ୍ଞାନ, ଯୋଗ, ପବିତ୍ରତା ଓ ସେବାର ଜୀବନ୍ତ ପ୍ରତିମୂର୍ତ୍ତି। ଅତ୍ୟନ୍ତ କମ୍ ବୟସରେ ସେ ପରମାତ୍ମ ଜ୍ଞାନକୁ ଆତ୍ମସାତ କରି ନିଜ ଜୀବନକୁ ଈଶ୍ୱରୀୟ ସେବା ପାଇଁ ସମର୍ପିତ କରିଥିଲେ। ବ୍ରହ୍ମାବାବାଙ୍କ ପାଳନ ଓ ପରମାତ୍ମା ଶିବ ପିତାଙ୍କ ଶ୍ରୀମତରେ ଗଢ଼ିଉଠିଥିବା ମାତେଶ୍ୱରୀଜୀ ନିଜର ଗଭୀର ଆଧ୍ୟାତ୍ମିକ ଅନୁଭୂତି, ସରଳତା, ମଧୁରତା ଓ ନିଷ୍କାମ ସେବା ଭାବନା ଦ୍ୱାରା ଲକ୍ଷ ଲକ୍ଷ ଆତ୍ମାଙ୍କୁ ପ୍ରେରଣା ଦେଇଥିଲେ। ଯଜ୍ଞର ଆଦି କାଳରେ ଅନେକ ପ୍ରତିକୂଳ ପରିସ୍ଥିତି, ବିରୋଧ ଓ ସଂଘର୍ଷ ମଧ୍ୟରେ ମାତେଶ୍ୱରୀଜୀ ଅସାଧାରଣ ଧୈର୍ଯ୍ୟ, ସହନଶୀଳତା ଏବଂ ଦୃଢ଼ ବିଶ୍ୱାସର ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମରେ ଆସିକା ସୁଗାର ଇଣ୍ଡଷ୍ଟ୍ରୀ ର ମ୍ୟାନେଜିଂ ଡାଇରେକ୍ଟର ଡାଃ ସୁଶାନ୍ତ ପଣ୍ଡା, ଆସିକା ହେଡ ପୋଷ୍ଟ ଅଫିସର ଭାରପ୍ରାପ୍ତ ପୋଷ୍ଟମାଷ୍ଟର ଜୟ ପ୍ରକାଶ ବିଶୋୟୀ, ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ଦୁର୍ଗା ପ୍ରସାଦ ପଣ୍ଡା ଅତିଥି ରୂପେ ଯୋଗଦେଇ ମାତେଶ୍ୱରୀଜୀଙ୍କ ସ୍ମୃତି ଚାରଣ କରିବା ସହିତ ମାତେଶ୍ୱରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବ୍ରହ୍ମାକୁମାର ସତ୍ୟପ୍ରିୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ରହ୍ମାକୁମାର ବୁଲୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ ପମ୍ପ ଘରୁ ମୋଟର ଚୋରି; ଜଳଯୋଗାଣ ବାଧାପ୍ରାପ୍ତ

କୁକୁଡାଖଣ୍ଡି, ୨୪।୬(ସମିସ): ଅଞ୍ଚଳରେ ମୋଟର ପମ୍ପ ଚୋରି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରାୟ ପ୍ରତିଦିନ କୌଣସି ନା କୌଣସି ସ୍ଥାନରୁ ମୋଟର ଚୋରି ହେଉଥିବା ଖବର ଆସୁଥିବାବେଳେ, ଏବେ କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ଗ୍ରାମରେ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ, ଲାଠୀ ଗ୍ରାମର ପଣ୍ଡାସାହି ନିକଟରେ ଥିବା ପଞ୍ଚାୟତ ପମ୍ପ ଘରୁ ମଙ୍ଗଳବାର ରାତିରେ ଦୁଇଟି ମୋଟର ଚୋରି ହୋଇଯାଇଛି। ଫଳରେ ଗ୍ରାମର ଜଳଯୋଗାଣ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିବାରୁ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘଟଣା ସମ୍ପର୍କରେ ଜଳଯୋଗାଣ ସହାୟକ ଶଙ୍କର ପାଣିଗ୍ରାହୀ ସରପଞ୍ଚଙ୍କ ସହିତ ସଦର ଥାନାକୁ ଅବଗତ କରାଇଥିଲେ। ଖବର ପାଇ ପୁଲିସ କିଛି ଲୋକଙ୍କୁ ପଚାରି ତଦନ୍ତ ଆରମ୍ଭ କରିଛି। ସଦର ଥାନା ଆଇଆଇସି ସନ୍ତୋଷ କୁମାର ବେହେରା କହିଛନ୍ତି ଯେ, ଗ୍ରାମବାସୀଙ୍କଠାରୁ ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। ତେବେ ଚୋରି କେଉଁ ସମୟରେ ଘଟିଛି ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନାହିଁ। ପୁଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଥିବାବେଳେ ଖୁବଶୀଘ୍ର ଚୋରଙ୍କୁ ଚିହ୍ନଟ କରି ଗିରଫ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ପଞ୍ଚାୟତ ସମ୍ପତ୍ତିର ସୁରକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ଦାବି ହେଉଛି।

## ଛତ୍ରପୁର ବ୍ଲକ୍ ଶିକ୍ଷା ଅଧିକାରୀଣୀ ଭାବେ ଦାୟିତ୍ୱ ଗ୍ରହଣ କଲେ ସୁଚିତ୍ରା ପାଣିଗ୍ରାହୀ

ଛତ୍ରପୁର, ୨୪।୬(ସମିସ) : ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକର ନୂତନ ଶିକ୍ଷା ଅଧିକାରୀଣୀ (ବି.ଇ.ଓ.) ଭାବେ ସୁଚିତ୍ରା କୁମାରୀ ପାଣିଗ୍ରାହୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ୨୦୨୧ ବ୍ୟାଚର ବିଦ୍ୟାଳୟ ବିଭାଗରେ ଓଡ଼ିଶା ଶିକ୍ଷା ସେବା ଅଧିକାରୀଣୀ ଭାବେ ଯୋଗ ଦେଇଥିଲେ। ଏହା ପୂର୍ବରୁ ସୁଜିତ କୁମାର ପାଢ଼ୀ ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କର ବଦଳି ହୋଇଯାଇଛି। ସୁଚିତ୍ରା ପାଣିଗ୍ରାହୀ ବର୍ତ୍ତମାନ ବିଇଓ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଛତ୍ରପୁର ସ୍ଥିତ ସର୍ବପୁରାତନ ପିଏମ ଶ୍ରୀ ଅନସ୍ଲୋ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଛତ୍ରପୁର ବ୍ଲକରେ ଥିବା ସମସ୍ତ ବିଦ୍ୟାଳୟର ବିକାଶ ଏବଂ ପରିଚାଳନା କିପରି ସୂଚାରୁ ରୂପେ ସମ୍ପାଦନ ହୋଇପାରିବ ତାହା ଉପରେ ସେ ଗୁରୁତ୍ୱାରୋପ କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।



## ବେଆଇନ ଭାବେ ବାଲି ଚାଲାଣ; ଦୁଇ ହାଇୱା ଜବତ



ବେଲଗୁଣ୍ଠା,୨୪।୬(ସମିସ): ବେଆଇନ ଭାବେ ବାଲି ଚୋରାଚାଲାଣ କରୁଥିବା ଦୁଇ ହାଇୱା ଗାଡିକୁ ଜବତ କରିଛି ଗାଙ୍ଗପୁର ପୋଲିସ। ଖବରରୁ ଜଣାପଡିଛି ଗାଙ୍ଗପୁର ଥାନା ଅନ୍ତର୍ଗତ ମୁନିଗାଡି ନିକଟରେ ଗାଙ୍ଗପୁର ଥାନା ଅତିରିକ୍ତ ଥାନା ଅଧିକାରୀ ସକ୍ଷରଲତା ପ୍ରଧାନ ପୋଲିସ ଟିମ ସହ ବ୍ଲକିଙ୍ଗ ଚେକିଂ କରୁଥିବା ବେଳେ ଭଞ୍ଜନଗର ପଟୁ ଆସିକା ଅଭିମୁଖେ ଯାଉଥିବା ଦୁଇଟି ବାଲି ବୋଝେଇ ହାଇୱାକୁ ଯାଞ୍ଚ କରିବାରୁ ବାଲି ବେଆଇନ ଭାବେ ନିଆଯାଉଥିବା ଜଣାପଡିଥିଲା। ଏନେଇ ଗାଙ୍ଗପୁର ଥାନାରେ ୮୪/୨୬ରେ ଏକ ମାମଲା ରୁଜୁକରି ଦୁଇଟି ବାଲି ବୋଝେଇ ହାଇୱାକୁ ଜବତ କରିବା ସହ ଗାଡି ଦୁଇଟିର ଡ୍ରାଇବର ମାନଙ୍କୁ ନୋଟିସ ଦେଇ ପୋଲିସ ଛାଡିଥିବା ଏସ ଆଇ ତଥା ତଦନ୍ତକାରୀ ଅଧିକାରୀ ବିନାୟକ ବିଧାର ପ୍ରକାଶ କରିଛନ୍ତି।

# ‘ବିକାଶର ଧାରା, ଓଡ଼ିଶା ସାରା’ କାର୍ଯ୍ୟକ୍ରମ





### ସୋରଡ଼ା ଏନଏସି ଓ ବ୍ଲକ

ସୋରଡ଼ା,୨୪।୬(ସମିସ): ସୋରଡ଼ା ବିଜ୍ଞାପିତ ଅଞ୍ଚଳ ପରିସଦର ସହରାଞ୍ଚଳ ଜନସମ୍ପର୍କ ଏବଂ ନାଗରିକ ଭାଗିଦାରୀ ବ୍ୟବସ୍ଥାର ସୁଦୃଢ଼ୀକରଣ ତଥା ଅଗ୍ରଗତି ଓ ସଚେତନତା ନିମନ୍ତେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ, ଅଧ୍ୟକ୍ଷ, ବିଭିନ୍ନ ୱାର୍ଡର କାଉନସିଲର ମାନେ ଉପସ୍ଥିତ ରହି ଅଞ୍ଚଳର ଅଧିବାସୀଙ୍କ ପାଇଁ ଗତ ଦୁଇ ବର୍ଷର ବିଭିନ୍ନ ସୁବିଧା ସୁଯୋଗର ଉପଲବ୍ଧତା ନେଇ ବୁଝିଥିଲେ। ଏହି ସହରାଞ୍ଚଳର ଜନସାଧାରଣଙ୍କ ପାଇଁ ଯୋଗାଇ ଦିଆ ଯାଉଥିବା ସୁବିଧାର ସୁପରିଚାଳନା ଓ ଏହାର ବ୍ୟବସ୍ଥା ସମ୍ପର୍କରେ ଅଭାସି ମାଧ୍ୟମରେ ଉପସ୍ଥିତ ଅଧିକାରୀମାନେ ବୁଝିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ ଅଂଶ ଗ୍ରହଣ କରି ଲୋକମାନଙ୍କ ପାଇଁ ବିଭିନ୍ନ ସରକାରୀ ସୁବିଧା ଆଦି ନେଇ ବିସ୍ତୃତ ଆଲୋଚନା କରି କହିଛନ୍ତି। ଶ୍ରୀ ସାହୁ ସ୍ଥାନୀୟ ଲୋକଙ୍କୁ ନିଜ ଆଖପାଖ ପରିବେଶର ଜଳ ସ୍ୱଚ୍ଛତା ଉପରେ ଧ୍ୟାନଦେବା ପାଇଁ ଅନୁରୋଧ କରିବା ସହ ସୁନ୍ଦର ପରିବେଶ ସୃଷ୍ଟି କରିବା ପାଇଁ ଉପଦେଶ ଦେଇଥିଲେ। ଏଥିରେ ପିଏମ ସ୍ୱନିଧି ଯୋଜନାର ଋଣ, ଭତ୍ତା, ମୁଖ୍ୟମନ୍ତ୍ରୀ ଅର୍ଣ୍ଣପୂର୍ଣ୍ଣା ଯୋଜନାର ନୂତନ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ଆଦି ବଣ୍ଟନ ସହିତ ବ୍ୟବସ୍ଥା ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଏନ୍ ଏ ସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା, ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ମହାରଣା,ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ସବିତା ସାବତ, ଖାଦ୍ୟ ଓ ନିରାପତ୍ତା ନିରୀକ୍ଷକ ସୁମନ୍ତ କୁମାର ମଲ୍ଲିକ, ସ୍ୱାସ୍ଥ୍ୟ ଅଧିକ୍ଷକ ଆଶିଷ କୁମାର ସ୍ୱାଇଁ,ଜନ ସ୍ୱାସ୍ଥ୍ୟ ଜଳ ଯୋଗାଣ ଯନ୍ତ୍ରୀ ରାଜେଶ ସାହୁ କାଉନସିଲର କେ ସତ୍ୟ ନାରାୟଣ ସୁବୁଦ୍ଧି, ସସ୍ମିତା ପାଢ଼ୀ, ରଜନୀ କାନ୍ତ ମହାପାତ୍ର ପ୍ରମୁଖ କୃତଜ୍ଞତା ଜଣାଇଥିଲେ। ଅନୁରୂପ ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ତନ୍ମୟ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ , ଗଞ୍ଜାମ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ସୋରଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅମୁଲ୍ୟ ସାହୁ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବାବଦରେ ଦୁଇବର୍ଷ ର ଉପଲବ୍ଧି ଉପରେ ସଚେତନତା ସୃଷ୍ଟି କରିଥିବା ବେଳେ ସୋରଡା ବ୍ଲକ୍ରେ ହୋଇଥିବା ବିଭିନ୍ନ ଉନ୍ନତମୂଳକ କାର୍ଯ୍ୟ ଗୁଡ଼ିକୁ ସୁଚାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ପ୍ରକଳ୍ପ ଓ ମିଶନ ଶକ୍ତି ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଉପକରଣ ପ୍ରଦର୍ଶିତ ହୋଇଥଲା। ଏତଦ୍ ବ୍ୟତୀତ କୃଷି,ମୃତ୍ତିକା ସଂରକ୍ଷଣ, ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ସ୍ୱାସ୍ଥ୍ୟ ଓ ବିଦ୍ୟୁତ ବିଭାଗ ତରଫରୁ ଷ୍ଟଲ୍ ଲଗାଯାଇ ବିଭାଗୀୟ ସମ୍ପର୍କିତ ଯୋଜନା ଗୁଡିକ ଉପରେ ଲୋକଙ୍କୁ ପରିଚିତ କରାଇ ସେଥିରୁ ମିଳୁଥିବା ଉପାଦେୟତା ନେଇ କହିଥିଲେ।

### ଖଲ୍ଲିକୋଟ ଏନଏସି

**ଖଲ୍ଲିକୋଟ:** ଖଲ୍ଲିକୋଟ ଏନଏସି ରେ ଆଜି ବିକାଶ ର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କନକ ମଞ୍ଜରୀ କଲ୍ୟାଣ ମଣ୍ଡପ ଠାରେ ଏନଏସି ନିର୍ବାହୀ ଅଧିକାରୀ ସନ୍ଦୀପ ଖାଡ଼ଙ୍ଗାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଏନଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା, କାଉନସିଲର ପ୍ରଦୀପ କୁମାର ପଟ୍ଟନାୟକ, ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଅଜିତ କୁମାର ପଣ୍ଡା, ପ୍ରଦୀପ୍ତ କୁମାର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମସ୍ତ କାଉନସିଲର, ସଫେଇ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ପୁରୀ ରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ସମାରୋହ ର ବଡ଼ ସ୍କ୍ରିନ ଦ୍ୱାରା ସିଧା ପ୍ରସାରଣ କରାଯାଇଥିବା ବେଳେ ଉପସ୍ଥିତ ଅତିଥି ମାନେ ଏହାକୁ ଦେଖିଥିଲେ।



**କବିସୂର୍ଯ୍ୟନଗର:** ଗାରିମାମୟ ଓଡିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାର ବିକାଶ, ପୌରାଞ୍ଚଳର ଉନ୍ନତି, ସୁଶାସନର ବାର୍ତ୍ତାକୁ ଜନସାଧାରଣଙ୍କ ଠାରେ ପହଞ୍ଚାଇବା ପାଇଁ ପୌରାଞ୍ଚଳ ପ୍ରଶାସନ ପକ୍ଷରୁ ଆୟୋଜିତ ଭବ୍ୟ ଓ ବର୍ଣ୍ଣାଢ଼ ପରିବେଶରେ ଆୟୋଜିତ କାର୍ଯ୍ୟକ୍ରମ "ବିକାଶର ଧାରା, ଓଡିଶା ସାରା’। ଏହାପରେ ସ୍ଥାନୀୟ ଏନଏସି କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ "ବିକାଶର ଧାରା ଓଡ଼ିଶା ସାରା’ କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଉଦଘାଟନ କରିଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯୁବ ପ୍ରତିଭା ସାମାଜିକ କର୍ମୀ ତଥା ଯୁବ ବିଜେପି ଉପଦେଷ୍ଟା ରାମପ୍ରସାଦ ମହାରଣା, ଯୁବ ସଂଗଠକ ମୋହନ ସୁନ୍ଦର ସ୍ୱାଇଁ, ଶ୍ରୀକାନ୍ତ ମହାପାତ୍ର, ବିଶ୍ୱଜିତ ମହାପାତ୍ର,ହରି ନାହାକ, ପ୍ରଶାନ୍ତ କୁମାର ଭୂୟାଁ ପ୍ରମୁଖ ମଞ୍ଚାସୀନ ଥିଲେ।

## ରଥ ପୂର୍ବରୁ ପୁରୀ ଅଶାନ୍ତ

# ହୋଟେଲ ମାଲିକଙ୍କୁ ହତ୍ୟା; ଅଭିଯୁକ୍ତକୁ ପୁଲିସର ଏନ୍‌କାଉଣ୍ଟର

ପୁରୀ,୨୪।୬(ସମିସ): ଆଗକୁ ମହାପ୍ରଭୁଙ୍କ ପବିତ୍ର ସ୍ନାନଯାତ୍ରା ଓ ରଥଯାତ୍ରା। ଶୃଙ୍ଖଳିତ ଘୋଷଯାତ୍ରା ପାଇଁ ପୁଲିସ ପ୍ରସ୍ତୁତ ଚଳାଇଥିବା ବେଳେ ପୁରୀ ସହରରେ ଗଡ଼ିଛି ମୁଣ୍ଡ। ମଙ୍ଗଳବାର ବିଳମ୍ବିତ ରାତିରେ ବଳିଆପଣ୍ଡା ଥାନା ଅଞ୍ଚଳରେ ହୋଟେଲ ମାଲିକଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତକ ହେଉଛନ୍ତି ବଳିଆପଣ୍ଡା ଥାନା ଧବଳେଶ୍ୱର ମନ୍ଦିର ନିକଟରେ ଥିବା ହୋଟେଲ 'ମନୋରମା' ରେସିଡେନ୍ସିର ମାଲିକ ପବିତ୍ର ନାୟକ। ତେବେ ହତ୍ୟାକାଣ୍ଡର କେଇଘଣ୍ଟା ମଧ୍ୟ ପୁଲିସ ନେଇଥିଲା ବଡ଼ କାର୍ଯ୍ୟାନୁଷ୍ଠାନ। ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସେହି ହୋଟେଲର ମ୍ୟାନେଜର ଚନ୍ଦନ କୁମାର ପଲ୍ଲାରକୁ ଏନ୍‌କାଉଣ୍ଟର କରିଥିଲା ପୁଲିସ। ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ସେହି ହୋଟେଲକୁ ନେଇ ଏଭଳି କାଣ୍ଡ ଘଟିଥିବା ଅନୁସନ୍ଧାନ କରିଛି ପୋଲିସ। ଅଭିଯୁକ୍ତ ଚନ୍ଦନ ସେହି ହୋଟେଲକୁ ନିଜ କବ୍‌ଜାକୁ ନେଇ ବ୍ୟବସାୟ ଲକ୍ଷ୍ୟ ରଖିଥିବା ଯୋଗୁଁ ମାଲିକ ପବିତ୍ରଙ୍କ ସହିତ କିଛିଦିନ ହେବ ବିବାଦକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ଜୋର୍ ଧରିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ହୋଟେଲରେ ରହୁଥିବା କିଛି ଯାତ୍ରୀଙ୍କ ଫୋନ୍ ପରେ ପବିତ୍ର ହୋଟେଲକୁ ଯାଇଥିଲେ। ମ୍ୟାନେଜର ଏବଂ କିଛି କର୍ମଚାରୀ ଆବଶ୍ୟକ ସେବା ଦେଉ ନ ଥିବା ଅଭିଯୋଗ କରିଥିଲେ କିଛି ଯାତ୍ରୀ। ଫଳରେ ମାଲିକ ପବିତ୍ର ମ୍ୟାନେଜର ଚନ୍ଦନକୁ ତାଗିଦ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ପରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ଚନ୍ଦନ ନିଜ ପାଖରେ ରଖିଥିବା ଏକ ଛୁରୀରେ ପବିତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏକାଧିକଥର ଶୀରୀର ବିଭିନ୍ନ ଜାଗାକୁ ଛୁରୀରେ ଆଘାତ ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା ବଳିଆପଣ୍ଡା ଥାନା ପୁଲିସ। ମୁଖ୍ୟ ଅଭିଯୁକ୍ତ ସେହି ହୋଟେଲର ମ୍ୟାନେଜର ଚନ୍ଦନ ଜାଣିବା ପରେ ପୁଲିସ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା।

ବିଶେଷ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା ମାତା ମଠ ନିକଟ ଏକ କାଜୁ ଜଙ୍ଗଲରେ ଲୁଚି ରହିଛି ଚନ୍ଦନ। ସେଠାରେ ପୁଲିସକୁ ପହଞ୍ଚିବା ପରେ ଚନ୍ଦନ ପୁଲିସ ଉପରକୁ ଗୁଳି ଚାଳନା କରି ଖସିଯିବାକୁ ଚେଷ୍ଟା କରିଥିଲା। ହେଲେ ପୁଲିସ ଗୁଳିରେ ଆହତ ହୋଇଥିଲା। ଚନ୍ଦନର ବାମପଟ ଗୋଡ଼ରେ ପୁଲିସର ଗୁଳି ବାଜିଥିବା ବେଳେ ତାକୁ ଚିକିତ୍ସା ପାଇଁ ପ୍ରଥମେ ପୁରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ମୃତକଙ୍କ ପରିବାର ଓ ସମ୍ପର୍କୀୟମାନେ ମେଡିକାଲରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏସ୍‌ପି ପ୍ରତୀକ୍ ସିଂ ଏବଂ ପୁଲିସ ଅଧିକାରୀ ସ୍ଥିତିକୁ ନିୟନ୍ତ୍ରଣ କରିବା ସହିତ ଚନ୍ଦନକୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଥିବା ଏସ୍‌ପି ଶ୍ରୀ ସିଂ ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି, "ମଙ୍ଗଳବାର ବିଳମ୍ବିତ ରାତିରେ ହୋଟେଲ ମନୋରମାର ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ବଳିଆପଣ୍ଡା ଥାନାକୁ ଖବର ଆସିଥିଲା। ହୋଟେଲର ଜଣେ କର୍ମଚାରୀ ଚନ୍ଦନ କୁମାର ପଲ୍ଲାର ହିଁ ଛୁରୀରେ ଆକ୍ରମଣ କରିଥିବା ଜଣାପଡ଼ିଥିଲା। ଗୁରୁତର ଅବସ୍ଥାରେ ପବିତ୍ରଙ୍କୁ ପୁଲିସ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୁକ୍ତ ଚନ୍ଦନ ମାତାମଠ ନିକଟ ଏକ କାଜୁ ଜଙ୍ଗଲରେ ଲୁଚିବା ପାଇଁ ଯାଉଥିବା ପୁଲିସକୁ ଖବର ମିଳିଥିଲା। ପୁଲିସ ସେଠାରେ ପହଞ୍ଚିବା ପରେ ଅଭିଯୁକ୍ତ ପୁଲିସ ଉପରେ ଗୁଳି ଚାଳନା କରି ଖସି ଯିବାକୁ ଉଦ୍ୟମ କରୁଥିଲା। ପୁଲିସର ପାଲଟା ଗୁଳିରେ ଅଭିଯୁକ୍ତ ଆହତ ହୋଇଥିଲା। ଏହାର ତଦନ୍ତ ଚାଲିଛି ଆଉ କିଛି ବ୍ୟକ୍ତି ଏହି ଅପରାଧରେ ସାମିଲ ଥିବା ଜଣାପଡ଼ିଛି। ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।



■ ଛତ୍ରପୁର ଅଞ୍ଚଳରେ ଗୁଣିଆ ସନ୍ଦେହରେ ହତ୍ୟା ମାମଲା

## ଅଭିଯୁକ୍ତ ୨୪ ବର୍ଷ ପରେ ହାଇକୋର୍ଟରୁ ଦୋଷମୁକ୍ତ

କଟକ,୨୪।୬(ସମିସ): ଏକ ହତ୍ୟା ଘଟଣାରେ ଜଣେ ଅଭିଯୁକ୍ତ ଦୀର୍ଘ ୨୪ବର୍ଷ ପରେ ହାଇକୋର୍ଟରୁ ଦୋଷମୁକ୍ତ ହୋଇଛନ୍ତି। ସାକ୍ଷୀଙ୍କ ବୟାନରେ ବିରୋଧାଭାସ ଏବଂ ଦୁର୍ବଳ ଅନୁସନ୍ଧାନ କାରଣରୁ ଏକ ଦୀର୍ଘ ଦିନର ହତ୍ୟା ମାମଲାରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୨୦୦୩ରୁ ଚାଲିଆସୁଥିବା ମାମଲାର ଶୁଣାଣି କରି ନିମ୍ନ ଅଦାଲତଙ୍କ ଆଜୀବନ କାରାଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ଅଭିଯୁକ୍ତ ତଥା ଆବେଦନକାରୀ ବାବୁ ଦାସଙ୍କୁ ସମସ୍ତ ଦୋଷରୁ ମୁକ୍ତ କରିଛନ୍ତି। ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନିମ୍ନ ଅଦାଲତ ପ୍ରମାଣରେ ଥିବା ବଡ଼ ଫାଙ୍କଗୁଡ଼ିକୁ ଅଣଦେଖା କରିଥିଲେ। ଆଇନ ଅନୁଯାୟୀ ପ୍ରସିକ୍ୟୁସନକୁ ନିଜ ମାମଲା ସନ୍ଦେହରୁ ଊର୍ଦ୍ଧ୍ୱରେ ପ୍ରମାଣ କରିବାକୁ ପଡ଼ିଥାଏ, କିନ୍ତୁ ଏଠାରେ ନିମ୍ନ ଅଦାଲତ ଓଲଟା ଅଭିଯୁକ୍ତ ଉପରେ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବାର ଭାର ଲଦି ଦେଇଛନ୍ତି, ଯାହା ଆଇନଗତ ଭାବେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

**'ନିର୍ଦ୍ଦୋଷ ପ୍ରମାଣ ପାଇଁ ଅଭିଯୁକ୍ତ ଉପରେ ବୋଝ ଲଦିବା ଗ୍ରହଣୀୟ ନୁହେଁ'**

ମାମଲାରୁ ପ୍ରକାଶ ଯେ ଗତ ୨୦୦୨ ମସିହା ମେ' ୨୮ ତାରିଖରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ଅଞ୍ଚଳର ସାରୁ ଗ୍ରାମର ଗୁଣିଆ ନଟବର ଗୌଡ଼ଙ୍କୁ ଲାଠିରେ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ବାବୁ ଦାସ ନିଜ ପରିବାର ଉପରେ ଗୁଣି ଗାରେଡ଼ି ସନ୍ଦେହ କରି ଏହି ହତ୍ୟାକାଣ୍ଡ ଭିଆଇଥିବା ପ୍ରସିକ୍ୟୁସନ ଦାବି କରିଥିଲା। ୩୧ ଅକ୍ଟୋବର ୨୦୦୩ରେ ଛତ୍ରପୁର ଫାଷ୍ଟ ଟ୍ରାକ୍ କୋର୍ଟ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ, ଯାହାକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତ ତରଫରୁ ହାଇକୋର୍ଟରେ ଅପିଲ୍ କରାଯାଇଥିଲା। ପ୍ରସିକ୍ୟୁସନର ସମସ୍ତ ପ୍ରମାଣ ସନ୍ଦେହଘେରରେ ଥିବାରୁ, ଆଇନର 'ବେନିଫିଟ୍ ଅଫ୍ ଡାଉଟ୍' ବା ସନ୍ଦେହର ଲାଭ ଅଭିଯୁକ୍ତଙ୍କ ସପକ୍ଷରେ ଯିବା ଉଚିତ ବୋଲି ହାଇକୋର୍ଟ ପ୍ରକାଶ କରିଛନ୍ତି। ଏହି ଆଧାରରେ ଆବେଦନକାରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି।

'ଡିଜିଟାଲ୍ ଆରେଷ୍ଟ' ଠକେଇ

# ଅବସରପ୍ରାପ୍ତ ପ୍ରଫେସର ଫେରିପାଇଲେ ୧.୧୦ କୋଟି

କଟକ,୨୪।୬(ସମିସ): 'ଡିଜିଟାଲ୍ ଆରେଷ୍ଟ' ଠକେଇର ଶିକାର ହୋଇଥିବା ଭୁବନେଶ୍ୱରର ଜଣେ ଅବସରପ୍ରାପ୍ତ ପ୍ରଫେସରଙ୍କ ଆକାଉଣ୍ଟରୁ ଯାଇଥିବା ୨.୪୫ କୋଟି ଟଙ୍କା ମଧ୍ୟରୁ ୧କୋଟି ୧୦ ଲକ୍ଷ ଫେରସ୍ତ ଆଣିବାରେ ସଫଳ ହୋଇଛି କ୍ରାଇମବ୍ରାଞ୍ଚ। '୧୯୩୦' ସାଇବର ହେଲ୍ପଲାଇନ୍ ମାଧ୍ୟମରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ ଏହି ଅର୍ଥ ଉଦ୍ଧାର କରାଯାଇପାରିଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ରହୁଥିବା ଏହି ଅବସରପ୍ରାପ୍ତ ପ୍ରଫେସର ଜଣକ ଗତ ଫେବୃଆରୀ ୨୦୨୬ରେ ଡିଜିଟାଲ୍ ଆରେଷ୍ଟର ଶିକାର ହୋଇ ପ୍ରାୟ ୨କୋଟି ୪୫ଲକ୍ଷ ଟଙ୍କା ହରାଇଥିଲେ। ଏନେଇ ସେ ଗତ ମେ ୧୫ରେ ସେ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ (ଏନସିଆରପି)ରେ ଅଭିଯୋଗ କରିଥିଲେ। ଏହାପୂର୍ବରୁ ତଥା ଗତ ମାର୍ଚ୍ଚ ୨ତାରିଖରେ ସେ କ୍ରାଇମବ୍ରାଞ୍ଚ ସାଇବର କ୍ରାଇମ ଥାନାରେ ଏକ ମାମଲା ମଧ୍ୟ ରୁଜୁ କରିଥିଲେ। ଏହି ପ୍ରକ୍ରିୟାରେ ଠକେଇ ସହ ଜଡ଼ିତ କେତେକ ବ୍ୟାଙ୍କ ଆକାଉଣ୍ଟ ଚିହ୍ନଟ କରାଯାଇଥିଲା ଏବଂ ସେଗୁଡ଼ିକୁ ତୁରନ୍ତ ଫ୍ରିଜ୍ ବା ଅଚଳ କରିବାକୁ ପଦକ୍ଷେପ ନିଆଯାଇଥିଲା। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି 'ୟେସ୍ ବ୍ୟାଙ୍କ'ର ଏକ ଆକାଉଣ୍ଟରେ ଥିବା ୧କୋଟି ୧୦ଲକ୍ଷ ଟଙ୍କାକୁ ଅଟକାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ, କୋର୍ଟଙ୍କ ଆଦେଶ ଅନୁଯାୟୀ ସମସ୍ତ ଆଇନଗତ ପ୍ରକ୍ରିୟା ଶେଷ କରି ଏହି ସମ୍ପୂର୍ଣ୍ଣ ଅର୍ଥକୁ ଅଭିଯୋଗକାରୀ ପ୍ରଫେସରଙ୍କ ଆକାଉଣ୍ଟକୁ ସଫଳତାର ସହ ଫେରସ୍ତ ଅଣାଯାଇଛି।

**୪ ମାସରେ ୧୬୩୩୫ଟି ସାଇବର ଠକେଇ ଅଭିଯୋଗ**

କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ଗତ ୨୦୨୫ରେ ଏନସିଆରପିରେ ମୋଟ ୪୩୨.୨୮ କୋଟି ଟଙ୍କା ଠକେଇ ନେଇ ୪୯୪୨୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏହି ଅଭିଯୋଗ ଗୁଡିକ ଆଧାରରେ ୬୮.୭୧କୋଟି ଟଙ୍କାକୁ ବିଭିନ୍ନ ବ୍ୟାଙ୍କରେ ଫ୍ରିଜ କରାଯାଇଥିବା ବେଳେ ୫.୩୧କୋଟି ଟଙ୍କା ଅଭିଯୋଗକାରୀ ମାନଙ୍କୁ ଫେରସ୍ତ ଦିଆଯାଇପାରିଛି। ସେହିଭଳି ୨୦୨୬ ଏପ୍ରିଲ୩୦ ସୁଦ୍ଧା ୧୩୪.୨୪କୋଟି ଟଙ୍କା ଠକେଇ ନେଇ ୧୬୩୩୫ଟି ଅଭିଯୋଗ ହୋଇଥିବା ବେଳେ ୨୪.୨୭କୋଟି ଟଙ୍କା ବିଭିନ୍ନ ବ୍ୟାଙ୍କରେ ଫ୍ରିଜ କରାଯାଇ ରଖାଯାଇଛି। ଏଥିରୁ ୨.୯୭କୋଟି ଟଙ୍କା ଅଭିଯୋଗକାରୀ ମାନେ ଫେରସ୍ତ ପାଇଛନ୍ତି। ଏଭଳି କୌଣସି ସନ୍ଦିଗ୍ଧ ଫୋନ କଲ୍ ଆସିଲେ ନିଜର ବ୍ୟକ୍ତିଗତ ଓ ବ୍ୟାଙ୍କ ତଥ୍ୟ ସେୟାର ନକରିବାକୁ କୁହାଯାଇଛି। ଏଭଳି ଘଟଣା ଘଟିଲେ ତୁରନ୍ତ ଟୋଲ୍ ଫ୍ରି ସାଇବର କ୍ରାଇମ ହେଲ୍ପଲାଇନ୍ ନମ୍ବର ୧୯୩୦କୁ କଲ୍ କିମ୍ବା www.cybercrime.gov.inରେ ଅଭିଯୋଗ ଯେତେ ଶୀଘ୍ର କରାଯିବ ତେବେ ଟଙ୍କା ଫ୍ରିଜ୍ ହେବାର ଏବଂ ଫେରସ୍ତ ମିଳିବାର ସମ୍ଭାବନା ସେତେ ଅଧିକ ରହିବ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି।

## ବ୍ରାହ୍ମଣୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

କଣିହାଁ,୨୪।୬(ସମିସ): କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ନିମ୍ନଭାଗ କଦଳିପାଳ ନିକଟରେ ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ମଙ୍ଗଳବାର ଅପରାହ୍ଣରେ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରେଙ୍ଗାଳି ଡ୍ୟାମ ତଳ ଅଞ୍ଚଳ କଦଳିପାଳ ନିକଟ ବ୍ରାହ୍ମଣୀ ନଦୀରେ ଜଣେ ଯୁବକ ଗାଧୋଇବା ବେଳେ ଅସାବଧାନତାବଶତଃ ବୁଡ଼ି ଯାଇଥିଲେ। ଘଟଣା ଦେଖି ସେଠାରେ ଥିବା କିଛି ସ୍ଥାନୀୟ ଲୋକେ ନଦୀରୁ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଙ୍କ ନିକଟକୁ ନେଇଥିଲେ। ପରବର୍ତ୍ତୀ ସମୟରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣକ କଣିହାଁ ବ୍ଲକ ଖାମାର ଗ୍ରାମର ରାଜେଶ ଗୋଛାୟତ ବୋଲି ଜଣାପଡ଼ିଛି। ପୁଲିସ ଖବର ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

■ ସାମ୍ବାଦିକଙ୍କୁ ପେନ୍‌ସନ୍ ମାମଲା

## ୩ ମାସରେ ନିଷ୍ପତ୍ତି ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୨୪।୬(ସବ୍ୟ): ସାମ୍ବାଦିକଙ୍କୁ ପେନ୍‌ସନ୍ ପ୍ରଦାନ ମାମଲାରେ ହାଇକୋର୍ଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ଏ ପ୍ରସଙ୍ଗରେ ରାଜ୍ୟ ସରକାର ତିନି ମାସ ମଧ୍ୟରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ସମସ୍ତ ପ୍ରକାର ପ୍ରଶାସନିକ ପଦକ୍ଷେପ, ଆବଶ୍ୟକ ଆର୍ଥିକ ବ୍ୟବସ୍ଥା ଆଦି ବିଚାର କରି ପଦକ୍ଷେପ ନେବାକୁ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଆଦେଶ ଦେଇଛନ୍ତି। ଯଦି ଧାର୍ଯ୍ୟ ସମୟ ମଧ୍ୟରେ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ ନକଲେ ତାହେଲେ ଆବେଦନକାରୀ ପୁନର୍ବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି ହାଇକୋର୍ଟ କହିଛନ୍ତି। ସିନିୟର୍ ଜର୍ଣ୍ଣାଲିଷ୍ଟ ଆସୋସିଏସନ, ଓଡ଼ିଶା ପକ୍ଷରୁ ଏହି ଅଦାଲତ ମାମଲା ରୁଜୁ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ୍ ପ୍ରଦାନ କରାଯାଉ ନଥିବାରୁ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜ୍ୟ ସରକାର ଜବାବ ରଖି ଦର୍ଶାଇଥିଲେ ଯେ ସାମ୍ବାଦିକଙ୍କୁ ପେନ୍‌ସନ୍ ଦେବା ସଂକ୍ରାନ୍ତରେ ରାଜ୍ୟ ସରକାର ବିଚାରବିମର୍ଶ କରୁଛନ୍ତି। ଏଥିପାଇଁ ଅତିକମ୍‌ରେ ତିନିମାସ ସମୟ ଦିଆଯାଉ। ଏହି ଜବାବକୁ ଗ୍ରହଣ କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ପେନ୍‌ସନ୍ ସଂକ୍ରାନ୍ତରେ ତିନିମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ରକ୍ତରଞ୍ଜିତ ରାମନଗର

## ବିଜେପି ବୁଥ୍ ସଭାପତିଙ୍କୁ ନିର୍ମମ ହତ୍ୟା

ମହାକାଳପଡ଼ା, ୨୪।୬ (ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାମନଗର ପଞ୍ଚାୟତରେ ଜଣେ ବିଜେପି କର୍ମୀଙ୍କ ନିର୍ମମ ହତ୍ୟା ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ବିଜେପିର ୧୯୭ନଂ ବୁଥ ସଭାପତି ତପନ ଦାସଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଘଟଣା ପରେ କେବଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇନାହିଁ, ବରଂ ସ୍ଥାନୀୟ ପ୍ରଶାସନ ଓ ପୁଲିସର କାର୍ଯ୍ୟଦକ୍ଷତା ଉପରେ ଗୁରୁତର ପ୍ରଶ୍ନ ଉଠିଛି। ଏହି ଘଟଣାରେ ଅଭିଯୁକ୍ତ ସଞ୍ଜୟ ମଣ୍ଡଳଙ୍କୁ ଜମ୍ବୁ ମେରାଇନ ଥାନା ପୁଲିସ ଗିରଫ କରିଥିବାବେଳେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି, ସେ ଦୀର୍ଘଦିନ ଧରି ଅଞ୍ଚଳରେ ଆତଙ୍କରାଜ ଚଳାଇ ଆସୁଥିଲେ। ପ୍ରତିଦିନ ସନ୍ଧ୍ୟା ସମୟରେ ରାସ୍ତା ଉପରେ ଲୋକଙ୍କୁ ଅଟକାଇ ଗାଳିଗୁଲଜ କରିବା, ବାଇକ୍ ଚାଳକଙ୍କୁ ହଇରାଣ କରିବା ଓ ଅଯଥା ଗଣ୍ଡଗୋଳ ସୃଷ୍ଟି କରିବା ତାଙ୍କର ନିତିଦିନିଆ ଅଭ୍ୟାସ ହୋଇପଡ଼ିଥିଲା। ଏସବୁ ଘଟଣାକୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ଶେଷରେ ଏକ ନିର୍ଦ୍ଦୋଷ ଜୀବନ ଚାଲିଗଲା ବୋଲି ଲୋକେ ମତ ପ୍ରକାଶ କରିଛନ୍ତି।

ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ ସଞ୍ଜୟ ମଣ୍ଡଳ ଘର ନିକଟରେ ଏକ ଭୋଜି ଚାଲିଥିବା ସମୟରେ ରାସ୍ତା ଉପରେ ଆତଙ୍କ ସୃଷ୍ଟି କରୁଥିଲେ। ଏହାକୁ ଦେଖି ତପନ ଦାସ ପରିସ୍ଥିତିକୁ ଶାନ୍ତ କରିବା ଓ ସଞ୍ଜୟଙ୍କୁ ବୁଝାଇବା ପାଇଁ ଆଗକୁ ଆସିଥିଲେ। କିନ୍ତୁ ସାମାନ୍ୟ କଥା କାଟାକାଟିରୁ ଘଟଣା ହିଂସାତ୍ମକ ରୂପ ନେଇଥିଲା। ସଞ୍ଜୟ ହଠାତ୍ ଉତ୍କ୍ଷିପ୍ତ ହୋଇ ଏକ କାଠ ଫାଳିଆରେ ତପନଙ୍କୁ ଆକ୍ରମଣ କରିଥିଲେ। ମୁଣ୍ଡରେ ଗୁରୁତର ଆଘାତ ଲାଗିବାରୁ ତପନ ଘଟଣାସ୍ଥଳରେ ତଳେ ପଡ଼ିଯାଇଥିଲେ। ଏତିକିରେ ଆକ୍ରମଣକାରୀଙ୍କ ରାଗ ଶାନ୍ତ ହୋଇ ନ ଥିଲା। ପରେ ପଥରରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଫଳରେ ତପନଙ୍କ ମୃତ୍ୟୁ ଘଟିଥିଲା। ଏଭଳି ନିର୍ମମ ହତ୍ୟା ଘଟଣା ସମଗ୍ର ଅଞ୍ଚଳରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି କରିଛି। ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ଜମ୍ବୁ ମେରାଇନ ଥାନା ଅଧିକାରିଣୀ ଅନିତା ସ୍ୱାଇଁଙ୍କ ନେତୃତ୍ୱରେ ପୁଲିସ ଟିମ୍ ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ସ୍ଥାନରେ ଚଢ଼ଉ କରି ଶେଷରେ ସଞ୍ଜୟ ମଣ୍ଡଳଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ଅଧିକ ତଦନ୍ତ ଚାଲିଛି।

ତେବେ ଏହି ଘଟଣା ପରେ ସାଧାରଣ ଲୋକଙ୍କ ମଧ୍ୟରେ ଗୋଟିଏ ପ୍ରଶ୍ନ ବାରମ୍ବାର ଉଠୁଛି। ଯଦି ସଞ୍ଜୟ ମଣ୍ଡଳଙ୍କ ବିରୋଧରେ ପୂର୍ବରୁ ଏତେ ଅଭିଯୋଗ ଥିଲା, ତେବେ ପୁଲିସ କିମ୍ବା ପ୍ରଶାସନ କାହିଁକି ତାଙ୍କ ବିରୋଧରେ କୌଣସି ପ୍ରତିରୋଧାତ୍ମକ ପଦକ୍ଷେପ ନେଇ ନ ଥିଲା? ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ଅବହେଳା ହିଁ ଶେଷରେ ଜଣେ ରାଜନୈତିକ କର୍ମୀଙ୍କ ଜୀବନ ନେଇଛି। ଘଟଣାକୁ ନେଇ ରାମନଗର ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ଯେ, ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଅବନତି ହେଉଥିବା ସତ୍ତ୍ୱେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଅପରାଧୀଙ୍କ ମନରେ ପୁଲିସ ଭୟ ନ ଥିବାରୁ ଏଭଳି ଘଟଣା ବଢ଼ୁଛି ବୋଲି ଅଞ୍ଚଳବାସୀ କହିଛନ୍ତି। ଜଣେ ବୁଥ ସଭାପତିଙ୍କୁ ନିର୍ମମ ହତ୍ୟା କେବଳ ଏକ ଅପରାଧିକ ଘଟଣା ନୁହେଁ, ବରଂ ଅଞ୍ଚଳର ଆଇନଶୃଙ୍ଖଳା ବ୍ୟବସ୍ଥାର ଦୁର୍ବଳତାକୁ ମଧ୍ୟ ପଦାକୁ ଆଣିଛି। ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ ସହିତ ଭବିଷ୍ୟତରେ ଏଭଳି ଘଟଣା ନ ଘଟିବା ପାଇଁ ପ୍ରଶାସନ କେଉଁ ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନୂଆ ବିଏସ୍-୬...

ବିଏସ୍-୬ ଯାନଗୁଡ଼ିକ ପାଇଁ ନିୟମ ଭିନ୍ନ ହୋଇପାରେ। ସରକାର କହିଛନ୍ତି ଯେ ବିଏସ୍-୬ ଯାନଗୁଡ଼ିକ ପୁରୁଣା ମଡେଲ ତୁଳନାରେ ଯଥେଷ୍ଟ କମ୍ ପ୍ରଦୂଷଣ ନିର୍ଗତ କରନ୍ତି। ଏହି କାରଣରୁ ସେଗୁଡିକ ପାଇଁ ନିୟମ କୋହଳ କରାଯାଇପାରେ। ତେବେ ନିୟମାବଳୀ ଅନୁଯାୟୀ ପିୟୁସିସି ନ ଥିଲେ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। କେବଳ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଏବଂ ୬ ମାସ ପର୍ଯ୍ୟନ୍ତ ଜେଲଦଣ୍ଡ ମଧ୍ୟ ହୋଇପାରେ।

### କୋଲକାତାରେ ନିର୍ମାଣାଧୀନ...

ନିଆଯାଉଛି। ବର୍ତ୍ତମାନ ସୁଦ୍ଧା ୨୧ ଜଣଙ୍କୁ ଉଦ୍ଧାର କରାଯାଇ ଏସଏସକେଏମ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ପ୍ରାୟ ୧୨ ରୁ ୧୫ ଜଣ ଏବେ ମଧ୍ୟ ଫସି ରହିଥିବା ଆଶଙ୍କା କରାଯାଉଛି। ଉଦ୍ଧାରକାରୀ ଦଳ ଅନୁଯାୟୀ, ଭଗ୍ନସ୍ତୂପ ତଳୁ ଶ୍ରମିକମାନଙ୍କର ସାହାଯ୍ୟ ପାଇଁ ଆର୍ତ୍ତନାଦ ଶୁଣାଯାଉଛି। କିଛି ଶ୍ରମିକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇଛି ଏବଂ ସେମାନଙ୍କୁ ପାଇପ୍ ଜରିଆରେ ଖାଦ୍ୟ ଓ ପାଣି ଯୋଗାଇ ଦିଆଯାଉଛି। ଗ୍ୟାସ କଟର ଏବଂ ଡ୍ରିଲିଂ ମେସିନ ସାହାଯ୍ୟରେ କଂକ୍ରିଟ ସ୍ଲାବ୍ କାଟି ସେମାନଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରାଯାଉଛି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ପ୍ରାଥମିକ ତଦନ୍ତରୁ ବିଲ୍ଡିଂ ପ୍ଲାନରେ ତ୍ରୁଟି ଏବଂ ନିର୍ମାଣ ସାମଗ୍ରୀର ନିମ୍ନମାନର ଗୁଣବତ୍ତା ଯୋଗୁଁ ଏହି ଦୁର୍ଘଟଣା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ମୁଖ୍ୟମନ୍ତ୍ରୀ କୋଲକାତା ମ୍ୟୁନିସିପାଲିଟି ଅଧୀନରେ ଥିବା ସମସ୍ତ ନିର୍ମାଣାଧୀନ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସମସ୍ତ ବ୍ୟବସାୟିକ ପ୍ରକଳ୍ପର ସୁରକ୍ଷା ଅଡିଟ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ୧ ପର୍ଯ୍ୟନ୍ତ କୌଣସି ନୂତନ ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ଘୋଷଣା କରାଯାଇଛି। ଅନେକ ଶ୍ରମିକ ଅନ୍ୟ ରାଜ୍ୟରୁ ଆସିଥିବା ପ୍ରବାସୀ ଶ୍ରମିକ ବୋଲି ଜଣାପଡ଼ିଛି। ରାଜ୍ୟ ସରକାର ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ସାମୁଦ୍ରିକ ବାଣିଜ୍ୟ...

ଗଭୀର-ସମୁଦ୍ର ବନ୍ଦର ଏବଂ ପାରାଦୀପ ନିକଟରେ ଏକ ସିପ୍ ବିଲ୍ଡିଂ କ୍ଲଷ୍ଟର ନିର୍ମାଣ କରାଯାଉଛି। ଭାରତ ସରକାରଙ୍କ 'ସାଗର', 'ଆକ୍ଟ ଇଷ୍ଟ ପଲିସି', "ବିମଷ୍ଟେକ' ଏବଂ 'କୋଷ୍ଟାଲ ସିକ୍ୟୁରିଟି ସ୍କିମ ଫେଜ-୩' ଭଳି ପ୍ରଗତିଶୀଳ ନୀତିକୁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି । ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା, ଅନ୍‌ମ୍ୟାନ୍‌ଡ ସିଷ୍ଟମ ଏବଂ ଅତ୍ୟାଧୁନିକ ମନିଟରିଂ ନେଟୱାର୍କର ଉପଯୋଗ ଉପରେ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଗୁରୁତ୍ୱାରୋପ କରିଛନ୍ତି। ଏହି ବୈଠକରେ ଜାତୀୟ ମାରିଟାଇମ୍ ସୁରକ୍ଷା ସମନ୍ୱୟକାରୀ ଅବସରପ୍ରାପ୍ତ ଭାଇସ୍ ଆଡମିରାଲ୍ ବିଶ୍ୱଜିତ୍ ଦାସଗୁପ୍ତା, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆଙ୍କ ସମେତ ଉପକୂଳବର୍ତ୍ତୀ ରାଜ୍ୟର ସାମୁଦ୍ରିକ ସୁରକ୍ଷା ସମନ୍ୱୟକାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

### ଇଂରାଜୀ ବହିକୁ...

ଅଭିଯୋଗ ହୋଇଥିଲା। ମାତ୍ର ଇଂରାଜୀ ବହିରେ ଓଡ଼ିଆ କିପରି ପ୍ରବେଶ କଲା? ଏହା ତ ଏଆଇ ର ଅବଦାନ ହୋଇ ନ ଥିବ! ଏପରି ଗୁରୁଚଣ୍ଡାଳ ତ୍ରୁଟି କେବଳ ପୁସ୍ତକ ପ୍ରସ୍ତୁତି ଦାୟିତ୍ୱରେ ଥିବା ଅଧିକାରୀଙ୍କ ମନମାନୀ ଓ ଖାମଖିଆଲ୍ ନୀତି ଦ୍ୱାରା ହିଁ ସମ୍ଭବ। ରାଜ୍ୟର ପ୍ରାୟ ୫୭ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଜୀବନ ସହ ଖେଳିଥିବା ଏହି ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଏବେ ଦାବି ଜୋର୍ ଧରିଛି। ଏପରିକି ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରସ୍ତୁତି କରିଥିବା ସମସ୍ତ ବରିଷ୍ଠ ଓ ଅଭିଜ୍ଞ (!) ଶିକ୍ଷାବିତ ଏବଂ ଅଧିକାରୀଙ୍କ ଠାରୁ ମୁଦ୍ରଣ ବାବଦକୁ ଖର୍ଚ୍ଚ ହୋଇଥିବା ସମସ୍ତ ଅର୍ଥ ଭରଣା କରିବାକୁ ଦାବି ତୀବ୍ର ହୋଇଛି। ସାମାଜିକ ଗଣମାଧ୍ୟମରେ ଆବାଳବୃଦ୍ଧବନିତା ସରକାରଙ୍କ ଏପରି ତ୍ରୁଟିକୁ ଅକ୍ଷମଣୀୟ କହିବା ସହ କଠୋର ସମାଲୋଚନା ଜାରି ରଖିଛନ୍ତି।

### ମୁଁ ମାନିବାକୁ...

ପାଇଁ ଆଲୋଚନା ଚଳାଇଥିବା ବେଳେ ଏହି ନିଷ୍ପତ୍ତି ତାଙ୍କ ଉପରେ ଚାପ ସୃଷ୍ଟି କରିଛି। ସିନେଟର ଏହି ନିଷ୍ପତ୍ତିକୁ ହ୍ୱାଇଟ୍ ହାଉସ ଅସାମ୍ବିଧାନିକ ବୋଲି ଦର୍ଶାଯାଇଛି ଏବଂ ଏହା କାର୍ଯ୍ୟକାରୀ ହେବା ପାଇଁ ବାଧ୍ୟତାମୂଳକ ନୁହେଁ ବୋଲି ଦାବି କରାଯାଇଛି। ଆଇନ ବିଶେଷଜ୍ଞଙ୍କ ମତରେ, ଏହି ପ୍ରସଙ୍ଗଟି ଆଗକୁ ଏକ ଆଇନଗତ ଲଢେଇର ରୂପ ନେଇପାରେ। ଶେଷରେ ନ୍ୟାୟାଳୟ ଦ୍ୱାରା ହିଁ ଏହାର ସମାଧାନ ହେବର ସମ୍ଭାବନା ରହିଛି ବୋଲି କୁହାଯାଇଛି। ଅନ୍ୟପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପ ଏଭଳି ପ୍ରସ୍ତାବ/ନିର୍ଦ୍ଦେଶକୁ ଅର୍ଥହୀନ ବୋଲି କହିଛନ୍ତି। ସେ ଏହାକୁ ମାନିବା ଲାଗି ବାଧ୍ୟ ନୁହନ୍ତି ବୋଲି କହିଛନ୍ତି।

### ଜେଲ୍ ଗଲେ...

ସୂଚନା ଅନୁଯାୟୀ ସେ ଶ୍ରୀଲଙ୍କାରେ ଗ୍ୟାମ୍ବଲିଂ (ଜୁଆ) ଏବଂ ବେଟିଂରେ ଲିପ୍ତ ଥିଲେ। ଏଥିରେ ସେ କେତେ ଟଙ୍କା ନିବେଶ କରିଛନ୍ତି ଏବଂ ଅନ୍ୟ ତଥ୍ୟ ସକାଶେ ଖୋଳତାଡ଼ ଚାଲିଥିବା ଏସ୍‌ପି ଶ୍ରୀ ଦ୍ୱିବେଦୀ କହିଛନ୍ତି।

ଭିଜିଲାନ୍ସ ଏସ୍‌ପି ଶ୍ରୀ ଦ୍ୱିବେଦୀ କହିଛନ୍ତି ଯେ, ମଙ୍ଗଳବାର ଆୟ ବହିର୍ଭୂତ ସମ୍ପତ୍ତି ଅଭିଯୋଗରେ ସକାଳ ୭ଟାରୁ ସମ୍ବଲପୁରରେ ଭଡ଼ାଘର ଓ କାର୍ଯ୍ୟାଳୟ ସମେତ କଟକ, ବାଲେଶ୍ୱର ଓ ମାଲକାନଗିରିରେ ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଚଢ଼ଉ ଶେଷ ହେବାପରେ ବୁଧବାର ସମ୍ପତ୍ତିର ଆକଳନ କରାଯାଇ ୪ କୋଟି ୩୫ ଲକ୍ଷ ଟଙ୍କାର ଅଧିକ ସମ୍ପତ୍ତି ଥିବା ଜଣାପଡ଼ିଛି। ଏହା ତାଙ୍କ ବୈଧ ଆୟର ପ୍ରାୟ ୧୧୯ ପ୍ରତିଶତ ଅଧିକ। ନିର୍ବାହୀ ଯନ୍ତ୍ରୀ ଇଂ. ନାୟକଙ୍କ ନାମ ସହିତ ତାଙ୍କ ପତ୍ନୀ ଓ ସନ୍ତାନମାନଙ୍କ ନାମରେ ବିପୁଳ ପରିମାଣର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ଯାହାକୁ ହିସାବ କଲେ ୫ କୋଟିରୁ ମଧ୍ୟ ଅଧିକ ହେବ। ବର୍ତ୍ତମାନ ସୁଦ୍ଧା ତାଙ୍କର ୧୮ଟି ମୂଲ୍ୟବାନ ପ୍ଲଟ୍ ଠାବ କରାଯାଇଛି, ଯାହା ବାଲେଶ୍ୱର, ଯାଜପୁର ଜିଲାର କୋରେଇ ଥାନା ଅନ୍ତର୍ଗତ ରାସ୍ତା କଡ଼ରେ ଏବଂ କଟକର ବିଦ୍ୟାଧରପୁର ଭଳି ପ୍ରମୁଖ ସ୍ଥଳ ମାନଙ୍କରେ ରହିଛି। ଏହାବ୍ୟତୀତ କଟକରେ ଏକ ୩ ମହଲା ବିଶିଷ୍ଟ ସୁଦୃଶ୍ୟ ଅଟ୍ଟାଳିକା ରହିଛି ଯେଉଁଠାରେ ତାଙ୍କ ପରିବାର ରହୁଛନ୍ତି। ତାଙ୍କ ପୈତୃକ ଗ୍ରାମରେ ଏକ ୨ ମହଲା ଏବଂ ଏକ ୧ ମହଲା ବିଶିଷ୍ଟ ୨ଟି କୋଠା ରହିଛି। ଇନ୍‌ସୁରେନ୍ସ ପଲିସି, ମ୍ୟୁଚୁଆଲ୍ ଫଣ୍ଡ ଏବଂ ସେୟାର ମାର୍କେଟରେ ହୋଇଥିବା ବିପୁଳ ନିବେଶର ଯାଞ୍ଚ ପ୍ରକ୍ରିୟା ଏବେ ମଧ୍ୟ ଜାରି ରହିଛି, ଯାହାର ସମ୍ପୂର୍ଣ୍ଣ ରିପୋର୍ଟ ଆସିବା ପରେ ଏହି ସମ୍ପତ୍ତିର ପରିମାଣ ଆହୁରି ବୃଦ୍ଧି ପାଇପାରେ। କଟକ ବାସଭବନ ଯାଞ୍ଚବେଳେ ସେଠାରୁ ଆମେରିକୀୟ ଡଲାର, ନେପାଳୀ ମୁଦ୍ରା, ବାହାରିନ୍‌ର ଦିନାର ଏବଂ ଶ୍ରୀଲଙ୍କାର ମୁଦ୍ରା ଆଦି ବିଦେଶୀ ମୁଦ୍ରା ମଧ୍ୟ ମିଳିଛି। ତାଙ୍କ ପାଖରୁ ଜବତ ହୋଇଥିବା ପାସପୋର୍ଟରୁ ଏକାଧିକ ଥର ବିଦେଶ ଗସ୍ତ କରିଥିବା ଜଣାପଡ଼ିଥିବାବେଳେ ବହୁବାର ଶ୍ରୀଲଙ୍କା ଗସ୍ତ କରିଛନ୍ତି। ତାଙ୍କ ମୋବାଇଲ୍ ଓ ଅନ୍ୟାନ୍ୟ ଗ୍ୟାଜେଟ୍ ଯାଞ୍ଚରୁ ମିଳିଥିବା ସୂଚନା ଅନୁଯାୟୀ ସେ ଶ୍ରୀଲଙ୍କାରେ ଗ୍ୟାମ୍ବଲିଂ ଏବଂ ବେଟିଂରେ ଲିପ୍ତ ଥିଲେ। ଏନେଇ ତଦନ୍ତ ଜାରି ରହିଛି। ସେ କେବେ କେବେ ବିଦେଶ ଗସ୍ତ କରିଛନ୍ତି ସେ ସମ୍ପର୍କରେ ସବିଶେଷ ବିବରଣୀ ପାଇଁ ପାସପୋର୍ଟ ଅଫିସ୍ ସହ ଯୋଗାଯୋଗ କରାଯାଇଥିବା ସେ କହିଛନ୍ତି। ତାଙ୍କର ସମସ୍ତ ବ୍ୟାଙ୍କ ଆକାଉଣ୍ଟ ଓ ଜମା ରାଶିକୁ ଫ୍ରିଜ୍ କରାଯାଇଛି। ତାଙ୍କର ସମସ୍ତ ଆୟ ବହିର୍ଭୂତ ସମ୍ପତ୍ତିକୁ ବାଜ୍ୟାପ୍ତ (ସିଜ୍) କରିବା ପାଇଁ କୋର୍ଟରେ ଆଇନଗତ ପ୍ରକ୍ରିୟା ଭିଜିଲାନ୍ସ ବିଭାଗ ପକ୍ଷରୁ ଆରମ୍ଭ କରାଯିବ। ସରକାରୀ ନିର୍ମାଣ କାର୍ଯ୍ୟରେ ସମ୍ପୃକ୍ତ ଠିକାଦାରମାନଙ୍କଠାରୁ ସେ ଏହି ସମସ୍ତ ଅର୍ଥ ଆଦାୟ କରୁଥିବା ସନ୍ଦେହ କରାଯାଉଛି। ଚଢ଼ଉ ସମୟରେ ୩ଟି ଚାରିଚକିଆ ଯାନ, ୨ଟି ଜେସିବି ମେସିନ୍, ଗୋଟିଏ ଟ୍ୟାଙ୍କର, ଗୋଟିଏ ଟ୍ରାକ୍ଟର, ଗୋଟିଏ ଟ୍ରକ୍ ଏବଂ ୨ଟି ଦୁଇଚକିଆ ଯାନ ଠାବ କରାଯାଇଛି। ସୂଚନାଯୋଗ୍ୟ ଯେ, ଇଂ. ନାୟକ ୧୯୯୧ ଜୁଲାଇ ମାସରେ ନିଜର ଚାକିରୀକାଳ ସମ୍ବଲପୁରରୁ ହିଁ କନିଷ୍ଠ କୃଷି ଯନ୍ତ୍ରୀ ଭାବେ ମାତ୍ର ୨୬୦୦ ଟଙ୍କା ଦରମାରେ ଆରମ୍ଭ କରିଥିଲେ। ମଝିରେ ଥରେ ସହକାରୀ ଯନ୍ତ୍ରୀ (ଏଏଇ) ପାହ୍ୟାକୁ ପଦୋନ୍ନତି ପାଇ ସମ୍ବଲପୁରକୁ ବଦଳି ହୋଇ ଆସିଥିବାବେଳେ ସମ୍ପ୍ରତି ୧-୧୨-୨୦୨୩ରୁ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ। ଆସନ୍ତା ୨୦୨୭ ମସିହା ଫେବୃଆରୀ ମାସରେ ତାଙ୍କର ଅବସରଗ୍ରହଣ କରିବାର ଥିଲା ବୋଲି ଭିଜିଲାନ୍ସ ଏସ୍‌ପି ଶ୍ରୀ ଦ୍ୱିବେଦୀ ସୂଚନା ଦେଇଛନ୍ତି।

### ୧୬୦ କୋଟିରେ...

ପ୍ଲାଜା ମଧ୍ୟ ରହିବ। ପାର୍କିଂ ପାଇଁ ପୃଥକ ପ୍ରବେଶ ଓ ପ୍ରସ୍ଥାନ ମାର୍ଗ ରହିବ। ୪୫୦ଟି ଚାରିଚକିଆ ଓ ୩୫୦ଟି ଦୁଇଚକିଆ ଯାନ ସକାଶେ ଯୋଜନା କରାଯାଇଛି। ବୋଟିଂ ପାଇଁ ଘାଟ ଏବଂ ଭାସମାନ ଜେଟି (ପ୍ଲାଟଫର୍ମ) ରହିବ। ପାର୍କ, ରଙ୍ଗୀନ ଜଳ ଫୁଆରା, ଡ୍ୟାନ୍ସିଂ ଲାଇଟ୍, ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ପାର୍କ ତଥା କ୍ରୀଡ଼ା ଉପକରଣ ସବୁବର୍ଗର ଜନସାଧାରଣଙ୍କ ମନୋରଞ୍ଜନ କରିବ। ଏହି ଯୋଜନାରେ ବ୍ୟାରେଜ ମଧ୍ୟ ନିର୍ମାଣ ହେଉଥିବାରୁ ରିଭରଫ୍ରଣ୍ଟ ଅଞ୍ଚଳରେ ସବୁବେଳେ ଗଭୀର ଜଳରାଶି ରହିବ। ପ୍ରତିସନ୍ଧ୍ୟାରେ ବନାରସ ଢାଞ୍ଚାରେ ମହାନଦୀ ଆଳତୀ, ଜଳକ୍ରୀଡ଼ା, ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଆକର୍ଷଣୀୟ ରିଭର ଫ୍ରଣ୍ଟ ସହିତ ବିଭିନ୍ନ ପ୍ଲାଜା ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଶାପ୍ରକାଶ କରାଯାଇଛି।

**KASTURBA GANDHI BALIKA VIDYALAYA, KOTANA**
Kotana, Block-Jharbandh, Dist-Bargarh, PIN-768042
Letter No.: 301, Date: 24.06.2026

**SHORT TENDER CALL NOTICE**

Sealed Tenders are invited from the registered/reputed firms and manufacturers having valid PAN and valid Goods and Service Tax (GST) Registration Certificate for supply of the following items like Grocery, Cosmetics, Dress Material, Course Books, Medicines, Non-Veg Items, Milk Products, Toilet Items, Vegetables and Fruits to Kasturba Gandhi Balika Vidyalaya, Kotana, Block-Jharbandh, Dist-Bargarh, PIN-768042 for the year 2026-27.
The last date for receipt of tender forms is **09.07.2026 at 4.00 PM.**
For further details, interested parties may contact the undersigned during office hours.

Sd/- Headmistress-cum-Convener
KGBV, Kotana, Bargarh.

**ZILLA SWASTHYA SAMITI, ANGUL**
O/o The Chief District Medical & Public Health Officer, Angul
10001/304/2627

**TENDER CALL NOTICE FOR SUPPLY OF CALIBRATED BLOOD COLLECTION DRAPES**

No: 1844Date: 22/06/2026

Sealed Tenders are invited from the interested firms / agencies / organization for SUPPLY OF CALIBRATED BLOOD COLLECTION DRAPES for Angul district and details of terms and conditions are available in Angul district website i.e. **https://angul.odisha.gov.in.** Interested firms/agencies/organization are requested to submit Tender (under two bid system) along with necessary documents (Technical & Financial Bid separately and outer envelope must contain the said two bids documents) to the office of the CDM & PHO, Angul, District Head Quarter Hospital, PIN – 759122 on or before **15.07.2026 (till 11:00 AM)** through Registered Post/Speed Post/Courier only.The authority reserves all the rights to cancel or reject partially or all tender without assigning any reason thereof.

Sd/-
CDM & PHO-cum-District Mission Director,
Angul
OIPR-10001/10142/1/26-27/0009

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।


**ମକର:** ନାଟ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖାଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ


- ୧୭୮୮ - ଭର୍ଜିନିଆ ଆମେରିକୀୟ ସମ୍ବିଧାନକୁ ଆପଣାଇବାରେ ୧୦ମ ରାଜ୍ୟ ହେଲା।
- ୧୯୪୧- ଫିନ୍‌ଲ୍ୟାଣ୍ଡ ସୋଭିଏତ୍ ସଂଘ ଉପରେ ଆକ୍ରମଣ ପାଇଁ ଘୋଷଣା କଲା।
- ୧୯୫୦-ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ମଧ୍ୟରେ ଗୃହଯୁଦ୍ଧ ଆରମ୍ଭ ହେଲା।
- ୧୯୭୫- ଭାରତରେ ଜରୁରିକାଳିନ ପରିସ୍ଥିତି ଘୋଷଣା କରାଗଲା।



## ଛଅ ପ୍ରକାର ବାଦ୍ୟଯନ୍ତ୍ରରେ ନଦୀ ସୁରକ୍ଷା ବାର୍ତ୍ତା

ଆଜିକାଲି ସମସ୍ତେ ସୋସିଆଲ ମିଡିଆରେ ପ୍ରସିଦ୍ଧ ହେବା ପାଇଁ ଭିଡିଓ ବନାଉଥିବା ବେଳେ ଏମିତି ଜଣେ ବ୍ୟକ୍ତି ଅଛନ୍ତି ଯିଏ ସଙ୍ଗୀତକୁ ନଦୀମାନଙ୍କର ସ୍ୱରଭାବେ ଉପସ୍ଥାପିତ କରୁଛନ୍ତି। ତାଙ୍କର ଏହି ଶୈଳୀ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି। ପୁନେର ସୁପ୍ରିଲ ଠାକୁର ଏକାକାଳୀନ ୧୪ କିଲୋ ବାଦ୍ୟଯନ୍ତ୍ର ବଜାଇ ନଦୀ ସୁରକ୍ଷାର ବାର୍ତ୍ତା ପ୍ରଦାନ କରୁଛନ୍ତି। ତାଙ୍କର ଏହି କାର୍ଯ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଆଇଟି ଇଞ୍ଜିନିୟରରୁ ପରିବେଶ ସଚେତନତା ଅଭିଯାନ ଚଳାଉଥିବା ସୁପ୍ରିଲ ଏବେ ଚର୍ଚ୍ଚାରେ ଅଛନ୍ତି। ସେହିପରି ଇନ୍‌ଷ୍ଟାରେ ସେ ସୁପ୍ରିଲ ନଦୀୱାଲା ନାଁରେ ଲୋକପ୍ରିୟ। ସେ ଏକାକାଳୀନ ୬ ଅଲଗା ଅଲଗା ବାଦ୍ୟଯନ୍ତ୍ର ବଜାନ୍ତି। ସେ ଏମିତି ଶୈଳୀରେ ବଜାନ୍ତି ଯେ, ଶୁଣିବା ଲୋକେ ପୂରା ଅର୍କେଷ୍ଟ୍ରା ବଜାଉଥିବା ଭଳି ଅନୁଭବ କରନ୍ତି। ସୁପ୍ରିଲ ଆଇଟି ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ହେଲେ ଏକ ଗୁରୁତର ଦୁର୍ଘଟଣା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଲା। ଏହି ଘଟଣା ପରେ ସେ ହାର୍ ମାନିବା ପରିବର୍ତ୍ତେ ଜୀବନକୁ ଏକ ନୂଆ ଉଦ୍ଦେଶ୍ୟ ଲାଗି ସମର୍ପଣ କଲେ। ଏବେ ସେ ପୁନେ ରାସ୍ତାଘାଟରେ ପ୍ରାୟ ୧୪ କେଜି ଓଜନର ବାଦ୍ୟଯନ୍ତ୍ର ସହିତ ଗୀତ ଗାଆନ୍ତି ଏବଂ ଲୋକଙ୍କୁ ନଦୀ ବଞ୍ଚାଇବାର ବାର୍ତ୍ତା ଦେଉଛନ୍ତି। ସେ ବିଶ୍ୱାସ କରନ୍ତି, ନଦୀ କେବଳ ଏକ ଜଳ ସ୍ରୋତ ନୁହେଁ, ବରଂ ଜୀବନର ଆଧାର। ସେ ତାଙ୍କ ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ପରିବେଶ ସଂରକ୍ଷଣ ଏବଂ ଜଳ ସ୍ରୋତର ଗୁରୁତ୍ୱ ବୁଝାଇବାକୁ ଚେଷ୍ଟା କରୁଛନ୍ତି। ତାଙ୍କର ଏହି ପ୍ରୟାସକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି। ପିଠିରେ ୧୪ କିଲୋର ବୋଝ, ହାତରେ ଛଅଟି ବାଦ୍ୟଯନ୍ତ୍ର ଏବଂ ହୃଦୟରେ କେବଳ ଗୋଟିଏ ଉଦ୍ଦେଶ୍ୟ, ଲୋକମାନଙ୍କ ପାଖରେ ଏହି ସନ୍ଦେଶ ପହଞ୍ଚାଇବା ଯେ, ଆମ ନଦୀଗୁଡ଼ିକ ବିପଦରେ ଅଛି। ଏବେ ତାଙ୍କର ଏହି ନିଆରା ଶୈଳୀ ସୋସିଆଲ ମିଡିଆରେ ଲକ୍ଷ ଲକ୍ଷ ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଲୋକମାନେ ତାଙ୍କର ଏହି ଆଗ୍ରହ ଓ ସାହସକୁ ମଧ୍ୟ ପ୍ରଶଂସା କରୁଛନ୍ତି।





## ରଜନୀକାନ୍ତଙ୍କୁ ପଛରେ ପକାଇଲେ ରଣବୀର

ବଲିଉଡ୍ ଅଭିନେତା ରଣବୀର ସିଂହ ଏବେ ବକ୍ସ ଅଫିସ୍‌ର ସମ୍ରାଟ ଦାମୀ ଅଭିନେତା। ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁଯାୟୀ, ରଣବୀର ଗୋଟିଏ ପ୍ରୋଜେକ୍ଟରୁ ପାଖାପାଖି ୩୨୫ କୋଟି ଟଙ୍କା ରୋଜଗାର କରିଛନ୍ତି। ଭାରତୀୟ ଚଳଚ୍ଚିତ୍ର ଜଗତରେ କୌଣସି ଅଭିନେତାଙ୍କୁ ଗୋଟିଏ ପ୍ରୋଜେକ୍ଟ ପାଇଁ ଏହା ମିଳିଥିବା ସର୍ବାଧିକ ଅର୍ଥରାଶି ବୋଲି କୁହାଯାଉଛି। ଏହା ମାଧ୍ୟମରେ ସେ ଆୟ ମାମଲାରେ ଏକ ନୂଆ ରେକର୍ଡ କରିଛନ୍ତି। ରଣବୀରଙ୍କୁ ଏହି ଅର୍ଥ ତାଙ୍କର ସୁପରହିଟ୍ ଫିଲ୍ମ 'ଧୁରନ୍ଧର' ସିରିଜ୍‌ରୁ ମିଳିଛି। ଏହି ସିରିଜ୍‌ର ଦୁଇଟି ଯାକ ଫିଲ୍ମକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଏହି ଦୁଇଟି ଫିଲ୍ମ ମିଶି ସାରା ବିଶ୍ୱରେ ପାଖାପାଖି ୩୨୦୦ କୋଟି ଟଙ୍କାର ବ୍ୟବସାୟ କରିଥିବା ବେଳେ କେବଳ ଭାରତୀୟ ବଜାରରୁ ହିଁ ଏହା ୧୯୦୦ କୋଟିରୁ ଅଧିକ ଟଙ୍କା ଆୟ କରିଛି। ତେବେ ରଣବୀର ଏହି ପ୍ରୋଜେକ୍ଟ ପାଇଁ କୌଣସି ମୋଟା ଅଙ୍କର ଫିସ୍ ମଧ୍ୟ ନେଇ ନ ଥିଲେ। ପ୍ରତିବଦଳରେ ପ୍ରଫିଟ୍ ଶେୟାରିଂ ବିକଳ୍ପ ବାଛିଥିଲେ। ଏହା ସହିତ ଫିଲ୍ମର ବଜେଟ୍ ବଢ଼ିବା ଯୋଗୁଁ ସେ ନିଜ ଆଡୁ ମଧ୍ୟ କିଛି ଅର୍ଥ ବିନିଯୋଗ କରିଥିଲେ, ଯାହାଫଳରେ ତାଙ୍କର ଫିଲ୍ମରୁ ଲାଭରେ ଅଂଶୀଦାର ଆହୁରି ବଢ଼ିଯାଇଥିଲା। ଏଠାରେ ପ୍ରକାଶ ଥାଉ କି, ରଣବୀରଙ୍କ ପୂର୍ବରୁ ରଜନୀକାନ୍ତଙ୍କ ନାମ ସବୁଠାରୁ ଆଗରେ ଥିଲା। ରଜନୀକାନ୍ତ 'ଜେଲର୍' ଚଳଚ୍ଚିତ୍ରରୁ ୨୫୦ କୋଟିରୁ ଅଧିକ ଟଙ୍କା ରୋଜଗାର କରିଥିଲେ। ଏହା ସହିତ ଅଲ୍ଲୁ ଅର୍ଜୁନ ଏବଂ ପ୍ରଭାସ ମଧ୍ୟ ନିଜ ନିଜ ଚଳଚ୍ଚିତ୍ର ଦ୍ୱାରା ୨୦୦ କୋଟିରୁ ଅଧିକ ଟଙ୍କା ରୋଜଗାର କରିସାରିଛନ୍ତି। ଏବେ ବଲିଉଡ୍‌ର ଅଗ୍ରଧାଡ଼ିର କଳାକାରମାନେ ବି ଫିସ୍ ନ ନେଇ ପ୍ରଫିଟ୍ ସେୟାରିଂରେ ଭାଗୀଦାର ହେଉଛନ୍ତି। ଏଥିରେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଯଦି ଫିଲ୍ମଟି ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହେଲା, କଳାକାର ଜଣକ ତାଙ୍କର ପାରିଶ୍ରମିକ ହରାଇ ବସନ୍ତି।

## ଠିଆଠିଆରେ ବାରବର୍ଷ

ଭାରତରେ ସାଧୁସନ୍ଥମାନଙ୍କର ତପସ୍ୟା ଏବଂ ତ୍ୟାଗର କାହାଣୀ ଶତାବ୍ଦୀ ଶତାବ୍ଦୀ ଧରି ଲୋକଙ୍କୁ ଆକର୍ଷିତ କରିଆସିଛି। ଏହି କ୍ରମରେ ସୋସିଆଲ ମିଡିଆରେ ଏମିତି ଜଣେ ସାଧୁଙ୍କ କାହାଣୀ ଚର୍ଚ୍ଚାରେ ଅଛି, ଯିଏ ନିଜର ଅନନ୍ୟ ସାଧନା ଯୋଗୁଁ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୁଲାଲ ଗିରି ଜୀ ମହାରାଜ ନାମକ ଜଣେ ସାଧୁ ଦୀର୍ଘଦିନ ଧରି ଠିଆ ହୋଇ ତପସ୍ୟା କରିବା ପାଇଁ ବିଶ୍ୱସ୍ତରରେ ଚର୍ଚ୍ଚାରେ ଅଛନ୍ତି। ସେ ବିଗତ ପ୍ରାୟ ୧୨ ବର୍ଷ ହେଲାଣି ଖଡ଼େଶ୍ୱରୀ ତପସ୍ୟା ମାଧ୍ୟମରେ ମହାଦେବଙ୍କ ଦିବ୍ୟ ଦର୍ଶନ ଓ ଆଧ୍ୟାତ୍ମିକ ଜ୍ଞାନ ପ୍ରାପ୍ତି କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେ ନିଜର ବିଶ୍ୱବିଦ୍ୟାଳୟ ଶିକ୍ଷା ଅଧାରୁ ଛାଡ଼ି ଆଧ୍ୟାତ୍ମିକ ମାର୍ଗ ଆପଣେଇଥିଲେ। ଭଗବାନ ଶିବଙ୍କ ପ୍ରତି ଥିବା ଅଗାଧ ଭକ୍ତି ଯୋଗୁଁ ସେ ସଂସାର ତ୍ୟାଗ କରି ସନ୍ନ୍ୟାସୀ ଜୀବନ ଗ୍ରହଣ କରିଥିଲେ। ସେ ବିଗତ ପ୍ରାୟ ୧୨ ବର୍ଷ ହେବ ଲଗାତାର ଠିଆ ହୋଇ ରହିଛନ୍ତି। ଦିନ ହେଉ କି ରାତି, ଭୋଜନ ହେଉ କି ବିଶ୍ରାମ ସବୁକିଛି ସେ ଠିଆ ହୋଇ କରୁଛନ୍ତି। ଦୀର୍ଘ ସମୟ ଧରି ଏଭଳି ଜୀବନଯାପନ କରିବା ଫଳରେ ତାଙ୍କ ପାଦରେ ସମସ୍ୟା ଦେଖାଦେଇଥିଲେ ମଧ୍ୟ ତାଙ୍କ ସଂକଳ୍ପ କେବେ ଦୁର୍ବଳ ହୋଇନାହିଁ। ଶୋଇବା ସମୟରେ ମଧ୍ୟ ସେ ଏକ ସ୍ୱତନ୍ତ୍ର ଷ୍ଟାଣ୍ଡ ଦ୍ୱାରା ଠିଆ ହୋଇ ବିଶ୍ରାମ ନିଅନ୍ତି। ଏହି କାଠଫଟା ଉପରେ ସେ ନିଜ ଶରୀରର ଅଧା ଅଂଶକୁ ଝୁଲାଇ ରଖି ବିଶ୍ରାମ ନିଅନ୍ତି। ଏତେ ବର୍ଷ ଧରି ଲଗାତାର ଭାବେ ଠିଆ ହୋଇ ରହିବା ଯୋଗୁଁ ତାଙ୍କ ଶରୀର ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡ଼ିଛି। ତାଙ୍କର ଦୁଇଟି ଯାକ ଗୋଡ଼ ଫୁଲି କଳା ପଡ଼ି ଯାଇଛି।





## ମକାଉତ୍ପାଦରୁ ପରିବେଶ ସଚେତନତା ବାର୍ତ୍ତା



**ରାଜ୍ୟ ଗ୍ରାମୀଣ ଆଜିବୀକା ମିଶନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ି ହୋଇ ମହିଳାମାନଙ୍କୁ ସ୍ୱ-ରୋଜଗାରର ଅବସର ପ୍ରଦାନ କରାଯାଉଛି। ଏହି କ୍ରମରେ ଏବେ ଉତ୍ତରାଖଣ୍ଡର ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ି ହୋଇ ପ୍ଲାଷ୍ଟିକ୍ ମୁକ୍ତ ହିମାଳୟ ଅଭିଯାନରେ ସାମିଲ ହୋଇ ମକା ଚୋପାରୁ ପରିବେଶ ଅନୁକୂଳ ବାଲ୍‌ଟି ଏବଂ ଅନ୍ୟାନ୍ୟ ସାମଗ୍ରୀ ତିଆରି କରି ହିମାଳୟ ପାହାଡ଼କୁ ସ୍ୱଚ୍ଛ ରଖିବା ସହ ନିଜେ ରୋଜଗାରକ୍ଷମ ହେଉଛନ୍ତି। ଏପରି କରି ସେମାନେ ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ଗଠନର ବାର୍ତ୍ତା ଦେଉଛନ୍ତି।**

### ମକାଚୋପାରୁ ଉତ୍ପାଦ

ଉତ୍ତରାଖଣ୍ଡ ରାଜ୍ୟ ଗ୍ରାମୀଣ ଆଜିବୀକା ମିଶନରେ ଯୋଡ଼ି ହୋଇ ମହିଳାମାନେ ମକା ଚୋପାକୁ ବ୍ୟବହାର କରି ପରିବେଶ ଅନୁକୂଳ ବାଲ୍‌ଟି ସମେତ ଅନ୍ୟାନ୍ୟ ଜିନିଷ ତିଆରି କରନ୍ତି। ଏହାକୁ ତୀର୍ଥଯାତ୍ରୀମାନେ ପ୍ରସାଦ ରଖିବା ଏବଂ ଅନ୍ୟାନ୍ୟ ସାମଗ୍ରୀ ରଖିବା ପାଇଁ ବ୍ୟବହାର କରିଥାନ୍ତି। ଏଥିସହ ମହିଳାମାନେ ସୁନ୍ଦର ସୁନ୍ଦର ଥାଳି ମଧ୍ୟ ତିଆରି ଥାନ୍ତି। ଏଥିରେ ଭଳିକି ଭଳି ଡିଜାଇନ୍ କରିବା ସହ ଯମୁନା ନଦୀର କଳାକୃତି କରିଥାନ୍ତି। ଏହାଦ୍ୱାରା ସ୍ଥାନୀୟ କଳା ଏବଂ ସଂସ୍କୃତିକୁ ଏକ ନୂଆ ବଜାର ମିଳିଛି।



### ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ

ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ତୀର୍ଥଯାତ୍ରୀଙ୍କ ଯୋଗୁ ସୃଷ୍ଟି ହେଉଥିବା ପ୍ଲାଷ୍ଟିକ୍ ପ୍ରଦୂଷଣକୁ ରୋକିବା। କାରଣ ଏଠାକୁ ଅଧିକ ସଂଖ୍ୟାର ତୀର୍ଥଯାତ୍ରୀ ଆସୁଥିବାରୁ ଏହି ସ୍ଥାନରେ ପଲିଥିନ୍ ସହ ଅନ୍ୟାନ୍ୟ ପ୍ଲାଷ୍ଟିକ୍ ଜିନିଷଗୁଡ଼ିକର ଆବର୍ଜନା ବୃଦ୍ଧି ପାଏ। ଏହା ମାଟିରେ ପଡ଼ି ରହି ମୃତ୍ତିକା ପ୍ରଦୂଷଣ କରିଥାଏ। ତେଣୁ ଏସବୁ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ମହିଳାମାନେ ଏଭଳି ପରିବେଶ ଅନୁକୂଳ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି।

### ବଢ଼ୁଛି ଲୋକପ୍ରିୟତା

ସ୍ୱୟଂ ସହାୟକ ଗୋଷ୍ଠୀର ପୁନମ୍ ବଧାନୀଙ୍କ କହିବାନୁଯାୟୀ, ପ୍ରଥମେ ରୋଜଗାର ପାଇଁ ସୀମିତ ସଂସାଧନ ଥିଲା। ହେଲେ ସମୟ କ୍ରମେ ମିଶନରେ ଯୋଡ଼ି ହେବା ପରେ ସେମାନଙ୍କୁ ରୋଜଗାରର ଅନେକ ପନ୍ଥା ମିଳିଛି। ମହିଳାମାନେ ଅନ୍‌ଲାଇନ୍‌ରେ ମଧ୍ୟ ଏହି ହାତ ତିଆରି ଜିନିଷ ବିକ୍ରି ପାଇଁ ପ୍ରସ୍ତୁତି ଆରମ୍ଭ କରୁଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀରେ ଯୋଡ଼ି ହେବା ପରେ ମହିଳାଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି।

### ବେକରୀ ଉତ୍ପାଦରୁ ମିଳିଛି ପରିଚୟ

ବିକାଶ ଖଣ୍ଡ ନୌଗାଁଆର ମହିଳାମାନେ ବେକରୀ ଉଦ୍ୟୋଗରୁ ମଧ୍ୟ ଭଲ ଆୟ କରୁଛନ୍ତି। ମହିଳାମାନେ ମାଣ୍ଡିଆରୁ ବିସ୍କୁଟ୍, ମଲ୍‌ଟିଗ୍ରେନ୍ ଅଟା କ୍ରିମ ରୋଲ୍ ସମେତ ଅନ୍ୟାନ୍ୟ ଜିନିଷ ତିଆରି କରୁଛନ୍ତି। ଗୋଷ୍ଠୀର ମହିଳା କୃଷ୍ଣାଦେବୀଙ୍କ କହିବାନୁଯାୟୀ ଏହାଦ୍ୱାରା ପରିବାରର ଆୟ ବଢ଼ିବା ସହ ନିଜେ ନିଷ୍ପତି ନେବା ସକ୍ଷମ ବୃଦ୍ଧି ପାଇଛି।

## ସୁଶ୍ରୀ

### ହଜିଯାଉଥିବା ସ୍ୱାଦ

## ମାଟିହାଣ୍ଡି ନଡ଼ିଆ ମାଛ



**ଆବଶ୍ୟକ ସାମଗ୍ରୀ**

ଭାକୁର ମାଛ– ୫୦୦ ଗ୍ରାମ୍, ନଡ଼ିଆ କୋରା – ଅଧା କପ୍, ପିଆଜ - ଦୁଇ କପ୍, ଅଦା,ରସୁଣ ବଟା – ଏକ ଚାମଚ, ଜିରାଗୁଣ୍ଡ – ଅଧା ଚାମଚ,ଲଙ୍କାଗୁଣ୍ଡ– ଅଧା ଚାମଚ,ଫୁଟଣ – ଅଧା ଚାମଚ, କଞ୍ଚାଲଙ୍କା – ଦୁଇଟି, ଧନିଆ ପତ୍ର – ଅଳ୍ପ, ତେଲ – ଆବଶ୍ୟକତା ଅନୁସାରେ, ଲୁଣ – ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ମାଛରେ ହଳଦୀ, ଲୁଣ ଗୋଳାଇ ଚୁଲାରେ କଡ଼େଇ ବସାଇ ଭାଜନ୍ତୁ। ଏହାପରେ ଗରମ ପାଣିରେ କୋରା ନଡ଼ିଆ ଦେଇ ଚିପୁଡ଼ି କ୍ଷୀର ବାହାର କରନ୍ତୁ। ଆଉ ଏକ ହାଣ୍ଡି ନେଇ ତେଲ, ଫୁଟଣ, ପିଆଜ ପକାଇ ଭାଜନ୍ତୁ। ପିଆଜ ନାଲି ହୋଇ ଆସିଲେ ଏଥିରେ ଅଦାରସୁଣ,ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ ଦେଇ କଷନ୍ତୁ। ପରେ ନଡ଼ିଆ କ୍ଷୀର ଦେଇ ଫୁଟାନ୍ତୁ। ଝୋଳ ଫୁଟିଆସିଲେ, ଭଜାମାଛ ଦେଇ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମାଟିହାଣ୍ଡି ନଡ଼ିଆ ମାଛ'।

## ଲୋଫା ବ୍ୟବହାର କରୁଥିଲେ...

ଅଧିକାଂଶ ମହିଳା ଗାଧୋଇବାରେ ଲୋଫା ବ୍ୟବହାର କରିଥାନ୍ତି। ଏହା ଶରୀରରେ ଥିବା ମଇଳାକୁ ସଫା କରି ଏକ ସତେଜ ଅନୁଭୂତି ଦେଇଥାଏ। ହେଲେ ଏହାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଏଥିରେ ମଇଳା ଜମିଯାଏ। ତେଣୁ ଏହାକୁ ମଝିରେ ମଝିରେ ସଫା କରିବା ଜରୁରି।

- ଗାଧୋଇବା ପରେ ଲୋଫାକୁ ଭଲରେ ଧୁଅନ୍ତୁ। ଏହାକୁ ଚିପୁଡ଼ି ଶୁଖାଇବା ଜରୁରି।
- ବାଥରୁମ୍ ବାହାରେ ଏହାକୁ ଖୋଲା ସ୍ଥାନରେ ଶୁଖାନ୍ତୁ।
- ସପ୍ତାହକୁ ଥରେ ଏହାକୁ ନଖ ଉଷୁମ ପାଣିରେ ଧୁଅନ୍ତୁ।
- ସେହିପରି ଚାହିଁଲେ ନଖ ଉଷୁମପାଣିରେ ବୁଡ଼ାଇ ଏଥିରେ ଥିବା ଜୀବାଣୁଙ୍କୁ କମ୍ କରାଯାଇପାରିବ।
- ସେହିପରି ଦୁଇ, ଚାରି ସୁପ୍ତାହରେ ନିଜର ଲୋଫା ବଦଳାନ୍ତୁ।
- ସମ୍ବେଦନଶୀଳ ତ୍ୱଚା, ଏକ୍‌ଜିମା,ବ୍ରଣ ଆଦି ଥିଲେ ଏହା ବ୍ୟବହାର ନ କରିବା ଭଲ।

## କେଶମୂଳର ଯତ୍ନ

**ଧୂଳି, ମାଟି ଏବଂ ରାସାୟନିକ ପ୍ରସାଧନ ବ୍ୟବହାର ଦ୍ୱାରା କେଶମୂଳରେ ମଇଳା ଜମି ରହେ। ଏପରି ସ୍ଥଳେ ସ୍କାଲ୍‌ପ ଡିଟକ୍ସ ଆବଶ୍ୟକ। ଏହା କେଶମୂଳକୁ ଗଭୀରରୁ ସଫା କରିବା ସହ କେଶ ମଜବୁତ୍ ଏବଂ ବୃଦ୍ଧିରେ ସାହାଯ୍ୟ କରିଥାଏ। ଏଥିସହ କେଶରେ ରକ୍ତ ସଞ୍ଚାଳନ ଉନ୍ନତ କରିଥାଏ। ତେବେ ଘରେ କିପରି ସ୍କାଲ୍‌ପ ଡିଟକ୍ସ କରିବେ ଜାଣନ୍ତୁ।**

### ଆପଲ୍ ସାଇଡ୍ ଭିନେଗାର୍

ଏହା ଏକ ପ୍ରାକୃତିକ କ୍ଲିନ୍‌ଜର୍ ଭଳି କାର୍ଯ୍ୟ କରିଥାଏ। ଏକ କପ୍ ପାଣିରେ ଦୁଇଚାମଚ ଆପଲ୍ ସାଇଡ୍ ଭିନେଗାର ନେଇ କେଶରେ ଲଗାଇ କିଛି ସମୟ ରଖି ସଫା କରନ୍ତୁ। ଏହା କେଶମୂଳରେ ଜମିଥିବା ମୃତକୋଷ, ଅପରିଷ୍କାର କାଢ଼ିବାରେ ସହାୟକ ହୋଇଥାଏ।

### ନିମ୍ବ ତୁଳସୀ ମାସ୍କ

ନିମ୍ବ ଏବଂ ତୁଳସୀ କେଶମୂଳ ପାଇଁ ଅତ୍ୟନ୍ତ ଉପକାରୀ ହୋଇଥାଏ। ଏଥିରେ ଆଣ୍ଟି ବ୍ୟାକ୍ଟେରିଆ ଏବଂ ଆଣ୍ଟି ଫଙ୍ଗଲ୍ ଗୁଣ ଥାଏ। ଯାହା କେଶମୂଳକୁ ସଂକ୍ରମଣରୁ ସୁରକ୍ଷା ଦେଇଥାଏ। ଏଥିପାଇଁ ତୁଳସୀ, ନିମ୍ବପତ୍ର ଗ୍ରାଇଣ୍ଡ୍ କରି କେଶରେ ଲଗାନ୍ତୁ। ଲଗାଇବାର ୩୦ ମିନିଟ୍ ପରେ ଧୋଇ ଦିଅନ୍ତୁ।



### ଟି –ଟ୍ରି ଅଏଲ୍ ମସାଜ୍

ଟି ଟ୍ରି ଅଏଲ୍ କେଶମୂଳକୁ ସଫା ରଖିବାରେ ସହାୟକ ହୋଇଥାଏ। ଏହାକୁ ନଡ଼ିଆ କିମ୍ବା ବାଦାମ ତେଲରେ ମିଶାଇ ଲଗାଇପାରିବେ।

## ସିମ୍ପଲ୍ ଆଉଟଫିଟ୍‌ରୁ ଆକର୍ଷଣୀୟ ଲୁକ୍



**ଅଧିକାଂଶ ମହିଳା ଦାମୀ ଏବଂ ବ୍ରାଣ୍ଡେଡ୍ ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି। ଏହା ଷ୍ଟାଇଲିଶ୍ ଦିଶିବା ସହ ଏଥିରୁ ଏକ ରିଚ୍ ଲୁକ୍ ମିଳିଥାଏ ବୋଲି ଅନେକ ଭାବନ୍ତି। ହେଲେ, କିଛି ସହଜ ଉପାୟ ଆପଣାଇ ସାଧାରଣ ପୋଷାକରୁ ମଧ୍ୟ ରିଚ୍ ଲୁକ୍ ପାଇପାରିବେ।**

### ଫିଟିଙ୍ଗ୍‌ର ଧ୍ୟାନ

ଦାମୀ ହେଉ ବା ଶସ୍ତା ପୋଷାକର ଫିଟିଙ୍ଗ୍ ମୁଖ୍ୟ ହୋଇଥାଏ। ତେଣୁ ନୂଆ ପୋଷାକ କିଣିଲେ ପ୍ରଥମେ ଏହାକୁ ନିଜ ଶରୀରରେ ଅନୁସାରେ ଫିଟିଙ୍ଗ୍ କରିବା ଜରୁରି। ଏହାକୁ ଅଧିକ ଢିଲା କିମ୍ବା ଟାଇଟ୍ କରନ୍ତୁନି।

### ରଙ୍ଗଚୟନ

ଯେକୌଣସି ପୋଷାକ ଆକର୍ଷଣୀୟ ଦେଖାଯିବା ପାଇଁ ରଙ୍ଗ ମୁଖ୍ୟଭୂମିକା ନିଭାଇଥାଏ। ଏଥିପାଇଁ ପୋଷାକ ପିନ୍ଧିବା ପୂର୍ବରୁ କେଉଁ ରଙ୍ଗ ମାନିବ ତାକୁ ଧ୍ୟାନ ଦିଅନ୍ତୁ। ସାଧାରଣତଃ କଳାଧଳା କମ୍ବିନେସନ୍ ଖୁବ୍ ସୁନ୍ଦର ଦିଶିଥାଏ। ସେହିପରି ନୀଳ ଏବଂ ନାଲି ରଙ୍ଗ ମଧ୍ୟ ଖୁବ୍ ଆକର୍ଷଣୀୟ ଦିଶେ।

### ଆକର୍ଷଣୀୟ ଗହଣା ପିନ୍ଧନ୍ତୁ

ଓଜନିଆ ଅଳଙ୍କାର ପିନ୍ଧିବା ପରିବର୍ତ୍ତେ ମିନିମାଲିଷ୍ଟ ଅଳଙ୍କାର ପିନ୍ଧନ୍ତୁ। ଏହା ସୁନ୍ଦର ଦିଶିବା ସହ ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ। ଏଥିପାଇଁ ପତଳା ଚେନ୍, ବ୍ରେସ୍‌ଲେଟ୍ ଏବଂ ରିଙ୍ଗ କାନଫୁଲ ପିନ୍ଧିପାରିବେ। ଅବଶ୍ୟ ଚାହିଁଲେ, ହାଲୁକା ମୁଦି ମଧ୍ୟ ପିନ୍ଧିପାରିବେ। ଏଥିରୁ ଏକ ଭିନ୍ନ ଲୁକ୍ ମିଳିଥାଏ।






# ଇଂଲଣ୍ଡ ସହ ମ୍ୟାଚ୍ ଡ୍ର ରଖିଲା ଘାନା

ଫକ୍ସବରୋ,୨୪।୬(ଏଜେନ୍ସି)

ଶକ୍ତିଶାଳୀ ତଥା ଟାଇଟଲର ଅନ୍ୟତମ ଆଶାୟୀ ଇଂଲଣ୍ଡ ସହ ମ୍ୟାଚ୍ ଡ୍ର ରଖିଛି ଘାନା। ବୋଷ୍ଟନ ଷ୍ଟାଡିୟମ୍‌ରେ ମଙ୍ଗଳବାର ରାତିରେ ଖେଳାଯାଇଥିବା ଫିଫା ବିଶ୍ୱକପ୍ ୨୦୨୬ ଗ୍ରୁପ୍-ଏ'ର ଏକ ଲିଗ୍ ମୁକାବିଲାରେ ଏହା ଦେଖିବାକୁ ମିଳିଛି। ଦୁଇ ଦେଶ ମଧ୍ୟରେ ଏହି ମ୍ୟାଚ୍‌ଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ଉପଭୋଗ୍ୟ ହୋଇଥିଲା। ଉଭୟ ଦଳର ରକ୍ଷଣଭାଗ ଏତେ ଶକ୍ତିଶାଳୀ ଥିଲେ, ଯେ ଗୋଲ ଦେବା ତ ଦୂରର କଥା, ଗୋଲ ପୋଷ୍ଟ ଉପରେ କେହି ଠିକ୍‌ରେ ଆକ୍ରମଣ କରିବାରେ ସମର୍ଥ ହୋଇ ନ ଥିଲେ। ଉଭୟ ଦଳର ରଣକୌଶଳ ଏହି ମ୍ୟାଚ୍‌ରେ ଖୁବ୍ ଉଚ୍ଚକୋଟୀର ହୋଇଥିଲା। ବିଶେଷକରି ଘାନା ଗୋଲ ରକ୍ଷକ ବେଞ୍ଜାମିନ ଆସାରେଙ୍କ ପ୍ରଦର୍ଶନ ସବୁଠାରୁ ଆକର୍ଷଣୀୟ ହୋଇଥିଲା। ସେ ବିଶ୍ୱର ଦୁଇ ପ୍ରସିଦ୍ଧ ଫରୱାର୍ଡ ଖେଳାଳି ଇଂଲଣ୍ଡର ହ୍ୟାରୀ କେନ୍ ଓ ଜୁଡ୍ ବେଲିଂହାମ୍‌ଙ୍କ ଗୋଟିଏ ହେଲେ ସଟ୍‌କୁ ପୋଷ୍ଟ ମଧ୍ୟକୁ ଛାଡ଼ି ନ ଥିଲେ। ଏହି ଗ୍ରୁପ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମୁକାବିଲାରେ କ୍ରୋଏସିଆ ୧-୦ ଗୋଲରେ ପାନାମାକୁ ପରାସ୍ତ କରିଛି। ଦ୍ୱିତୀୟ ରାଉଣ୍ଡ ମୁକାବିଲା ଶେଷରେ ଉଭୟ ଇଂଲଣ୍ଡ ଓ ଘାନା ସମାନ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। କିନ୍ତୁ ଗୋଲ ବ୍ୟବଧାନରେ







ଇଂଲଣ୍ଡ ନଂ-୧ ଓ ଘାନା ନଂ-୨ ସ୍ଥାନରେ ରହିଛନ୍ତି। ଶେଷରାଉଣ୍ଡ ମୁକାବିଲାରେ ଇଂଲଣ୍ଡ ସହ ପାନାମାର ଓ କ୍ରୋଏସିଆ ସହ ଘାନାର ମୁକାବିଲା ହେବ। ଏହି ଗ୍ରୁପ୍‌ରୁ ୩ଟି ଦଳ ନକ୍‌ଆଉଟ ବା ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିବା ଏକପ୍ରକାର ନିଶ୍ଚିତ ହୋଇଛି।

ଏହି ମୁକାବିଲା ଆରମ୍ଭରୁ ଇଂଲଣ୍ଡ ଆକ୍ରମଣ କରିଥିଲା। ଘାନା ୫-୪-୧ରେ ଖେଳିଥିଲା। ଫଳରେ ଇଂଲଣ୍ଡର ଫରୱାର୍ଡ ବାହିନୀ ଘାନାର ରକ୍ଷଣଭାଗକୁ ଭେଦ କରିପାରି ନ ଥିଲେ। ବିଶେଷକରି ହ୍ୟାରୀ କେନ୍ ଓ ଜୁଡ୍ ବେଲିଂହାମ୍‌ଙ୍କ ଭଳି ଟାଣୁଆ ଫରୱାର୍ଡ ଖେଳାଳିଙ୍କୁ ଘାନା ରକ୍ଷଣଭାଗରେ ପ୍ରବେଶ କରିବା କଷ୍ଟକର ହୋଇପଡ଼ିଥିଲା। ଇଂଲଣ୍ଡ ଦଳ ନିକଟରେ ବଲ ନିୟନ୍ତ୍ରଣ ୭୮.୮ ଶତକଡ଼ା ରହିଥିଲା। ତଥାପି ଦଳ ଗୋଲ କରି ପାରି ନ ଥିଲା। ବିଶ୍ୱକପ୍‌ରେ ଏତେ ଅଧିକ ସମୟ ବଲ ନିୟନ୍ତ୍ରଣରେ ରଖି ଗୋଲ କରି ନ ପାରିବାରେ ଇଂଲଣ୍ଡ ଏକ ନକରାତ୍ମକ ରେକର୍ଡ କରିଛି। ଅନ୍ୟ ପକ୍ଷରେ ଇଂଲଣ୍ଡ ଉପରେ ଘାନାର ଆକ୍ରମଣ ଅତି ନଗଣ୍ୟ ରହିଥିଲା। ଦଳ ମାତ୍ର ଜଣେ ଫରୱାର୍ଡ ଖେଳାଳିଙ୍କୁ ନେଇ ସମଗ୍ର ମ୍ୟାଚ୍‌ରେ ଖେଳିଥିଲା। ଦଳର କୋଚ୍ କାର୍ଲୋସ କ୍ୱିରୋଜ୍‌ଙ୍କ ରଣ କୌଶଳ ଆଗରେ ଗୋଲ ଦେବାରେ ଫେଲ ମାରିଥିଲା ତାରକା ଖଚିତ ଇଂଲଣ୍ଡ ଦଳ। କ୍ରୋଏସିଆକୁ ୪-୨ ଗୋଲରେ ହରାଇବା ପରେ ଇଂଲଣ୍ଡ ଏହି ମୁକାବିଲାକୁ ଜିତି ଆଗୁଆ ରାଉଣ୍ଡ ଅଫ୍ ୩୨ରେ ପହଞ୍ଚିବାକୁ ଯେଉଁ ଲକ୍ଷ୍ୟ ରଖିଥିଲା ତାହା ଘାନାର ଡିଫେନ୍ସ କରିବାକୁ ଦେଇ ନ ଥିଲା। ଦଳର ଗୋଲରକ୍ଷକ ବେଞ୍ଜାମିନ ଆସାରେ ବେଶ ଚମତ୍କାର ଖେଳ ପ୍ରଦର୍ଶନ କରି କେନ୍-ବେଲିଂହାମ-ଗର୍ଡନ-ରାଶଫୋର୍ଡଙ୍କ ଆକ୍ରମଣକୁ ଅଟକାଇବାରେ ସଫଳ ହୋଇଥିଲେ।

## ୬ଟି ବିଶ୍ୱକପ୍‌ରେ ଗୋଲ ଦେବାରେ ରୋନାଲ୍ଡୋ ପ୍ରଥମ

ହଷ୍ଟନ, ୨୪।୬ (ଏଜେନ୍ସି): ଫିଫା ବିଶ୍ୱକପ୍‌ର ୬ଟି ସଂସ୍କରଣରେ ଗୋଲ ଦେବାରେ ପର୍ତ୍ତୁଗାଲର ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି। ଆର୍ଜେଣ୍ଟିନାର ଲିଓନେଲ ମେସି ୬ଟି ବିଶ୍ୱକପ୍ ଖେଳିଥିଲେ ମଧ୍ୟ ଏଭଳି ରେକର୍ଡ କରିପାରି ନାହାନ୍ତି। ଏଠାରେ ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍-କେ'ର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ପର୍ତ୍ତୁଗାଲ ୫-୦ ଗୋଲରେ ଉଜ୍‌ବେକିସ୍ତାନକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ରୋନାଲ୍ଡୋ ୨ଟି ଗୋଲ ଦେବା ଫଳରେ ଏହି ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ଗୋଲ ବଳରେ ଫିଫା ବିଶ୍ୱକପ୍‌ରେ ତାଙ୍କ ଗୋଲ ସଂଖ୍ୟା ୧୦ରେ ପହଞ୍ଚିଛି ଓ ସେ ନିଜ ଦେଶର କିଂବଦନ୍ତୀ ଖେଳାଳି ୟୁସେବିଓଙ୍କ ୯ଟି ଗୋଲର ରେକର୍ଡକୁ ଅତିକ୍ରମ କରିଥିଲେ। ୪୧ ବର୍ଷ ୧୩୮ ଦିନରେ ରୋନାଲ୍ଡୋ ବିଶ୍ୱକପ୍‌ରେ ଗୋଲ ଦେବାରେ ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ୪୨ବର୍ଷ ୩୯ ଦିନରେ ଗୋଲ ଦେଇଥିବା ଇଜିପ୍ଟର ରୋଜର ମିଲାଙ୍କ ନାମରେ ଏହି ରେକର୍ଡ ରହିଛି। ରୋନାଲ୍ଡୋ ୨୦୦୬, ୨୦୧୦ ଓ ୨୦୧୪ ବିଶ୍ୱକପ୍‌ରେ ଗୋଟିଏ ଲେଖାଏଁ, ୨୦୧୮ରେ ୪ଟି, ୨୦୨୨ରେ ଗୋଟିଏ ଓ ଏବେ ଚାଲିଥିବା ୨୦୨୬ରେ ୨ଟି ଗୋଲ ସ୍କୋର କରିଛନ୍ତି।

## ଲୋକପ୍ରିୟତା ଶୀର୍ଷରେ କେପ୍ ଭର୍ଡର ଭୋଜିନା

ଡଲାସ,୨୪।୬(ଏଜେନ୍ସି): ଫୁଟବଲରେ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସର୍ବଶ୍ରେଷ୍ଠ ପ୍ଲାଟଫର୍ମ ହେଉଛି ଫିଫା ବିଶ୍ୱକପ୍। ଫିଫା ପକ୍ଷରୁ ଏଥର ଟିମ୍ ସଂଖ୍ୟା ୪୮କୁ ବୃଦ୍ଧି କରିବା ଫଳରେ ଆଫ୍ରିକୀୟ ରାଷ୍ଟ୍ର କେପ୍ ଭର୍ଡକୁ ଅଂଶଗ୍ରହଣ କରିବାର ସୁଯୋଗ ମିଳିଛି। ଏହି ଦେଶ ପୂରା ଫାଇଦା ଉଠାଇ ପ୍ରଥମ ୨ଟି ମ୍ୟାଚ୍‌ରେ ଅପରାଜିତ ରହିଛି। ଏହି ଦଳକୁ ଅପରାଜିତ ରଖିବାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି ଗୋଲରକ୍ଷକ ୪୦ ବର୍ଷୀୟ ଭୋଜିନା। ଭୋଜିନାଙ୍କ ବୀରତ୍ୱପୂର୍ଣ୍ଣ ପ୍ରଦର୍ଶନ ଯୋଗୁଁ ଦଳ ତ ଅପରାଜିତ ରହିଛି, ସେ ମଧ୍ୟ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଛନ୍ତି। ତାଙ୍କର ଏହି ପ୍ରଦର୍ଶନ ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମ୍‌ରେ ଫଲୋଅର୍ସଙ୍କ ସଂଖ୍ୟା ୧୫.୬ ମିଲିଅନ୍‌ରେ ପହଞ୍ଚିଛି। ଫଳରେ ଚଳିତ ଫିଫା ବିଶ୍ୱକପ୍‌ରେ ସେ ସବୁଠାରୁ ଲୋକପ୍ରିୟ ତଥା ଅଧିକ ଫଲୋଅର୍ସ ଗୋଲକିପର ହୋଇଛନ୍ତି। ଜର୍ମାନୀର ଗୋଲରକ୍ଷକ ମାନୁଏଲ ନୁଏର ଏବଂ ଆମେରିକାର କିଂବଦନ୍ତୀ ଏନ୍‌ଏଫଏଲ୍ ଖେଳାଳି ଟମ୍ ବ୍ରାଡିଙ୍କୁ ପଛରେ ପକାଇଦେଇଛନ୍ତି। ତାଙ୍କ ଚମତ୍କାରିତା ଯୋଗୁଁ କେପ୍ ଭର୍ଡ ପ୍ରଥମ ମ୍ୟାଚ୍‌ରେ ସ୍ପେନ୍ ସହ ଗୋଲଶୂନ୍ୟ ଓ ଦ୍ୱିତୀୟ ମ୍ୟାଚ୍‌ରେ ଉରୁଗୁଏ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲା।



## କ୍ରୋଏସିଆ ଆଶା ଉଜ୍ଜୀବିତ

ଟରଣ୍ଟୋ,୨୪।୬(ଏଜେନ୍ସି): ପାନାମାକୁ ୧-୦ ଗୋଲରେ ପରାସ୍ତ କରି କ୍ରୋଏସିଆର ଚଳିତ ଫିଫା ବିଶ୍ୱକପ୍‌ରେ ନକ୍‌ଆଉଟ ଖେଳିବା ଆଶା ଉଜ୍ଜୀବିତ ରହିଛି। ଏହି ମ୍ୟାଚ୍ ପରେ ୨ଟି ମୁକାବିଲାରୁ କ୍ରୋଏସିଆ ଗୋଟିଏ ପଏଣ୍ଟ ପାଇ ଗ୍ରୁପ୍-ଏଲ'ରେ ତୃତୀୟ ସ୍ଥାନରେ ରହିଛି। ଦଳ ଶେଷ ଲିଗ୍ ମ୍ୟାଚ୍‌ରେ ଘାନା ସହ ଖେଳିବ। ଦଳ ଏହି ମ୍ୟାଚ୍‌କୁ



ଡ୍ର ରଖିପାରିରେ ନିଶ୍ଚିତ ନକ୍‌ଆଉଟରେ ପ୍ରବେଶ କରିଛ। ପ୍ରଥମ ଦୁଇଟି ସ୍ଥାନ ହାସଲ ନ କଲେ ମଧ୍ୟ ଶ୍ରେଷ୍ଠ ତୃତୀୟ ସ୍ଥାନିତ ୮ଟି ଦଳ ମଧ୍ୟରେ ରହିବ। ବିଜୟୀ କ୍ରୋଏସିଆ ପକ୍ଷରୁ ଦ୍ୱିତୀୟାର୍ଦ୍ଧରେ ଆଣ୍ଟେ ବୁଦିମିର ଏକମାତ୍ର ଗୋଲଟି ସ୍କୋର କରିଥିଲେ। ପୂର୍ବରୁ ଦଳ ପ୍ରଥମ ମୁକାବିଲାରେ ଇଂଲଣ୍ଡ ନିକଟରୁ ୨-୪ ଗୋଲରେ ପରାଜିତ ହୋଇଥିଲା।

## କଙ୍ଗୋକୁ ହରାଇ ନକ୍‌ଆଉଟ୍‌ରେ କଲମ୍ବିଆ

ଫକ୍ସବରୋ,୨୪।୬(ଏଜେନ୍ସି): ଡାନିଏଲ୍ ମୁନୋଜଙ୍କ ଏକମାତ୍ର ଗୋଲ ବଳରେ ଏଠାରେ ଅନୁଷ୍ଠିତ ବିଶ୍ୱକପ୍ ଗ୍ରୁପ୍-କେ'ର ଏକ ଲିଗ୍ ମ୍ୟାଚ୍‌ରେ କଲମ୍ବିଆ ୧-୦ ଗୋଲରେ କଙ୍ଗୋକୁ ପରାସ୍ତ କରିଛି। ଏହା ଫଳରେ କ୍ରମାଗତ ବିଜୟ ସହ କଲମ୍ବିଆ ଗୋଟିଏ ମ୍ୟାଚ୍ ଖେଳିବାକୁ ବାକିଥାଇ ପ୍ରଥମେ ନକ୍‌ଆଉଟ ବା ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଛି। ଦଳ ତାହାର ଶେଷ ମ୍ୟାଚ୍‌ରେ ଶକ୍ତିଶାଳୀ ପର୍ତ୍ତୁଗାଲ୍‌କୁ ଭେଟିବ। ଏହି ଗ୍ରୁପ୍‌ରେ ଗତକାଲି ଖେଳାଯାଇଥିବା ଅନ୍ୟ ଏକ ମୁକାବିଲାରେ ପର୍ତ୍ତୁଗାଲ ୫-୦ ଗୋଲରେ ଡେବ୍ୟୁଟାଣ୍ଟ ଉଜ୍‌ବେକିସ୍ତାନକୁ ପରାସ୍ତ କରିଛି। ଏହା ଫଳରେ ଦଳ ୪ ପଏଣ୍ଟ ପାଇ ନକ୍‌ଆଉଟ ଖେଳିବା ଆଶା ଉଜ୍ଜୀବିତ କରିଛି। ପର୍ତ୍ତୁଗାଲ ସହ ପ୍ରଥମ ମ୍ୟାଚ୍ ଡ୍ର ରଖିଥିବା କଙ୍ଗୋ ଶେଷ ଲିଗ୍ ମ୍ୟାଚ୍‌ରେ ଉଜ୍‌ବେକିସ୍ତାନକୁ ହରାଇପାରିଲେ ନକ୍‌ଆଉଟ ଖେଳିବା ଦୌଡ଼ରେ ତିଷ୍ଠି ରହିବ।



କଙ୍ଗୋ ବିପକ୍ଷରେ ଗୋଲ ଦେବାକୁ କଲମ୍ବିଆକୁ ପ୍ରଥମାର୍ଦ୍ଧରେ ସଂଘର୍ଷ କରିବାକୁ ପଡ଼ିଥିଲା। କଙ୍ଗୋର ରକ୍ଷଣଭାଗ ବେଶ ସ୍ମାର୍ଟ ଥିଲା ଓ କଲମ୍ବିଆର ଆକ୍ରମଣକୁ ପ୍ରତିହତ କରିବାରେ ସଫଳ ହୋଇଥିଲା। କଲମ୍ବିଆ ନିକଟରେ ୬୬ ଶତକଡ଼ା ବଲ ନିୟନ୍ତ୍ରଣ ୮୮ ଶତକଡ଼ା ସଠିକ୍ ପାସ୍ ଓ ଟାର୍ଗେଟରେ ୯ଟି ସଟ୍ ମାରିଥିଲେ ମଧ୍ୟ କେବଳ ଗୋଟିଏ ଗୋଲ କରିବାକୁ ସଫଳ ହୋଇଥିଲା। ଦ୍ୱିତୀୟାର୍ଦ୍ଧ ଖେଳର ୭୬ତମ ମିନିଟ୍‌ରେ ଡାନିଏଲ ମୁନୋଜ ଗୋଲ ସ୍କୋର କରି ସଂଘର୍ଷ କରୁଥିବା କଲମ୍ବିଆର ଖେଳାଳି ଓ ସମର୍ଥକମାନଙ୍କୁ ଆଶ୍ୱସ୍ତ କରିଥିଲେ। କିନ୍ତୁ ଟୁର୍ଣ୍ଣାମେଣ୍ଟରେ ଏବେଠାରୁ ଭଲ ଦଳ ବିପକ୍ଷରେ ଖେଳିବାକୁ ହେବ। ଇଂଲଣ୍ଡ ଓ ପର୍ତ୍ତୁଗାଲ ଭଳି ପରବର୍ତ୍ତୀ ମ୍ୟାଚ୍ ଗୁଡ଼ିକରେ ଖେଳରେ ଉନ୍ନତି ନ ଆଣିଲେ ଦଳକୁ ମ୍ୟାଚ୍ ଜିତିବା କଷ୍ଟକର ହୋଇପଡ଼ିବ।




**ଫିଫା ବିଶ୍ୱକପ୍ ମୁକାବିଲା**

| |
|---|
| **ଜୁନ୍-୨୫, ଗୁରୁବାର ରାତି** |
| ଆଇଭରୀ କୋଷ୍ଟ-କ୍ୟୁରାସାଓ |
| ଫିଲାଡେଲ୍‌ଫିଆ, ରାତି ୧.୩୦ |
| ଜର୍ମାନୀ-ଇକ୍ୱେଡର |
| ନ୍ୟୁ ଜର୍ସି, ରାତି ୧.୩୦ |
| ନେଦରଲାଣ୍ଡସ-ଟ୍ୟୁନିସିଆ |
| କାନସାସ୍ ସିଟି, ରାତି ୪ଟା ୩୦ (୨୬ ତାରିଖ ଭୋର) |
| ସ୍ୱିଡେନ-ଜାପାନ |
| ଆରଲିଂଟନ, ରାତି ୪ଟା ୩୦ (୨୬ ତାରିଖ ଭୋର) |
| **ଜୁନ୍-୨୬ ଶୁକ୍ରବାର ସକାଳ** |
| ଆମେରିକା-ତୁର୍କୀ |
| ଲସ୍ ଏଞ୍ଜେଲ୍ସ, ସକାଳ ୭.୩୦ |
| ଅଷ୍ଟ୍ରେଲିଆ-ପାରାଗୁଏ |
| ସାଣ୍ଟା କ୍ଲାରା, ସକାଳ ୭.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ୪୮ ମ୍ୟାଚ୍ ପରେ ୫ ଟିମ୍ ବିଦା

ଡଲାସ,୨୪।୬ (ଏଜେନ୍ସି): ଉତ୍ତରଆମେରିକାରେ ଚାଲିଥିବା ୨୩ତମ ଫିଫା ବିଶ୍ୱକପ୍‌ରେ ଏଥର ୪୮ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରୁ ଲିଗ୍ ପର୍ଯ୍ୟାୟ ଶେଷରେ ୧୬ଟି ଟିମ୍ ସ୍ୱଦେଶ ଫେରିବେ ଓ ୩୨ଟି ଟିମ୍ ନକ୍‌ଆଉଟକୁ ଉନ୍ନୀତ ହେବେ। ଏଥର ୧୦୪ଟି ମ୍ୟାଚ୍ ଖେଳାଯିବାକୁ ଥିଲାବେଳେ ଲିଗ୍ ପର୍ଯ୍ୟାୟରେ ୭୨ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ଏଥର ଭାଗ ନେଇଥିବା ୪୮ଟି ଦଳକୁ ୧୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗୋଟିଏ ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ସ୍ଥାନ ପାଇଥିଲାବେଳେ ଦୁଇ ଶ୍ରେଷ୍ଠ ଦଳ ଅର୍ଥାତ୍ ୨୪ଟି ଟିମ୍ ସିଧାସଳଖ ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିବେ। ବାକି ୮ଟି ଦଳ କିପରି ଆସିବେ। ନିୟମ ଅନୁଯାୟୀ ଗ୍ରୁପ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିବା ୧୨ଟି ଦଳ ମଧ୍ୟରୁ ଶ୍ରେଷ୍ଠ ୮ଟି ଦଳ ରାଉଣ୍ଡ ଅଫ୍ ୩୨ର ସ୍ଥାନ ପୂରଣ କରିବେ। ପ୍ରଥମ ୪୮ଟି ମ୍ୟାଚ୍ ପରେ ୭ଟି ଦଳ ଯଥା ଯୁଗ୍ମ ଆୟୋଜକ ମେକ୍ସିକୋ ଓ ଆମେରିକା, କଲମ୍ବିଆ, ୪ଥରର ଚାମ୍ପିଅନ ଜର୍ମାନୀ, ୩ଥରର ଚାମ୍ପିଅନ ଆର୍ଜେଣ୍ଟିନା, ୨ଥରର ଚାମ୍ପିଅନ ଫ୍ରାନ୍ସ ଓ ନରୱେ ଟିମ୍ ରାଉଣ୍ଡ ଅଫ୍ ୩୨ରେ ସ୍ଥାନ ସୁରକ୍ଷିତ କରିଛନ୍ତି। ତୃତୀୟ ରାଉଣ୍ଡ ଖେଳ ହେବା ପୂର୍ବରୁ ଯେଉଁ ଦଳଗୁଡ଼ିକ ନିଜ ଗ୍ରୁପ୍‌ରେ ଦୁଇଟି ଲେଖାଏଁ ମ୍ୟାଚ୍ ହାରିବା ପରେ ତୃତୀୟ ସ୍ଥାନ ହାସଲ କରିବାର ସମ୍ଭାବନା ନାହିଁ ସେହି ଦଳଗୁଡ଼ିକ ବାଦ୍ ପଡ଼ିଛନ୍ତି। ଏହି ୫ଟି ଟିମ୍ ହେଲେ ଗ୍ରୁପ୍-ସି'ରେ ହାଇତି, ଗ୍ରୁପ୍-ଡି'ରେ ତୁର୍କୀ, ଗ୍ରୁପ୍-ଏଫ୍'ରେ ଟ୍ୟୁନିସିଆ, ଗ୍ରୁପ୍-ଏଲ୍'ରେ ପାନାମା ଓ ଗ୍ରୁପ୍-ଜେ'ରେ ଜୋର୍ଡାନ। ଗ୍ରୁପ୍-ଆଇ'ରେ ୨ଟି ଦଳ ପ୍ରଥମ ୨ଟି ମ୍ୟାଚ୍ ହାରିଛନ୍ତି, ଗ୍ରୁପ୍-କେ'ରେ ଉଜ୍‌ବେକିସ୍ତାନ ୨ଟି ହାରିଥିଲାବେଳେ କଙ୍ଗୋ ଗୋଟିଏ ମ୍ୟାଚ୍ ଡ୍ର ରଖିଥିବାରୁ କେଉଁ ଦଳ ବିଦା ହେବ ତାହା ସ୍ପଷ୍ଟ ହୋଇନାହିଁ।

## ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ

ଭୁବନେଶ୍ୱର,୨୪।୬(ସମିସ): ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଜୟନ୍ତ ମେମୋରିଆଲ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତା ଅଗଷ୍ଟ ୮ରୁ ୨୮ ତାରିଖଯାଏ ଖେଳାଯିବ। ଏଥର ଚାମ୍ପିଅନ ଦଳକୁ ୧ଲକ୍ଷ ଓ ରନର୍ସ ଅପ୍ ଦଳକୁ ୫୦,୦୦୦ ଟଙ୍କାର ପୁରସ୍କାର ଦିଆଯିବ। ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ସ୍କୁଲ ଗୁଡ଼ିକ ଆସୋସିଏସନର ସମ୍ପାଦକ ଦିଲୀପ ଦାସଙ୍କୁ ମୋ-୬୩୭୨୮୮୭୦୬୯ କିମ୍ବା କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ରଙ୍କୁ ମୋ-୯୯୩୭୧୪୧୮୬୧ରେ ଯୋଗାଯୋଗ କରିବାକୁ ସଭାପତି ତପନ ମହାନ୍ତି ଅନୁରୋଧ କରିଛନ୍ତି।

## ଛତିଶଗଡ଼ରେ ନ୍ୟାସନାଲ୍ ମିନି ଗଲ୍ଫ


ଭୁବନେଶ୍ୱର,୨୪।୬(ସମିସ): ଛତିଶଗଡ଼ର ରାୟପୁରସ୍ଥିତ ଦେବରା ବିଶ୍ୱବିଦ୍ୟାଳୟଠାରେ ଆସନ୍ତାକାଲିଠାରୁ ନ୍ୟାସନାଲ ମିନି ଗଲ୍ଫ ଚାମ୍ପିଅନସିପ୍ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ସ୍ମୃତିରେଖା ପଟ୍ଟନାୟକଙ୍କ ନେତୃତ୍ୱରେ ୨୪ଜଣିଆ ଓଡ଼ିଶା ଦଳ ଅଂଶଗ୍ରହଣ କରୁଛି। ଏହି ନ୍ୟାସନାଲ ପ୍ରତିଯୋଗିତାରେ ୨୧ଟି ରାଜ୍ୟର ପ୍ରତିନିଧିକ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶା ଏଥର ଭଲ ସଫଳତା ପାଇବ ବୋଲି ଓଡ଼ିଶା ମିନି ଗଲ୍ଫ ସଂଘର ସଭାପତି ସତ୍ୟବ୍ରତ ମୀନକେତନ ଆଶା ପ୍ରକାଶ କରିଛନ୍ତି।



## ଆଇସିସି ଦିନିକିଆ ର‌୍ୟାଙ୍କିଂ
## କୋହଲିଙ୍କ ଟପିଲେ ଗିଲ୍

ଦୁବାଇ,୨୪।୬(ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳାରେ ୮୪ ଓ ୧୫୪ ରନ୍ କରିଥିବା ଭାରତର ଅଧିନାୟକ ଶୁବମନ ଗିଲ୍ ସର୍ବଶେଷ ଦିନିକିଆ ମାନ୍ୟତାରେ ବିରାଟ କୋହଲିଙ୍କୁ ହଟାଇ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ନ୍ୟୁଜିଲାଣ୍ଡର ଡାରିଲ ମିଚେଲ ନଂ-୧ସ୍ଥାନରେ ଥିଲାବେଳେ କୋହଲି ତୃତୀୟ ସ୍ଥାନକୁ ଖସିଆସିଛନ୍ତି। ଭାରତର ରୋହିତ ଶର୍ମା ଚତୁର୍ଥ ସ୍ଥାନରେ ରହିଛନ୍ତି। ସେ ଆଫଗାନିସ୍ତାନ ବିପକ୍ଷ ସିରିଜ୍‌ରେ ୧୬, ୪୮ ଓ ୭୯ ରନ୍ କରିଥିଲେ। ନିକଟରେ ଇଂଲଣ୍ଡ ବିପକ୍ଷରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ। ଏଥିରେ ପୁଣିଥରେ ମାନ୍ୟତାରେ ପରିବର୍ତ୍ତନ ହେବାର ସମ୍ଭାବନା ରହିବ।

## ଇଂଲଣ୍ଡ ଗସ୍ତରେ ସୂର୍ଯ୍ୟବଂଶୀଙ୍କୁ ଅଲଗା ଡ୍ରେସିଂ ରୁମ୍



ଲଣ୍ଡନ, ୨୪।୬(ଏଜେନ୍ସି): ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲାଗି ଭାରତୀୟ ଦଳରେ ସ୍ଥାନ ପାଇଥିବା ୧୫ ବର୍ଷୀୟ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କ ଲାଗି ଅଲଗା ଡ୍ରେସିଂ ରୁମ୍‌ର ବ୍ୟବସ୍ଥା କରାଯାଇଛି। ଆଇସିସି ନିୟମ ଅନୁଯାୟୀ ମ୍ୟାଚ୍ ଖେଳାଯିବାକୁ ଥିବା ୫ଟି ଯାକ ଷ୍ଟାଡିୟମ୍‌ରେ ଏହି ବ୍ୟବସ୍ଥା ଲାଗୁ ହେବ, ବୈଭବ କେବଳ ଟିମ୍ ମିଟିଂ ଓ ଖେଳବେଳେ ସେ ଟିମ୍ ଡ୍ରେସିଂରୁମ୍‌କୁ ଯାଇପାରିବେ। ସେହିପରି ଜଣେ ପ୍ରାପ୍ତବୟସ୍କ ହୋଇ ନ ଥିବାରୁ ସେ ତାଙ୍କ ମାତାପିତାଙ୍କ ସହ ରହିବ। ଏଥିଲାଗି ମା' ଆରତୀ ଓ ପିତା ଅଜିତ ସୂର୍ଯ୍ୟବଂଶୀଙ୍କୁ ଇଂଲଣ୍ଡ ପଠାଇବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ବୈଭବ ଯେପରି ଏକୁଟିଆ ଅନୁଭବ ନ କରିବେ ସେଥିଲାଗି ଏହି ପଦକ୍ଷେପ ନିଆଯାଇଛି। ପୂର୍ବରୁ ଫୁଟବଲ୍ ଖେଳରେ ଏଭଳି ଘଟଣା ଦେଖିବାକୁ ମିଳିଛି।

## ପ୍ରଜ୍ଞାଙ୍କୁ କାଂସ୍ୟ, ଜ୍ୟୋତିଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୪।୬(ସମିସ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହୋଇଛି ୬୫ତମ ଜାତୀୟ ଆନ୍ତଃରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା। ୫ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାକୁ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିନରେ ଓଡ଼ିଆ ଧାବିକା ପ୍ରଜ୍ଞାପ୍ରଶାନ୍ତ ସାହୁ ୧୦୦ମିଟର ହର୍ଡଲ୍ସରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ପ୍ରଜ୍ଞା ୧୩.୪୮ ସେକେଣ୍ଡ ସମୟ ନେଇ ତୃତୀୟ ଓ ସବିତା ଟପ୍ପୋ ୧୩.୭୮ ସେକେଣ୍ଡ ସମୟ ନେଇ ଚତୁର୍ଥ ସ୍ଥାନରେ ରହିଛନ୍ତି। କିନ୍ତୁ ଏହି ବିଭାଗରେ ସ୍ୱର୍ଣ୍ଣପଦକ ଜିତିଛନ୍ତି ରିଲାଏନ୍ସ ଆଥଲେଟିକ୍ ଫାଉଣ୍ଡେସନର ଜ୍ୟୋତି ୟାରାଜୀ। କଳିଙ୍ଗ ଷ୍ଟାଡିୟମ୍‌ରେ ପ୍ରଶିକ୍ଷଣ ନେଉଥିବା ଜ୍ୟୋତି ଆଘାତ ସମସ୍ୟାରୁ ଫେରିବା ପରେ ୧୨.୯୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣପଦକ ଜିତି ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହା ସହ ସେ ମଧ୍ୟ ଜାପାନ ଏସିଆନ୍ ଗେମ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷ ପୋଲ ଭଲ୍ଟରେ ଏମ୍‌ପିର ଦେବ ମୀନା ୫.୪୫ ମିଟରକୁ ଡେଇଁ ସ୍ୱର୍ଣ୍ଣ ବିଜୟ ସହ ଏସିଆନ ଗେମ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ମହିଳା ହାମର ଥ୍ରୋ'ରେ ୟୁପିର ଅନୁସ୍କା ଯାଦବ ୬୭.୦୨ ମିଟର ଦୂରତାକୁ ଫିଙ୍ଗି ଏହି ରେକର୍ଡ କରିଛନ୍ତି। ସେ ମଧ୍ୟ ଜାପାନ ଏସିଆନ ଗେମ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଓଡ଼ିଆଙ୍କ ମଧ୍ୟରେ ମହିଳା ଟ୍ରିପଲ ଜମ୍ପରେ ମେରୀମୁକ୍ତା ସୋରେଙ୍ଗ ୬ଷ୍ଠ, ମହିଳା ହାମର ଥ୍ରୋରେ ସନ୍ଧ୍ୟା ସାଣ୍ଡିଲ୍ୟ ୬ଷ୍ଠ ଓ ମହିଳା ୮୦୦ ମିଟର ଦୌଡ଼ର ହିଟ୍ସ-୨ରେ ଦୀପ୍ତିରାଣୀ ସାହୁ ୬ଷ୍ଠରେ ରହିଛନ୍ତି।




## ଟେଷ୍ଟ ବୋଲିଂ ଶୀର୍ଷରେ ବୁମ୍ରା ଓ ହେନ୍‌ରୀ

ଦୁବାଇ, ୨୪।୬(ଏଜେନ୍ସି): ଆଇସିସିର ସଦ୍ୟତମ ଟେଷ୍ଟ ବୋଲିଂ ମାନ୍ୟତାରେ ଫାଷ୍ଟବୋଲର ମ୍ୟାଟ୍ ହେନ୍‌ରୀ ୩୬ ବର୍ଷ ପରେ ନ୍ୟୁଜିଲାଣ୍ଡର ପ୍ରଥମ ବୋଲର ଭାବେ ଟେଷ୍ଟ ବୋଲିଂ ମାନ୍ୟତାର ଶୀର୍ଷରେ ପହଞ୍ଚିଛନ୍ତି। ୩୪ ବର୍ଷ ବୟସ୍କ ହେନ୍‌ରୀ ଭାରତୀୟ ତାରକା ଫାଷ୍ଟବୋଲର ଯଶପ୍ରୀତ ବୁମ୍ରାଙ୍କ ସହ ଯୁଗ୍ମ ଶୀର୍ଷ ସ୍ଥାନରେ ରହିଛି। ଉଭୟ ବୁମ୍ରା ଓ ହେନ୍‌ରୀ ସମାନ ୮୭୦ ପଏଣ୍ଟ ପାଇଛନ୍ତି। ବିଶ୍ୱର ୧ନଂ ଟେଷ୍ଟ ବୋଲର ହେବାରେ ମ୍ୟାଟ୍ ହେନ୍‌ରୀ ନ୍ୟୁଜିଲାଣ୍ଡର ତୃତୀୟ ବୋଲର। ୧୯୪୭ରେ ନ୍ୟୁଜିଲାଣ୍ଡର ଜ୍ୟାକ୍ କୋୱି ଓ ୧୯୮୪ରୁ ୧୯୯୦ ମଧ୍ୟରେ ରିଚାର୍ଡ ହାଡ୍‌ଲି ବିଶ୍ୱର ୧ନଂ ଟେଷ୍ଟ ବୋଲର ହୋଇଥିଲେ।

## ମହିଳା ଟି-୨୦ ବିଶ୍ୱକପ୍
## ଭାରତ-ବାଂଲାଦେଶ ଲଢ଼େଇ ଆଜି

ମାଞ୍ଚେଷ୍ଟର,୨୪।୬(ଏଜେନ୍ସି): ଭାରତ ଓ ବାଂଲାଦେଶ ମଧ୍ୟରେ ଏଠାରେ ଚାଲିଥିବା ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲା ଆସନ୍ତାକାଲି ଖେଳାଯିବ। ଉଭୟ ଦେଶ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲାବେଳେ ଏହି ମ୍ୟାଚ୍‌ରେ ପରାଜିତ ଦଳ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିବ। ଆଜି ଅଷ୍ଟ୍ରେଲିଆ ଦଳ କ୍ରମାଗତ ଚତୁର୍ଥ ବିଜୟ ପରେ ସେମିଫାଇନାଲ ଖେଳିବା ସ୍ପଷ୍ଟ କରିଛି। ଭାରତ ବାଂଲାଦେଶକୁ ହରାଇଲେ ମଧ୍ୟ ସେମିଫାଇନାଲ ଖେଳିବାକୁ ହେଲେ ରବିବାର ଖେଳାଯିବାକୁ ଥିବା ଶେଷ ଲିଗ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ହରାଇବାକୁ ପଡ଼ିବ। ଏଣୁ ଆସନ୍ତାକାଲି ମ୍ୟାଚ୍‌ରେ ଭାରତ ତାହାର ଫର୍ମ ପ୍ରଦର୍ଶନ କରିବାକୁ ହେବ।

## ଇଂଲଣ୍ଡ ଗସ୍ତ ଲାଗି ଭାରତୀୟ
## କନିଷ୍ଠ ମହିଳା ହକି ଦଳ ଘୋଷିତ

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ଭାରତର ୨୪ ଜଣିଆ କନିଷ୍ଠ ମହିଳା ହକି ଦଳ ଗ୍ରେଟବ୍ରିଟେନ୍ ଗସ୍ତରେ ଯିବ। ଏହି ଗସ୍ତ ଲାଗି ସେଇଲିମା ଚାନୁଙ୍କ ନେତୃତ୍ୱରେ ଘୋଷିତ ଦଳରେ ଓଡ଼ିଶାରୁ ଗୋଲରକ୍ଷକ ଏଞ୍ଜିଲ ହର୍ଷାରାଣୀ ମିଞ୍ଜ୍, ଡିଫେଣ୍ଡର ପୂଜା ସାହୁ, ମିଡ୍‌ଫିଲ୍ଡର ତନୁଜା ଟପ୍ପୋ ଓ ସୁପ୍ରିୟା କୁଜୁରଙ୍କୁ ସ୍ଥାନ ମିଳିଛି। ଜୁଲାଇ ୫ରୁ ୧୪ ତାରିଖଯାଏ ହେବାକୁ ଥିବା ଏହି ଗସ୍ତରେ ସ୍କଟଲାଣ୍ଡ ଓ ଇଂଲଣ୍ଡ ସହ ଭାରତ ଖେଳିବ। ଏସିଆ କପ୍ ପୂର୍ବରୁ ଏହା ଦଳର ଭଲ ପ୍ରସ୍ତୁତି ହେବ ବୋଲି ନୂଆ ହେଡ୍ କୋଚ୍ ଟିମ୍ ହ୍ୱାଇଟ୍ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS